# ଧରିତ୍ରୀ
DHARITRI

ବାଲେଶ୍ୱର, ବୁଧବାର, ଜୁଲାଇ ୧୦/୨୦୧୯ (୨୦ ପୃଷ୍ଠା+ସାହିତ୍ୟାୟନ) Balasore, Wednesday, July 10/2019 ★★★★

୪୫ଶ ଭାଗ ୨୨୫ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada ମୂଲ୍ୟ ₹ ୪/-




**ବିଗ୍ ବି'ଙ୍କ ସହ କାମ କରିବା ରୋମାଞ୍ଚକର: ଆୟୁଷ୍ମାନ୍**
'ଗୁଲାବୋ ସିତାବୋ'ରେ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସହ ଶୁଟିଂସେଟ୍ ଅନୁଭୂତି ରୋମାଞ୍ଚକର ବୋଲି କହିଛନ୍ତି ଅଭିନେତା ଆୟୁଷ୍ମାନ୍ ଖୁରାନା । ୦୨

୧୯ **ଭକ୍ତରାମଙ୍କୁ ସ୍ୱର୍ଣ୍ଣିମ ସଫଳତା**
ଅଷ୍ଟ୍ରେଲିଆର ଆପିଆଠାରେ ଅନୁଷ୍ଠିତ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଓଡ଼ିଶାର ଭକ୍ତରାମ ଦେହୁରି ୨ ସ୍ୱର୍ଣ୍ଣ ପଦକ ଜିତିଛନ୍ତି ।





ପୁରୀରେ ମଙ୍ଗଳବାର ଦର୍ପଦଳନ ରଥକୁ ଦକ୍ଷିଣ ମୋଡ଼ କରାଯାଉଛି । (ରିପୋର୍ଟ: ପୃଷ୍ଠା-୪) (ଫଟୋ-ଅନିଲ କୁମାର ସାହୁ)

# ସେମିଫାଇନାଲରେ ବର୍ଷା ବାଧା
## ଆଜି ଖେଳାଯିବ ମ୍ୟାଚର ଅବଶିଷ୍ଟାଂଶ

**ମାଞ୍ଚେଷ୍ଟର, ୯।୭**

ଚଳିତ ଆଇସିସି ବିଶ୍ୱକପରେ ମଙ୍ଗଳବାର ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ସେମିଫାଇନାଲ ବର୍ଷା ଯୋଗୁ ବାଧାପ୍ରାପ୍ତ ହୋଇଛି। ମ୍ୟାଚର ଅବଶିଷ୍ଟାଂଶ ବୁଧବାର ଖେଳାଯିବ। ଟସ୍ ଜିତି ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲେ ହେଁ ଭାରତୀୟ ବୋଲରମାନେ ଚମତ୍କାର ବୋଲିଂ କରି ୪୬.୧ ଓଭର ବେଳକୁ ନ୍ୟୁଜିଲାଣ୍ଡ ଇନିଂସକୁ ୨୧୧/୫ରେ ସୀମିତ ରଖିଥିବାବେଳେ ବର୍ଷା ଆରମ୍ଭ ହୋଇଥିଲା। ବର୍ଷା କମିବାକ୍ଷଣି ସୁପର ସପ୍ପର ମାଧ୍ୟମରେ କଭର ଉପରୁ ପାଣି ଶୁଖାଇବା କାର୍ଯ୍ୟ କରାଯାଇଥିଲେ ହେଁ କ୍ରମାଗତ ବ୍ୟବଧାନରେ ବର୍ଷା ଯୋଗୁ ତାହା କାମ ଦେଇ ନ ଥିଲା। ନ୍ୟୁଜିଲାଣ୍ଡ ପକ୍ଷରୁ ଅଧିନାୟକ କେନ୍ ୱିଲିୟମସନ(୬୭) ଓ ରସ୍ ଟେଲର(୬୭*) ଅର୍ଦ୍ଧଶତକ ହାସଲ କରିଥିବାବେଳେ ଭାରତୀୟ ବୋଲରଙ୍କ ମଧ୍ୟରେ ଭୁବନେଶ୍ୱର କୁମାର, ଯଶପ୍ରୀତ ବୁମ୍‌ରା, ରବୀନ୍ଦ୍ର ଜାଡେଜା, ହାର୍ଦ୍ଦିକ ପାଣ୍ଡ୍ୟା ଓ ଯୁଜବେନ୍ଦ୍ର ଚହଲ ଗୋଟିଏ ଲେଖାଏ ଉଇକେଟ ବାଣ୍ଟି ନେଇଥିଲେ। ସେମିଫାଇନାଲ ପାଇଁ ରିଜର୍ଭ ଦିବସ ରଖା ଯାଇଛି। ତଦନୁଯାୟୀ ମ୍ୟାଚର ଅବଶିଷ୍ଟାଂଶ ବୁଧବାର ହେବ। ପୂରା ମ୍ୟାଚ ସମ୍ଭବ ନ ହେଲେ ଡକ୍‌ୱର୍ଥ ଲୁଇସ ନିୟମରେ ଅତିକମ୍‌ରେ ୨୦ ଓଭର ଖେଳ କରାଯାଇ ଫଳାଫଳ ବାହାର କରାଯିବ। ଏହା ହୋଇ ନ ପାରିଲେ ଅଧିକ ପଏଣ୍ଟ ଓ ଉନ୍ନତ ରନ ହାରରେ ଭାରତ ଫାଇନାଲରେ ପ୍ରବେଶ କରିବ।



ଯୁଜବେନ୍ଦ୍ର ଚହଲ (ଡାହାଣ) ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ୱିଲିୟମସନଙ୍କ ଉଇକେଟ ହାସଲ କରିବା ପରେ ଖୁସି ମନାଉଛନ୍ତି ଭାରତୀୟ ଖେଳାଳି।

# ନିଅଣ୍ଟିଆ ବର୍ଷା: ଚିନ୍ତାରେ ଚାଷୀ

**ଭୁବନେଶ୍ୱର,୯।୭(ବ୍ୟୁରୋ)**

**ଧୋକା ଦେଉଛି ମୌସୁମୀ**
- ୧୯ ଜିଲାରେ ସ୍ଥିତି ସଙ୍ଗିନ
- ଆହୁରି ସପ୍ତାହେ ବର୍ଷା ନାହିଁ

ରାଜ୍ୟରେ ବର୍ଷା ସ୍ଥିତି ବେଳକୁ ବେଳ ସଙ୍ଗିନ ହେବାରେ ଲାଗିଛି। କେଉଁଠି ଅସରାଏ ବର୍ଷା ହେଉଛି ତ କେଉଁଠି ଟାଇଁ ଟାଇଁ ଖରା। ଯେତିକି ବର୍ଷିବା କଥା ତାହା ହେଉ ନାହିଁ। ରାଜ୍ୟର ହାତଗଣତି କେତୋଟି ଜିଲାକୁ ବାଦ୍ ଦେଲେ ସାରା ରାଜ୍ୟରେ ବର୍ଷାର ନିଅଣ୍ଟିଆ ପରିସ୍ଥିତି ସୃଷ୍ଟି ହୋଇଛି। ବର୍ଷାକୁ ଅନାଇ ଚିନ୍ତାରେ ପଡ଼ିଗଲେଣି ଚାଷୀ। ରୁଆ ବେଉଷଣ ସମୟ ଗଡ଼ି ଗଡ଼ି ଯାଉଛି। ବିଲ ଫାଟି ଆଁ କରିଛି। ଅନ୍ୟପକ୍ଷରେ ପାଣିପାଗର ପୂର୍ବାନୁମାନ ମଧ୍ୟ ଆହୁରି ଡରାଇଲାଣି। ଆସନ୍ତା ୧୦ ଦିନ ଯାଏ ବଡ଼ ବର୍ଷାର କୌଣସି ସମ୍ଭାବନା ନାହିଁ। କାଁ ଭାଁ କେଉଁଠି ସାମାନ୍ୟ ବର୍ଷା ହେବାର ସମ୍ଭାବନା ରହିଛି। ବାୟୁମଣ୍ଡଳରେ ଜଳୀୟ ବାଷ୍ପ ରହୁଥିବାରୁ ଗରମ ହେବା ମାତ୍ରେ କେଉଁଠି ବର୍ଷା ହୋଇପାରେ। ବିଶେଷ କରି ସହରାଞ୍ଚଳରେ ଏଭଳି ବର୍ଷାର ମାତ୍ରା ବଢ଼ିବ। ହେଲେ ସମଗ୍ର ରାଜ୍ୟରେ ଚାଷକୁ ସୁହାଇଲା ଭଳି ବର୍ଷା ନାହିଁ ବୋଲି ପାଣିପାଗ ବିଭାଗ ପୂର୍ବାନୁମାନ କରିଛି। ଆସନ୍ତା ସପ୍ତାହ ମଧ୍ୟରେ ବର୍ଷା ନ ହେଲେ ରାଜ୍ୟରେ ଧାନ ଚାଷ ମାଡ଼ ଖାଇବା ନେଇ ଆଶଙ୍କା ପ୍ରକାଶ ପାଇଛି।

ପାଣିପାଗ ବିଭାଗରୁ ମିଳିଥିବା ସୂଚନା ଅନୁଯାୟୀ ଜୁନ ପହିଲାରୁ ଜୁଲାଇ ୯ ଯାଏ ରାଜ୍ୟରେ ସ୍ୱାଭାବିକଠାରୁ ୧୩ ପ୍ରତିଶତ କମ୍ ବର୍ଷା ହୋଇଛି। ଏହି ସମୟରେ ରାଜ୍ୟରେ ହାରାହାରି ୩୦୬.୩ ମିଲିମିଟର ବର୍ଷା ହେବା କଥା, ମାତ୍ର ହୋଇଛି ୨୬୮.୩ ମିଲିମିଟର। ରାଜ୍ୟରେ ୧୧ଟି ଜିଲାରେ ସ୍ୱାଭାବିକ ବର୍ଷା ହୋଇଥିବା ବେଳେ ୧୯ ଜିଲାରେ ମରୁଡି ପରିସ୍ଥିତି ସୃଷ୍ଟି ହେଲାଣି। ଗଜପତି ଜିଲାରେ ସ୍ୱାଭାବିକଠାରୁ ୫୪ ପ୍ରତିଶତ କମ୍ ବର୍ଷା ହୋଇଥିବା ବେଳେ ଅନୁଗୋଳରେ ୧୭, ବଲାଙ୍ଗୀରରେ ୨୫, ବାଲେଶ୍ୱରରେ ୪୪, ଗଞ୍ଜାମରେ ୩୩, କଳାହାଣ୍ଡିରେ ୧୫, କନ୍ଧମାଳରେ ୨୯, କେନ୍ଦୁଝରରେ ୨୭, ମୟୂରଭଞ୍ଜରେ ୩୦, ନୟାଗଡ଼ରେ ୨୩, ରାୟଗଡ଼ାରେ ୩୪ ଏବଂ ସୁନ୍ଦରଗଡ଼ ଜିଲାରେ ୧୬ ପ୍ରତିଶତ କମ୍ ବର୍ଷା ହୋଇଛି। ବର୍ଷା କମିବା ସାଙ୍ଗକୁ ଓ ପ୍ରାକୃତିକ ଦୁର୍ବିପାକ ଯୋଗୁ ଅନେକ ଚାଷୀ ଚାଷକାର୍ଯ୍ୟରୁ ନିଜକୁ ଦୂରେଇ ନେଲେଣି। ଗୋଟିଏ ପଟେ ମରୁଡି ଅନ୍ୟପଟେ ଚାଷ କାର୍ଯ୍ୟରେ ହେଉଥିବା ଅଧିକ ଖର୍ଚ୍ଚ ଚାଷୀଙ୍କ ଆର୍ଥିକ ମେରୁଦଣ୍ଡକୁ ଦୋହଲାଇ ଦେଉଛି। ସର୍ବନିମ୍ନ ସହାୟକ ମୂଲ୍ୟ(ଏମ୍‌ଏସ୍‌ପି) ମିଳୁ ନ ଥିବାରୁ କୃଷକ ଚାଷ ପ୍ରତି ଆଉ ଆଗ୍ରହ ଦେଖାଉ ନାହାନ୍ତି ଚାଷୀ। ଜମି ପଡିଆ ପଡୁଛି ପଛେ ବିଲକୁ ହଳ ଯାଉନି। ଚଳିତ ବର୍ଷ ୨୨ ହଜାର ହେକ୍ଟର ଜମିରେ ଆଉ ଧାନ ଚାଷ ହେବ ନାହିଁ ବୋଲି ରାଜ୍ୟ ସରକାର ମଧ୍ୟ ଆକଳନ କରିଛନ୍ତି। ପରିବର୍ତ୍ତିତ ଜଳବାୟୁକୁ ଦୃଷ୍ଟିରେ ରଖି ଚାଷୀଙ୍କୁ ଅର୍ଥକରୀ ଫସଲ ଚାଷ କରିବାକୁ ପରାମର୍ଶ ଦିଆଯାଉଛି ବୋଲି କୃଷି ବିଭାଗର ଜଣେ ବରିଷ୍ଠ ଅଧିକାରୀ କହିଛନ୍ତି।

କୃଷି ନିର୍ଦ୍ଦେଶାଳୟରୁ ମିଳିଥିବା ସୂଚନା ଅନୁଯାୟୀ ରାଜ୍ୟରେ ୨୦୧୮ରେ ୩୬ ଲକ୍ଷ ୭୨ ହଜାର ହେକ୍ଟର ଜମିରେ ଧାନ ଚାଷ ହୋଇଥିଲା। ସ୍ୱଳ୍ପ ବୃଷ୍ଟି ଯୋଗୁ ଚଳିତବର୍ଷ ୩୬ ଲକ୍ଷ ୫୦ ହଜାର ହେକ୍ଟରକୁ ଧାନଚାଷ ହ୍ରାସ ହେବ ବୋଲି ଆକଳନ କରାଯାଇଛି।

ଚଳିତବର୍ଷ ଦକ୍ଷିଣ ପଶ୍ଚିମ ମୌସୁମୀ ଧୋକାଦେବାର ଆଶଙ୍କା ରହିଛି। ରାଜ୍ୟକୁ ମୌସୁମୀ ବର୍ଷା ସ୍ୱାଭାବିକ ସମୟ(ଜୁନ୍ ୧୦) ପରିବର୍ତ୍ତେ ୧୧ ଦିନ ବିଳମ୍ବ ଅର୍ଥାତ୍ ଜୁନ୍ ୨୧ରେ ପ୍ରବେଶ କରିଥିଲା। ଦୁଇଦିନ କିଛି ପରିମାଣର ବର୍ଷା ହେବା ପରେ ପୁଣି ଉଭାନ ହୋଇଯାଉଛି। ଜୁନ୍ ପହିଲାରୁ ଧାନଚାଷ ପାଇଁ ଯେତିକି ବର୍ଷା ଦରକାର ତାହା ହୋଇନାହିଁ। ରାଜ୍ୟରେ ୩୬ ଲକ୍ଷ ୫୦ ହଜାର ହେକ୍ଟରରୁ ଏ ପର୍ଯ୍ୟନ୍ତ ମାତ୍ର ୬ ଲକ୍ଷ ହେକ୍ଟରରେ ଧାନ ବୁଣା ହୋଇଥିବା ସରକାରୀ ଭାବେ କୁହାଯାଇଛି। ଲଘୁଚାପଜନିତ ଲଗାଣ ବର୍ଷା ନ ହେଲେ ପରିସ୍ଥିତି ସୁଧୁରିବାର ଆଶା କମ୍ ବୋଲି ପାଣିପାଗ ବିଶେଷଜ୍ଞ ଆଶଙ୍କା କରିଛନ୍ତି।

**ଆପଣଙ୍କ ଏହି କପି ସହିତ ପାଇବେ ସାହିତ୍ୟାୟନ**



ହକର ଭାଇଙ୍କଠାରୁ ମାଗି ନିଅନ୍ତୁ

**ଆଜିର ସମ୍ପାଦକୀୟ**
**ସଡ଼କ ଯମ**

**ଆଜିର ମନ୍ତବ୍ୟ**
"ଇସ୍ତଫା ଦେଇଥିବା କଂଗ୍ରେସ-ଜେଡିଏସ୍ ବିଧାୟକଙ୍କ ସମ୍ପର୍କରେ ନିଆଯିବାକୁ ଥିବା ପଦକ୍ଷେପ ଇତିହାସ ପାଲଟିବ।
-କେ.ଆର୍. ରମେଶ, କର୍ଣ୍ଣାଟକ ବିଧାନସଭା ବାଚସ୍ପତି

**ଭୁବନେଶ୍ୱର, କଟକ, ରାଉରକେଲା ସମେତ ୧୧୦ ସ୍ଥାନରେ ସିବିଆଇ ଚଢ଼ାଉ**
........ ୪ ........

# ଗୁଳି ଫୁଟାଇ ଡାକ୍ତରଙ୍କଠାରୁ ୫୦ଲକ୍ଷ ଲୁଟ୍

**ଖୁଣ୍ଟୁଣୀ, ୯।୭ (ଡି.ଏନ୍.ଏ.)**

କଟକ ଜିଲା ଗୁରୁଡ଼ିଝାଟିଆ ଥାନା ଅନ୍ତର୍ଗତ କପୁରସିଂ ନିକଟ ୫୫ ନମ୍ବର ଜାତୀୟ ରାଜପଥରେ ମଙ୍ଗଳବାର ଏକ ବଡ଼ ଧରଣର ଲୁଟ୍ ହୋଇଛି। ଦୁର୍ବୃତ୍ତମାନେ କାର୍ ଉପରକୁ ଗୁଳି ଚଳାଇ ଜଣେ ଡାକ୍ତରଙ୍କଠାରୁ ୫୦ଲକ୍ଷ ଟଙ୍କା ଲୁଟି ନେଇଛନ୍ତି। ମଙ୍ଗଳବାର ଅପରାହ୍ଣ ୫ଟାରେ ଘଟିଛି ଏହି ଘଟଣା। ତେବେ ଗୁଳିଟି କାର୍ ଆଗ କାଚରେ ପଶି ଡାହାଣପାର୍ଶ୍ୱ କାଚ ଦେଇ ବାହାରି ଯାଇଥିଲେ ମଧ୍ୟ କାହାର କିଛି କ୍ଷତି ହୋଇନାହିଁ। ଖବରପାଇ କଟକ ଗ୍ରାମାଞ୍ଚଳ ଏସ୍‌ପି ରାଧା ବିନୋଦ ପାଣିଗ୍ରାହୀ, ଚୌଦ୍ୱାର ଏସ୍‌ଡିପିଓ ପ୍ରଶାନ୍ତ କୁମାର ମଲ୍ଲ, ସ୍ଥାନୀୟ ଥାନାଧିକାରୀ ବିଜୟ କୁମାର ବିଶି ସାଇଣ୍ଟିଫିକ୍ ଟିମ୍ ସହ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏଥିସହ ଲୁଟେରାମାନଙ୍କୁ ଧରିବାକୁ ବିଭିନ୍ନ ସ୍ଥାନରେ ବ୍ଲକିଂ ଓ ଚେକିଂ କରାଯାଇଥିଲେ ମଧ୍ୟ ସେମାନଙ୍କର କୌଣସି ସୁରାକ ମିଳିପାରିନି।

ଥାନାଧିକାରୀ ବିଶିଙ୍କ ସୂଚନାନୁସାରେ, ଢେଙ୍କାନାଳ ଟାଉନ୍ ଦକ୍ଷିଣକାଳୀ ଅଞ୍ଚଳରେ ରହୁଥିବା ଡା. ବିନୋଦ ମହାପାତ୍ର ୫୦ଲକ୍ଷ ଟଙ୍କା ଧରି ନିଜ କାର୍ (ଓଡି୦୬ଡି୭୨୭୨)ରେ ଭୁବନେଶ୍ୱରରୁ ଫେରୁଥିଲେ। ଡା. ମହାପାତ୍ର ଡ୍ରାଇଭର ନିକଟରେ ବସିଥିବାବେଳେ ପଛ ସିଟ୍ ତଳେ ଏକ ବ୍ୟାଗ୍‌ରେ ଟଙ୍କା ରହିଥିଲା। ଜାତୀୟ ରାଜପଥର କପୁରସିଂ ନିକଟ ଆଙ୍ଗେଲ ତିଆରି କାରଖାନା ସାମ୍ନାରେ ଏକ ବାଇକ୍‌ରେ ୩ଜଣ ଦୁର୍ବୃତ୍ତ ସେମାନଙ୍କୁ ପିଛା କରୁଥିବା ଜାଣିବାକୁ ପାଇଲେ। ମୁହଁରେ କଳାକପଡ଼ା ବାନ୍ଧିଥିବା ଏହି ଦୁର୍ବୃତ୍ତମାନେ ହଠାତ୍ କାର୍‌ର ନିକଟତର ହୋଇ ଡ୍ରାଇଭର ଆଖିକୁ ନୀଳରଙ୍ଗର ପାଉଡର ପକାଇଥିଲେ। ଫଳରେ ଡ୍ରାଇଭର ଗାଡ଼ିକୁ ବ୍ରେକ୍ ଦେଇ ରାସ୍ତାପାର୍ଶ୍ୱକୁ ସାଇଡ୍ କରିଥିଲେ। ଦୁଇଜଣ ଦୁର୍ବୃତ୍ତ ବାଇକ୍‌ରୁ ଓହ୍ଲାଇ କାର୍‌ର ଦୁଇପାର୍ଶ୍ୱ ଡୋର୍ ଖୋଲିବାକୁ ଧମକ ଦେଉଥିବାବେଳେ ଅନ୍ୟଜଣେ ଗାଡ଼ି ସମ୍ମୁଖରେ ବନ୍ଧୁକ ଦେଖାଇ ରହିଥିଲେ। ଡୋର୍ ଖୋଲିବା ବିଳମ୍ବ ହେବାରୁ ସମ୍ମୁଖରେ ଥିବା ଦୁର୍ବୃତ୍ତଜଣକ ବନ୍ଧୁକପଛରେ କାର୍ କାଚକୁ ପିଟି ଭାଙ୍ଗିବାକୁ ଚେଷ୍ଟା କରିଥିଲେ। ଏଥିସହ ଡ୍ରାଇଭରଙ୍କୁ ଲକ୍ଷ୍ୟକରି ଗୋଟିଏ ରାଉଣ୍ଡ ଗୁଳି କରିଥିଲେ। ଗୁଳିଟି ଲକ୍ଷ୍ୟଭ୍ରଷ୍ଟ ହୋଇଥିଲେ ମଧ୍ୟ ଡା. ମହାପାତ୍ର ଭୟରେ ଡୋର୍ ଖୋଲିଦେଇଥିଲେ। ଏହାପରେ ଦୁର୍ବୃତ୍ତମାନେ ଟଙ୍କା ବ୍ୟାଗ୍ ଧରି ଚୌଦ୍ୱାର ଆଡ଼କୁ ପଳାଇଥିଲେ। ତେବେ ରିପୋର୍ଟ ଲେଖାଯିବା ପର୍ଯ୍ୟନ୍ତ ପୋଲିସ କୌଣସି ମାମଲା ରୁଜୁ କରି ନ ଥିବାବେଳେ ଡା. ମହାପାତ୍ର ଓ ଡ୍ରାଇଭରଙ୍କୁ ଧରି ଅଧିକ ତଦନ୍ତ ପାଇଁ ଭୁବନେଶ୍ୱର ଯାଇଥିବା ସୂଚନା ମିଳିଛି।


## ପରିବହନ ଆୟୁକ୍ତଙ୍କ କାର୍ଯ୍ୟାଳୟ, ଓଡିଶା, କଟକ

**ବିଜ୍ଞାପନ**

ଏତଦ୍‌ଦ୍ୱାରା ସମସ୍ତ ବସ୍ ମାଲିକମାନଙ୍କ ଗୋଚରାର୍ଥେ ଜଣାଇ ଦିଆଯାଉଅଛି ଯେ, ବିଭିନ୍ନ ମାର୍ଗମାନଙ୍କରେ ନୂତନ ପରମିଟ୍ ପ୍ରାପ୍ତି ନିମନ୍ତେ ସମ୍ପୃକ୍ତ ବସ୍ ମାଲିକମାନେ ଦରଖାସ୍ତ କରିଅଛନ୍ତି । ଉକ୍ତ ବସ୍‌ଗୁଡିକର ରେଜିଷ୍ଟ୍ରେସନ୍ ନମ୍ବର, ମାଲିକଙ୍କ ନାମ, ଆବେଦନ କରିଥିବା route ଏବଂ timing ପରିବହନ କମିଶନରଙ୍କର Website : www.odishatransport.gov.in / orissatransport.nic.in ରେ ଉପଲବ୍ଧ । ଏହି ପରମିଟ୍ ଦରଖାସ୍ତ ଉପରେ ଯଦି କାହାର କୌଣସି ଆପତି ଥାଏ ତାହେଲେ Odisha Permit Management System (OPMS) ରେ ବସ୍ ମାଲିକମାନେ ତା ୨୦.୦୭.୨୦୧୯ ରିଖ ସୁଦ୍ଧା ଆପତି ଦାଖଲ କରିପାରିବେ । ଏହାଛଡା ଶୁଣାଣୀ ଦିନ ମଧ୍ୟ ଆପତି ଦାଖଲ କରିପାରିବେ ।

ଉପରୋକ୍ତ ଦରଖାସ୍ତଗୁଡିକର ଶୁଣାଣୀ ପରିବହନ କମିଶନରଙ୍କ କାର୍ଯ୍ୟାଳୟର ସମ୍ମିଳନୀ କକ୍ଷ, ୭ମ ମହଲା, ରାଜସ୍ୱପର୍ଷଦ ଭବନ, କଟକ ଠାରେ ନିମ୍ନମତେ କରାଯିବ ।

| କ୍ରମିକ ସଂଖ୍ୟା | ତାରିଖ | ସମୟ |
|---|---|---|
| ୧ ରୁ ୧୦୦ | ୨୫.୦୭.୨୦୧୯ | ପୂର୍ବାହ୍ଣ ୧୧ ଘଟିକା |
| ୧୦୧ ରୁ ୨୦୦ | ୨୬.୦୭.୨୦୧୯ | |
| ୨୦୧ ରୁ ୨୬୬ | ୨୯.୦୭.୨୦୧୯ | |

ଏଥିନିମନ୍ତେ ଦରଖାସ୍ତ ଏବଂ ଆପତି କରିଥିବା ବସ୍‌ମାଲିକମାନେ ଉକ୍ତ ଦିନ, ସମୟ ଓ ସ୍ଥାନରେ ଉପସ୍ଥିତ ରହି ନିଜର ପକ୍ଷ ଲିଖିତ ଭାବେ ଏବଂ ମୌଖିକ ଭାବେ ରଖିପାରିବେ । ଦରଖାସ୍ତ କରିଥିବା ବସ୍‌ର Operational Staus ପ୍ରମାଣପତ୍ର, ଦରଖାସ୍ତ ଏବଂ ଆପତି କରିଥିବା ବ୍ୟକ୍ତି ଏବଂ କ୍ଷମତାପ୍ରାପ୍ତ ବ୍ୟକ୍ତି ନିଜର ମୂଳ ପରିଚୟପତ୍ର ଏବଂ କ୍ଷମତା ପତ୍ର ସହ ଉପସ୍ଥିତ ରହିବାକୁ ଅନୁରୋଧ କରାଗଲା ।

ସଚିବ,
ରାଜ୍ୟ ପରିବହନ ପ୍ରାଧିକାରୀ
ଓଡିଶା, କଟକ

NECC NATIONAL EGG CO-ORDINATION COMMITTEE 09.07.2019 Vencobb CHICKEN

| Dist | Farm Gate/Kg | With Skin/Kg | Skinless /Kg |
|---|---|---|---|
| BBSR | 88 | 142 | 152 |
| CTC | 85 | 139 | 149 |
| DKL | 85 | 139 | 149 |
| BDK | 82 | 135 | 145 |
| BLS | 82 | 135 | 145 |
| ANG | 85 | 139 | 149 |

*Conditions Apply
Eggs Retail Price- 52/-Dozen
Issued in the Interest of Consumers











"ପାକିସ୍ତାନର ବାଲାକୋଟସ୍ଥିତ ଆତଙ୍କବାଦୀ ଶିବିରରେ ଭାରତ ପକ୍ଷରୁ ଏୟାର ଷ୍ଟ୍ରାଇକ୍ କରାଯିବା ପରେ ଜମ୍ମୁ-କଶ୍ମୀର ସୀମାରେ ଅନୁପ୍ରବେଶ ୪୩% କମିଛି।
-ନିତ୍ୟାନନ୍ଦ ରାୟ
କେନ୍ଦ୍ର ସ୍ୱରାଷ୍ଟ୍ର ରାଷ୍ଟ୍ରମନ୍ତ୍ରୀ

# ସୂତାଖିଅରେ ସରକାର

**ବେଙ୍ଗାଲୁରୁ,୯।୭(ପି.ଟି./ଆଇଏଏନ୍ଏସ୍)**

କର୍ଣ୍ଣାଟକର ଶାସକ କଂଗ୍ରେସ ଓ ଧର୍ମନିରପେକ୍ଷ ଜନତା ଦଳ (ଜେଡିଏସ୍) ବିଧାୟକମାନେ ଇସ୍ତଫା ଦେବା ପରେ ସୃଷ୍ଟି ହୋଇଥିବା ରାଜନୈତିକ ସଙ୍କଟ ଘନେଇବାରେ ଲାଗିଛି। ୧୩ ବିଧାୟକଙ୍କ ମଧ୍ୟରୁ ୮ ଜଣଙ୍କର ଇସ୍ତଫାପତ୍ର ଗ୍ରହଣଯୋଗ୍ୟ ହୋଇ ନ ଥିବା ଦର୍ଶାଇ ଉପଯୁକ୍ତ ଭାବେ ପୁଣିଥରେ ପ୍ରଦାନ କରିବାକୁ ମଙ୍ଗଳବାର ବାଚସ୍ପତି କେ.ଆର୍. ରମେଶ କୁମାର ସମସ୍ତଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସେପଟେ ବିଧାୟକମାନେ ମୁମ୍ବାଇରୁ ଗୋଆ ଯାଇଥିବାରୁ ଏହି ସଙ୍କଟ ଶୀଘ୍ର ଦୂର ହେବାର ଆଶା ଦିଶୁନାହିଁ। ଫଳରେ ଏଚ୍. ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ ତେରମାସିଆ ମେଣ୍ଟ ସରକାରଙ୍କ ଭାଗ୍ୟ ସୂତାଖିଅରେ ଝୁଲିରହିଛି। ପୂର୍ବରୁ କଂଗ୍ରେସର ୧୦ ଓ ଜେଡିଏସ୍‌ର ୩ ବିଧାୟକ ଇସ୍ତଫା ଦେଇଥିବାବେଳେ ମଙ୍ଗଳବାର ଶିବାଜୀନଗରର ନିଲମ୍ବିତ ବିଧାୟକ ଆର. ରୋଶନ୍ ବାଇଗ୍ ପଦ ଛାଡ଼ି ଏହି ଅସନ୍ତୁଷ୍ଟ ଗୋଷ୍ଠୀରେ ସାମିଲ ହୋଇଛନ୍ତି। ଏନେଇ ବାଚସ୍ପତି କହିଛନ୍ତି, ରୋଶନ୍‌ଙ୍କ ଇସ୍ତଫାପତ୍ର ଯାଞ୍ଚ କରାଯିବ। ପୂର୍ବରୁ ୧୩ ବିଧାୟକଙ୍କ ମଧ୍ୟରୁ ୫ ଜଣ ନିୟମାନୁସାରେ ଉପଯୁକ୍ତ ଫର୍ମାଟରେ ଇସ୍ତଫାପତ୍ର ପ୍ରଦାନ କରିଛନ୍ତି। ସେମାନେ ହେଲେ ଆନନ୍ଦ ସିଂ, ନାରାୟଣ ଗୌଡ଼ା, ପ୍ରତାପ ଗୌଡ଼ା ପାଟିଲ, ଗୋପାଲାଲୈଆ ଓ ରାମାଲିଙ୍ଗା ରେଡ୍ଡୀ। ଆନନ୍ଦ ସିଂ. ପ୍ରତାପ ଗୌଡ଼ା ଓ ନାରାୟଣ ଗୌଡ଼ାଙ୍କୁ ଆସନ୍ତା ୧୨ ତାରିଖ ଅପରାହ୍ନରେ ବ୍ୟକ୍ତିଗତ ହାଜିରା ପାଇଁ ପରାମର୍ଶ ଦିଆଯାଇଛି। ଏହି ଦିନ ବିଧାନସଭା ଅଧିବେଶନ ଆରମ୍ଭ ହେବାକୁ ଥିବାବେଳେ ୧୩ ଓ ୧୪ ତାରିଖ ଛୁଟି ପଡୁଛି। ତେଣୁ କେ. ଗୋପାଲାଲୈୟା ଓ ରାମାଲିଙ୍ଗା ରେଡ୍ଡୀଙ୍କ ଇସ୍ତଫାପତ୍ରର ବିଚାର ୧୫ ତାରିଖରେ କରାଯିବ। ଅବଶିଷ୍ଟ ୮ ବିଧାୟକ ୨୧ରେ ପୁନଃ ଇସ୍ତଫାପତ୍ର ଦେଇପାରିବେ। ୧୧ ତାରିଖରେ ଲିଖିତ ଭାବେ ନିଜ ଯୁକ୍ତି ଉପସ୍ଥାପନ ପାଇଁ ସେମାନଙ୍କୁ ରିମାଇଣ୍ଡର ଦିଆଯାଇଛି। ଡାକ ଯୋଗେ ସବୁକିଛି ସମ୍ଭବ ନୁହେଁ। ରୁଲ୍ ବୁକ୍ ଦେଖି ବରିଷ୍ଠଙ୍କ ପରାମର୍ଶ ନେବା ପରେ ବିଚାର କରାଯିବ। କାରଣ ଯେକୌଣସି ପଦକ୍ଷେପ ନିଆଯିବ ତାହା ଇତିହାସ ପାଲଟିବ। ଏଭଳି ସମୟରେ ସେ ଭୁଲ କରିବାକୁ ଚାହିଁବେ ନାହିଁ। ପର ପିଢ଼ି ତାଙ୍କୁ ଅଭିଯୁକ୍ତ ଭାବେ ଦେଖୁ ତାହା ସେ ଚାହାନ୍ତି ନାହିଁ ବୋଲି ବାଚସ୍ପତି ସ୍ପଷ୍ଟ କରିଛନ୍ତି।

ପ୍ରକାଶ ଯେ, କଂଗ୍ରେସ-ଜେଡିଏସ୍ ମେଣ୍ଟର ୧୨ ବିଧାୟକ ଶନିବାର ଓ ପୂର୍ବରୁ ଜଣେ ଇସ୍ତଫା ଦେଇଥିବାବେଳେ ଦୁଇ ସ୍ୱାଧୀନ ସଦସ୍ୟ ଏଚ୍. ନାଗେଶ ଏବଂ ଆର୍. ଶଙ୍କର ସୋମବାର ସରକାରଙ୍କଠାରୁ ସେମାନଙ୍କ ସମର୍ଥନ ପ୍ରତ୍ୟାହାର କରିଥିଲେ। ଦୁଇ ସ୍ୱାଧୀନ ବିଧାୟକଙ୍କ ସହ ଭାଜପା ପାଖରେ ୧୦୭ ସଦସ୍ୟଙ୍କ ସମର୍ଥନ ରହିଛି। ୨୨୪ ଆସନ ବିଶିଷ୍ଟ ବିଧାନସଭାରେ ସଂଖ୍ୟାଗରିଷ୍ଠତା ପାଇଁ କୁହୁକ ସଂଖ୍ୟା ହେଉଛି ୧୧୩। କଂଗ୍ରେସର ୧୧ ଏବଂ ଜେଡିଏସ୍‌ର ୩ ବିଧାୟକଙ୍କ ଇସ୍ତଫାପତ୍ର ଗ୍ରହଣ ହେଲେ ମେଣ୍ଟ ବିଧାୟକଙ୍କ ସଂଖ୍ୟା ୧୦୨କୁ ଖସିଯିବ। ଶାସକ ଓ ବିରୋଧୀଙ୍କ ସଂଖ୍ୟା ସମାନ (ଟାଏ) ହେଲେ ବାଚସ୍ପତି ମଧ୍ୟ ଭୋଟ ଦେଇପାରିବେ।



## ୮ ବିଧାୟକଙ୍କ ଇସ୍ତଫାପତ୍ର ଗ୍ରହଣଯୋଗ୍ୟ ନୁହେଁ: ବାଚସ୍ପତି



କର୍ଣ୍ଣାଟକର ଚିକ୍‌ମାଗାଲୁର୍‌ରେ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାମୀଙ୍କ ଇସ୍ତଫା ଦାବିରେ ବିକ୍ଷୋଭ କରୁଛନ୍ତି ଭାଜପା କର୍ମୀ।




# ବିଦ୍ରୋହୀଙ୍କୁ ଅଯୋଗ୍ୟ ଘୋଷଣା କର: କଂଗ୍ରେସ

**ବେଙ୍ଗାଲୁରୁ,୯।୭(ପି.ଟି.)**

କର୍ଣ୍ଣାଟକରେ ଶାସକ ମେଣ୍ଟ ସରକାରକୁ ବଞ୍ଚାଇବା ପାଇଁ କଂଗ୍ରେସ ମଙ୍ଗଳବାର ବାଚସ୍ପତିଙ୍କ ହସ୍ତକ୍ଷେପ ଲୋଡ଼ିଛି। ବିଦ୍ରୋହୀ ବିଧାୟକମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ଦଳ ଦାବି କରିବା ସହ ଭାଜପା ପ୍ରଲୋଭନ ଦେଖାଇବା ଲାଗି ଅର୍ଥବଳ ବ୍ୟବହାର କରୁଛି ବୋଲି କଂଗ୍ରେସ ଅଭିହିତ କରିଛି।

କର୍ଣ୍ଣାଟକ କଂଗ୍ରେସ ବିଧାୟକ ଦଳ (ସିଏଲ୍‌ପି) ନେତା ସିଦ୍ଧାରାମାୟାଙ୍କ ଅଧ୍ୟକ୍ଷତାରେ ମଙ୍ଗଳବାର ଏକ ବୈଠକ ଅନୁଷ୍ଠିତ ହୋଇଛି। ଉକ୍ତ ବୈଠକରେ ଦଳର ୧୧ ବିଦ୍ରୋହୀଙ୍କ ସମେତ ୨୦ ବିଧାୟକ ଅନୁପସ୍ଥିତ ରହିଥିଲେ। ଇସ୍ତଫା ଦେଇଥିବା ବିଧାୟକମାନେ ସରକାର ଭାଙ୍ଗିବା ପାଇଁ ଭାଜପା ସହ ହାତ ମିଳାଇଥିବାରୁ ସେମାନଙ୍କ କ୍ଷେତ୍ରରେ ଦଳବଦଳ ଆଇନ ଲାଗୁ ହେବା ଉଚିତ। ଗଣତନ୍ତ୍ରକୁ ବଞ୍ଚାଇବା ଲାଗି ବାଚସ୍ପତି ସେମାନଙ୍କୁ ଅଯୋଗ୍ୟ ଘୋଷଣା କରନ୍ତୁ ବୋଲି କଂଗ୍ରେସ ପକ୍ଷରୁ ଏକ ପିଟିଶନ ଦିଆଯାଇଛି। ବୈଠକରେ ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, କେପିସିସି କାର୍ଯ୍ୟକାରୀ ସଭାପତି ଈଶ୍ୱର ଖାଣ୍ଡରେ, ଉପମୁଖ୍ୟମନ୍ତ୍ରୀ ଜି. ପରମେଶ୍ୱର ଉପସ୍ଥିତ ଥିଲେ। ଅନୁପସ୍ଥିତ ରହିଥିବା ବିଧାୟକଙ୍କ ମଧ୍ୟରୁ ୭ ଜଣ ସ୍ୱାସ୍ଥ୍ୟଗତ କାରଣ ଦର୍ଶାଇ ପୂର୍ବରୁ ଅନୁମତି ନେଇଥିବାରୁ ସେମାନଙ୍କୁ ଅଯୋଗ୍ୟ ଘୋଷଣା ପାଇଁ ବାଚସ୍ପତିଙ୍କ ନିକଟରେ ଦାବି କରାଯାଇନାହିଁ। ଏହା ପୂର୍ବରୁ କଂଗ୍ରେସ ନେତାମାନେ ବିଧାନସୌଧ ପରିସର ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତି ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ।



ବିଧାନସୌଧରେ ବାଚସ୍ପତିଙ୍କୁ ଭେଟିବା ପରେ କେପିସିସି ସଭାପତି ଦୀନେଶ ଗୁଣ୍ଡୁରାଓ ଖବରଦାତାଙ୍କ ପ୍ରଶ୍ନର ଉତ୍ତର ଦେଉଛନ୍ତି।

## ମୁଖ୍ୟମନ୍ତ୍ରୀଙ୍କ ଇସ୍ତଫା ଦାବି କଲା ଭାଜପା

**ବେଙ୍ଗାଲୁରୁ,୯।୭**

କଂଗ୍ରେସ-ଜେଡିଏସ୍ ବିଧାୟକଙ୍କ ଇସ୍ତଫା ପରେ ମେଣ୍ଟ ସରକାର ସଂଖ୍ୟାଲଘୁରେ ପରିଣତ ହୋଇଥିବା ଦର୍ଶାଇ ମୁଖ୍ୟମନ୍ତ୍ରୀ ଏଚ୍.ଡି. କୁମାରସ୍ୱାଙ୍କ ଇସ୍ତଫା ଦାବି କରିଛି ଭାଜପା। ଏନେଇ ମଙ୍ଗଳବାର ବିଭିନ୍ନ ସ୍ଥାନରେ ବିକ୍ଷୋଭ କରାଯାଇଛି। ବୁଧବାର ଭାଜପା ନେତା ବି.ଏସ୍. ୟେଦୁରପ୍ପାଙ୍କ ନେତୃତ୍ୱରେ ବିକ୍ଷୋଭ ପ୍ରଦର୍ଶନ କରାଯିବ। ଭାଜପାର ଉଚ୍ଚସ୍ତରୀୟ ପ୍ରତିନିଧି ଦଳ ଅପରାହ୍ନ ୧ଟାରେ ବାଚସ୍ପତି ଓ ରାଜ୍ୟପାଳଙ୍କୁ ଭେଟିବା ପରେ ନିଷ୍ପତ୍ତି ନିଆଯିବ ବୋଲି ବିଧାୟକ ଅରବିନ୍ଦ ଲିମ୍ବାବଲୀ ସୂଚନା ଦେଇଛନ୍ତି। ଅନ୍ୟପକ୍ଷରେ ବିଧାୟକମାନଙ୍କୁ ଭାଜପା ବନ୍ଧୁକ ମୁନରେ ବନ୍ଦୀ ରଖିଛି ବୋଲି କଂଗ୍ରେସ ନେତା ଜମିର ଅହମ୍ମଦ ଅଭିଯୋଗ ଆଣିଛନ୍ତି।

# ପାର୍ଲାମେଣ୍ଟରେ ବଢ଼ିଲା କର୍ଣ୍ଣାଟକ ତାତି

**ନଆଦିଲ୍ଲୀ,୯।୭(ପି.ଟି.)**

କର୍ଣ୍ଣାଟକର ମୋଟ ୧୭ ବିଧାୟକ ଅଦ୍ୟାବଧି ଇସ୍ତଫା ଦେଇଥିବାବେଳେ ଏଚ୍.ଡି. କୁମାରସ୍ୱାମୀଙ୍କ ନେତୃତ୍ୱାଧୀନ କଂଗ୍ରେସ-ଜେଡିଏସ୍ ମେଣ୍ଟ ସରକାର ଅଡୁଆରେ ପଡ଼ିଛନ୍ତି। ଏହି ତାତିର ଉଷ୍ମତା ମଙ୍ଗଳବାର ପାର୍ଲାମେଣ୍ଟରେ ଅନୁଭୂତ ହୋଇଛି। କଂଗ୍ରେସ ନେତା ରାହୁଲ ଗାନ୍ଧୀ ଲୋକ ସଭାରେ ଏନେଇ ସ୍ଲୋଗାନ ଦେଇଛନ୍ତି।

ସପ୍ତଦଶ ଲୋକ ସଭାରେ ପ୍ରଥମଥର ପାଇଁ ରାହୁଲଙ୍କ ସ୍ଲୋଗାନ ଶୁଣିବାକୁ ମିଳିଛି। ରାହୁଲ ମଧ୍ୟାହ୍ନରେ ନିମ୍ନ ସଦନକୁ ଆସିଥିଲେ। ସେହି ସମୟରେ କଂଗ୍ରେସ ନେତା ଅଧୀର ରଞ୍ଜନ ଚୌଧୁରୀ କର୍ଣ୍ଣାଟକ ପ୍ରସଙ୍ଗ ଉଠାଇ ଶାସକ ଦଳ ବିଧାୟକଙ୍କୁ ଶିକାର କରୁଛି ବୋଲି ଅଭିଯୋଗ କରିଥିଲେ। ଅଭିଯୋଗର ଉତ୍ତର ସୋମବାର ଗୃହର ଉପନେତା ରାଜନାଥ ସିଂ ଦେଇସାରିଥିବାରୁ ବାଚସ୍ପତି ଓମ୍ ବିର୍ଲା ଏହି ପ୍ରସଙ୍ଗରେ ବିତର୍କ ପାଇଁ ଅନୁମତି ଦେଇ ନ ଥିଲେ। ଫଳରେ ଅଧୀର ପୁଣିଥରେ ପ୍ରସଙ୍ଗ ଉଠାଇ ଗଣତନ୍ତ୍ରର ସୁରକ୍ଷା ଆପଣଙ୍କ କର୍ତ୍ତବ୍ୟ ବାଚସ୍ପତିଙ୍କୁ କହିଥିଲେ। କଂଗ୍ରେସ ସଦସ୍ୟମାନେ ତାଙ୍କ ପଛରେ ଛିଡ଼ାହୋଇ 'ଏକଚ୍ଛତ୍ରବାଦ ବନ୍ଦ କର' ଓ 'ଶିକାର ରାଜନୀତି ବନ୍ଦ କର' ବୋଲି କହୁଥିବାବେଳେ ରାହୁଲ ସେମାନଙ୍କ ସହ ମିଶି ଅନୁରୂପ ସ୍ଲୋଗାନ ଦେଇଥିଲେ। ପରେ ସମସ୍ତ ସଦସ୍ୟ ଗୃହର ମଧ୍ୟଭାଗକୁ ଯାଇ ହଟ୍ଟଗୋଳ କରିଥିଲେ। ରାଜ୍ୟ ସଭାରେ ମଧ୍ୟ ବିରୋଧୀ ସଦସ୍ୟମାନେ ଅନୁରୂପ ପ୍ରସଙ୍ଗ ଉଠାଇ ହଟ୍ଟଗୋଳ କରିବାରୁ ଗୃହକାର୍ଯ୍ୟ ବାଧାପ୍ରାପ୍ତ ହୋଇଛି। ଅପରାହ୍ନ ୨ଟାରେ କଂଗ୍ରେସ, ଟିଏମ୍‌ସି, ସିପିଆଇ ଏବଂ ସିପିଆଇଏମ୍ ସଦସ୍ୟମାନେ ବିକ୍ଷୋଭ କରି ଅଚଳାବସ୍ଥା ସୃଷ୍ଟି କରିଥିଲେ। ଏଥିରୁ କ୍ଷାନ୍ତ ରହିବାକୁ ଉପାଧ୍ୟକ୍ଷ ହରିବଂଶ ଅନୁରୋଧ କରିଥିଲେ ହେଁ ସେମାନେ ମାନି ନ ଥିଲେ। ଶେଷରେ ଉଚ୍ଚ ସଦନର ଗୃହକାର୍ଯ୍ୟକୁ ବୁଧବାର ଯାଏ ସ୍ଥଗିତ କରାଯାଇଛି।



### ସ୍ଲୋଗାନ ଦେଲେ ରାହୁଲ

## ଅଦାଲତଙ୍କୁ ଜଣାଇଲେ ଆନ୍ନା ହାଜାରେ
# ମୋତେ ହତ୍ୟା କରିବାକୁ ଠିକା ଦିଆଯାଇଥିଲା

**ମୁମ୍ବାଇ,୯।୭ (ଆଇଏଏନ୍ଏସ୍)**

ଦୁର୍ନୀତି ବିରୋଧରେ ମୁହଁଖୋଲୁଥିବା ସାମାଜିକ କର୍ମୀ ଆନ୍ନା ହାଜାରେଙ୍କୁ ମାରିବା ଲାଗି ଠିକା ଦିଆଯାଇଥିଲା। ଏନେଇ ସେ ମଙ୍ଗଳବାର ସ୍ୱତନ୍ତ୍ର ସିବିଆଇ କୋର୍ଟରେ ମୁହଁଖୋଲି କହିଛନ୍ତି। ଓସ୍‌ମାନାବାଦ୍ ତେର୍ନା ଚିନିକଲ ଦୁର୍ନୀତି ସମ୍ପର୍କରେ ମୁହଁ ଖୋଲିଲେ ତାଙ୍କୁ ହତ୍ୟା କରାଯିବ ବୋଲି ଧମକ ଦିଆଯାଇଥିଲା। କଂଗ୍ରେସ ନେତା ପଓ୍ୱନ ରାଜେ ନିମ୍ବଲକର୍ ହତ୍ୟା ମାମଲାରେ ସାକ୍ଷୀଭାବେ କୋର୍ଟରେ ହାଜର ହୋଇଥିବା ଆନ୍ନା ଏଭଳି ମତ ରଖିଛନ୍ତି। ସ୍ୱତନ୍ତ୍ର ବିଚାରପତି ଆନନ୍ଦ ଯାଭଲକରଙ୍କ ଆଗରେ ଆନ୍ନା କହିଛନ୍ତି, ମିଡିଆରୁ ଧମକ ସମ୍ପର୍କରେ ଜାଣିବା ପରେ ସେ ଅହମଦାବାଦର ପାର୍ନର ପୋଲିସ ଷ୍ଟେଶନରେ ମାମଲା ଦାଏର କରିଥିଲେ। ୨୦୦୬ ନିମ୍ବଲକର ହତ୍ୟା ମାମଲାର ମୁଖ୍ୟ ଅଭିଯୁକ୍ତ ତଥା ଏନ୍‌ସିପି ନେତା ପଦମ୍‌ସିଂ ପାଟିଲଙ୍କ ଓସ୍‌ମାନାବାଦସ୍ଥିତ ତେର୍ନା ଚିନିକଲ ସହ ସମ୍ପର୍କ ରହିଛି। ଏବେ ସେ ତେର୍ନା ପବ୍ଲିକ ଚାରିଟେବଲ ଟ୍ରଷ୍ଟର ସଭାପତି ଅଛନ୍ତି। ମାମଲା ରୁଜୁ ହେବା ପୂର୍ବରୁ ପ୍ରଧାନମନ୍ତ୍ରୀ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ତାଙ୍କ ଜୀବନ ପ୍ରତି ବିପଦ ରହିଥିବା ହାଜାରେ କହିଥିଲେ ବୋଲି ପ୍ରକାଶ କରିଛନ୍ତି।



## ପାକିସ୍ତାନୀ ଅଭିନେତ୍ରୀଙ୍କ ପରଲୋକ



ଜାହିନ୍ ତାହିରା

**କରାଚୀ,୯।୭(ପି.ଟି.):** ପାକିସ୍ତାନର କିମ୍ବଦନ୍ତୀ ଅଭିନେତ୍ରୀ ଜାହିନ୍ ତାହିରା ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ତାଙ୍କୁ ୭୯ବର୍ଷ ହୋଇଥିଲା। ତାହିରାଙ୍କ ବିୟୋଗ ଖବର ତାଙ୍କ ନାତି ଡାନିଏଲ ଶାହଜାଦ୍ ସୋସିଆଲ୍ ମିଡିଆରେ ଶେୟାର କରିଛନ୍ତି। ପାକିସ୍ତାନର ଟେଲିଭିଜନ ଇତିହାସରେ ବରିଷ୍ଠ କଳାକାରଙ୍କ ମଧ୍ୟରୁ ଅନ୍ୟତମ ତାହିରା ୭୦୦ ଡ୍ରାମା ଓ ସିରୟଲ୍‌ର ପ୍ରମୁଖ ଓ ସହାୟିକା ଭୂମିକାରେ ଅଭିନୟ କରିଛନ୍ତି।

## ଟିଆରଏସ୍ ନେତାଙ୍କୁ ମାଓବାଦୀଙ୍କ ଅପହରଣ

**ହାଇଦ୍ରାବାଦ,୯।୭ (ପି.ଟି.)**

ତେଲେଙ୍ଗାନାର ଟିଆର୍‌ଏସ୍ (ତେଲେଙ୍ଗାନା ରାଷ୍ଟ୍ର ସମିତି) ନେତା ଏନ୍. ଶ୍ରୀନିବାସ ରାଓ(୪୫)ଙ୍କୁ ସନ୍ଦିଗ୍ଧ ମାଓବାଦୀମାନେ ଅପହରଣ କରିନେଇଛନ୍ତି। ଭଦ୍ରାଦ୍ରି-କୋଠାଗୁଡ଼େମ୍ ଜିଲାର କୋଠୁର ଗ୍ରାମସ୍ଥିତ ନିଜ ଘରେ ସେ ଥିବାବେଳେ କେତେକ ସନ୍ଦିଗ୍ଧ ମାଓବାଦୀ ସୋମବାର ରାତି ଅଧରେ ଆସି ତାଙ୍କୁ ଉଠାଇ ନେଇ ପଡ଼ୋଶୀ ଛତିଶଗଡ଼କୁ ଚାଲିଯାଇଥିବା ପୋଲିସ ସୂତ୍ରରୁ ପ୍ରକାଶ। ତାଙ୍କୁ ଉଦ୍ଧାର କରିବା ଲାଗି ପ୍ରୟାସ କରାଯାଉଥିବା ଡିଏସ୍‌ପି ସୁନୀଲ ଦତ୍ତ ପ୍ରକାଶ କରିଛନ୍ତି। ରାଓଙ୍କ ସ୍ତ୍ରୀ ଦୁର୍ଗା କହିଛନ୍ତି ଯେ, ପ୍ରାୟ ୧୫ ଜଣ ଦୁର୍ବୃତ୍ତ ଅସ୍ତ୍ରଶସ୍ତ୍ର ଧରି ଆସିବା ସହ ଆମକୁ ମାଡ଼ମାରି ତାଙ୍କୁ ଅପହରଣ କରିନେଇଛନ୍ତି। ପରିବାର ସହ ପାଖାପାଖି ୨୦୦ ଗାଁ ଲୋକ ଛତିଶଗଡ଼ ଯାଇ ଖୋଜାଖୋଜି କରିଥିଲେ ବି ରାଓଙ୍କ ପତ୍ତା ମିଳି ନ ଥିବା ପୋଲିସ କହିଛି।

## ଅଯୋଧ୍ୟା ବିବାଦର ତ୍ୱରିତ ଶୁଣାଣି ପାଇଁ ସୁପ୍ରିମକୋର୍ଟରେ ପିଟିଶନ
# ମଧ୍ୟସ୍ଥ ନିଯୁକ୍ତି ସତ୍ତ୍ୱେ ଅଗ୍ରଗତି ନାହିଁ

**ନୂଆଦିଲ୍ଲୀ,୯।୭ (ପି.ଟି.)**

ଅଯୋଧ୍ୟା ଜମି ବିବାଦର ସମାଧାନ ଲାଗି ସୁପ୍ରିମକୋର୍ଟ ପକ୍ଷରୁ ମଧ୍ୟସ୍ଥ ନିଯୁକ୍ତ କରାଯାଇଥିଲେ ସୁଦ୍ଧା ଏପର୍ଯ୍ୟନ୍ତ ଏହାର ଫଇସଲା ହୋଇପାରି ନାହିଁ। ଏନେଇ ରାମ ଜନ୍ମଭୂମି-ବାବ୍ରୀ ମସ୍‌ଜିଦ ଜମି ବିବାଦ ମାମଲାର ଏକ ପକ୍ଷ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇ ମାମଲାର ଶୀଘ୍ର ଶୁଣାଣି କରିବାକୁ ମଙ୍ଗଳବାର ଆବେଦନ କରିଛନ୍ତି। ଅଦାଲତ ଏହାକୁ ଗ୍ରହଣ କରିବା ସହ ଉଚିତ ସମାଧାନ ପନ୍ଥା ମଧ୍ୟସ୍ଥ କରିପାରିବେ ବୋଲି କହିଛନ୍ତି। ଆବେଦନକାରୀ ଗୋପାଳ ସିଂ ବିଶାରଦ ମାମଲାର ଶୀଘ୍ର ଶୁଣାଣି ଲାଗି କହିଥିବାବେଳେ ପ୍ରଧାନ ବିଚାରପତି ରଞ୍ଜନ ଗୋଗୋଇଙ୍କ ଅଧ୍ୟକ୍ଷତାରେ ଗଠିତ ଖଣ୍ଡପୀଠ ଏହା ଗ୍ରହଣ କରିଛନ୍ତି।

୫ଜଣିଆ ଖଣ୍ଡପୀଠ ମେ ୧୦ରେ ମଧ୍ୟସ୍ଥଙ୍କୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ସମୟ ବୃଦ୍ଧିକରି ମାମଲାର ସମାଧାନ ବାଟ ବାହାର କରିବାକୁ କହିଥିଲେ। ପୂର୍ବତନ ବିଚାରପତି ଏଫ୍. ଏମ୍. କଲିଫୁଲ୍ଲାଙ୍କ ନେତୃତ୍ୱରେ ତିନିଜଣିଆ ମଧ୍ୟସ୍ଥ କମିଟି ଗଠନ କରାଯାଇଥିଲା। ଏଥିରେ ଆର୍ଟ ଅଫ୍ ଲିଭିଂର ପ୍ରତିଷ୍ଠାତା ତଥା ଆଧ୍ୟାତ୍ମିକ ଗୁରୁ ଶ୍ରୀ ଶ୍ରୀ ରବିଶଙ୍କର ଓ ବରିଷ୍ଠ ଓକିଲ ଶ୍ରୀରାମ ପଞ୍ଚୁ ସ୍ଥାନ ପାଇଥିଲେ।

## ମାନହାନି ମାମଲାରେ ରାହୁଲଙ୍କୁ ପୁଣି ସମନ୍

**ଅହମଦାବାଦ,୯।୭ (ପି.ଟି.)**

ଗୁଜରାଟର ଏକ କୋର୍ଟ ମଙ୍ଗଳବାର କଂଗ୍ରେସ ନେତା ରାହୁଲ ଗାନ୍ଧୀଙ୍କୁ ମାନହାନି ମାମଲାରେ ପୁଣି ସମନ୍ କରିଛନ୍ତି। ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହଙ୍କୁ 'ହତ୍ୟା ଅଭିଯୁକ୍ତ' ବୋଲି କହିବା ପରେ ସ୍ଥାନୀୟ ଜଣେ ଭାଜପା ନେତା ରାହୁଲଙ୍କ ବିରୋଧରେ ମାନହାନି ମାମଲା ରୁଜୁ କରିଥିଲେ। ଏନେଇ କୋର୍ଟ ତାଙ୍କୁ ଅଗଷ୍ଟ ୯ରେ ହାଜର ହେବା ଲାଗି ସମନ୍ ଜାରି କରିଛନ୍ତି। ଅତିରିକ୍ତ ମୁଖ୍ୟ ମେଟ୍ରୋପଲିଟାନ ମାଜିଷ୍ଟ୍ରେଟ ଡି.ଏସ୍. ଡାଭି ମେ ୧ ତାରିଖରେ ନୋଟିସ କରିଥିବାବେଳେ ପୁଣି ମଙ୍ଗଳବାର ଏକ ସମନ୍ ଜାରି କରିଛନ୍ତି।

## ପୋଷା କୁକୁରକୁ ଗଣବଳାତ୍କାର

**ଆଗ୍ରା,୯।୭:** ପୋଷା କୁକୁରକୁ ଗଣ ବଳାତ୍କାର ଭଳି ଏକ ପାଶବିକ ଘଟଣା ଘଟିଛି ସ୍ଥାନୀୟ ଜଲେଶର ଅଞ୍ଚଳରେ। ଏହି ଘଟଣାରେ ୩ ଅଭିଯୁକ୍ତଙ୍କୁ ଚିହ୍ନଟ କରାଯାଇଛି। ମୁଖ୍ୟ ଅଭିଯୁକ୍ତ ଦିନେଶ କୁମାରଙ୍କ ସହିତ ସତୀଶ ଏବଂ ଅଶୋକଙ୍କ ନାଁରେ ମାମଲା ରୁଜୁ ହୋଇଛି। ଉତ୍ତରପ୍ରଦେଶର ହଥ୍‌ରାସ୍‌ଜିଲାରେ ପୋଷା ମାଈ କୁକୁରକୁ ୩ଜଣ ଗଣ ବଳାତ୍କାର କରିବା ଅଭିଯୋଗରେ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୧୧(ଜୀବେ ନିଷ୍ଠୁରତା ନିରାକରଣ ଅଧିନିୟମ ଓ ଧାରା)ଏବଂ ୩୭୭(ଅସ୍ୱାଭାବିକ ଯୌନକ୍ରିୟା ଭଳି ଅପରାଧ) ଅନୁସାରେ ମାମଲା ରୁଜୁ କରାଯାଇଛି। ୩ ଅଭିଯୁକ୍ତ ବର୍ତ୍ତମାନ ନିଖୋଜ ଅଛନ୍ତି। ହଥ୍‌ରାସ୍ ପୋଲିସ ଷ୍ଟେଶନ୍ ଅଫିସର ପରଭେଶ ରାଣା ଏହି ଘଟଣାରେ ଏକ ମାମଲା ରୁଜୁ କରିବା ସହିତ ତଦନ୍ତ ଜାରି ରଖିଛନ୍ତି। କୁକୁରର ଡାକ୍ତରୀ ପରୀକ୍ଷା କରାଯାଇ ରିପୋର୍ଟକୁ ଅପେକ୍ଷା କରାଯାଇଛି।

ଇତିହାସର ଆଇନାରେ

### ଜୁଲାଇ ୧୦ର ପ୍ରମୁଖ ଘଟଣା

୧୯୪୨ ଜୁଲାଇ ୧୦ରେ ସୋଭିଏଟ୍ ୟୁନିୟନ୍ ଏବଂ ନେଦରଲାଣ୍ଡ ମଧ୍ୟରେ କୂଟନୈତିକ ସମ୍ପର୍କ ସ୍ଥାପିତ ହୋଇଥିଲା। କୂଟନୈତିକ ସମ୍ପର୍କ ହେଉଛି ଦୁଇଟି ରାଷ୍ଟ୍ରର ପ୍ରତିନିଧିଙ୍କ ମଧ୍ୟରେ ଆଲୋଚନା କରିବାର କଳା ଓ କୌଶଳ।

୧୯୪୭ ଜୁଲାଇ ୧୦ରେ ମହମ୍ମଦ ଅଲି ଜିନ୍ନା ପାକିସ୍ତାନର ପ୍ରଥମ ଗଭର୍ନର ଜେନେରାଲ ହୋଇଥିଲେ। ସେ ଏକାଧାରରେ ଜଣେ ଆଇନଜୀବୀ, ରାଜନେତା ଓ ପାକିସ୍ତାନର ପ୍ରତିଷ୍ଠାତା ଥିଲେ।



ଜର୍ମାନୀର ହାମ୍‌ସ୍ଥିତ ସର୍ବବୃହତ୍ ହିନ୍ଦୁ ମନ୍ଦିରରେ ମାକୋର୍ସାଭବମ୍ ଉତ୍ସବ ପାଳନ କରୁଛନ୍ତି ପୂଜକ ଶିବ ଶ୍ରୀ ଅରୁମୁଗାମ୍ ପାସ୍କରକୁରୁକ୍କାଲ ଓ ଶ୍ରଦ୍ଧାଳୁମାନେ।

# ବିଗ୍ ବି'ଙ୍କ ସହ ଶୁଟିଂସେଟ୍ ଅନୁଭୂତି ରୋମାଞ୍ଚକର

**ଲକ୍ଷ୍ନୌ:** 'ଗୁଲାବୋ ସିତାବୋ'ରେ ମେଗାଷ୍ଟାର ଅମିତାଭ ବଚ୍ଚନଙ୍କ ସହ ଶୁଟିଂସେଟ୍ ଅନୁଭୂତି ରୋମାଞ୍ଚକର ବୋଲି ବ୍ୟକ୍ତ କରିଛନ୍ତି ଅଭିନେତା ଆୟୁଷ୍ମାନ୍ ଖୁରାନା। ସେ ଅତ୍ୟନ୍ତ ଆହ୍ଲାଦିତ ଓ ଆନନ୍ଦିତ ବୋଲି ପ୍ରକାଶ କରିଛନ୍ତି। ସୁଜିତ ସରକାରଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମ ଆୟୁଷ୍ମାନ୍‌ଙ୍କୁ ବିଗ୍ ବି'ଙ୍କ ସହ ଯୋଡିବାର ସୁଯୋଗ ସୃଷ୍ଟି କରିଛି। ଆୟୁଷ୍ମାନ୍ ପିଲାଦିନରୁ ବିଗ୍ ବି'ଙ୍କର ଜଣେ ଉଚ୍ଚ ପ୍ରଶଂସକ। ତେଣୁ ଆଇକନ୍ ଅଭିନେତାଙ୍କଠାରୁ ଆୟୁଷ୍ମାନ୍ କିଛି ଭଲଗୁଣ ଗ୍ରହଣ କରିଛନ୍ତି। ମେଗାଷ୍ଟାରଙ୍କ ସହ ଅଭିନୟ ପାଇଁ ସୁଯୋଗ ଦେଇଥିବାରୁ ସେ ସରକାରଙ୍କୁ ମଧ୍ୟ କୃତଜ୍ଞତା ଜଣାଇଛନ୍ତି। 'ଭିକି ଡୋନର'ରେ ସୁଜିତ ସାର୍‌ଙ୍କ ସହିତ କାମ କରିବା ଦିନଠାରୁ ତାଙ୍କ ଭଳି ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କ ସହିତ କାମ କରିବା ପାଇଁ ଇଚ୍ଛା କରୁଥିଲି। ବଲିଉଡରେ ଅମିତାଭ୍ ଜଣେ ପୃଥକ ବ୍ୟକ୍ତିତ୍ୱ ଏବଂ ତାଙ୍କର ସ୍ୱତନ୍ତ୍ର ସ୍ୱର ରହିଛି ବୋଲି ଆୟୁଷ୍ମାନ୍ ଏକ ବିବୃତିରେ କହିଛନ୍ତି।

'ବିଗ୍ ବି'ଙ୍କ ସହ କାମ କରି ଅପେକ୍ଷାକୃତ ଜଣେ ଭଲ ଅଭିନେତା ହୋଇପାରିବି ବୋଲି ଅନୁଭବ କରୁଛି ଏବଂ 'ଗୁଲାବୋ ସିତାବୋ' ନିଶ୍ଚିତ ଭାବେ ମୋତେ ଜଣେ ଭଲ ଅଭିନେତା ହେବାର ସୁଯୋଗ ସୃଷ୍ଟି କରିବ। କାରଣ ଜଣେ ସର୍ବଶ୍ରେଷ୍ଠ କଳାକାରଙ୍କଠାରୁ ଶିକ୍ଷା କରିବାର ସୁଯୋଗ ହାତଛଡା କରୁନାହିଁ। ପ୍ରଥମ ଦିନ ଏକାଠି କାମ କରିବାରେ ଯେଉଁ ଉନ୍ମାଦନା ଓ ଆନନ୍ଦ ମିଳିଛି ତାହା ଭୁଲିପାରିବି ନାହିଁ ବୋଲି ଆୟୁଷ୍ମାନ୍ କହିଛନ୍ତି।



■ ବସ୍‌ରେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା

# ଅଭିଯୁକ୍ତ ହେଲ୍‌ପର ଗିରଫ

**ପୁରୀ ଅଫିସ, ୯।୭**

ମହାପ୍ରଭୁଙ୍କ ରଥଯାତ୍ରା ଅବସରରେ ଶ୍ରୀକ୍ଷେତ୍ର ଚଳଚଞ୍ଚଳ ହୋଇପଡ଼ିଥିବାବେଳେ ଘଟିଛି ଲଜ୍ଜାଜନକ ଘଟଣା। ସୋମବାର ରାତିରେ ପୁରୀ ବସ୍‌ଷ୍ଟାଣ୍ଡ ପରିସରସ୍ଥ ଏକ ବସ୍ ଭିତରେ ଜଣେ ଆଦିବାସୀ ନାବାଳିକାଙ୍କୁ ବସ୍ ହେଲ୍‌ପର ବଳାତ୍କାର କରିଛନ୍ତି। ଏହି ଘଟଣାରେ ମଙ୍ଗଳବାର କୁମ୍ଭାରପଡ଼ା ଥାନା ପୋଲିସ ଅଭିଯୁକ୍ତ ବସ୍ ହେଲ୍‌ପର ନାରାୟଣ ମଲ୍ଲିକଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଏସ୍‌ପି ଡା. ଉମାଶଙ୍କର ଦାଶ କହିଛନ୍ତି। ଏ ନେଇ ଆଇପିସି ଦଫା ୩୭୬, ପୋକ୍ସୋ ଆକ୍ଟର ସେକ୍ସନ ୪ ଭିତ୍ତିରେ ଏକ ମାମଲା (ନଂ. ୧୩୭/୧୯) ରୁଜୁ ହୋଇଛି। ଥାନା ଅଧିକାରୀ ଏସ.କେ. ଦାଶ କହିଛନ୍ତି, ପୀଡ଼ିତାଙ୍କ ବୟାନ ରେକର୍ଡ କରାଯାଇଛି। ଉଭୟ ନାବାଳିକା ଓ ଗିରଫ ଅଭିଯୁକ୍ତଙ୍କ ଡାକ୍ତରୀ ମାଇନା କରାଯାଇଛି। ନାବାଳିକାଙ୍କୁ ଜିଲା ଶିଶୁ ମଙ୍ଗଳ କମିଟି (ସିଡବ୍ଲ୍ୟୁସି) ନିକଟରେ ହାଜର କରାଯାଇଥିଲା। ପରେ ସିଡବ୍ଲ୍ୟୁସି ନିର୍ଦ୍ଦେଶ କ୍ରମେ ତାଙ୍କୁ ଚିକିତ୍ସା

**ଘଟଣାର ତଦନ୍ତ ନିର୍ଦ୍ଦେଶ ଦେଲେ ଓଏସ୍‌ସିପିସିଆର୍**

ଲାଗି ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ ତ୍ରିପାଠୀ କହିଛନ୍ତି ଯେ, ପୀଡ଼ିତାଙ୍କୁ ଏବେ ଉତ୍କଳ ବାଳାଶ୍ରମରେ ରଖାଯାଇଛି। ତାଙ୍କ ପରିବାର ସହ ଯୋଗାଯୋଗ କରାଯାଉଛି। ଘଟଣାକୁ ନେଇ ରାଜ୍ୟ ଶିଶୁ ଅଧିକାର ସୁରକ୍ଷା ଆୟୋଗ (ଓଏସ୍‌ସିପିସିଆର୍) ଅଧକ୍ଷା ସନ୍ଧ୍ୟାବତୀ ପ୍ରଧାନ କ୍ଷୋଭ ପ୍ରକାଶ କରି ନିରପେକ୍ଷ ତଦନ୍ତ ଲାଗି ଜିଲା ପ୍ରଶାସନ ଏବଂ ଏସପିଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

ମିଳିଥିବା ସୂଚନା ଅନୁଯାୟୀ, କେନ୍ଦୁଝର ଜିଲାର ଉକ୍ତ ନାବାଳିକା ପୁରୀର ଏକ ଘରୋଇ ସଂସ୍ଥାରେ ପ୍ରାୟ ମାସେ ହେବ କାର୍ଯ୍ୟ କରୁଥିଲେ। ଜୁନ ୨୯ ତାରିଖରେ ସେ ନିଜ ଘରକୁ ଯାଇଥିଲେ। ପୁରୀରୁ ଏକ ଘରୋଇ ବସ୍ ଯୋଗେ ଭୁବନେଶ୍ୱର ଯାତ୍ରା କରିବା ସମୟରେ ବସ୍‌ର ହେଲ୍‌ପର ନାରାୟଣ (ଗିରଫ ଅଭିଯୁକ୍ତ)ଙ୍କ ସହ ତାଙ୍କର ପରିଚୟ ହୋଇଥିଲା। ସୋମବାର ନାବାଳିକା ଜଣକ ସେହି ବସ୍‌ରେ ଭୁବନେଶ୍ୱରରୁ-ପୁରୀ ଫେରୁଥିଲେ। ବସ୍‌ଟି ରାତି ୮ଟାରେ ପୁରୀ ବସ୍‌ଷ୍ଟାଣ୍ଡରେ ଲାଗିଥିଲା। ସମସ୍ତ ଯାତ୍ରୀ ଓହ୍ଲାଇ ଯାଇଥିଲେ। ରାତି ହୋଇ ଯାଇଥିବାରୁ ବସ୍‌ରେ ରାତ୍ରୀଯାପନ କରି ସକାଳେ ଚାଲିଯିବାକୁ ନାରାୟଣ ପୀଡ଼ିତାଙ୍କୁ କହିଥିଲେ। ନାରାୟଣଙ୍କ ଉପରେ ବିଶ୍ୱାସ କରି ପୀଡ଼ିତା ଖାଇ ସାରି ବସ୍‌ର ପଛ ସିଟରେ ଶୋଇ ପଡ଼ିଥିଲେ। ନାରାୟଣ ମଧ୍ୟ ଉକ୍ତ ବସ୍‌ରେ ଶୋଇଥିଲେ। ତେବେ ପୀଡ଼ିତାଙ୍କ ବିଶ୍ୱାସରେ ବିଷ ଦେଇଥିଲେ ନାରାୟଣ। ରାତି ୧୧ଟାରେ ସେ ତାଙ୍କୁ ବଳାତ୍କାର କରିଥିଲେ। କୌଣସି ମତେ ପୀଡ଼ିତା ଚିତ୍କାର କରି ସେଠାରୁ ଖସିଆସିଥିଲେ। ଗୁରୁତର ଅବସ୍ଥାରେ ସେ ବସ୍‌ଷ୍ଟାଣ୍ଡରେ ବୁଲୁଥିବାବେଳେ କେତେଜଣ ସ୍ଥାନୀୟ ବ୍ୟକ୍ତି ତାଙ୍କୁ ଦେଖି ପୋଲିସକୁ ଖବର ଦେଇଥିଲେ। ଏହି ସମୟରେ ପିସିଆର ପହଞ୍ଚିଥିଲା। ତେବେ ପିସିଆରରେ କୌଣସି ମହିଳା ପୋଲିସ ନ ଥିବାରୁ ପୀଡ଼ିତାଙ୍କୁ ନେବାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ପରେ ପୋଲିସ ତାଙ୍କୁ ଶରଧାବାଲି ନିକଟ ଅସ୍ଥାୟୀ କ୍ୟାମ୍ପକୁ ନେଇଥିଲା। ସେଠାରୁ କୁମ୍ଭାରପଡ଼ା ଥାନା ପୋଲିସ ପୀଡ଼ିତାଙ୍କୁ ମେଡିକାଲକୁ ନେଇଥିଲା। ଅନ୍ୟପକ୍ଷେ ଏହି ଘଟଣା ପୋଲିସର ସୁରକ୍ଷା ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି।



ଗିରଫ ଅଭିଯୁକ୍ତ ନାରାୟଣ ମଲ୍ଲିକ।

## ଏନ୍‌ଏଚ୍‌ଆର୍‌ସିରେ ମାମଲା

**କଟକ ଅଫିସ, ୯।୭:** ବସ୍ ଭିତରେ ଜଣେ ନାବାଳିକାଙ୍କୁ ବଳାତ୍କାର ଘଟଣାକୁ ନେଇ ଜାତୀୟ ମାନବାଧିକାର କମିଶନରେ ମାମଲା ରୁଜୁ ହୋଇଛି। ମାନବାଧିକାର କର୍ମୀ ଜୟନ୍ତ ଦାସଙ୍କ ପକ୍ଷରୁ ଏହି ମାମଲା ରୁଜୁ କରାଯାଇଛି। ପୀଡିତାଙ୍କୁ ୭ ଲକ୍ଷ ଟଙ୍କା କ୍ଷତିପୂରଣ ଦେବା ସହ ଅଭିଯୁକ୍ତଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଆବେଦନକାରୀ ଦାସ କମିଶନରେ ନିବେଦନ କରିଛନ୍ତି।

ଆବେଦନକାରୀ ପିଟିଶନରେ ଉଲ୍ଲେଖ କରିଛନ୍ତି ଯେ, ଏଭଳି ଘଟଣା ଅତ୍ୟନ୍ତ ସମ୍ବେଦନଶୀଳ ଓ ସ୍ପର୍ଶକାତର ହୋଇଛି। ପ୍ରଥମତଃ ଘଟଣାଟି ଗୁଣ୍ଡିଚା ମନ୍ଦିରଠାରୁ ମାତ୍ର ୫୦ ମିଟର ଦୂରରେ ଘଟିଛି। ରଥଯାତ୍ରା ପାଇଁ ପୁରୀରେ ବହୁ ସଂଖ୍ୟକ ପୋଲିସ ମୁତୟନ ଅଛନ୍ତି। ପୋଲିସ ସୁରକ୍ଷା ବଳୟରେ ଥିବା ସହରରେ ଜଣେ ନାବାଳିକାଙ୍କୁ ବଳାତ୍କାର ଅଧିକ ଚିନ୍ତାର କାରଣ ପାଲଟିଛି। ଅନ୍ୟପକ୍ଷରେ ଏଭଳି ଘଟଣା ପରେ ସରକାରଙ୍କ ପକ୍ଷରୁ ସାମାନ୍ୟତମ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନାହିଁ। ଆବେଦନକାରୀ ଦର୍ଶାଇଛନ୍ତି ଯେ, ପୀଡ଼ିତା ଜଣକ ଜଣେ ଆଦିବାସୀ ନାବାଳିକା। ରାଜ୍ୟ ସରକାରଙ୍କ ଗୃହ ବିଭାଗ ପକ୍ଷରୁ ୨୦୧୮ ଅକ୍ଟୋବର ୨୦ରେ (ଚିଠି ନମ୍ବର ୪୪୧୦୮) ପ୍ରକାଶ କରାଯାଇଥିବା ଆଦେଶ ଅନୁଯାୟୀ, ପୀଡ଼ିତାଙ୍କୁ ତୁରନ୍ତ କ୍ଷତିପୂରଣ ଦେବା କଥା। ମାତ୍ର ତାହା ଏହି ପୀଡ଼ିତାଙ୍କ କ୍ଷେତ୍ରରେ କରାଯାଇନାହିଁ। ଯାହା ମାନବାଧିକାରର ବଡ଼ ଉଲ୍ଲଂଘନ ବୋଲି ଆବେଦନକାରୀ ଦର୍ଶାଇଛନ୍ତି। ତେଣୁ ତୁରନ୍ତ ଏ କ୍ଷେତ୍ରରେ କମିଶନ କଡ଼ା ପଦକ୍ଷେପ ନେବାକୁ ଆବେଦନକାରୀ ପିଟିଶନରେ ନିବେଦନ କରିଛନ୍ତି।

## ୪୦୭୩ ବି.ଟେକ୍ ସିଟ୍ ହ୍ରାସ

**ଭୁବନେଶ୍ୱର, ୯।୭ (ବ୍ୟୁରୋ):** ପ୍ରତିବର୍ଷ ରାଜ୍ୟରେ ବିଭିନ୍ନ ଇଞ୍ଜିନିୟରିଂ କଲେଜରେ ବି.ଟେକ୍ ସିଟ୍ ଖାଲି ପଡୁଛି। କେବଳ ଘରୋଇ ନୁହେଁ, ସରକାରୀ କଲେଜରେ ମଧ୍ୟ ସିଟ୍ ପୂରଣ ହୋଇପାରୁ ନାହିଁ। ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ମଙ୍ଗଳବାର ୪୦୭୩ଟି ବି.ଟେକ୍ ସିଟ୍ କମାଇଦେଇଛନ୍ତି। ଉଭୟ ସରକାରୀ ଓ ଘରୋଇ ଇଞ୍ଜିନିୟରିଂ କଲେଜରେ ଏହି ସିଟ୍ ହ୍ରାସ ପାଇଛି। ଏଥିମଧ୍ୟରୁ ୮ଟି ସରକାରୀ ଇଞ୍ଜିନିୟରିଂ କଲେଜରୁ ୧୨୬ ସିଟ୍ ଓ ୮୦ଟି ଘରୋଇ ଇଞ୍ଜିନିୟରିଂ କଲେଜରୁ ୩୯୪୭ ସିଟ୍ କମାଯାଇଛି। ସୂଚନାଯୋଗ୍ୟ, ଓଡ଼ିଶାରେ ୩୮ହଜାର ଇଞ୍ଜିନିୟରିଂ ସିଟ୍ ରହିଛି। ସେଥିମଧ୍ୟରେ ୪୦୮୬ଟି ସିଟ୍ ୮ଟି ସରକାରୀ କଲେଜରେ ରହିଛି। ତେବେ ଗତବର୍ଷ ଘରୋଇ ଇଞ୍ଜିନିୟରିଂ କଲେଜରେ ପ୍ରାୟ ୩୪ ହଜାର ସିଟ୍ ମଧ୍ୟରୁ ମାତ୍ର ୮ହଜାର ସିଟ୍ ପୂରଣ ହୋଇଥିଲା। ୨୦୧୭ରେ ଘରୋଇ ଇଞ୍ଜିନିୟରିଂ କଲେଜରେ ୯୦୦ଟି ବି.ଟେକ୍ ସିଟ୍ କମାଯାଇଥିଲା।

ସୁପ୍ରିମକୋର୍ଟରେ ପୋଲାଭରମ୍ ମାମଲା

# ୪ ସପ୍ତାହ ପରେ ଶୁଣାଣି

**ନୂଆଦିଲ୍ଲୀ, ୯।୭**

ସୁପ୍ରିମକୋର୍ଟରେ ଇନ୍ଦିରା ସାଗର ପୋଲାଭରମ୍ ପ୍ରକଳ୍ପର ଶୁଣାଣି ୪ ସପ୍ତାହ ପରେ ହେବ। ପ୍ରକଳ୍ପ ନେଇ କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ 'କାର୍ଯ୍ୟ ବନ୍ଦ' ପାଇଁ ଓଡ଼ିଶା ପକ୍ଷରୁ ଦାଏର ପିଟିଶନର ଶୁଣାଣିକୁ ମଙ୍ଗଳବାର ୩ ଜଣିଆ ଖଣ୍ଡପୀଠ ୪ ସପ୍ତାହକୁ ଘୁଞ୍ଚାଇଦେଇଛନ୍ତି।

ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଗୋଦାବରୀ ନଦୀରେ ପୋଲାଭରମ୍ ପ୍ରକଳ୍ପକୁ ଦେଇଥିବା ସମୟକୁ ନେଇ ଶୁଣାଣି ବେଳେ ଓଡ଼ିଶା ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ବିରୋଧ କରିଥିଲେ। କେନ୍ଦ୍ର ସରକାରଙ୍କ ନିଷ୍ପତ୍ତି ବିରୋଧରେ କାର୍ଯ୍ୟ ସ୍ଥଗିତ ରଖିବା ଲାଗି ଓଡ଼ିଶା ସରକାର ଦାଏର କରିଥିବା ଅନ୍ତରୀଣ ପିଟିଶନର ଶୁଣାଣି କରିବାକୁ ସେ ଜଷ୍ଟିସ୍ ଏନ୍.ଭି. ରାମାନ୍ନା, ଏମ୍. ଶାନ୍ତାନାଗୌଡ଼ାର ଓ ଅଜୟ ରସ୍ତୋଗୀଙ୍କୁ ନେଇ ଗଠିତ ଖଣ୍ଡପୀଠଙ୍କୁ ଅନୁରୋଧ କରିଥିଲେ। ଇତିମଧ୍ୟରେ ଆନ୍ଧ୍ରପ୍ରଦେଶ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓକିଲ ମାମଲା କିଛି ଦିନ ତଳେ ହାତକୁ ନେଇଥିବାରୁ ଏହାର ଅଧ୍ୟୟନ ପାଇଁ ଖଣ୍ଡପୀଠଙ୍କୁ ୬ ସପ୍ତାହ ସମୟ ମାଗିଥିଲେ। ତେବେ ସର୍ବୋଚ୍ଚ ଅଦାଲତ ୪ ସପ୍ତାହ ପରେ ଏହାର ଶୁଣାଣି କରିବାକୁ ରାଜି ହୋଇଛନ୍ତି। ପ୍ରକାଶ ଯେ, ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ଏହି ପ୍ରକଳ୍ପ କାର୍ଯ୍ୟ ବନ୍ଦ କରିବା ପାଇଁ ୨୦୧୧ରେ ଆନ୍ଧ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ ୨୦୧୩ରେ ଆନ୍ଧ୍ରର ଅନୁରୋଧକ୍ରମେ ମନ୍ତ୍ରଣାଳୟ ନିର୍ମାଣ କାର୍ଯ୍ୟ ଜାରି ରଖିବା ପାଇଁ ୬ ମାସ ସମୟ ଦେଇଥିଲେ। ସେବେଠୁ ପ୍ରତିବର୍ଷ ସମୟ ଦିଆଯାଉଛି। ୨୦୧୯ ଜୁଲାଇରେ ଏହି ଅବଧି ଶେଷ ହୋଇଥିବାବେଳେ ନିକଟରେ କେନ୍ଦ୍ର ପୁଣି ୨ ବର୍ଷ ବୃଦ୍ଧି କରିଛି।

# 'କସ୍‌ମୋପଲିଟାନ୍' କଭର୍‌ଷ୍ଟୋରିରେ ଦୂତୀ




**ଭୁବନେଶ୍ୱର, ୯।୭ (ବ୍ୟୁରୋ):** ଅନ୍ତର୍ଜାତୀୟସ୍ତରରେ ଖ୍ୟାତିଅର୍ଜନ କରିଥିବା ଓଡ଼ିଆ କ୍ରୀଡାବିତ୍ ଦୂତୀ ଚାନ୍ଦ ବିଶ୍ୱର ସର୍ବାଧିକ ପ୍ରସାରିତ ଫ୍ୟାଶନ ମାଗାଜିନ୍ 'କସ୍‌ମୋପଲିଟାନ୍'ର କଭର୍ ଷ୍ଟୋରିରେ ସ୍ଥାନ ପାଇବାର ଗୌରବ ଅର୍ଜନ କରିଛନ୍ତି। ବିଶ୍ୱରେ ସର୍ବାଧିକ ବିକ୍ରି ହେଉଥିବା ଏହି ଫ୍ୟାଶନ ଓ ଏଣ୍ଟରଟେନ୍‌ମେଣ୍ଟ ମାଗାଜିନ୍‌ର ଇଣ୍ଡିଆ ଏଡିଶନରେ ଦୂତୀ କଭର୍ ପେଜ୍‌ର ପୋଷ୍ଟର ଗାର୍ଲ ହେବାସହ ପତ୍ରିକାର ମୁଖ୍ୟପ୍ରସଙ୍ଗରେ ରହିଛନ୍ତି। ଚଳିତମାସର କସ୍‌ମୋପଲିଟାନ୍ ସଂସ୍କରଣରେ ଦୂତୀଙ୍କ ସମ୍ପୂର୍ଣ୍ଣ ଜୀବନ କାହାଣୀ ସ୍ଥାନ ପାଇଛି। ଏହି ଖ୍ୟାତନାମା ଧାବିକା ଦୂତୀ ରନିଂ ଟ୍ରାକ୍‌ରେ ସ୍ପୋର୍ଟସ୍ ୱେର୍ ପିନ୍ଧିବା ସହ ମଲ୍ଟିକଲର୍ ରଫଲ୍ଡ ଲେୟାର୍ଡ କେପ୍‌ରେ ପୋଜ୍ ଦେଇଛନ୍ତି। ଜଣେ କ୍ରୀଡାବିତ୍ ଭାବେ ସେ ନିଜକୁ କିଭଳି ଗଢି ତୋଳିଛନ୍ତି ଓ ବର୍ତ୍ତମାନ ପର୍ଯ୍ୟନ୍ତ ତାଙ୍କ ଜୀବନ କାହାଣୀକୁ ସେ ଏହି କଭର୍ ଷ୍ଟୋରି ମାଧ୍ୟମରେ କହିଛନ୍ତି। ଏହାସହ କିଛିଦିନ ତଳେ ସମଲିଙ୍ଗୀ ସମ୍ପର୍କକୁ ନେଇ ଚର୍ଚ୍ଚାରେ ଥିବା ଦୂତୀଙ୍କ ନିଆରା ପ୍ରେମ କାହାଣୀକୁ ମଧ୍ୟ ଏଥିରେ ବର୍ଣ୍ଣନା କରାଯାଇଛି। ୨୦୧୮ ଏସିଆନ୍ ଗେମ୍‌ସରେ ଭାରତକୁ ଦୁଇଟି ରୌପ୍ୟ ପଦକ ଜିତାଇଥିବା ଦୂତୀ ଚାନ୍ଦଙ୍କୁ କସ୍‌ମୋପଲିଟାନ୍ ପକ୍ଷରୁ 'ଇଣ୍ଡିଆସ୍ ସାଇନିଂ ଷ୍ଟାର୍ ଆଣ୍ଡ୍ ଫାଷ୍ଟ ଓପନ୍‌ଲି-ଗେ ଆଥ୍‌ଲେଟ୍'ର ଆଖ୍ୟା ଦିଆଯାଇଛି। ଅର୍ଥାତ୍ ଭାରତର ଉଜ୍ଜ୍ୱଳ ତାରକା ଓ ପ୍ରଥମ ସମଲିଙ୍ଗୀ କ୍ରୀଡାବିତ୍ ଭାବେ ତାଙ୍କୁ ବର୍ଣ୍ଣନା କରାଯାଇଛି। ଗତ କିଛିମାସ ହେଲା ଦୂତୀ ନିଜର ପ୍ରେମ ସମ୍ପର୍କକୁ ନେଇ ଚର୍ଚ୍ଚାରେ ରହିଆସିଛନ୍ତି। ସେ ନିଜ ସମଲିଙ୍ଗୀ ସମ୍ପର୍କକୁ ସାଧାରଣରେ ଖୋଲାଖୋଲିଭାବେ ସ୍ୱୀକାର କରିଛନ୍ତି। ଏହାଦ୍ୱାରା ଦୂତୀ କେବଳ ଟ୍ରାକ୍ ମଧ୍ୟରେ ଜଣେ କ୍ରୀଡାବିତ୍ ଭାବେ ନୁହେଁ, ବରଂ ଅନ୍ୟ ମହିଳା କ୍ରୀଡାବିତ୍ ଓ ସାଧାରଣ ଲୋକଙ୍କ ପାଇଁ ଉଦାହରଣ ସୃଷ୍ଟି କରିଛନ୍ତି ବୋଲି ଉଲ୍ଲେଖ କରାଯାଇଛି। ହାଇପର୍‌ଆଣ୍ଡ୍ରୋଜେନିଜିମ୍ ପାଇଁ ଇଣ୍ଟରନ୍ୟାଶନାଲ ଆସୋସିଏସଶନ ଅଫ୍ ଆଥ୍‌ଲେଟିକ୍ସ ଫେଡେରେଶନ୍ସ(ଆଇଏଏଏଫ୍)ର ନିୟମ ମୁତାବକ ୨୦୧୪ରେ ଭାରତରେ ଅନୁଷ୍ଠିତ ହୋଇଥିବା ରାଜ୍ୟଗୋଷ୍ଠୀ କ୍ରୀଡ଼ାରୁ ବାଦ୍ ପଡ଼ିବା ପରେ ଦୂତୀ ବିଶେଷଭାବେ ଚାପଗ୍ରସ୍ତ ହୋଇଥିଲେ। ତେବେ କିଛିଦିନର ପ୍ରତୀକ୍ଷା ପରେ ପୁଣିଥରେ ଟ୍ରାକ୍‌କୁ ଫେରିଥିବା ଏହି ଲୋକପ୍ରିୟ ଧାବିକା ଅନ୍ତର୍ଜାତୀୟସ୍ତରରେ ଭାରତକୁ ଅନେକଥର ଗୌରବାନ୍ୱିତ କରିସାରିଛନ୍ତି।



## ଜନ୍ମଦିନର ଶୁଭେଚ୍ଛା

ନାମ: ..................................

ବୟସ: ..................................

ଜନ୍ମ ତାରିଖ: ..............................



ଚୁନି
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

### ବଂଶଧାରା ଜଳ ବିବାଦର ଯୁଗ୍ମ ସର୍ଭେକୁ ଓଡ଼ିଶାର ନା

# ୩ସପ୍ତାହ ମଧ୍ୟରେ ରିପୋର୍ଟ ଦେବାକୁ କେନ୍ଦ୍ର, ଆନ୍ଧ୍ରକୁ ଟ୍ରିବ୍ୟୁନାଲଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୯।୭(ବ୍ୟୁରୋ)**

**ଅଗଷ୍ଟ ୨୭ରେ ହେବ ପରବର୍ତ୍ତୀ ଶୁଣାଣି**

ଆନ୍ଧ୍ରପ୍ରଦେଶ ଦ୍ୱାରା ବଂଶଧାରା ନଦୀ ଉପରେ ନିର୍ମାଣ ହେଉଥିବା ନେରାଡି ବ୍ୟାରେଜର ମିଳିତ ସର୍ଭେ ନ କରିବାକୁ ଓଡ଼ିଶା ସରକାର କରିଥିବା ଆବେଦନର ଶୁଣାଣି କରିଛନ୍ତି ବଂଶଧାରା ଜଳ ବିବାଦ ଟ୍ରିବ୍ୟୁନାଲ୍। ମଙ୍ଗଳବାର ଜଷ୍ଟିସ ଏମ.କେ ଶର୍ମା, ଜଷ୍ଟିସ ବି.ଏନ ଚତୁର୍ବେଦୀ ଏବଂ ଜଷ୍ଟିସ ପ୍ରତିଭା ରାଣୀଙ୍କୁ ନେଇ ଗଠିତ ୩ ଜଣିଆ ଖଣ୍ଡପୀଠ ଓଡ଼ିଶା ସରକାରଙ୍କ ଆବେଦନର ଶୁଣାଣି ଆସନ୍ତା ୩ସପ୍ତାହ ମଧ୍ୟରେ ଜବାବ ରଖିବାକୁ ଉଭୟ ଆନ୍ଧ୍ରପ୍ରଦେଶ ସରକାର ଓ କେନ୍ଦ୍ର ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଆନ୍ଧ୍ର ଓ କେନ୍ଦ୍ର ସରକାରଙ୍କ ଜବାବ ଦାଖଲ କରିବାର ୨ସପ୍ତାହ ମଧ୍ୟରେ ଓଡ଼ିଶା ମଧ୍ୟ ଏହା ଉପରେ ପ୍ରତିଉତ୍ତର ରଖିବାକୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେବା ସହ ପରବର୍ତ୍ତୀ ଶୁଣାଣିକୁ ଅଗଷ୍ଟ ୨୮କୁ ଧାର୍ଯ୍ୟ କରିଛନ୍ତି। ନେରାଡି ବ୍ୟାରେଜ ନିର୍ମାଣ କାର୍ଯ୍ୟ ଆରମ୍ଭ ହେବା ପରେ ୧୦୬ଏକର ଜମିରେ ପାଣି ମାଡ଼ିଯିବା ସମ୍ପର୍କରେ ଏକ ମିଳିତ ସର୍ଭେ କରି ଜୁଲାଇ ୮ ସୁଦ୍ଧା ରିପୋର୍ଟ ଦାଖଲ କରିବାକୁ ଉଭୟ ଓଡ଼ିଶା ଏବଂ ଆନ୍ଧ୍ର ସରକାରଙ୍କୁ ପୂର୍ବରୁ ଟ୍ରିବ୍ୟୁନାଲ ନିର୍ଦ୍ଦେଶ ଦେଇଥିଲେ। ମାତ୍ର ଓଡ଼ିଶା ସରକାର ଏହାକୁ ବିରୋଧ କରିବା ସହିତ ଡ୍ୟାମ୍ ଦ୍ୱାରା ୩ କିଲୋମିଟର ଯାଏ ପାଣି ମାଡ଼ିବା ଓ ୧୦୬ ଏକର ଜମି ପାଣିରେ ବୁଡିବା ନେଇ ଆନ୍ଧ୍ର ସରକାର ସମ୍ପୂର୍ଣ୍ଣ ରିପୋର୍ଟ ଦିଅନ୍ତୁ ଦାବି କରିଥିଲେ। ଏପରି କି ଟ୍ରିବ୍ୟୁନାଲ୍‌ଙ୍କ ନିର୍ଦ୍ଦେଶକୁ ପରିବର୍ତ୍ତନ କରିବାକୁ ମଧ୍ୟ ଓଡ଼ିଶା ସରକାର ଉଲ୍ଲେଖ କରିଥିଲେ।

**କିଛି ତଥ୍ୟ**

ଆର୍ଥିକ ବର୍ଷ ୨୦୧୯ରେ ନାବାର୍ଡର ସମ୍ପତ୍ତି ୨୦% ବଢ଼ି ୪.୮୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଥିବା ବେଳେ ଏହାର ନେଟ୍ ବଳକା ୧୪% ବୃଦ୍ଧି ପାଇ ୩୩୭୫ କୋଟି ଟଙ୍କା ହୋଇଛି।
—ନାବାର୍ଡ

# ଦକ୍ଷିଣ ମୋଡ଼ ହେଲା ଦୁଇ ରଥ

**ପୁରୀ ଅଫିସ, ୯।୭**

- ୨ ଘଣ୍ଟା ବିଳମ୍ବରେ ଆଜ୍ଞାମାଳ ବିଜେ
- ଆଜି ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼

ଆସନ୍ତା ୧୨ତାରିଖରେ ବାହୁଡ଼ା ଯାତ୍ରା। ଶ୍ରୀମନ୍ଦିର ଅଭିମୁଖେ ବାହୁଡ଼ିବେ ଚତୁର୍ଦ୍ଧାବିଗ୍ରହ। ଏଥିଲାଗି ପରମ୍ପରା ଅନୁଯାୟୀ ମଙ୍ଗଳବାର ରଥର ଦକ୍ଷିଣ ମୋଡ଼ କରାଯାଇଛି। ପ୍ରଥମେ ଦେବୀ ସୁଭଦ୍ରାଙ୍କ ଦର୍ପଦଳନ ଏବଂ ପରେ ବଡଠାକୁରଙ୍କ ତାଳଧ୍ୱଜ ରଥ ଦକ୍ଷିଣ ମୋଡ଼ ହୋଇ ଶ୍ରୀଗୁଣ୍ଡିଚା ମନ୍ଦିର ନାକଚଣା ଦ୍ୱାର ସମ୍ମୁଖରେ ଲାଗିଛି। ତେବେ ସନ୍ଧ୍ୟା ହୋଇଯିବାରୁ ଶ୍ରୀଜଗନ୍ନାଥଙ୍କ ନନ୍ଦିଘୋଷ ରଥ ଦକ୍ଷିଣ ମୋଡ଼ ହୋଇପାରିନାହିଁ। ବୁଧବାର ସକାଳ ୮ଟାରେ ଏହାର ଦକ୍ଷିଣ ମୋଡ଼ ହେବ। ଅନ୍ୟପକ୍ଷରେ ମଙ୍ଗଳବାର ନୀତିରେ ବିଳମ୍ବ ଘଟିଥିଲା। ପ୍ରାୟ ୨ଘଣ୍ଟା ବିଳମ୍ବରେ ରଥ ଆଜ୍ଞାମାଳ ବିଜେ ହୋଇଥିଲା।

ମଙ୍ଗଳବାର ଭୋର ୪ଟା ୩୫ରେ ପହୁଡ଼ ହୋଇଥିଲା। ଭୋର ୪ଟାରେ ଦ୍ୱାରଫିଟା ସମୟ ନିର୍ଘଣ୍ଟ ହୋଇଥିବା ବେଳେ ପ୍ରାୟ ୩ଘଣ୍ଟା ବିଳମ୍ବ ଘଟିଥିଲା। ସକାଳ ୬ଟା ୫୫ରେ ଦ୍ୱାର ଫିଟା, ୭ଟା ୩୫ରେ ମଙ୍ଗଳ ଆଳତି ହୋଇଥିଲା। ୯ଟା ୧୫ରେ ମହାପ୍ରଭୁଙ୍କ ଅବକାଶ ନୀତି ବଢି ପୂର୍ବାହ୍ନ ୧୦ଟା ୨୫ ସାହାଣ ମେଲା ଦର୍ଶନ ଆରମ୍ଭ ହୋଇଥିଲା। ପୂର୍ବାହ୍ନ ୧୧ଟାରେ ଅନ୍ୟାନ୍ୟ ନୀତି ବଢି ମଧ୍ୟାହ୍ନ ୧୨ଟା ୨୦ରେ ଗୋପାଳ ବଲ୍ଲଭ ନୀତି ସମ୍ପନ୍ନ ହୋଇଥିଲା। ଅପରାହ୍ନ ୧ଟା ୧୦ରେ ସକାଳଧୂପ ନୀତି ସରିଥିଲା। ଅପରାହ୍ନ ୨ଟା ୪୦ରେ ଆଜ୍ଞାମାଳ ବିଜେ ହୋଇଥିଲା। ଅପରାହ୍ନ ୩ଟା ୫ରେ ପ୍ରଥମେ ଦର୍ପଦଳନ ଓ ପରେ ତାଳଧ୍ୱଜ ରଥ ଟଣାଯାଇଥିଲା। ଅପରାହ୍ନ ୪ଟା ୨୦ରେ ଦର୍ପଦଳନ ଓ ସନ୍ଧ୍ୟା ୬ଟା ୫ରେ ତାଳଧ୍ୱଜ ରଥ ନାକଚଣା ଦ୍ୱାରରେ ପହଞ୍ଚିଥିଲା। ସୂଚନାଥାଉ କି, ଗତ ୪ବର୍ଷ ମଧ୍ୟରେ କେବଳ ୨୦୧୮ରେ ଦକ୍ଷିଣ ମୋଡ଼ ଦିନ ତିନିରଥ ନାକଚଣା ଦ୍ୱାରରେ ଲାଗିପାରିଥିଲା।

# ୧୯ ରାଜ୍ୟର ୧୧୦ ସ୍ଥାନରେ ସିବିଆଇ ଚଢ଼ାଉ

**ନୂଆଦିଲ୍ଲୀ/ଭୁବନେଶ୍ୱର, ୯।୭(ପି.ଟି./ବ୍ୟୁରୋ)**

**ରାଉରକେଲା, କଟକ ଓ ଭୁବନେଶ୍ୱରରେ ବି ଚଢ଼ାଉ**

କେନ୍ଦ୍ରୀୟ ତଦନ୍ତ ବ୍ୟୁରୋ(ସିବିଆଇ) ପକ୍ଷରୁ ମଙ୍ଗଳବାର ଦେଶବ୍ୟାପୀ ଚଢାଉ କରାଯାଇଛି। ଦୁର୍ନୀତି, ଭ୍ରଷ୍ଟାଚାର, ହେରଫେର, ଚୋରା ବନ୍ଧୁକ ଚାଲାଣ, ଚିଟ୍‌ଫଣ୍ଡ ଏଭଳି ୩୦ ଭିନ୍ନ ଭିନ୍ନ ମାମଲାକୁ ନେଇ ପ୍ରାୟ ୧୯ ରାଜ୍ୟର ୧୧୦ ସ୍ଥାନରେ ଚଢାଉ ହୋଇଥିବା ଜଣାପଡିଛି।

ସିବିଆଇ ନିକଟରେ କମ୍ପାନୀ ପ୍ରମୋଟର୍ସ, ଡାଇରେକ୍ଟର, ବ୍ୟାଙ୍କ୍ ଓ ଅଧିକାରୀଙ୍କ ବିରୋଧରେ ପ୍ରାୟ ୩୦ ନୂଆ ମାମଲା ରୁଜୁ କରାଯାଇଛି। ମୁମ୍ବାଇ, ଦିଲ୍ଲୀ ଏନ୍‌ସିଆର, ଭରତପୁର, ଚଣ୍ଡିଗଡ, ଜମ୍ମୁ, ଶ୍ରୀନଗର, ପୁଣେ, ଜୟପୁର, କାନପୁର, ରାୟପୁର, ହାଇଦ୍ରାବାଦ, କୋଲକାତା, ଲକ୍ଷ୍ନୌ, ଭୋପାଳ, ରାଞ୍ଚି ଆଦି ସ୍ଥାନଗୁଡ଼ିକରେ ଚଢାଉ କରାଯାଇଛି। ମୋଦି ସରକାର ଦ୍ୱିତୀୟ ଥର ଶାସନକୁ ଆସିବା ପରେ ଏହା ହେଉଛି ସବୁଠାରୁ ବଡ କାର୍ଯ୍ୟାନୁଷ୍ଠାନ।

ଜୁଲାଇ ୨ରେ ସିବିଆଇ ପକ୍ଷରୁ ୧୨ରାଜ୍ୟର ୫୦ ସହରରେ ପୃଥକ୍ ଚଢାଉ କରାଯାଇଥିଲା। ଏହି ଚଢାଉ ୧୬ଟି ବ୍ୟାଙ୍କ୍ ହେରଫେର ଘଟଣା ସହ ଜଡିତ ଥିଲା। ସେହିପରି ଗତ ଜୁନ୍ ୬ରେ ସିବିଆଇ ଏକ ବଡ ପଦକ୍ଷେପ ନେଇ ଆଇଆରଏସ୍ ଅଧିକାରୀ ସଞ୍ଜୟ କୁମାର ଶ୍ରୀବାସ୍ତବଙ୍କ ବିରୋଧରେ ମାମଲା ରୁଜୁ କରିଥିଲା।

ସିବିଆଇ ପକ୍ଷରୁ ଓଡିଶାର ରାଉରକେଲା, କଟକ ଓ ଭୁବନେଶ୍ୱରରେ ଚଢାଉ କରାଯାଇଥିବା ଜଣାପଡିଛି। ପ୍ରାୟ ୫ଟି ଟିମ୍ ଏହି ଚଢାଉରେ ସାମିଲ ଥିବା ଜଣାପଡିଛି। ବିଶେଷ କରି ବ୍ୟାଙ୍କ୍ ଠକେଇ ଓ ଅନ୍ୟ ଅପରାଧୀଙ୍କ ପୃଷ୍ଠଭୂମି ଥିବା ଅପରାଧୀଙ୍କ ଘର ଓ ଅଫିସ୍‌ରେ ଏଭଳି ଚଢାଉ କରାଯାଇଥିବା ଜଣାପଡିଛି। ଚଢାଉ ବେଳେ ବହୁ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ସିବିଆଇ ହାତରେ ଲାଗିଛି। ଯେଉଁ ଅପରାଧୀଙ୍କ ବିରୋଧରେ ଏସ୍‌ଟିଏଫ୍ ତଥ୍ୟ ପ୍ରମାଣ ମିଳିଛି, ସେମାନଙ୍କୁ ସିବିଆଇ ଖୁବ୍‌ଶୀଘ୍ର ଗିରଫ କରିବ ବୋଲି କୁହାଯାଉଛି। ନିର୍ବାଚନ ପରେ ସିବିଆଇ ହଠାତ୍ ଏଭଳି ଆକ୍ସନମୁଡ୍‌କୁ ଆସିବା ନେଇ ଅନେକ ଲୋକେ ସ୍ୱାଗତ କରିଛନ୍ତି। ହେଲେ ଚିଟ୍‌ଫଣ୍ଡ ମାମଲା ଭଳି ସିବିଆଇ ଅନେକ ମାମଲାକୁ ଚାପିରଖି ବସିପଡିଛି। ତେଣୁ ସେଭଳି ନ କରି ଠିକ ତଦନ୍ତ କରି ଅପରାଧୀଙ୍କୁ ଗିରଫ କରିବା ଲାଗି ବୁଦ୍ଧିଜୀବୀମାନେ ମତ ଦେଉଛନ୍ତି।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ

**ମେଷ**
ଆଜିର ସପ୍ତମ ଚନ୍ଦ୍ର ଯାତ୍ରା, ବାଣିଜ୍ୟ, ବ୍ୟବସାୟରୁ ଅର୍ଥଲାଭ କରାଇବା ସାଙ୍ଗକୁ ପ୍ରିୟଜନଙ୍କ ଦେଖାସାକ୍ଷାତରୁ ଖୁସି ରହିବେ। ମତପାର୍ଥକ୍ୟ କାରଣରୁ ବନ୍ଧୁ କିମ୍ବା ପରିବାର ସହ ମନୋମାଳିନ୍ୟ ସୃଷ୍ଟିର ଆଶଙ୍କା ରହିଛି। ଆଧ୍ୟାତ୍ମିକ ଗ୍ରହ ଶନିଙ୍କ ଆଶୀର୍ବାଦରୁ ଧାର୍ମିକ ପରିବେଶରେ ଦେବଦର୍ଶନ ସାଙ୍ଗକୁ ବନ୍ଧୁମିଳନରୁ ଆନନ୍ଦ ଅନୁଭବ କରିପାରନ୍ତି।

**ବୃଷ**
କର୍ମାଧିପତିଙ୍କ ଚନ୍ଦ୍ରଙ୍କ ସହ ସମ୍ପର୍କ ଅଭାବରୁ ବହୁତ ସ୍ଥଗିତକାମ ରହିଥିଲେ ମଧ୍ୟ ଆଜି କିଛି କରି ନ ପାରନ୍ତି। ଆଜିର ଯାତ୍ରା ପ୍ରୀତିପ୍ରଦ ରହିବା ସାଙ୍ଗକୁ ଖର୍ଚ୍ଚ ପରିମାଣ ବୃଦ୍ଧି ମନସ୍ତାପର କାରଣ ହୋଇପାରେ। ଦୀର୍ଘଦିନରୁ ଭଲ ପାଉଥିବା ବନ୍ଧୁଟି ପରିସ୍ଥିତି ଚାପରେ ପଡ଼ି ଦୂରେଇ ଯିବା କାରଣରୁ ମନ କେବଳ ଅତୀତକୁ ଖୋଜି ବୁଲିବ।

**ମିଥୁନ**
ଧନାଧିପତି କୋଣଭାବସ୍ଥ ଯୋଗୁ ଆଜି ଯେଉଁ କାମରେ ହାତ ଦେବେ ସେଥିରେ ସଫଳତା ଅବଶ୍ୟମ୍ଭାବୀ। ସେବାମନୋବୃତ୍ତି କାରଣରୁ ସାଙ୍ଗ ସାଥୀ ମେଳରେ ବେଶି ସମୟ କାଟିପାରନ୍ତି। ଆଜିର ଫେରିବା ବାଟରୁ କିଛି ନୂଆ ଜିନିଷ ଘରକୁ ଆଣି ପାରନ୍ତି। ବନ୍ଧୁଗହଣରେ ବିଳାସ ପ୍ରାଚୁର୍ଯ୍ୟ ମଧ୍ୟରେ ସମୟ ଅତିବାହିତ କରିବେ।

**କର୍କଟ**
ଚତୁର୍ଥଚନ୍ଦ୍ର ଆପଣଙ୍କ ଲୋକପ୍ରିୟତାକୁ ବୃଦ୍ଧି କରିବା ସହ ସାମାଜିକ ସମ୍ମାନ ଆଣିବାରେ ସହାୟକ ହେବ। ସପ୍ତମଭାବ ଗ୍ରହଶୂନ୍ୟ କାରଣରୁ ଆପଣ ପ୍ରତ୍ୟେକ କାମରେ, ବିବାଦରେ, ପ୍ରତିଯୋଗିତାରେ ତଥା କଚେରି ମାମଲାରେ ସଫଳତା ପାଇବେ। ସଭାସମିତି, ପରିବହନ, ସାହିତ୍ୟ, ସଙ୍ଗୀତ, ଆଧ୍ୟାତ୍ମିକ କାର୍ଯ୍ୟ କ୍ଷେତ୍ରରୁ ସୁଫଳ ମିଳିବ।

**ସିଂହ**
ବ୍ୟୟଭାବର ଗ୍ରହମାନେ ଚତୁର୍ଥଭାଗ୍ୟାଧିପ ହେତୁ ଆନୁଷ୍ଠାନିକ କିମ୍ବା ଧାର୍ମିକ କାର୍ଯ୍ୟ ସକାଶେ ଖର୍ଚ୍ଚ କରିବାକୁ ମନସ୍ଥ କରିପାରନ୍ତି। ଆଜିର ଯାତ୍ରାରେ ଅଭିଳଷିତ ଫଳ ସାଙ୍ଗକୁ ବସ୍ତ୍ରଭୂଷଣ, ଯାନବାହନ, ବନ୍ଧୁମିଳନ ପ୍ରାପ୍ତି ଘଟିପାରେ। ପାରସ୍ପରିକ ଆଲୋଚନା ମାଧ୍ୟମରେ ପାରିବାରିକ ସମସ୍ୟାର ସମାଧାନ ଘଟିବ।

**କନ୍ୟା**
ଲାଭାଧିପ ଧନଭାବରେ ରହି ଆପଣଙ୍କୁ ଧନସମ୍ମାନ ସାଙ୍ଗକୁ ବନ୍ଧୁଗହଣରେ ମିଷ୍ଟାନ୍ନ ଲାଭର ଯୋଗ ପ୍ରାପ୍ତ ହେବ। ଶନିଙ୍କ କୁପ୍ରଭାବରୁ ସନ୍ଦେହ ଓ ଭୁଲ୍ ବୁଝାମଣା ହେତୁ ପରିବାରରେ କ୍ରମାଗତ ଭାବେ ସମସ୍ୟା ଲାଗିରହିପାରେ। ବ୍ୟବସାୟ, ପରିବହନ ଓ ବାଣିଜ୍ୟରେ ପ୍ରତିବନ୍ଧକ ସୃଷ୍ଟି ହେବାର ଆଶଙ୍କା ରହିଛି। ସ୍ନାୟବିକ ଦୁର୍ବଳତା ଦେଖାଦେଇପାରେ।

**ତୁଳା**
ସମସ୍ତଗ୍ରହଙ୍କ ଅନୁକୂଳ ସ୍ଥିତି ପ୍ରଭାବରେ ସାମଗ୍ରିକ କ୍ଷେତ୍ରରେ ଉନ୍ନତି କରିବେ। ଏକାଧାରରେ ଅର୍ଥ ସାଙ୍ଗକୁ ବିଶିଷ୍ଟବ୍ୟକ୍ତିଙ୍କ ଦ୍ୱାରା ସମ୍ମାନ, ଉପଢୌକନାଦି ପାଇପାରନ୍ତି। ତୃତୀୟସ୍ଥ ପାପଗ୍ରହରୁ ନିଜର ବନ୍ଧୁ ବାନ୍ଧବ କିମ୍ବା ଆତ୍ମୀୟମାନେ ବିରୋଧାତ୍ମକ କଥା କହିପାରନ୍ତି। ସ୍ୱାର୍ଥ ହାସଲ ନ ହୋଇ ପାରିବା କାରଣରୁ ସେମାନେ ସମାଲୋଚନା କରିପାରନ୍ତି।

**ବିଛା**
ବୃହସ୍ପତି ପ୍ରଭାବରେ ଭଲ ମନ ନେଇ କାମ କଲେ ମଧ୍ୟ ଅର୍ଥସଂକଟ, ବ୍ୟବହାରରେ ବ୍ୟତିକ୍ରମ ସମସ୍ୟା ସୃଷ୍ଟିର କାରଣ ହୋଇପାରେ। କେତେକ କ୍ଷେତ୍ରରେ ଧର୍ମ ସଙ୍କଟରେ ପଡ଼ି କ'ଣ କରିବେ କିମ୍ବା ନ କରିବେ ଏହି ଦ୍ୱନ୍ଦ୍ୱରେ ପଡିପାରନ୍ତି। ବିଶିଷ୍ଟବ୍ୟକ୍ତିଙ୍କ ସଙ୍ଗଲାଭରୁ ଉଚ୍ଚ ସମ୍ମାନ ଓ ବସ୍ତ୍ରଭୂଷଣ ପ୍ରାପ୍ତି ଯୋଗ ରହିଛି।

**ଧନୁ**
ଏକାଦଶସ୍ଥ ଚନ୍ଦ୍ର ପ୍ରଭାବରୁ କାର୍ଯ୍ୟସିଦ୍ଧି, ସଫଳ ଆଲୋଚନା ସାଙ୍ଗକୁ ବନ୍ଧୁଦର୍ଶନରେ ଖୁସି ରହିବେ। ପାଖ ପଡୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ହୋଟେଲ, ବ୍ୟବାସାୟ, ବାଣିଜ୍ୟ ପ୍ରଭୃତି ଆଶା କରୁଥିବା ଫଳ ଅବଶ୍ୟ ମିଳିବ। ଦୀର୍ଘଦିନର ପରିକଳ୍ପିତ ନୂତନ କାମଟିଏ କରି ଆତ୍ମତୃପ୍ତି ଲାଭ କରିବେ।

**ମକର**
ସପ୍ତମାଧିପତି କର୍ମଭାବସ୍ଥ ଯୋଗୁ ବହୁତ ଦିନରୁ ସ୍ଥଗିତ କାର୍ଯ୍ୟ ତ୍ୱରାନ୍ୱିତ ହେବ। ଈର୍ଷାପରାୟଣ ବ୍ୟକ୍ତିବିଶେଷ ଶତ୍ରୁତା କରି କାର୍ଯ୍ୟରେ ପ୍ରତିରୋଧ ଘଟାଇପାରନ୍ତି। ଶ୍ରବଣା ନକ୍ଷତ୍ର ସକାଶେ ଅର୍ଥ ସମ୍ପର୍କ, ବନ୍ଧୁଙ୍କୁ ଭଲ ପାଇବା, ଅତିଥି ଚର୍ଚ୍ଚା, ଯାତ୍ରା, ଆଇନ ଅଦାଲତ ପ୍ରଭୃତି କ୍ଷେତ୍ରରେ ସଫଳତା ନିଶ୍ଚିତ ମିଳିବ।

**କୁମ୍ଭ**
ଭାଗ୍ୟସ୍ଥାନରେ ଚନ୍ଦ୍ରଙ୍କ ପ୍ରଭାବରୁ ଉଦ୍ୟମ ସଫଳରେ କିଛିଟା ପ୍ରତିବନ୍ଧକ ଆସିବ। ସ୍ୱଗୃହାଭିମୁଖୀ ଆଧ୍ୟାତ୍ମିକ ଗ୍ରହ ଶନି ଆପଣଙ୍କୁ ସତ୍‌ସଙ୍ଗର ସାନ୍ନିଧ୍ୟ ଓ ଧାର୍ମିକ ଅନୁଷ୍ଠାନରେ ସକ୍ରିୟ ଭୂମିକାର ସୁଯୋଗ ଦେଇପାରେ। ଗୃହ ନିର୍ମାଣ, ଗାଡି କିଣାରେ ମନ ଦେଇ ପାରନ୍ତି। ପରିବହନ, ପ୍ରଶାସନ ସ୍ତରରେ କାର୍ଯ୍ୟ ସାଧନ ହେବାରେ ଜଣେ ବନ୍ଧୁ ସାହାଯ୍ୟ କରିବେ।

**ମୀନ**
ଅଷ୍ଟମ ଚନ୍ଦ୍ର ସାଙ୍ଗକୁ ଚତୁର୍ଥସ୍ଥ ପାପଗ୍ରହ ଜନିତ ପାରିବାରିକ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖାଦେଇପାରେ। କିନ୍ତୁ ବୁଧଙ୍କ ଶୁଭସଂସ୍ଥାନ ଜନିତ ଯାତ୍ରା, ଶିଳ୍ପ,ବାଣିଜ୍ୟ,ବ୍ୟବସାୟ, ପରିବହନ ପାଇଁ ଦିନଟି ବହୁତ ଶୁଭଙ୍କରୀ ହେବ। ହଠାତ୍ ହଜି ଯାଇଥିବା ବ୍ୟକ୍ତି, ଚୋରି ଯାଇଥିବା ଜିନିଷର ଖୋଜ ଖବର ପାଇପାରନ୍ତି।

ଆଜି ଆଷାଢ଼ ଶୁକ୍ଳ ନବମୀ ବୁଧବାର, ଆଡପ ମଣ୍ଡପେ ନବମୀର ସନ୍ଧ୍ୟା ଦର୍ଶନେ ଅନନ୍ତ ପୁଣ୍ୟଫଳ ପ୍ରାପ୍ତି, ଇନ୍ଦ୍ରଦ୍ୟୁମ୍ନ ମହୋତ୍ସବ, ଦୋଅଡା ଭୋଗ, ଜୁଲାଇ ୧୦ ତାରିଖ, ରାଶି ନକ୍ଷତ୍ର-ସ୍ୱାତୀ/ତୁଳା, କର୍କଟରାଶିର ଘାତବାର, ନବମୀର ଏକୋଦ୍ଦିଷ୍ଟ ଓ ପାର୍ବଣ ଶ୍ରାଦ୍ଧ, ଦିବା ଘ୬।୫୦ମି. ଗତେ ଘ୮।୨୯ମି. ମଧ୍ୟେ, ଘ୩।୦୫ମି. ଗତେ ଘ୪।୪୪ମି. ମଧ୍ୟେ ଅମୃତ ବେଳା। ସକାଳ ଘ୬।୫୦ମି. ମଧ୍ୟେ ଘ୧୦।୦୮ମି. ଗତେ, ଘ୧।୪୭ମି. ମଧ୍ୟେ ଘ୪।୪୪ମି. ଗତେ ଘ୬।୦୫ମି. ମଧ୍ୟେ ମାହେନ୍ଦ୍ର ବେଳା।


## classifieds Everyday 0674-2580101, 2549302




**BRIDE WANTED**

Brahmin boy 1991 B.Tech (NIT), MBA (IIM), PSU Engineer. 9853366347. D-58096

କଂସାରି ପୁଅ 28, ମାଟ୍ରିକ, କମ୍ପାନୀ ଚାକିରିଙ୍କ ପାଇଁ ସୁନ୍ଦର ଝିଅ ଆବଶ୍ୟକ। 7377316197. D-13303

Divorcee groom Manager 40, Business 36, Clerk 39 (caste-no-bar). 7873374269. D-67005

Brahmin Boy 1988/ 5'8" B.tech IIT, MBA-IIM, OAS. 9238578590. D-66160

**GROOM WANTED**

Suitable match invited for a Bengali (Kayastha) girl, 1995, 5'5", B.Tech working as Civil Engineer, Bhubaneswar. Early marriage, mother teacher, father businessman. Contact: 6371220090. D-66256

ତେଲିପାତ୍ରୀ ୨୬ବର୍ଷ (ଶିକ୍ଷୟିତ୍ରୀ) ଏବଂ ୨୩ବର୍ଷ (Hindi B.Ed) ପାଇଁ ବ୍ୟବସାୟ/ ଚାକିରି କରିଥିବା ତେଲିପାତ୍ର ଆବଶ୍ୟକ। 9938668739. D-59934

45 ବର୍ଷ/5'4"/ Central water housing commission ଅଛନ୍ତି/ 65,000/ divorcy ଝିଅପାଇଁ ଭଲଘରର ବରପାତ୍ର ଆବଶ୍ୟକ। 7377689793. D-63782

Milli Sahoo/35/B.Tech Computer science (Rayagada)/ CHASA/ Angul seeking candidates from same community. 8895080476, 9849257188. D-13309

ଗୁଡ଼ିଆ ଘର ଝିଅ ପାଇଁ ଚାକିରୀ କରିଥିବା ଉପଯୁକ୍ତ ବରପାତ୍ର ଆବଶ୍ୟକ, B.Sc (Physics) Honours throughout career 1st class, MBA from Vanivihar, BBSR. Employed in Central Govt. (contractual), Salary:25,000/-, colour: medium fair, height-5'4". Father-Retd. State Govt. employee. Please contact: 8763545535. D-13287

Now Matrimonial ads. only on Wednesday & Sunday
Book 1 Get 1 FREE




**SALE**

ଭୁବନେଶ୍ୱର ରେତଙ୍ଗ Railway station ପାଖରେ ଘରବାରି ପ୍ଲଟ 420/- ଏବଂ ଗଙ୍ଗପଡ଼ା ପୁରୁଣା ଟୋଲଗେଟ ପାଖରେ 500/-ରେ ସ୍ଥିତିବାନ ପ୍ଲଟ ମିଳୁଅଛି। 6370924129. D-66726

Rathayatra offer, ପୁରୀ ଲୋକନାଥମନ୍ଦିର, ବାଟମଙ୍ଗଳା frontରେ limited ସ୍ଥିତିବାନ ପ୍ଲଟ ବିକ୍ରିହେବ। 9777236619. D-66724

ଭୁବନେଶ୍ୱର Tamando Kendriya vihar କଲୋନୀଠାରେ Yellowzone 30' ରାସ୍ତାଥାଇ plot କିଣନ୍ତୁ। 9348767829. D-66708

**ଘରବାରି converted residential 1800sqft plot for sale @ 870 per sqft near Gudia Pokhari Hitech-Heaven apartment near Puri highway. Ph: 8917468717, 9337341703.** D-13345

ଭୁବନେଶ୍ୱର ଉତ୍ତରା/ Kru-pajal ପାଖରେ ଘରବାଡି ପାଚେରି ପ୍ଲଟ ପଟ୍ଟାରୁ ବିକ୍ରିହେବ। 9178660666. D-67304

Bhubaneswar-Pitapalli ଛକଠାରେ possession/ ପାଚେରି ଥାଇ sqft. 550/- Xavier University-250/-. 8280860015 / 7750068828. D-13342

**Plot sale at Bailo, Cuttack (Officers complex) @ 120/- per sqft with road 20k.m from Cuttack/ Bhubaneswar. 7809525452, 8249851363.** D-66918

ଭୁବନେଶ୍ୱର ଜଟଣୀଗେଟ୍‌ଠାରେ Sqft.150/-, ନଖରା ତ୍ରିନାଥ ବଜାର sc plot Sqft.320/- ଧାଙ୍କୁଲେଇପିଠାରେ 250/-, plot ବିକ୍ରିହେବ (outright) 8144706560, 9348817649. D-66710

Residential plot-Boundary covered residential plot adjoined to PMGSY road at Hanspal (Balianta) for immediate construction @ 750.00 per sqft. 7008978497. D-66914

Morning sun residency simplex near Hanspal 33,00,000/- (Handover 1month). 8908015464, 9853347909. D-66713

10,000sqft. IDCO land having factory and asbestos shed for immediate sale right on the Jagatpur Chowk, Cuttack. Contact: 9861307985. D-13268

**ଫୁଲନଖରା ଛକରୁ ନିଆଳି ରାସ୍ତାକଡ଼ରେ ଘରଉପଯୋଗୀ ଜମି Kurang Sasan sqft. 450/-, Hanspal NH-5 ରୁ 4k.m. ଦୂରରେ ଘରଉପଯୋଗୀ ଜମି Balianta ରେ sqft. 590/-, housing available at Chakeisiani/ Andharua. 9853289161, 8917267426.** D-66920

Flat for sale of 2BHK flat at NH road side Khordha 1km. from Khordha Hospital. 9439778849, 7381883881. D-64983

**GENERAL**

**SALE**

Restaurant furniture equipment new like condition for sale. Chandrasekharpur, Bhubaneswar. 9437008388. D-65664

ନିଜର ପ୍ରିୟଜନମାନଙ୍କୁ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ କେବଳ ଟ୨୧୦/-ରେ। ବିବାହ ଶୁଭେଚ୍ଛା ଟ୨୧୦/-। ବି.ଦ୍ର.: ଶୁଭେଚ୍ଛା ୬ସେମି. (H) X ୪ସେମି. (W) ହେବା ଆବଶ୍ୟକ।




3BHK OMM NILOY Apartment levelcrossing Shahid Nagar office/ family. 9337555288, 7032925529. D-13322

Single room attached toilet, no kitchen working executive, Rs. 6000/-, Omfed Chhak, Chandrasekharpur, 9337199407. D-65665

**Two storied building (2600sqft) At: Chandikhol, Mahabinayak road for bank, commercial office or residential purpose. Contact: 9938218526 (Sanjay).** D-13316

9000sqft building for rent at IRC, Bhubaneswar office/ guesthouse for reputed firms & company. Contact: 9337044222, 7894567221. D-63217




Fully refreshed/ relaxed body massage by expert therapist, Shastri Nagar. 7377984773. D-66600

Rejuvenate and ayurvedic full body massage by smart therapist: 9114402304. D-66599

Full body herbal massage with refreshment, expert therapist. 7381239385, 0674-2540855. D-67301

Experience full body massage with us (expert). Call: 7377048581, 0674-2597822. D-67302

Herbal full body massage by smart/expert therapist. Contact: 8338067247. D-67303

Summer special mesmerizing offer expert therapeutic refreshing massage appointment: 9668374480. D-66593

Ayurvedic full body massage ladies/gents smart experts therapist. 9114697517. D-66917

Monsoon dhamaka/ full body massage with hiprofile smart lady therapist. Hurry up ! 9708545108. D-13319

Kajal ayurvedic massage club fully relaxed by smart lady, home service available. 9937637219. D-66922

Ayurvedic full body massage ladies & gents smart therapist. 9040900385. D-66923




ଫିସ୍ ନୁହେଁ, ପୁରସ୍କାର ନେବି, ସମସ୍ୟା ନୁହେଁ ସମାଧାନ ଦେବି। Gold Medalist, ପ୍ରେମବିବାହ, ସଉତୁଣୀ-ଶତ୍ରୁମୁକ୍ତି, ସମାଧାନ ଗୋଟିଏ ଫୋନ୍‌ରେ। 09521603776 096106-09485. D-13321

**ପାଠକଙ୍କ ପାଇଁ ସୂଚନା:**
କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# ଜିଲ୍ଲା ଚିଠି
## ବରଗଡ଼



## ଅସୁରକ୍ଷିତ ନାବାଳିକା

ନିରୀହ ଶିଶୁ। ସାବାଳିକାଠାରୁ ବହୁ ଦୂରରେ ସେମାନଙ୍କ ବୟସ। ହେଲେ ପ୍ରେମ, ପ୍ରତାରଣା, ଯୌନ ବ୍ୟଭିଚାର ସାଙ୍ଗକୁ ପରିବାରର ପାରିପାର୍ଶ୍ୱିକ ପରିସ୍ଥିତି ଓ ସରକାରୀ ଉଦାସୀନତା ଯୋଗୁ ନାବାଳିକା ଆଜି ଅସୁରକ୍ଷିତ ଓ ନିର୍ଯାତିତ। ବରଗଡ଼ ଜିଲାରେ ଏବେ ଏହା ସାଧାରଣ କଥାରେ ପରିଣତ ହୋଇଗଲାଣି। ଯୌନ ନିର୍ଯାତନାଠାରୁ ଆରମ୍ଭ କରି ଆଶ୍ରମରେ ନାବାଳିକା ଗର୍ଭବତୀ ଏବଂ ଆଶ୍ରୟ ବଦଳରେ ବିକ୍ରି ହେବା ଭଳି ଘଟଣା ଏଠାରେ ଘଟୁଛି। ଗତ ୬ମାସ ମଧ୍ୟରେ ଜିଲାରେ ଏଭଳି ୧୪ରୁ ଅଧିକ ନାବାଳିକା ଯୌନ ନିର୍ଯାତନା ଘଟଣା ନଜରକୁ ଆସିଛି। ଏଥିରୁ ଜିଲାରେ ନାବାଳିକା କେତେ ସୁରକ୍ଷିତ, ତାହା ସହଜରେ ଅନୁମାନ କରାଯାଇପାରେ। ଶିଶୁ ସୁରକ୍ଷା ପାଇଁ ଜିଲା ଶିଶୁ ସୁରକ୍ଷା ୟୁନିଟ (ଡିସିପିୟୁ), ଶିଶୁ କଲ୍ୟାଣ ସମିତି (ସିଡବ୍ଲ୍ୟୁସି) ଚାଇଲ୍ଡ ଲାଇନ୍, ସ୍ପେଶାଲ ଜୁଭେନାଇଲ ପୋଲିସ ୟୁନିଟ୍ (ଏସ୍‌ଜେପିୟୁ) ବ୍ୟବସ୍ଥା ରହିଛି। ମାତ୍ର ବରଗଡ଼ ଜିଲାରେ ସିଡବ୍ଲ୍ୟୁସି ଏବଂ ଡିସିପିୟୁ ଛଡ଼ା ଅନ୍ୟ ଦୁଇଟି ବିଭାଗ କାର୍ଯ୍ୟକ୍ଷମ ହେଲା ଭଳି ପରିଲକ୍ଷିତ ହେଉନାହିଁ। ଏପର୍ଯ୍ୟନ୍ତ ଜିଲାରେ ଚାଇଲ୍ଡ ଲାଇନ୍ ଖୋଲି ନ ଥିବାବେଳେ ବିଭିନ୍ନ ଥାନାରେ ଏସ୍‌ଜେପିୟୁ ଥିବା ସତ୍ତ୍ୱେ ତାହା ନ ଥିଲା ଭଳି। ଅନ୍ୟପଟେ ନାବାଳିକାଙ୍କୁ ସୁରକ୍ଷା ଯୋଗାଇବା ତ ଦୂରର କଥା, ଖୋଦ୍ ପୋଲିସ ଜୁଭେନାଇଲ ଜଷ୍ଟିସ୍ (ଜେଜେ) ଆକ୍ଟକୁ ବେଖାତିର କରିଥିବା ସଦ୍ୟ ସଂଘଟିତ ଏକ ଘଟଣାରୁ ଲୋକଲୋଚନକୁ ଆସିଛି। ଉଦ୍ଧାର ପରେ ଭେଡ଼େନ ପୋଲିସ ଜଣେ ନାବାଳିକାଙ୍କୁ ଜେଜେ ଆକ୍ଟ ପାଳନ କରୁ ନ ଥିବା ଏକ ଆଶ୍ରମରେ ଛାଡ଼ିଦେବା ଏବଂ ନାବାଳିକା ମୁହଁ ଖୋଲିବା ଓ ସିଡବ୍ଲ୍ୟୁସିର ତନାଘନା ପରେ ନାବାଳିକା ସୁରକ୍ଷାରେ ପୋଲିସର ଅସଲ ରୂପ ପଦାରେ ପଡ଼ିଛି। ଏଥିରୁ ବିଗତଦିନରେ ହୋଇଥିବା ପୋଲିସର 'ପରୀ ଏକ୍ସପ୍ରେସ' ତଥା 'ପରୀ ପାଇଁ କଥାଟିଏ' କାର୍ଯ୍ୟକ୍ରମ ବ୍ୟର୍ଥ ସାବ୍ୟସ୍ତ ହୋଇଛି। ସେହିପରି ଅସହାୟ, ଅନାଥ ତଥା ନିର୍ଯାତିତା ନାବାଳିକାଙ୍କୁ ଆଶ୍ରୟ ଦେବା ପାଇଁ ଜିଲାରେ ପାଇକମାଳ କସ୍ତୁରବା ଗାନ୍ଧୀ ମାତୃ ନିକେତନ, ଗାଇସିଲେଟ୍ ବ୍ଲକ ଗୋପାଳପାଲି (ଜନକେଡ଼ା) ବାଲ୍ୟାଶ୍ରମ, ବରଗଡ଼ ବ୍ଲକ ଖଲିଆପାଲି (ବର୍ଡ୍ଡୋଲ)ରେ ବିମଳାଦେବୀ ବାଲ୍ୟାଶ୍ରମ ଏବଂ ଅମ୍ବାପାଲିରେ ଶିଶୁ ପରିଚର୍ଯ୍ୟା ଏଜେନ୍ସି ରହିଛି। ସେଠାରେ ଏପର୍ଯ୍ୟନ୍ତ ସମୁଦାୟ ୧୭୪ଜଣ ନାବାଳିକା, ନାବାଳକ ଅଛନ୍ତି। ଆଶ୍ରମର ନାବାଳିକାମାନେ ଯେ ସମ୍ପୂର୍ଣ୍ଣ ସୁରକ୍ଷିତ, ତାହା କହିହେବନାହିଁ। କିଛିଦିନ ତଳେ ଏଭଳି ଏକ ଆଶ୍ରମରେ ଜଣେ ନାବାଳିକା ୫ମାସର ଗର୍ଭବତୀ ହେବା ଘଟଣା ସାମ୍ନାକୁ ଆସିଥିଲା। ସେହିପରି ବରପାଲି ଥାନା ଅଞ୍ଚଳର ଜଣେ ୧୩ବର୍ଷୀୟା ନାବାଳିକା ଗର୍ଭବତୀ ହୋଇଥିଲେ। ମାତ୍ର ଗର୍ଭଧାରଣ ୫ମାସ ଅତିକ୍ରାନ୍ତ କରିଥିବାରୁ ହାଇକୋର୍ଟଙ୍କ ବିନାନୁମତିରେ ଡାକ୍ତରଖାନାରେ ଗର୍ଭପାତ ହୋଇ ପାରି ନ ଥିଲା। ସୌଭାଗ୍ୟକ୍ରମେ ଘରେ ଥିବାବେଳେ ସମ୍ପୃକ୍ତ ନାବାଳିକାଙ୍କ ଗର୍ଭପାତ ହୋଇଥିଲା। ସଚେତନତା ଅଭାବରୁ ଜିଲାରେ ନାବାଳିକାଙ୍କ ପ୍ରତି ଏଭଳି ନିର୍ଯାତନା ବଢ଼ିଚାଲିଛି।

– ପ୍ରେମାନନ୍ଦ ଖମାରୀ

# ଉପାନ୍ତ ଅଞ୍ଚଳର ଡାକ୍ତରଙ୍କୁ ସ୍ୱତନ୍ତ୍ର ସୁବିଧା ଦେବାକୁ ପରାମର୍ଶ

**ରାଜ୍ୟ ସରକାରଙ୍କୁ କେନ୍ଦ୍ରର ଚିଠି**

- ବଜାର ସ୍ଥିତି ଅନୁସାରେ ବେତନ, ପ୍ରୋତ୍ସାହନ ରାଶି ଦିଆଯାଉ
- ଡାକ୍ତରଖାନା ପରିସରରେ ରହିବା, ଖାଦ୍ୟପେୟ ବ୍ୟବସ୍ଥା ହେଉ
- ଛାତ୍ରୀଛାତ୍ରଙ୍କୁ ନର୍ସିଂ ପଢ଼ିବାକୁ ପ୍ରୋତ୍ସାହିତ କରାଯାଉ

ଭୁବନେଶ୍ୱର, ୯।୭(ବ୍ୟୁରୋ)

ଉପାନ୍ତ ଅଞ୍ଚଳରେ କାର୍ଯ୍ୟରତ ଡାକ୍ତରମାନଙ୍କୁ ସ୍ୱତନ୍ତ୍ର ସୁବିଧା ସୁଯୋଗ ଦେବା ପାଇଁ କେନ୍ଦ୍ର ସରକାର ରାଜ୍ୟ ସରକାରଙ୍କୁ କହିଛନ୍ତି। ଉପାନ୍ତ ଅଞ୍ଚଳକୁ ଯାଉଥିବା ଡାକ୍ତରମାନେ ଦୁଇତିନି ବର୍ଷ କାର୍ଯ୍ୟ କରିବା ପରେ ସେମାନଙ୍କୁ ତାଙ୍କ ମନ ପସନ୍ଦର ସ୍ଥାନକୁ ବଦଳି କରାଯାଉ। ଏଥିପାଇଁ ଉପାନ୍ତ ଅଞ୍ଚଳର ନିଯୁକ୍ତିପତ୍ର ସହିତ ପରବର୍ତ୍ତୀ ବଦଳି ଆଦେଶ ଏକ ସଙ୍ଗେ ପ୍ରଦାନ କରାଯିବା ଉଚିତ। ସେମାନଙ୍କୁ ବଜାର ସ୍ଥିତି ଅନୁଯାୟୀ ବେତନ ପ୍ରଦାନ କରାଯାଉ। ଆହୁରି ମଧ୍ୟ ସେହି ଡାକ୍ତରଙ୍କ ଲାଗି ଉପାନ୍ତ ଅଞ୍ଚଳ ଭତ୍ତା ବ୍ୟବସ୍ଥା କରାଗଲେ ସେମାନେ ସେଠାରେ ଭଲ ପ୍ରଦର୍ଶନ କରିବେ। ପ୍ରଦର୍ଶନ ଭିତ୍ତିକ ପ୍ରୋତ୍ସାହନ ରାଶି ବ୍ୟକ୍ତିଗତ ଭାବେ ପ୍ରଦାନ କରାଗଲେ ଡାକ୍ତରମାନେ ଉତ୍ତମ ସେବା ପ୍ରଦାନ ପାଇଁ ଉତ୍ସାହ ଦେଖାଇବେ। ଯେଉଁସବୁ ଅଞ୍ଚଳକୁ ଡାକ୍ତରମାନେ ଯିବା ପାଇଁ ରାଜି ହେଉନାହାନ୍ତି ସେଠାରେ ଡାକ୍ତରଖାନା ପରିସରରେ ବାସଗୃହ ଅଥବା ଖାଦ୍ୟପେୟ ସୁବିଧା ଥିବା ଟ୍ରାନ୍‌ଜିଟ ହାଉସ୍ ପ୍ରତିଷ୍ଠା ଲାଗି କୁହାଯାଇଛି। ରାଜ୍ୟରେ ଡାକ୍ତର ଓ ବିଶେଷଜ୍ଞ ଡାକ୍ତର ଅଭାବ ଜନିତ ସମସ୍ୟାର ସମାଧାନ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ସଚିବ ପ୍ରୀତି ସୁଦନ ରାଜ୍ୟ ସରକାରଙ୍କୁ ଲେଖିଥିବା ପତ୍ରରେ ଏଭଳି ପ୍ରସ୍ତାବ ଦିଆଯାଇଛି। ଯେଉଁ ଡାକ୍ତରମାନେ ଦକ୍ଷତା ବିକାଶ ଲାଗି ବିଭିନ୍ନ ସମ୍ମିଳନୀ ଓ କର୍ମଶାଳାରେ ଯୋଗ ଦେଉଛନ୍ତି ସେମାନଙ୍କୁ ସରକାର ଅଗ୍ରିମ ଅର୍ଥ ପ୍ରଦାନ ଲାଗି କେନ୍ଦ୍ର ସରକାର କହିଛନ୍ତି। ସେହିଭଳି ସ୍ନାତକୋତ୍ତର ଡିଗ୍ରୀଧାରୀ ଡାକ୍ତର ଓ ଡିପ୍ଲୋମାଧାରୀଙ୍କ ପାଇଁ ପିଜିଏମ୍‌ଓ କ୍ୟାଡର ପ୍ରତିଷ୍ଠା ସହିତ ସେମାନଙ୍କୁ ଏମ୍‌ବିବିଏସ୍ ଡାକ୍ତରଙ୍କ ଭଳି ଉଚ୍ଚ ହାରରେ ବେତନ ପ୍ରଦାନ କରିବା ପାଇଁ କୁହାଯାଇଛି।

ଡାକ୍ତର ନିଯୁକ୍ତି ବ୍ୟବସ୍ଥାରେ ସରଳୀକରଣ ଲାଗି କ୍ୟାମ୍ପସ ନିଯୁକ୍ତି, ସାକ୍ଷାତକାର ଓ ନୂଆ ଧରଣର ବିଜ୍ଞାପନ ସହିତ ଡାକ୍ତରମାନେ କେତେ ପାରିଶ୍ରମିକ ନେବେ ଓ ସରକାର କେତେ ଦେବେ ତାହା ଖୋଲା ଆଲୋଚନା କରିବା ପାଇଁ କେନ୍ଦ୍ର ସରକାର କହିଛନ୍ତି। ଡାକ୍ତର ନିଯୁକ୍ତି ପ୍ରକ୍ରିୟାରେ ବାହାର ସଂସ୍ଥାର ସହାୟତା ପାଇଁ ମଧ୍ୟ କୁହାଯାଇଛି। ଏହାଦ୍ୱାରା ନିଯୁକ୍ତି ପ୍ରକ୍ରିୟା ସରଳ ଓ ତ୍ୱରାନ୍ୱିତ ହୋଇପାରିବ। ଏହାବ୍ୟତୀତ ଉପାନ୍ତ ଅଞ୍ଚଳର ଛାତ୍ରୀଛାତ୍ରମାନଙ୍କୁ ନିଜ ଅଞ୍ଚଳରେ କାର୍ଯ୍ୟ କରିବାର ସର୍ତ୍ତରେ ନର୍ସିଂ ପାଠ ପଢ଼ିବାଲାଗି ପ୍ରୋତ୍ସାହନ ରାଶି ଯୋଗାଇ ଦେବାକୁ ଉକ୍ତ ପତ୍ରରେ ଦର୍ଶାଯାଇଛି। ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ମାନବ ସମ୍ବଳ ବିକାଶ ଲାଗି ଓଡ଼ିଶା ସମେତ ପ୍ରତ୍ୟେକ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳ ପାଇଁ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟ ପକ୍ଷରୁ ଏହି ପତ୍ର ଜାରି ହୋଇଛି। ଜାତୀୟ ସ୍ୱାସ୍ଥ୍ୟ ମିଶନ ସହାୟତାରେ ସ୍ୱାସ୍ଥ୍ୟସେବା କ୍ଷେତ୍ରରେ ଦକ୍ଷ ଓ ପ୍ରତିଶ୍ରୁତିବଦ୍ଧ ମାନବ ସମ୍ବଳ ସୃଷ୍ଟି ଲାଗି ଗୁରୁତ୍ୱଦେବାକୁ ରାଜ୍ୟ ସରକାରଙ୍କୁ କୁହାଯାଇଛି।

MARRIAGE ANNIVERSARY



Gandharba Ch. Sahu
&
Premalata Sahoo
Happy 50th Anniversary.
Your love for each other is an inspiration and a great example of commitment for everyone around you.
From: Prem Bhawan Family
D-13344

# ଫନୀରେ ପୋଲିସ ଭୂମିକା ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚିତ



ସଚିବାଳୟରେ ପ୍ରାମାଣିକ ଚଳଚ୍ଚିତ୍ର ଉନ୍ମୋଚନ ଉତ୍ସବରେ ମୁଖ୍ୟମନ୍ତ୍ରୀ ଓ ଅନ୍ୟମାନେ।

ଭୁବନେଶ୍ୱର, ୯।୭(ବ୍ୟୁରୋ)

ସାମୁଦ୍ରିକ ଝଡ଼ ଫନୀ ସମୟରେ ଓଡ଼ିଶା ପୋଲିସର ଭୂମିକା ସମ୍ପର୍କିତ ପ୍ରାମାଣିକ ଚଳଚ୍ଚିତ୍ର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସଚିବାଳୟରେ ମଙ୍ଗଳବାର ଉନ୍ମୋଚିତ ହୋଇଯାଇଛି। ଏହି ପ୍ରାମାଣିକ ଚଳଚ୍ଚିତ୍ରର ନାଁ 'ଭୟଙ୍କର ବାତ୍ୟା ଫୋନି ୨୦୧୯–ମୁକାବିଲାରେ ଓଡ଼ିଶା ପୋଲିସର ଭୂମିକା' ରଖାଯାଇଛି। ଏହି ପ୍ରାମାଣିକ ଚଳଚ୍ଚିତ୍ରରେ ରାଜ୍ୟ ପୋଲିସର ସହାୟତା କାର୍ଯ୍ୟ ସମ୍ପର୍କରେ ଉପସ୍ଥାପନା କରାଯାଇଛି।

ବାତ୍ୟା ସମୟରେ ଲୋକଙ୍କୁ ନିରାପଦ ସ୍ଥାନକୁ ନେବା, ଆଇନ ଶୃଙ୍ଖଳା ରକ୍ଷା, ରିଲିଫ ସାମଗ୍ରୀ ପରିବହନ ଓ ବଣ୍ଟନ, ରନ୍ଧାଖାଦ୍ୟ ଯୋଗାଣ ଏବଂ ଆହତ ଲୋକଙ୍କୁ ଚିକିତ୍ସା ସୁବିଧା କରାଇବାରେ ପୋଲିସର ଭୂମିକାକୁ ପ୍ରଦର୍ଶନ କରାଯାଇଛି। ମୁଖ୍ୟମନ୍ତ୍ରୀ ପୋଲିସର ଏହି ସହାୟତା କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ଆଗାମୀ ଦିନରେ ଏହି ପ୍ରାମାଣିକ ଚଳଚ୍ଚିତ୍ରଟି ପୋଲିସକୁ ମାର୍ଗଦର୍ଶନ କରାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ ବୋଲି ମୁଖ୍ୟମନ୍ତ୍ରୀ ଆଶା ପ୍ରକଟ କରିଛନ୍ତି।

କାର୍ଯ୍ୟକ୍ରମରେ ପୋଲିସ ମହାନିର୍ଦ୍ଦେଶକ ଆର.ପି ଶର୍ମା ସ୍ୱାଗତ ଭାଷଣ ଦେବା ସହ ପୋଲିସର କାର୍ଯ୍ୟ ସମ୍ପର୍କରେ ସମ୍ୟକ ବକ୍ତବ୍ୟ ପ୍ରଦାନ କରିଥିଲେ। ଟୁଇନ୍ ସିଟିର ପୋଲିସ କମିଶନର ସତ୍ୟଜିତ ମହାନ୍ତି ଧନ୍ୟବାଦ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ଆଦିତ୍ୟ ପ୍ରସାଦ ପାଢ଼ୀ, ଉନ୍ନୟନ କମିଶନର ଅସିତ୍ କୁମାର ତ୍ରିପାଠୀ, ସ୍ୱତନ୍ତ୍ର ରିଲିଫ କମିଶନର ବିଷ୍ଣୁପଦ ସେଠୀ ଏବଂ ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ରହିଥିଲେ।

## ଛତୁ ଖାଇ ୬ ଅସୁସ୍ଥ

**ସୁନ୍ଦରଗଡ଼, ୯।୭ (ଡି.ଏନ.ଏ.):** ସୁନ୍ଦରଗଡ଼ ଜିଲା ଲେଫ୍ରିପଡ଼ା ବ୍ଲକର ହୁରମୈଇ ପଞ୍ଚାୟତ ଦାଣ୍ଡପାଣି ଗ୍ରାମରେ ମଙ୍ଗଳବାର ବିଷାକ୍ତ ଛତୁ ଖାଇ ୬ଜଣ ଅସୁସ୍ଥ ହୋଇଛନ୍ତି। ସେମାନଙ୍କୁ କିଞ୍ଜିରିକେଲା ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି। ସେମାନଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି।

ସେହି ଜିନିଷ ସେହି କାମ, ଏବେ କିନ୍ତୁ ନୂଆ ନାମ
ଯାଦୁ, ପାଣିକଛା ଓ ଗୋଡ଼ଫଟା ପାଇଁ ବିଶେଷ ଫଳପ୍ରଦ
ହାଇପାୱାର
ସ୍କେବିରାଜ୍™
ମଲମ ଓ ଲୋଶନ
(ପ୍ରତ୍ୟେକ ଔଷଧ ଦୋକାନରେ ମିଳେ)




ନକଲି ପ୍ରତି ସାବଧାନ!
DIBYA SAI PHARMACY, CUTTACK-11, PH.-6372898038

## ବସ୍-ବାଇକ୍ ମୁହାଁମୁହିଁ ଧକ୍କା
# କଲେଜ ଛାତ୍ରୀଙ୍କ ସମେତ ଦୁଇ ମୃତ

ଦେବଗଡ଼, ୯।୭ (ଡି.ଏନ.ଏ.)

ଦେବଗଡ଼ ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥର ହଦମୁଣ୍ଡା ଘାଟିରେ ମଙ୍ଗଳବାର ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ସକାଳ ୭ଟାରେ ଦେବଗଡ଼ ଠାରୁ ଅନୁଗୋଳ ଅଭିମୁଖେ ଯାଉଥିବା ବସ୍ ସହିତ ଘାଟିଠାରେ ଏକ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ଫଳରେ ଦେବଗଡ଼ କଲେଜର ଯୁକ୍ତ ୨ଛାତ୍ରୀ ସୀମାରେଖା ବିଶ୍ୱାଳ (୧୭) ଓ ଅନ୍ୟ ଜଣେ ଯୁବକ ସନ୍ତୋଷ ପ୍ରଧାନ (୨୦)ଙ୍କର ମୃତ୍ୟୁ ଘଟିଛି। ସନ୍ତୋଷ ଓ ସୀମାରେଖାଙ୍କ ଘର ରିଆମାଳ ବ୍ଲକ ତାବଡ଼ା ପଞ୍ଚାୟତ ବାଘିଅବନ୍ଧ ଗ୍ରାମରେ।




ଖବର ମୁତାବକ ସନ୍ତୋଷ ଓ ସୀମାରେଖା ଏକ ବାଇକ୍ ଯୋଗେ ଦେବଗଡ଼ ଆସୁଥିଲେ। ହଦମୁଣ୍ଡା ଘାଟିରେ ବସ ସହିତ ବାଇକ୍‌ର ମୁହାଁମୁହିଁ ଧକ୍କା ହୋଇଥିଲା। ବାଇକ୍‌କୁ କିଛି ଦୂର ବସ୍ ଘୋଷାଡ଼ି ନେଇଥିଲା। ଉଭୟେ ରାସ୍ତା ଉପରେ ଛିଟିକି ପଡ଼ିବାରୁ ଘଟଣାସ୍ଥଳରେ ସନ୍ତୋଷଙ୍କ ମୃତ୍ୟୁ ଘଟିଥିଲା। ସୀମାରେଖାଙ୍କୁ ଗୁରୁତର ଅବସ୍ଥାରେ ଜିଲା ମୁଖ୍ୟ ଡ଼ାକ୍ତରଖାନାକୁ ନିଆଯାଇଥିଲେ ହେଁ ଡ଼ାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏହି ଦୁର୍ଘଟଣା ପରେ ସେଠାରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ପୋଲିସ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିବା ସହ ବସ୍ ଓ ବାଇକ୍‌କୁ ଜବତ କରିଛି। ବସ୍ ଚାଳକ, ହେଲପର, କଣ୍ଡକ୍ଟର ଫେରାର୍ ହୋଇଯାଇଛନ୍ତି। ଛାତ୍ରୀଙ୍କ ମୃତ୍ୟୁରେ ଦେବଗଡ଼ କଲେଜରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା। ମଙ୍ଗଳବାର କଲେଜକୁ ବନ୍ଦ ଘୋଷଣା କରାଯାଇଥିଲା।

## ୧୯ ବର୍ଷ ପରେ ହତ୍ୟା ମାମଲାର ରାୟ
# ୩ ଦୋଷୀଙ୍କୁ ଆଜୀବନ ଜେଲ

**ମୁଖ୍ୟ ଅଭିଯୁକ୍ତ ଏବେ ବି ଫେରାର**

ବ୍ରହ୍ମପୁର ଅଫିସ,୯।୭

ଏକ ହତ୍ୟା ମାମଲାର ରାୟ ୧୯ ବର୍ଷ ପରେ ମଙ୍ଗଳବାର ପ୍ରକାଶ ପାଇଛି। ଅତିରିକ୍ତ ଜିଲା ଦୌରା ଜଜ (ଏଡିଜେ)–୨ ଦୀପକ କୁମାର କୋଦଳା ଥାନା ମାଳତୀବାଡ଼ି ଗ୍ରାମର ଦିଲୀ ନାହାକ ହତ୍ୟା ମାମଲାର ଶୁଣାଣି କରି ୩ ଅଭିଯୁକ୍ତଙ୍କୁ ଦୋଷୀ ସାବ୍ୟସ୍ତ କରିବା ସହିତ ଆଜୀବନ ଜେଲ ଦଣ୍ଡ ପାଇଁ ରାୟ ଶୁଣାଇଛନ୍ତି। ଦୋଷୀମାନେ ହେଲେ ଉକ୍ତ ଗ୍ରାମର ସଙ୍କୁଳିଆ ନାହାକ, ଗୁରୁ ନାହାକ ଓ ପ୍ରସନ୍ନ ନାହାକ। ଏହି ହତ୍ୟା ଘଟଣାର ମୁଖ୍ୟ ଅଭିଯୁକ୍ତ କୋକ ନାହାକ ଏବେବି ଫେରାର ଥିବା କୋର୍ଟ ସୂତ୍ରରୁ ପ୍ରକାଶ। ମାମଲାର ବିବରଣୀ ଅନୁଯାୟୀ, ୨୦୦୦ମସିହା ଜୁନ ୧୩ ତାରିଖରେ ଉକ୍ତ ଗ୍ରାମର ୪ ଜଣ ଲୋକ ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଦିଲୀ ନାହାକଙ୍କୁ ଠେଙ୍ଗା ଓ କାତିରେ ସଂଘବଦ୍ଧ ଭାବେ ଆକ୍ରମଣ କରିଥିଲେ। ତାଙ୍କ ସ୍ତ୍ରୀ ଶଶୀ ଏହାର ପ୍ରତିବାଦ କରିବାରୁ ଅଭିଯୁକ୍ତମାନେ ତାଙ୍କୁ ମଧ୍ୟ ଆକ୍ରମଣ କରିବାକୁ ପଛାଇ ନ ଥିଲେ। ଘଟଣାସ୍ଥଳରେ ଦିଲୀଙ୍କର ମୃତ୍ୟୁ ଘଟିଥିଲା। ପୋଲିସ ଏକ ମାମଲା (ନଂ ୧୦୬/୨୦୦୦)ରୁଜୁକରି ଉପରୋକ୍ତ ୩ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରିଥିଲା। ପୋଲସରା ଫାଣ୍ଡିର ତତ୍କାଳୀନ ଏସ୍‌ଆଇ ଉତ୍ତମ କୁମାର ମହାନ୍ତି କୋର୍ଟରେ ଚାର୍ଜଶିଟ ଦାଖଲ କରିଥିଲେ। ପରେ ଅଭିଯୁକ୍ତମାନେ ହାଇକୋର୍ଟରୁ ଜାମିନ ପାଇଥିଲେ। ମଙ୍ଗଳବାର ଏହି ମାମଲାର ଶୁଣାଣି ବେଳେ ଏଡିଜେ ୨ ଦୀପକ କୁମାର ୯ ଜଣ ସାକ୍ଷୀଙ୍କ ବୟାନକୁ ଆଧାର କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ଏହାସହିତ ଦୋଷୀମାନେ ୧୫ ହଜାର ଟଙ୍କା ଲେଖାଏ ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟେ ଅଧିକ ୧ ବର୍ଷ ଜେଲ ଦଣ୍ଡରେ ଦଣ୍ଡିତ ପାଇଁ କୋର୍ଟ ନିର୍ଦ୍ଦେଶ ଦେଇଛନ୍ତି ବୋଲି ଅତିରିକ୍ତ ପିପି (ଏପିପି) କୁରେଶ ଚନ୍ଦ୍ର ଗୌଡ଼ ସୂଚନା ଦେଇଛନ୍ତି।



ବିଦ୍ୟୁତ୍ ଗ୍ରାହକମାନଙ୍କ ଅଭିଯୋଗ ସମାଧାନ ନିମନ୍ତେ

- ସେସୁର ସମସ୍ତ ବିଦ୍ୟୁତ୍ ମଣ୍ଡଳ, ବିଦ୍ୟୁତ୍ ଡିଭିଜନ, ସବ୍-ଡିଭିଜନ ଏବଂ ସେକସନ ଅଧିକାରୀମାନେ **ପ୍ରତି ସୋମବାର ଅପରାହ୍ନ ୩ ରୁ ୫ ଘଟିକା ପର୍ଯ୍ୟନ୍ତ** ବିଦ୍ୟୁତ୍ ଗ୍ରାହକଙ୍କ ଅଭିଯୋଗ ଶୁଣାଣି କରି ନିର୍ଦ୍ଧାରିତ ସମୟରେ ସମାଧାନ କରିବେ।
- ବିଦ୍ୟୁତ୍ ଗ୍ରାହକମାନଙ୍କ ସହ ଭାବର ଆଦାନ ପ୍ରଦାନ ନିମନ୍ତେ ଉପରୋକ୍ତ ଅଧିକାରୀମାନେ ମାସକୁ ଅନ୍ତତଃ ଥରେ ସେମାନଙ୍କ କାର୍ଯ୍ୟାଳୟରେ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଡାକି ଗୋଟିଏ ବୈଠକ କରି ଆଲୋଚନା କରିବେ ଓ ସେମାନଙ୍କର ମତାମତ ଗ୍ରହଣ କରି ରେକର୍ଡ ଭୁକ୍ତ କରିବେ। ସମସ୍ତ ବିଦ୍ୟୁତ୍ ମଣ୍ଡଳ ଅଧିକାରୀମାନେ ଏହାର କାର୍ଯ୍ୟକାରିତା ବିଷୟରେ ସେସୁ ମୁଖ୍ୟ ନିର୍ବାହୀ ଅଧିକାରୀଙ୍କୁ ମାସିକ ରିପୋର୍ଟ ଦେବେ।

**ଏହାର ସୁଯୋଗ ନେବା ପାଇଁ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ।**

ଆପଣଙ୍କ ସେବାରେ ସେସୁ

ସେଣ୍ଟ୍ରାଲ୍ ଇଲେକ୍ଟ୍ରିସିଟି ସପ୍ଲାଇ ୟୁଟିଲିଟି ଅଫ୍ ଓଡ଼ିଶା
୨ୟ ମହଲା, ଇଡ୍‌କୋ ଟାୱାର୍, ଜନପଥ, ଭୁବନେଶ୍ୱର – ୭୫୧ ୦୨୨

## ପୁରୀ: ଆଦିବାସୀ ନାବାଳିକାଙ୍କୁ ବଳାତ୍କାର ଘଟଣା
# ରାଜ୍ୟ ସରକାରଙ୍କୁ ବିରୋଧୀଙ୍କ କଡ଼ା ସମାଲୋଚନା

ଭୁବନେଶ୍ୱର,୯।୭(ବ୍ୟୁରୋ)

ପୁରୀରେ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଚାଲିଥିବା ସମୟରେ ବସ୍‌ଷ୍ଟାଣ୍ଡ ଭଳି ଜନଗହଳି ସ୍ଥାନରେ ଜଣେ ଆଦିବାସୀ ନାବାଳିକାଙ୍କୁ ବଳାତ୍କାର କରାଯାଇଛି । ଏହା ପୁରୀ ତଥା ସମଗ୍ର ରାଜ୍ୟକୁ ବିଶ୍ୱ ଦରବାରରେ ନିନ୍ଦିତ କରିଛି। ଏହି ଘଟଣାରେ ବିରୋଧୀ ଦଳଗୁଡିକ ରାଜ୍ୟ ସରକାରଙ୍କୁ ମଙ୍ଗଳବାର କଡା ସମାଲୋଚନା କରିଛନ୍ତି।

ଦଳୀୟ କାର୍ଯ୍ୟାଳୟରେ ଖବରଦାତା ସମ୍ମିଳନୀ କରି ଭାଜପା ନେତ୍ରୀ ଲେଖାଶ୍ରୀ ସାମନ୍ତସିଂହାର କହିଛନ୍ତି ଯେ, ପୁରୀ ରଥଯାତ୍ରାକୁ ସୁପରିଚାଳିତ କରିବା ଏବଂ ଜନସାଧାରଣଙ୍କୁ ସୁରକ୍ଷା ଯୋଗାଇବା ପାଇଁ ସରକାର ୧୫୫ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରିଛନ୍ତି। ଏହା ସତ୍ତ୍ୱେ ବି ଗୁଣ୍ଡିଚା ମନ୍ଦିର ପାଖରେ ଥିବା ପୁରୀ ବସ୍‌ଷ୍ଟାଣ୍ଡ ଭଳି ଏକ ଜନଗହଳି ପୂର୍ଣ୍ଣ ସ୍ଥାନରେ ଏଭଳି ଏକ ଅଭାବନୀୟ ଘଟଣା ଘଟିବା ଅତନ୍ତ୍ୟ ନିନ୍ଦନୀୟ । ପୁରୀ ସହର ସାରା ପୋଲିସ ଛାଉଣୀ ହୋଇଥିବାବେଳେ ବସ୍‌ଷ୍ଟାଣ୍ଡରେ ଏଭଳି ଘଟଣା ଘଟିବା ସ୍ଥାନୀୟ ପୋଲିସ ସମେତ ରାଜ୍ୟ ପୋଲିସ ପ୍ରଶାସନର କାର୍ଯ୍ୟଦକ୍ଷତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମହିଳାଙ୍କ ସୁରକ୍ଷା ଦିଗରେ ରାଜ୍ୟ ସରକାରଙ୍କ କୌଣସି ପ୍ରତିବଦ୍ଧତା ନାହିଁ । ତେଣୁ ମହିଳାଙ୍କୁ ସୁରକ୍ଷା ଏବଂ ସଂରକ୍ଷଣ ଦେବା ନାଁରେ ନବୀନବାବୁ ଲୋକଦେଖାଣିଆ ନାଟକ କରୁଥିବା ଲେଖାଶ୍ରୀ କହିଛନ୍ତି। ସେହିପରି ବଳାତ୍କାର ଘଟଣା ପରେ ପୋଲିସ ପୀଡିତାଙ୍କୁ ରାସ୍ତାରେ ଚଲାଇ ନେବା ଅତନ୍ତ୍ୟ ଲଜ୍ଜାଜନକ ଘଟଣା ବୋଲି କୁହାଯାଇଛି। ସ୍ଥାନୀୟ ଲୋକେ ପୀଡିତାଙ୍କ ଫଟୋ ଏବଂ ଭିଡିଓ ଉଠାଇ ସଂପୃକ୍ତା ନାବାଳିକାଙ୍କ ବ୍ୟକ୍ତିଗତ ଅଧିକାରକୁ କ୍ଷୁଣ୍ଣ କରିଛନ୍ତି। ପୂର୍ବରୁ ବଳାତ୍କାରର ଶିକାର ହୋଇଥିବା ଇତିଶ୍ରୀ, ବେବିନା, ମାଧବୀଲତା, ସସ୍ମିତା ଆଦି ଅନେକ ପୀଡିତା ଏଯାବତ ନ୍ୟାୟ ପାଇନାହାନ୍ତି। ଏହା ପୋଲିସ ପ୍ରଶାସନ ଓ ରାଜ୍ୟ ସରକାରଙ୍କ ତଥାକଥିତ ପାରିବାପଣିଆର ନଗ୍ନ ଉଦାହରଣ ବୋଲି ଲେଖାଶ୍ରୀ କହିଛନ୍ତି। ପୁରୀ ବିଧାୟକ ଜୟନ୍ତ ଷଡଙ୍ଗୀ ମଧ୍ୟ ଏହି ଘଟଣାକୁ ତୀବ୍ର ନିନ୍ଦା କରିଛନ୍ତି।

ସେହିପରି କଂଗ୍ରେସ ବିଧାୟକ ସୁରେଶ ରାଉତରାୟ କହିଛନ୍ତି ଯେ, ନବୀନ ପଟ୍ଟନାୟକଙ୍କ ନେତୃତ୍ୱାଧୀନ ବିଜେଡି ସରକାର ସମୟରେ ବଳାତ୍କାର ବୃଦ୍ଧି ପାଇଛି। ୨୦୧୮ରେ କେବଳ ୨୨୦୦ରୁ ଅଧିକ ବଳାତ୍କାର ଘଟଣା ଘଟିଛି, ସେଥିରୁ ୪୦ ପ୍ରତିଶତ ନାବାଳିକା। ୨୦୧୯ରେ ଏହି ସଂଖ୍ୟା ୨୫୧୩କୁ ବୃଦ୍ଧି ପାଇଛି, ଏଥିରେ ୩୫ ପ୍ରତିଶତ ନାବାଳିକା ଅଛନ୍ତି। ସାରା ରାଜ୍ୟର ପ୍ରଶାସନ ଯେଉଁଠି ରହିଛି, ସେହି ସ୍ଥାନରେ ଆଦିବାସୀ ନାବାଳିକାଟିର ବଳାତ୍କାର ଦୁର୍ଭାଗ୍ୟଜନକ। ଏହାର ତୁରନ୍ତ ନ୍ୟାୟିକ ତଦନ୍ତ କରିବା ସହ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ନିଆଯାଉ। ଯଦ୍ଦ୍ୱାରା ଭବିଷ୍ୟତରେ ଏପରି ଦୁଃସାହସ କରିବା ପାଇଁ କେହି ଆଗଭର ହେବେ ନାହିଁ ବୋଲି ସୁରେଶ କହିଛନ୍ତି। ବିରୋଧୀଙ୍କ ସମାଲୋଚନା ଏବଂ ଗଣମାଧ୍ୟମରେ ଘଟଣା ନେଇ ଆଲୋଡନ ପରେ ପରିବହନ ମନ୍ତ୍ରୀ ପଦ୍ମନାଭ ବେହେରା ତତ୍ପରତା ପ୍ରକାଶ କରିଛନ୍ତି। ପଦ୍ମନାଭ କହିଛନ୍ତି ଯେ, ଘଟଣାର ତଦନ୍ତ ଆରମ୍ଭ ହୋଇସାରିଛି। ପରିବହନ ବିଭାଗ ପକ୍ଷରୁ ତଦନ୍ତରେ ପୋଲିସକୁ ସମସ୍ତ ପ୍ରକାର ସହଯୋଗ କରାଯିବ ବୋଲି ପଦ୍ମନାଭ କହିଛନ୍ତି।

ମନେ ପଡ଼ନ୍ତି

ଏକାଦଶାହ ଉପଲକ୍ଷେ
ଅଶ୍ରୁଳ ଶ୍ରଦ୍ଧାଞ୍ଜଳି



ସ୍ୱର୍ଗତ ସୋମନାଥ ସାହୁ
ଗୁଡ଼ିଆପୋଖରୀ
ଆବିର୍ଭାବ: ୨୭.୦୩.୧୯୪୪
ତିରୋଧାନ: ୩୦।୦୬।୨୦୧୯
ଆପଣଙ୍କର ଅଭୁଲାସ୍ମୃତି, ସ୍ନେହ, ଶ୍ରଦ୍ଧା, ଆଶୀର୍ବାଦ ଆମ୍ଭମାନଙ୍କ ପାଇଁ ଅତୁଟ ରହିଥାଉ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ଜଗତର ନାଥ ମହାପ୍ରଭୁ ଶ୍ରୀ ଶ୍ରୀଜଗନ୍ନାଥଙ୍କ ନିକଟରେ ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ:
ଝିଅ– ଶାନ୍ତି, ନାତି– ସୁମନା।
ଧ–୫୮୦୯୮

ପ୍ରଥମ ଶ୍ରାଦ୍ଧବାର୍ଷିକୀ



ସ୍ୱର୍ଗତା ନିଶାମଣି ମହାପାତ୍ର
ଚାଷୀଖଣ୍ଡ, ଜଗତ୍‌ସିଂହପୁର
ବୋଉ, ଆଜି ଶ୍ରୀଜଗନ୍ନାଥଙ୍କର ପବିତ୍ର ସନ୍ଧ୍ୟାଦର୍ଶନରେ ତୋ ପ୍ରଥମ ଶ୍ରାଦ୍ଧବାର୍ଷିକୀ। ତୋର ସ୍ମୃତି ଓ ଆଦର୍ଶକୁ ପାଥେୟକରି ଆମେ ଆଗେଇ ଚାଲିଛୁ। ତୋର ଅମର ଆତ୍ମାର ସଦ୍‌ଗତି ପାଇଁ ବଡ଼ଠାକୁରଙ୍କ ପାଦତଳେ ଆମ ସମସ୍ତଙ୍କର ପ୍ରାର୍ଥନା।
ଶ୍ରଦ୍ଧାଞ୍ଜଳି ସହ:
ଶୋକସନ୍ତପ୍ତ ପରିବାରବର୍ଗ।
ଧ–୧୩୩୧୭

ଯଦି ଭଗବାନଙ୍କର ଗୋଟିଏ ହାତ ମୋତେ ଉର୍ଦ୍ଧ୍ୱସ୍ଥ ସ୍ୱର୍ଗ ଆଡକୁ ଟାଣୁଥାଏ ଏବଂ ଅନ୍ୟ ହାତଟି ମୋତେ ନିମ୍ନସ୍ଥ ନରକ ଭିତରେ ଦାବି ରଖୁଥାଏ– ତେବେ ମୁଁ ନିଶ୍ଚୟ ଉର୍ଦ୍ଧ୍ୱଗାମୀ ହେବା ଲାଗି ପ୍ରୟାସ କରି ଚାଲିବି। –ଶ୍ରୀଅରବିନ୍ଦ



# ସଡ଼କ ଯମ

ଓଡ଼ିଶାରେ ପ୍ରାକୃତିକ ବିପର୍ଯ୍ୟୟଠାରୁ ସଡ଼କ ଦୁର୍ଘଟଣାଜନିତ ଲୋକଙ୍କ ମୃତ୍ୟୁସଂଖ୍ୟା ବଢ଼ି ଚାଲିଥିବା ରାଜ୍ୟ ବାଣିଜ୍ୟ ଓ ପରିବହନ ବିଭାଗରୁ ମିଳିଥିବା ତଥ୍ୟରୁ ଜଣାପଡ଼ିଛି। ଗତ ୩ ବର୍ଷରେ ରାଜ୍ୟରେ ହୋଇଥିବା ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟରେ ୬,୨୨୮ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଗତ ୨ ବର୍ଷ ମଧ୍ୟରେ ରାସ୍ତା ଦୁର୍ଘଟଣାରେ ୧୯ ହଜାର ଲୋକଙ୍କ ଜୀବନ ଯାଇଛି ଏବଂ ୯ ଲକ୍ଷ ୩୮ ହଜାର ଆହତ ହୋଇଛନ୍ତି। ଜାତୀୟ ସ୍ତରରେ ଦେଖିଲେ ପ୍ରତିବର୍ଷ ଭାରତରେ ୧,୫୦,୦୦୦ ଲୋକ ସଡ଼କ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ପରିସଂଖ୍ୟାନ କହେ ଦୈନିକ ୪୦୦ ଲୋକ ରାସ୍ତା ଦୁର୍ଘଟଣା ଯୋଗୁ ପରଲୋକଗତ ହେଉଛନ୍ତି। ଏସବୁ ତଥ୍ୟକୁ ବିଶ୍ଲେଷଣ କଲେ ସଡ଼କ ଦୁର୍ଘଟଣା ପଛରେ ଜନସାଧାରଣ ଦାୟୀ ବୋଲି ସ୍ପଷ୍ଟ ଜଣାପଡୁଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ର ସରକାର ଡ୍ରାଇଭରମାନଙ୍କ ଶିକ୍ଷାଗତ ଯୋଗ୍ୟତା ଉଚ୍ଛେଦ କରିବା ଲାଗି ନିଷ୍ପତ୍ତି ନେବା ଏବେ ଚିନ୍ତାର ବିଷୟ। ୧୮ ଜୁନ୍‌ରେ ସଡ଼କ ପରିବହନ ଓ ରାଜପଥ ମନ୍ତ୍ରଣାଳୟ ପକ୍ଷରୁ ଏକ ସରକାରୀ ବିବୃତିରେ କୁହାଯାଇଛି ଯେ, ଡ୍ରାଇଭିଂ ଲାଇସେନ୍ସ ପାଇବା ପାଇଁ ସର୍ବନିମ୍ନ ଶିକ୍ଷାଗତ ଯୋଗ୍ୟତା ରହିବ ନାହିଁ। ଫଳରେ ଅନେକ ବେକାର ଏହା ଦ୍ୱାରା ନିଯୁକ୍ତି ସୁଯୋଗ ପାଇପାରିବେ। କେନ୍ଦ୍ର ସରକାରଙ୍କ ଏପରି ନିଷ୍ପତ୍ତିକୁ କୌଣସି ମହଲରୁ ଏପର୍ଯ୍ୟନ୍ତ ସମାଲୋଚନା କରାଯାଇ ନାହିଁ। ତାହାର ମୁଖ୍ୟ କାରଣ ହେଉଛି, ସଡ଼କରେ ନିଜର ସୁରକ୍ଷା କେଉଁଭଳି ଭାବେ କରାଯାଇପାରିବ, ସେ ସମ୍ପର୍କରେ ଆମେ କେହି ସଚେତନ ନୋହୁଁ।

ମୋଟର ଭେଇକିଲ ନିୟମ ୧୯୮୯ ଅନୁଯାୟୀ, ପରିବହନ ଦିଗରେ କାର୍ଯ୍ୟ କରୁଥିବା ଗାଡ଼ି ଡ୍ରାଇଭର ଲାଇସେନ୍ସ ପାଇବା ପାଇଁ ସର୍ବନିମ୍ନ ଯୋଗ୍ୟତା ଅଷ୍ଟମ ରଖାଯାଇଛି। ସରକାରଙ୍କ ନୂଆ ନିୟମ ଲାଗୁ ହେଲେ ଏଣିକି ଡ୍ରାଇଭର ହେବା ପାଇଁ ଅପାଠୁଆ ଯୋଗ୍ୟତା ଅର୍ଜନ କରିପାରିବେ। ଅର୍ଥାତ୍ କେବଳ ଗାଡ଼ି ଚଳାଇବାର ଦକ୍ଷତା ଲାଗି ଥିବା ପରୀକ୍ଷାରୁ ଉତ୍ତୀର୍ଣ୍ଣ ହୋଇଗଲେ ବିଧିବଦ୍ଧ ଚାଳକ ପାଲଟିଯିବେ। ଉକ୍ତ ମନ୍ତ୍ରଣାଳୟ ଆଶଙ୍କା ବ୍ୟକ୍ତ କରିଛି ଯେ, ଦେଶରେ ପ୍ରାୟ ୨୨ ଲକ୍ଷ ଡ୍ରାଇଭରଙ୍କ ଅଭାବ ରହିଛି। ଏଥିଯୋଗୁ ପରିବହନ କ୍ଷେତ୍ରରେ ଅଭିବୃଦ୍ଧି ଘଟିପାରୁ ନାହିଁ। ତେଣୁ ଗାଡ଼ି ଚଳାଇବାରେ ଦକ୍ଷ ଥିବା ଅପାଠୁଆଙ୍କୁ ଏହି କ୍ଷେତ୍ରରେ ବିନିଯୋଗ କରାଗଲେ ପରିସ୍ଥିତିରେ ଉନ୍ନତି ଆସିପାରିବ। କେନ୍ଦ୍ର ସରକାରଙ୍କ ମୋଟର ଭେଇକିଲ୍ ନିୟମ ସର୍ବଭାରତୀୟ ସ୍ତରରେ ପ୍ରଯୁଜ୍ୟ ହୋଇଥାଏ। ଅପାଠୁଆ ଯେତେବେଳେ ଡ୍ରାଇଭର ହେବେ, ସେତେବେଳେ ସାଧାରଣ ନିୟମ ରକ୍ଷା କରିବା ଦିଗରେ ସେମାନଙ୍କ କୌଣସି ସଚେତନତା ରହିବ ନାହିଁ। ବେକାରଙ୍କୁ ନିଯୁକ୍ତି ଦେବାର ଆଳ ଦେଖାଉଥିବା କେନ୍ଦ୍ର ସରକାର ଏହି ଦେଶର ସଡ଼କଗୁଡ଼ିକୁ ସମ୍ପୂର୍ଣ୍ଣ ଭାବେ ମୃତ୍ୟୁଯନ୍ତାରେ ପରିଣତ କରିଦେବାର ଉଦ୍ୟମ ଆରମ୍ଭ କରିଛି। ଆଜିର ପରିସ୍ଥିତିକୁ ଦେଖିଲେ ଭୁବନେଶ୍ୱର ଭଳି ନଗରରେ ଓଲା କମ୍ପାନୀ ଭଳି ଟାକ୍ସି ଚାଳକମାନଙ୍କର ମଧ୍ୟ ରାସ୍ତା ନିୟମ ସମ୍ପର୍କରେ କୌଣସି ଜ୍ଞାନ ନାହିଁ। ଏକ ଦିଗ (ୱାନ୍ ୱେ) ରାସ୍ତାରେ ଉଭୟପଟକୁ ଅନୁରୂପ ଭାବେ ବ୍ୟବହାର କରାଯାଉଥିବାର ମାରାତ୍ମକ ଲକ୍ଷଣ ଦେଖିବାକୁ ମିଳୁଛି। ଏହା କେବଳ ରାଜଧାନୀରେ ସୀମିତ ନୁହେଁ, ସମଗ୍ର ଓଡ଼ିଶାରେ ଗାଡ଼ିଚାଳକଙ୍କ ସର୍ବନିମ୍ନ ଦକ୍ଷତାର ଘୋର ଅଭାବ ଦେଖାଦେଉଛି। ନୂତନ ଭାବେ ଲାଗୁଥିବା ଟ୍ରାଫିକ୍ ଆଲୁଅ ସଙ୍କେତକୁ ବୁଝିକରି ନିୟମ ମାନିବାରେ କାହାରି ଇଚ୍ଛା ଥିବା ଭଳି ମନେହୁଏ ନାହିଁ। ଏହିଭଳି ନୂତନ ଯନ୍ତ୍ରପାତିର ବ୍ୟବହାର କରାଗଲେ କିଛି ମାସ ପାଇଁ ନାଗରିକଙ୍କୁ ସଚେତନ କରିବାର ପ୍ରୟୋଜନ ରହିଥାଏ। ଓଡ଼ିଶାରେ ସେହି ସର୍ବନିମ୍ନ କାର୍ଯ୍ୟ କରିବା ସକାଶେ କାହାରି ଚିନ୍ତା ଥିବା ପରି ଲାଗୁ ନାହିଁ। ଏଭଳି ବିଶୃଙ୍ଖଳିତ ରାସ୍ତା ପରିସ୍ଥିତିରେ ଯେତେବେଳେ ବହୁଳ ମାତ୍ରାରେ ଅଶିକ୍ଷିତ ମାଡ଼ି ଆସିବେ, ସେତେବେଳେ ସେମାନେ ନିଜେ ଧକ୍କା ଲଗାଇ ମରିବା ସହିତ ଆହୁରି ଅନେକଙ୍କୁ ମାରିଦେବେ। ଏଭଳି ଦୁଃଖଦ ପରିସ୍ଥିତି ସୃଷ୍ଟି ହେବା ପୂର୍ବରୁ ସରକାର ଆଇନ ପରିବର୍ତ୍ତନର ପୁନର୍ବିଚାର କରିବା ଦରକାର।

ସାଧାରଣରେ ଧାରଣା ରହିଛି, ଗାଡ଼ି ଡ୍ରାଇଭର ଯେକେହି ହୋଇପାରିବେ ଓ ସେମାନଙ୍କୁ ନ୍ୟୂନ ଦୃଷ୍ଟିରେ ଦେଖାଯାଇଥାଏ। ଅନ୍ୟ ଦେଶଗୁଡ଼ିକରେ ଗାଡ଼ିଚାଳକଙ୍କର ପାଠ ପଢ଼ିବା ସହିତ ରାସ୍ତା ନିୟମ ସମ୍ପର୍କରେ ଜ୍ଞାନ ଥିବାକୁ ନେଇ ପରୀକ୍ଷା କରାଯାଇଥାଏ। ସଡ଼କରେ ଲାଗିଥିବା ବିଭିନ୍ନ ପ୍ରତୀକ ଏବଂ ଲେଖାକୁ ପଢ଼ି ବୁଝିବାର ଦକ୍ଷତା ସମ୍ପର୍କରେ ସେମାନେ ଅବଗତ ଥିଲେ ଲାଇସେନ୍ସ ପାଇପାରିଥାଆନ୍ତି। ଭାରତରେ ତ କୌଣସି ଦକ୍ଷତାର ପ୍ରୟୋଜନ ନ ଥାଏ। ସମ୍ଭବତଃ କେବଳ ଆଧାର କାର୍ଡ ଦେଖାଇପାରିଲେ ଲାଇସେନ୍ସ ହାସଲ ସହଜ ହେବ।

ପ୍ରତିବର୍ଷ ଉପରଠାଉରିଆ ଭାବେ ସଡ଼କ ନିରାପତ୍ତା ସପ୍ତାହ ପାଳନ କରାଯାଉଛି। ହେଲେ ଏହାର ସୁଫଳ ସେଭଳି ମିଳିପାରୁ ନାହିଁ। ବିଭିନ୍ନ ରାଜ୍ୟରେ ହେଉଥିବା ସଡ଼କ ଦୁର୍ଘଟଣାଜନିତ ମୃତ୍ୟୁର ସମୀକ୍ଷା କରିବାକୁ ସୁପ୍ରିମକୋର୍ଟ ପୂର୍ବତନ ବିଚାରପତି କେ.ଏସ୍. ରାଧାକ୍ରିଷ୍ଣନ୍‌ଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଥିଲା। ପ୍ରତିବର୍ଷ ରାସ୍ତା ଦୁର୍ଘଟଣାଜନିତ ମୃତ୍ୟୁ ପୂର୍ବବର୍ଷଠାରୁ ୧୦ ପ୍ରତିଶତ ହ୍ରାସ କରିବାକୁ କମିଟି ରାଜ୍ୟଗୁଡ଼ିକୁ ନିର୍ଦ୍ଦେଶ ଦେଇଥିଲା। ଓଡ଼ିଶା କଥା ଦେଖିଲେ ଏହି ମୃତ୍ୟୁହାର କମିବା ବଦଳରେ ବଢ଼ିଚାଲିଛି। କେବଳ ଓଡ଼ିଶା ନୁହେଁ, ଦେଶବ୍ୟାପୀ ଏହି ଧାରା ବଜାୟ ରହୁଥିବାରୁ ସଡ଼କ ମନ୍ତ୍ରଣାଳୟ ଏ ଦିଗରେ ଗଭୀର ଭାବେ ଅନୁଶୀଳନ କରିବା କଥା। ଅପାଠୁଆଙ୍କ ହାତରେ ଷ୍ଟିୟରିଂ ଧରାଇଦେଇ ଅଧିକ ଡ୍ରାଇଭର ସୃଷ୍ଟି କରିବାକୁ ଚାହୁଁଥିବା ମନ୍ତ୍ରଣାଳୟର ନିଷ୍ପତ୍ତିରେ ପରିବର୍ତ୍ତନ ନ ହେଲେ ସଡ଼କ ଉପରେ ଅଧିକ ଯମ ବୁଲିବା ସାର ହେବ।

# ବଜେଟରେ କୃଷି ଓ କୃଷକଙ୍କୁ ଅବହେଳା



ଭାଲଚନ୍ଦ୍ର ଷଡ଼ଙ୍ଗୀ

ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଦ୍ୱାରା ଉପସ୍ଥାପିତ ମୋଦି ସରକାରଙ୍କ ଦ୍ୱିତୀୟ ପାଳିର ପ୍ରଥମ ବଜେଟଟି ସରକାରଙ୍କ ପୂର୍ବ ବର୍ଷଗୁଡ଼ିକର ବଜେଟର ଧାରାବାହିକତାକୁ ଅବ୍ୟାହତ ରଖିବା ସହ ଦେଶର ସାଧାରଣ ଜନତା ବିଶେଷକରି କୃଷକମାନଙ୍କୁ ଏକଦମ୍ ନିରାଶ କରିଛି। ଲକ୍ଷ୍ୟଠାରୁ କମ୍ ଟିକସ ଆଦାୟ, ଆର୍ଥିକ ବିକାଶ ଦରରେ ହ୍ରାସ, ବର୍ଦ୍ଧିତ ବେରୋଜଗାରୀ ସାଙ୍ଗକୁ ଉଭୟ କୃଷି ତଥା ଶିଳ୍ପ ଉତ୍ପାଦନ ହ୍ରାସର ସାମ୍ନା କରିବାରେ ବିଫଳ କେନ୍ଦ୍ର ସରକାର ନିଜର ଆୟବୃଦ୍ଧି ପାଇଁ ବିକଳ୍ପ ଉପାୟ ଗ୍ରହଣ କରିବା ପରିବର୍ତ୍ତେ ବିଭିନ୍ନ କ୍ଷେତ୍ରରେ ବ୍ୟୟବରାଦକୁ ହ୍ରାସ କରି ସଙ୍କଟରୁ ମୁକୁଳିବାର ଉଦ୍ୟମ କରିଛନ୍ତି। କୃଷି ସଙ୍କଟକୁ ଦୂରକରି କୃଷକଙ୍କ ପାଇଁ 'ଭଲଦିନ' ଆଣିବାକୁ ପ୍ରତିଶ୍ରୁତି ଦେଇଥିବା ଏହି ସରକାର ନିଜର ଗତ ପାଞ୍ଚବର୍ଷର ଅବଧି ମଧ୍ୟରେ ସେ ଦିଗରେ ଆନ୍ତରିକତାର ସହିତ ଉଦ୍ୟମ କରିବା ବି ଦେଖାଯାଇନି। କେବଳ ପରୀକଥା ଶୁଣାଇବା ପରି କୃଷକଙ୍କ ଆୟକୁ ଦୁଇଗୁଣ କରିବାକୁ ଗତ ତିନି ବର୍ଷ ଧରି ସରକାର ଦେଇ ଆସିଥିବା ପ୍ରତିଶ୍ରୁତିକୁ ସେ ପୁଣିଥରେ ଦୋହରାଇବା ଦେଖାଯାଇଛି।

ଆମ ଦେଶର ପ୍ରାୟ ୭୦ ଭାଗ ଜନତା କୃଷି ଉପରେ ନିର୍ଭରଶୀଳ ଏବଂ ଦେଶର ଜିଡିପିରେ କୃଷିର ଭାଗ ୧୩.୭%। ଦେଶର ମୋଟ ରପ୍ତାନିରେ କୃଷିର ଅଂଶ ୧୨% ହୋଇଥିବା ବେଳେ ଦେଶର ମୋଟ ଶ୍ରମଶକ୍ତିର ୫୨% ଏହି କ୍ଷେତ୍ରରୁ ହିଁ ରୋଜଗାର ପାଉଛନ୍ତି। କିନ୍ତୁ ଦେଶର ଅର୍ଥନୀତିର ଏତେବଡ଼ କ୍ଷେତ୍ର ହୋଇଥିଲେ ମଧ୍ୟ କୃଷିରେ ସରକାରଙ୍କ ପୁଞ୍ଜିନିବେଶ ବହୁତ କମ୍। ଦେଶର ୪ର୍ଥରୁ ୧୨ଶ ପଞ୍ଚବାର୍ଷିକୀ ଯୋଜନା ମଧ୍ୟରେ କୃଷିରେ ହାରାହାରି ସରକାରୀ ବ୍ୟୟ ଜିଡିପିର ମାତ୍ର ୧.୩% ଥିବା ଜଣାପଡ଼ିଛି। କୃଷିକ୍ଷେତ୍ରରେ ମଜୁରିର ହାର ସ୍ଥିର ରହିଥିଲେ ମଧ୍ୟ କ୍ରମାଗତ ସରକାରୀ ଅବହେଳା ଯୋଗୁ କୃଷିର ହାରାହାରି ବାର୍ଷିକ ବିକାଶ ହାର ୨.୮୮%ରେ ସୀମିତ ରହିଛି।

କ୍ରମାଗତ ଭାବେ ସରକାରଙ୍କ ଭୁଲ ନୀତି ଲାଗି ଉଭୟ କୃଷି ଓ କୃଷକ ଆଜି ସଙ୍କଟର ସମ୍ମୁଖୀନ ହୋଇଛନ୍ତି। କୃଷି ଲାଭଜନକ ନ ହୋଇ ଏକ କ୍ଷତିର ପେସା ହୋଇସାରି ଥିବାରୁ ପ୍ରତିଦିନ ଅଧିକରୁ ଅଧିକ ଲୋକ କୃଷି ଛାଡୁଥିବା ବେଳେ କୃଷିରେ ଅଭିବୃଦ୍ଧି ହାର ସ୍ଥିର ରହିଛି। ଉପଯୁକ୍ତ ଭୂସଂସ୍କାର ନ ହେବା, କୃଷିରେ ସରକାରୀ ପୁଞ୍ଜିନିବେଶର ଅଭାବ, ସ୍ୱଳ୍ପ ସୁଧହାରରେ କୃଷିଋଣ ନ ମିଳିବା, ଜଳସେଚନର ଅଭାବ, କୃଷିରେ ଉତ୍ପାଦନ ଖର୍ଚ୍ଚରେ ଅତ୍ୟଧିକ ବୃଦ୍ଧି ଏବଂ ସର୍ବୋପରି କୃଷକଙ୍କୁ ତା'ର ଉତ୍ପାଦିତ ଫସଲର ଉପଯୁକ୍ତ ମୂଲ୍ୟ ନ ମିଳିବା ଆଦି କାରଣରୁ ଆମ ଦେଶର କୃଷି ଆଜି ଭୟଙ୍କର ସଙ୍କଟର ସମ୍ମୁଖୀନ ହେବା ସହ ଗତ ଦେଢ଼ ଦଶକ ମଧ୍ୟରେ ଦେଶର ଦଶ ଲକ୍ଷରୁ ଅଧିକ କୃଷକ ଆତ୍ମହତ୍ୟା କରିବାକୁ ବାଧ୍ୟ ହୋଇଛନ୍ତି। କିନ୍ତୁ ଦୁଃଖର କଥା ସରକାର ବଜେଟରେ ଭାରତୀୟ କୃଷି ସଙ୍କଟର କାରଣ ଜାଣିବାକୁ ଚାହିଁ ନାହାନ୍ତି କି ତା'ର ପ୍ରତିକାର ଦିଗରେ କୌଣସି ଠୋସ୍ ପଦକ୍ଷେପ ନେଇ ନାହାନ୍ତି। ନିଜକୁ କୃଷକମାନଙ୍କ ହିତୈଷୀ ବୋଲି ପ୍ରଦର୍ଶିତ କରିବା ପାଇଁ ବଜେଟର ଠିକ୍ ପୂର୍ବଦିନ ସରକାର କୃଷିଜାତ ଦ୍ରବ୍ୟର ସହାୟକ ମୂଲ୍ୟରେ ନାମକୁମାତ୍ର ବୃଦ୍ଧି କରିଛନ୍ତି। ଉତ୍ପାଦନ ଖର୍ଚ୍ଚରେ ମାତ୍ରାଧିକ ବୃଦ୍ଧି ସତ୍ତ୍ୱେ ସରକାର ଧାନର ସହାୟକ ଦରରେ ମାତ୍ର ୩.୭% ବୃଦ୍ଧି କରିଛନ୍ତି। ତେବେ ଏଭଳି ଲୋକଦେଖାଣିଆ ପଦକ୍ଷେପ ନା କୃଷି ସଙ୍କଟକୁ ଦୂର କରିବ ନା କୃଷକଙ୍କ ସ୍ଥିତିରେ ଆଖିଦୃଶିଆ ପରିବର୍ତ୍ତନ ଆଣିବ!

ଗତ ନିର୍ବାଚନରେ ପ୍ରଧାନମନ୍ତ୍ରୀ ମୋଦି ଓ ତାଙ୍କ ପାର୍ଟି ପକ୍ଷରୁ ନିଜର ନିର୍ବାଚନ ଇସ୍ତାହାରରେ ପୁଣିଥରେ କ୍ଷମତାକୁ ଆସିଲେ ଆସନ୍ତା ପାଞ୍ଚ ବର୍ଷ ମଧ୍ୟରେ କୃଷିକ୍ଷେତ୍ରର ଉତ୍ପାଦକତା ବୃଦ୍ଧି ପାଇଁ ୨୫ ଲକ୍ଷ କୋଟି ଖର୍ଚ୍ଚ କରିବୁ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସେହି ଦୃଷ୍ଟିରୁ ଦେଖିଲେ ସରକାର କୃଷି ପାଇଁ ବାର୍ଷିକ ସର୍ବନିମ୍ନ ପାଞ୍ଚ ଲକ୍ଷ କୋଟି ପୁଞ୍ଜିନିବେଶ କରିବା କଥା। କିନ୍ତୁ ଚଳିତ ବଜେଟରେ ସରକାର ସମଗ୍ର କୃଷି କଲ୍ୟାଣ ବିଭାଗ ପାଇଁ ମାତ୍ର ୧,୩୦,୪୮୫ କୋଟି ଟଙ୍କା ବ୍ୟୟବରାଦ କରିଛନ୍ତି, ଯାହାକି ତାଙ୍କର ଘୋଷିତ ଲକ୍ଷ୍ୟର ଏକ ଚତୁର୍ଥାଂଶ। ତେବେ ଏହି ଟଙ୍କାର ବି ଏକ ବଡ଼ ଭାଗ (୫୭%) ଅର୍ଥାତ ୭୫,୦୦୦ କୋଟି ନିର୍ବାଚନ ପୂର୍ବରୁ ଚାଷୀଙ୍କୁ ନଗଦ ସହାୟତା ଦେବା ନାଁରେ ସରକାରଙ୍କ ଦ୍ୱାରା ଘୋଷିତ ପିଏମ୍ କିଷାନ୍ ସମ୍ମାନ ନିଧିର ଅର୍ଥ ରହିଛି। କୃଷିର ଅନ୍ୟାନ୍ୟ କ୍ଷେତ୍ରରେ ବ୍ୟୟବରାଦ ହ୍ରାସ ପାଇଛି। ସରକାର ନିଜର ଅର୍ଥନୈତିକ ସର୍ଭେ ରିପୋର୍ଟରେ କୃଷି ଗବେଷଣା ପାଇଁ କରାଯାଉଥିବା ସରକାରୀ ବିନିଯୋଗ ମୋଟ କୃଷି ଜିଡିପିର ୦.୩୭% ବୋଲି ସ୍ୱୀକାର କରିଛନ୍ତି। ଅଥଚ କୃଷିଶିକ୍ଷା ଓ ଗବେଷଣା ବିଭାଗ ପାଇଁ ଗତ ବର୍ଷ ୭୯୫୩ କୋଟି ଦିଆଯାଇଥିବା ବେଳେ ଚଳିତ ବର୍ଷ ୮୦୭୫ କୋଟି ଟଙ୍କା ଦିଆଯାଇଛି। ଏହି ପରିମାଣ ବହୁରାଷ୍ଟ୍ରୀୟ ବିହନ କମ୍ପାନୀ ବାୟର ତା'ର କୃଷି ଗବେଷଣା ପାଇଁ କରୁଥିବା ବିନିଯୋଗଠାରୁ ବି କମ୍।

ସରକାର କୃଷି ସଙ୍କଟର ସମାଧାନ ପାଇଁ ଠୋସ୍ ପଦକ୍ଷେପ ନେବା ବଦଳରେ ପିଏମ୍ କିଷାନ ସମ୍ମାନ ନିଧି ନାଁରେ ଚାଷୀଙ୍କୁ ମାତ୍ର କିଛି ଟଙ୍କାର (ବାର୍ଷିକ ୬୦୦୦ ଅର୍ଥାତ୍ ମାସିକ ମାତ୍ର ୫୦୦ ଟଙ୍କା) ଆର୍ଥିକ ସହାୟତା ଦେଇ ନିଜର ଦାୟିତ୍ୱକୁ ମୁକ୍ତ କରି ଦେଇଛନ୍ତି। ତେବେ ବର୍ତ୍ତମାନ ଯାଏ ମିଳିଥିବା ତଥ୍ୟ ଅନୁଯାୟୀ ଏହି ଯୋଜନାର ପ୍ରଥମ କିସ୍ତି ମାତ୍ର ୨୭% ଏବଂ ଦ୍ୱିତୀୟ କିସ୍ତି ମାତ୍ର ୨୪% କ୍ଷୁଦ୍ର ଓ ନାମମାତ୍ର ଚାଷୀଙ୍କୁ ମିଳିଥିବା ଜଣାପଡ଼ିଛି। ଏହି ଯୋଜନା ଅତ୍ୟନ୍ତ ଅପର୍ଯ୍ୟାପ୍ତ, କେବଳ ଦୁଇ ହେକ୍ଟର ପର୍ଯ୍ୟନ୍ତ ଜମିଥିବା ଚାଷୀଙ୍କ ପାଇଁ ସୀମିତ ଏବଂ ଚାଷୀଙ୍କ ପାଇଁ କେବଳ ଏହା ଏକ ଆୟ ସହାୟତା ଯୋଜନା ମାତ୍ର। ଏହି ଯୋଜନାରେ ମିଳୁଥିବା ନଗଦ ଅର୍ଥ ଅଭାବଗ୍ରସ୍ତ ଚାଷୀର ଅଭାବକୁ ଦୂର କରିବାରେ ହୁଏତ କିଛି ମାତ୍ରାରେ ସହାୟକ ହୋଇପାରେ, କିନ୍ତୁ ତାହା କୃଷିର ବିକାଶ ପାଇଁ ଯେ ବ୍ୟବହୃତ ହେବ ତା'ର କିଛି ନିଶ୍ଚିତତା ନାହିଁ। ଅନ୍ୟପଟେ ଆମର ଚାଷ କ୍ଷେତ୍ରରେ କାର୍ଯ୍ୟରତ ଲୋକଙ୍କ ଏକ ବଡ଼ ଭାଗ ରୂପେ ପରିଚିତ ଭାଗଚାଷୀ, ନାମମାତ୍ର ଚାଷୀ ଏହାର ଲାଭ ପାଇବେ ନାହିଁ। କାଳିଆ, ରୟତ୍ ବନ୍ଧୁ ଭଳି ଏହି ଯୋଜନା ଯଦିଓ ଚାଷୀଙ୍କୁ କିଛି ମାତ୍ରାରେ ଆୟ ସହାୟତା ଯୋଗାଇଦେବ କିନ୍ତୁ ତାହା ତା'ର ସଙ୍କଟକୁ ଦୂର କରିପାରିବନି।

ସରକାର ଚାଷର ସଙ୍କଟକୁ ଦୂର କରିବାକୁ ଚେଷ୍ଟା କରିବା ପରିବର୍ତ୍ତେ ୨୦୨୨ ସୁଦ୍ଧା ଚାଷୀର ଆୟକୁ ଦୁଇଗୁଣ କରିବାକୁ ଘୋଷଣା କରିଛନ୍ତି। କିନ୍ତୁ ଏହି ଆୟ କିପରି ଦୁଇଗୁଣ ହେବ ତା'ର ରୋଡ଼ମ୍ୟାପ୍ ନେଇ କେବେ କୌଣସି କମିଟି କରିନାହାନ୍ତି କି କୌଣସି ବୈଠକ ଡାକିନାହାନ୍ତି। ଦେଶରେ ଦେଖାଯାଇଥିବା ଚାଷ ସଙ୍କଟର ଏକ ପ୍ରମୁଖ କାରଣ ହେଉଛି ଉତ୍ପାଦନ ଖର୍ଚ୍ଚ ବୃଦ୍ଧି। ତେବେ ବଜେଟରେ ସରକାର ଉତ୍ପାଦନ ଖର୍ଚ୍ଚ କମାଇବା ପାଇଁ କୌଣସି ପଦକ୍ଷେପ ଘୋଷଣା କରିନାହାନ୍ତି। ବିହନ, ସାର ଓ କୀଟନାଶକର ମୂଲ୍ୟ କମାଇବାକୁ ଚାହିଁନାହାନ୍ତି। କୃଷି ଯନ୍ତ୍ରପାତି ଉପରେ ଥିବା ଚଢ଼ା ଜିଏସ୍‌ଟି ହାରକୁ ହ୍ରାସ କରିବାକୁ ଘୋଷଣା କରିନାହାନ୍ତି। ବରଂ ବଜେଟରେ ଟିକସ ଓ ସେସ୍ ବଢ଼ାଇବା ପରେ ପେଟ୍ରୋଲ ଓ ଡିଜେଲର ଯେଉଁ ଦର ବଢ଼ିବ ତାହା ଚାଷୀ ଉପରେ ଚାଷଖର୍ଚ୍ଚର ବୋଝକୁ ଆହୁରି ବଢ଼ାଇଦେବ।

ଅର୍ଥମନ୍ତ୍ରୀ କୃଷିର ଉତ୍ପାଦନ ଖର୍ଚ୍ଚକୁ କମାଇବାକୁ ପଦକ୍ଷେପ ନେବା ପରିବର୍ତ୍ତେ ଜିରୋ ବଜେଟ ଫାର୍ମିଂର ଉଲ୍ଲେଖ କରିଛନ୍ତି। ଏହାର ଅର୍ଥ ହେଲା ବଜାରରୁ ରାସାୟନିକ ସାର, କୀଟନାଶକ, ବିହନ ଆଦି ଉପାଦାନ କ୍ରୟ କରିବା ବିନା କେବଳ ଜୈବିକ ସାରର ଉପଯୋଗ କରି ଫସଲ ଉତ୍ପାଦନ। ବଜେଟରେ ଜୈବିକ ଚାଷ ପାଇଁ ମାତ୍ର ୩୫୦ କୋଟି ବ୍ୟୟ ବରାଦ କରାଯାଇଥିବା ବେଳେ ବହୁ ପ୍ରଚାରିତ 'ଜିରୋ ବଜେଟ ଫାର୍ମିଂ' ପାଇଁ ବଜେଟରେ କୌଣସି ଅନୁଦାନ ଘୋଷଣା କରିନାହାନ୍ତି। ତେବେ ଜିରୋ ବଜେଟ୍ ଫାର୍ମିଂକୁ ସରକାର କିପରି ଜିରୋ ବଜେଟରେ ଆଗେଇ ନେବେ? ସ୍ୱାଧୀନତାର ଏତେ ବର୍ଷ ପରେ ବି ଜଳସେଚନର ଉପଯୁକ୍ତ ବ୍ୟବସ୍ଥା କରିବାରେ ଆମର ବିଫଳତା କାରଣରୁ ଦେଶର ଅନେକ ଅଞ୍ଚଳ ଏବେ ପ୍ରତିବର୍ଷ ବୃଷ୍ଟିହୀନତା କାରଣରୁ ମରୁଡ଼ିର ଶିକାର ହେଉଛି। ।

ମୋ– ୯୪୩୭୧୬୬୩୯୧,
bhalachandra.odisha@gmail.com

# ନୀଳ ବିପ୍ଳବର ଶୁଭାରମ୍ଭ

ଡ. ବିନ୍ଦୁ ଆର୍. ପିଲାଇ,
ଡ. ବିଭୁଦତ୍ତ ମିଶ୍ର

୨୦୦୧ ମସିହାରୁ ଭାରତ ସରକାର ୧୦ ଜୁଲାଇକୁ ଜାତୀୟ ମତ୍ସ୍ୟପାଳକ ଦିବସ ଭାବେ ପାଳନ କରିଆସୁଛନ୍ତି। ଏହି ଦିନଟି ମତ୍ସ୍ୟ ବିଜ୍ଞାନ କ୍ଷେତ୍ରରେ 'ନୀଳ ବିପ୍ଳବ'ର ଶୁଭାରମ୍ଭ ଭାବେ ପରିଗଣିତ। ଓଡ଼ିଶାର ଅନୁଗୋଳଠାରେ ଆନ୍ତର୍ଜାତିକ ଖ୍ୟାତିସମ୍ପନ୍ନ ମତ୍ସ୍ୟବିଜ୍ଞାନୀ ପ୍ରଫେସର ହୀରାଲାଲ ଚୌଧୁରୀଙ୍କ ଗବେଷଣାର ଫଳସ୍ୱରୂପ ପ୍ରଥମଥର ପାଇଁ ଆବଦ୍ଧ ପୋଖରୀରେ 'ପ୍ରବର୍ତ୍ତିତ ପ୍ରଜନନ ପଦ୍ଧତି'ର ଶୁଭାରମ୍ଭ ହୋଇଥିଲା। ୧୯୫୭ ଜୁଲାଇ ୧୦ରେ ଏହି ସଫଳତାକୁ ମତ୍ସ୍ୟପାଳକମାନଙ୍କ ଉଦ୍ଦେଶ୍ୟରେ ଭାରତ ସରକାର ଜାତୀୟ ମତ୍ସ୍ୟପାଳକ ଦିବସ ଭାବେ ପାଳନ କରିଆସୁଛନ୍ତି।

ମତ୍ସ୍ୟ ପାଳନ ପାଇଁ ପ୍ରଜନନ ଉପଯୋଗୀ ମାଛଙ୍କ ସଙ୍ଗମରୁ ଅଣ୍ଡା ଓ ଯାଆଁଳ ବାହାରିଥାଏ। ୧୯୬୦ ଦଶକରେ ନଦୀ ସ୍ରୋତରୁ ବର୍ଷାଦିନରେ ପ୍ରାକୃତିକ ପ୍ରକ୍ରିୟାରେ ଜିରା (ଗୁଣ୍ଡ ଯାଆଁଳ) ଦେଶଜ ପ୍ରଣାଳୀରେ ସଂଗୃହୀତ ହୋଇ ପୋଖରୀରେ ପାଳନ କରାଯାଉଥିଲା। ଏହି ପ୍ରଣାଳୀରେ ନଦୀରୁ ପାଳନଯୋଗ୍ୟ ମାଛଗୁଡ଼ିକର ବିହନ ଶିକାରୀ ମାଛଙ୍କ ବିହନଠାରୁ ଅଲଗା ଭାବେ ସଂଗ୍ରହ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଥିଲା। ପ୍ରତିକୂଳ ପାଗ ଓ ବନ୍ୟା ସମୟରେ ଠିକ୍ ମାତ୍ରା ଓ ଉନ୍ନତ ବିହନ ଅଭାବରେ ମତ୍ସ୍ୟ ଉତ୍ପାଦକ ଅହେତୁକ କ୍ଷତିର ସାମ୍ନା କରୁଥିଲେ।

୧୯୪୭ ମସିହାରେ ସରକାର ମାଛରେ ଥିବା ଖାଦ୍ୟୋପଯୋଗୀ ପୁଷ୍ଟିସାର ଆବଶ୍ୟକତାକୁ ନଜରରେ ରଖି ତତ୍କାଳୀନ କୃଷି ମନ୍ତ୍ରଣାଳୟ ଆନୁକୂଲ୍ୟରେ 'କେନ୍ଦ୍ରୀୟ ଅନ୍ତଃସ୍ଥଳୀୟ ମତ୍ସ୍ୟ ଅନୁସନ୍ଧାନ ସଂସ୍ଥା' କଲିକତା ବାରାକ୍‌ପୁରଠାରେ ପ୍ରତିଷ୍ଠା ସହ ମତ୍ସ୍ୟ ଯାଆଁଳ ଉତ୍ପାଦନ କ୍ଷେତ୍ରରେ କାମ ଆରମ୍ଭ କରିଥିଲେ। ୧୯୪୯ ମସିହାରେ ବାରବାଟୀ କିଲ୍ଲା ମଧ୍ୟରେ ଏହି ସଂସ୍ଥାର 'ପୋଖରୀ ଚାଷ ବିଭାଗ' ଖୋଲାଯାଇଥିଲା। ଏଠାରେ କାର୍ଯ୍ୟରତ ବିଭାଗର ଅଧ୍ୟକ୍ଷ ଡ. କେ. ଏଚ୍. ଆଲିକୁନି ଓ ବୈଜ୍ଞାନିକ ପ୍ରଫେସର ହୀରାଲାଲ୍ ଚୌଧୁରୀଙ୍କ ଅନବଦ୍ୟ ଅବଦାନ, ଅସାଧାରଣ କର୍ମନୈପୁଣ୍ୟ ଓ ଅଦମ୍ୟ ପ୍ରଚେଷ୍ଟାର ଫଳସ୍ୱରୂପ ଉପଯୁକ୍ତ ମତ୍ସ୍ୟ ପ୍ରଜାତିର 'ପ୍ରବର୍ତ୍ତିତ ପ୍ରଜନନ ପଦ୍ଧତି' ଆବଦ୍ଧ କ୍ଷେତ୍ରରେ ଗୁଣ୍ଡ ଯାଆଁଳ ପ୍ରସ୍ତୁତିରେ ସଫଳତା ଆଣି ଦେଇଥିଲା। ପରୀକ୍ଷାମୂଳକ ଭାବେ ଗବେଷକ ମାଛ ପୋଖରୀରେ ପାଳିତ ପରିପକ୍ୱ ପୁରୁଷ କାର୍ପ ଓ ମହିଳାମାଛଙ୍କ ପିଟ୍ୟୁଟ୍ରିନ ନାମକ ପୋଷକ ଗ୍ରନ୍ଥିର ନିର୍ଯ୍ୟାସ (ରସ) ଅନ୍ତଃକ୍ଷେପ (ଇଞ୍ଜେକ୍ସନ୍) କରି ଅନ୍ତଃସ୍ରାବ ବିଜ୍ଞାନର ପ୍ରୟୋଗ କରିଥାନ୍ତି। ପୋଷକଗ୍ରନ୍ଥିର ହରମୋନ୍ ପ୍ରୟୋଗ ଦ୍ୱାରା ପ୍ରଜନନ କରିଥାନ୍ତି। ଗ୍ରନ୍ଥିର ବିକାଶ ତ୍ୱରାନ୍ୱିତ ହେବା ସହ ମାଈ ମାଛଗୁଡ଼ିକର ଡିମ୍ବ ପରିପକ୍ୱ ଓ ପୁରୁଷ ମାଛଗୁଡ଼ିକ ଜଳରେ ଶୁକ୍ରାଣୁ ତ୍ୟାଗ ସହ ସଙ୍ଗମ ପ୍ରକ୍ରିୟା ସମ୍ଭବ ହୋଇଥାଏ। ଏହାକୁ ପ୍ରବର୍ତ୍ତିତ ପ୍ରଜନନ ପ୍ରଣାଳୀ କୁହାଯାଏ। ପ୍ରଥମଥର ଏହି ସଫଳତା ଯୋଗୁ ପାଳନଯୋଗ୍ୟ ମତ୍ସ୍ୟ ଅଙ୍ଗୁଳିକାୟ ଓ ବଡ଼ମାଛ ପାଳନ ଆବଦ୍ଧ କ୍ଷେତ୍ରରେ ସମ୍ଭବ ହୋଇଥିଲା। ସେଦିନର ବୈଜ୍ଞାନିକ କୃତି ଯୋଗୁ ବିଗତ ସାତ ଦଶକରେ ମତ୍ସ୍ୟ ଉତ୍ପାଦନରେ ୧୦–୧୧ ଗୁଣ ବୃଦ୍ଧି ହେବାରେ ସକ୍ଷମ ହୋଇପାରିଛି।

ନୀଳ ବିପ୍ଳବର ଫଳସ୍ୱରୂପ ବାର୍ଷିକ ୬ ପ୍ରତିଶତ ଉତ୍ପାଦନ ଅଭିବୃଦ୍ଧି ହାର ସହ ଭାରତର ମତ୍ସ୍ୟପାଳକ ଆଜି ବିଭିନ୍ନ ଉନ୍ନତ ପଦ୍ଧତି ସହାୟତାରେ ମତ୍ସ୍ୟ ଉତ୍ପାଦନରେ ସ୍ୱାବଲମ୍ବୀ ହୋଇପାରିଛନ୍ତି। ଭାରତ ସରକାରଙ୍କର ଆହ୍ୱାନରେ କୃଷି ଉତ୍ପାଦନକୁ ଦ୍ୱିଗୁଣିତ କରିବା ନିମନ୍ତେ ପ୍ରଫେସର ଚୌଧୁରୀଙ୍କ ପ୍ରୟାସକୁ ପରିମାର୍ଜିତ କରି ଭୁବନେଶ୍ୱର ଉପକଣ୍ଠରେ ଥିବା କେନ୍ଦ୍ରୀୟ ମଧୁରଜଳ ଜୀବ ପାଳନ ଅନୁସନ୍ଧାନ ସଂସ୍ଥା (ସିଫା), କୌଶଲ୍ୟାଗଙ୍ଗରେ ଆବଦ୍ଧ ଜଳାଶୟରେ ମତ୍ସ୍ୟ ପାଳନ ଗବେଷଣା ଜାରି ରହିଛି। ୧୯୮୭ ମସିହାରେ ପ୍ରତିଷ୍ଠିତ ଏହି ସଂସ୍ଥାର ଅନ୍ତର୍ଜାତୀୟ ଖ୍ୟାତିସମ୍ପନ୍ନ ବୈଜ୍ଞାନିକମାନଙ୍କର ଅନବରତ ପ୍ରୟାସ ତଥା ନୂତନ ଜ୍ଞାନକୌଶଳ ଜଳକୃଷକଙ୍କ ଜୀବିକା ନିର୍ବାହରେ ସହାୟକ ହୋଇପାରିଛି। ସଂସ୍ଥାରେ ଅବସ୍ଥିତ ମତ୍ସ୍ୟ ଉତ୍ପାଦନ ଓ ପରିବେଶ ବିଭାଗ, ଆନୁବଂଶିକୀ ଓ ଜୈବପ୍ରଯୁକ୍ତିବିଜ୍ଞାନ ବିଭାଗ, ମତ୍ସ୍ୟ ପୋଷକତତ୍ତ୍ୱ ବିଭାଗ ଓ ରୋଗନିଦାନ ପରିଚାଳନା ବିଭାଗ ସହ ସମ୍ପ୍ରସାରଣରେ ଅନବରତ ଅନୁସନ୍ଧାନ ଜାରିରହିଛି। ୫ଟି କ୍ଷେତ୍ରୀୟ ଅନୁସନ୍ଧାନ କ୍ଷେତ୍ର (ରାହାରା, ପଶ୍ଚିମବଙ୍ଗ; ବାଙ୍ଗାଲୋର, କର୍ନାଟକ; ବିଜୟୱାଡ଼ା, ଆନ୍ଧ୍ରପ୍ରଦେଶ; ଆନନ୍ଦ, ଗୁଜରାଟ; ଭଟିଣ୍ଡା, ପଞ୍ଜାବ) ଠାରେ ସ୍ଥାପନ ଦ୍ୱାରା ଦେଶର ବିଭିନ୍ନ ରାଜ୍ୟର ମଧୁରଜଳ ମତ୍ସ୍ୟ ଚାଷୀଙ୍କୁ ପ୍ରଶିକ୍ଷଣ ମାଧ୍ୟମରେ ସାହାଯ୍ୟ କରାଯାଉଛି। ମୁଖ୍ୟ କାର୍ପ ଜାତୀୟ ମାଛ ପ୍ରଜାତି ଯଥା ରୋହି, ଭାକୁର, ମିରକାଳି, କଳାବଇଁଶୀ, ଛୋଟ କାର୍ପ ଗୋଷ୍ଠୀ ପ୍ରଜାତି ଯଥା ପୁଂଟିୟସ୍ ଗୁନିୟସ୍, ବେଲାଙ୍ଗିରି, ସରଣା, ବାୟୁଶ୍ୱାସୀ ମାଛ ଯଥା ମାଗୁର, ଶାଳ, ଶେଉଳ, କଉ ଓ ମଧୁରଜଳ ଗୋଲ୍ଡା ଚିଙ୍ଗୁଡ଼ି ପ୍ରଭୃତି ମାଛର ପାଳନ ପ୍ରଣାଳୀ, ଖାଦ୍ୟ ପରିଚାଳନା ଓ ପୋଖରୀ ପରିବେଶ ସନ୍ତୁଳନ ବିଷୟରେ ଉଚ୍ଚମାନର ଅନୁସନ୍ଧାନ ଦ୍ୱାରା ଚାଷୀମାନଙ୍କୁ ଅବଗତ କରାଯାଉଛି। ଗବେଷଣା ଦ୍ୱାରା ଭାରତର ଲୁପ୍ତପ୍ରାୟ ରଙ୍ଗିନ ମାଛଗୁଡ଼ିକୁ ପ୍ରାକୃତିକ ପରିବେଶରୁ ଉଦ୍ଧାର କରି ବଂଶ ପୁନରୁଦ୍ଧାର ଦିଗରେ ବୈଜ୍ଞାନିକମାନଙ୍କ ପ୍ରୟାସ ପ୍ରଶଂସନୀୟ।

ସଂସ୍ଥାରେ ଆଧୁନିକ ଯନ୍ତ୍ରପାତି ବ୍ୟବହାରରେ ଜ୍ଞାନକୌଶଳ ଦ୍ୱାରା ମତ୍ସ୍ୟ ଚାଷୀମାନେ ପରିବେଶ ସନ୍ତୁଳନ, ଜଳସଂରକ୍ଷଣ ଓ ମତ୍ସ୍ୟ ଉତ୍ପାଦନ ବିଷୟରେ ଅବଗତ ହେବା ସହ ମଧୁର ଜଳୀୟ ପରିସଂସ୍ଥା ସମ୍ବନ୍ଧୀୟ ଜନସଚେତନତା ଆବଶ୍ୟକତାକୁ ଜୋର ଦିଆଯାଉଛି। ଜାତୀୟ ମତ୍ସ୍ୟପାଳକ ଦିବସ ପାଳନ ଅବସରରେ ପ୍ରଫେସର ଚୌଧୁରୀଙ୍କ ଉଦ୍ୟମକୁ ମନେପକାଇବା ସହ ଭାରତରେ ଅଗ୍ରଣୀ ମତ୍ସ୍ୟ ଚାଷୀମାନଙ୍କୁ ପ୍ରୋତ୍ସାହିତ କରାଯାଉଛି।

## ଏଇ ଭାରତରେ

ବିବାହ ପାଇଁ କନ୍ୟା ରଖିଲେ ସର୍ତ୍ତ। ଏ କଥା ଆଶ୍ଚର୍ଯ୍ୟ ଲାଗୁଥିଲେ ମଧ୍ୟ ସତ୍ୟ। ମଧ୍ୟପ୍ରଦେଶର ଗ୍ୱାଲିୟର ଅଞ୍ଚଳରେ ଏପରି ଏକ ଘଟଣା ଘଟିଛି। ଶହେ ଚାରାରୋପଣ କରିବା ପରେ ବରଯାତ୍ରୀ ନେଇ ବିବାହ ଲାଗି ଆସିବାକୁ ସେ ବରଘରକୁ ପରାମର୍ଶ ଦେଇଛନ୍ତି। ବରଘର ଏଭଳି ସର୍ତ୍ତ ଶୁଣି ପ୍ରଥମେ ଆଶ୍ଚର୍ଯ୍ୟ ହୋଇଥିଲେ। କିନ୍ତୁ ପରେ କନ୍ୟାଙ୍କ ସର୍ତ୍ତକୁ ସମ୍ମାନ ଜଣାଇ ପରିବେଶ ସୁରକ୍ଷା ଲାଗି ଚାରାରୋପଣ ଆରମ୍ଭ କରିଛନ୍ତି। ସ୍ଥାନୀୟ ଇନ୍ଦ୍ରମଣି ନଗରରେ ବାସ କରୁଥିବା ପଣ୍ଡିତ ଅଶୋକ ଦୁବେଙ୍କ କନ୍ୟା ନୀତୁ ଏକ ଘରୋଇ ବିଦ୍ୟାଳୟରେ ଚାକିରି କରନ୍ତି। ରୟୋପୁର ବାସିନ୍ଦା ଆଶୁ ଦୀକ୍ଷିତଙ୍କ ସହିତ ତାଙ୍କର ବିବାହ ଠିକ୍ ହୋଇଥିଲା। ନୀତୁ ନିଜର ସର୍ତ୍ତ ସମ୍ପର୍କରେ ଆଶୁଙ୍କୁ ଅବଗତ କରାଇଥିଲେ। ଆଶୁଙ୍କ ପିତା ଉପେନ୍ଦ୍ର ଦୀକ୍ଷିତ ନୀତୁଙ୍କ ସର୍ତ୍ତକୁ ସମ୍ମାନ ଜଣାଇବା ସହିତ ଏବେ ଚାରାରୋପଣ ଜାରି ରଖିଛନ୍ତି। ଏହି ବିବାହ ସର୍ତ୍ତ ଏବେ ସୋସିଆଲ୍ ମିଡିଆରେ ଭାଇରାଲ ହେବାରେ ଲାଗିଛି।

## ୨୫ ବର୍ଷ ତଳର ଧରିତ୍ରୀ

୧୦ ଜୁଲାଇ ୧୯୯୪

- ଉତ୍ତର କୋରିଆ ରାଷ୍ଟ୍ରପତି କିମ୍–ଇଲ–ସୁଙ୍ଗ୍‌ଙ୍କର ୮୨ ବର୍ଷ ବୟସରେ ପରଲୋକ।
- ପଞ୍ଜାବ ରାଜ୍ୟପାଳ ସୁରେନ୍ଦ୍ର ନାଥ ଓ ତାଙ୍କ ପରିବାରର ୯ଜଣ ସଦସ୍ୟ ଏକ ବିମାନ ଦୁର୍ଘଟଣାରେ ନିହତ।
- ଯାଜପୁର ରୋଡ–ତାଳଚେର ମଧ୍ୟରେ ପ୍ରସ୍ତାବିତ ନୂତନ ରେଳପଥ ନିର୍ମାଣ ଲାଗି ସର୍ଭେ ଆରମ୍ଭ।

## ଚିରନ୍ତନୀ

ଆଚାର ବିଧାନ ତା'ର ପଡ଼େ ଝଡ଼ି
ଶୁଷ୍କପତ୍ର ସମ
ବିଲୋକି ସେ ଦଶା ତବ ପ୍ରାଣେ ଜାଗେ
ଯାତନା ପରମ।
(ପ୍ରାଚୀନ ଓ ନବୀନ)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## sudoku ସୁ–ଡୋ–କୁ

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| | | | E | C | | 1 | | 8 | | | | 0 | 9 | |
| | 1 | | | 4 | | | | E | 9 | A | | | | |
| | | | 8 | | | 2 | | B | | | | | 7 | |
| 3 | 6 | | | | | | 4 | | 2 | | | | | |
| 7 | | 8 | A | 6 | B | D | | | | | | | E | |
| | A | 7 | | | | | | 9 | | | | | 4 | |
| | | | | | | 0 | | 4 | D | | C | | | 1 |
| | E | 4 | | 5 | | 7 | 6 | | | | | | D | B |
| 8 | | 3 | | 9 | E | 5 | | | B | | | 7 | | 2 |
| | | | D | | 0 | | | | | | | | | E |
| 6 | | | | | 2 | C | | 3 | | | | 8 | 5 | 7 |
| B | 3 | | | | 5 | | 2 | | | | 9 | 1 | | D |
| | | 0 | | 7 | 8 | 4 | | | | | | | | |
| A | | | 9 | B | | | | | | 1 | | | | |
| | | D | | | | E | | | C | | 0 | | B | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୦ରୁ ୯ ପର୍ଯ୍ୟନ୍ତ ଅଙ୍କ ଓ Aରୁ E ପର୍ଯ୍ୟନ୍ତ ଇଂଲିଶ ଲିପି ରହିବ।

| | | | | | | | | | | | | | | |
|---|---|---|---|---|---|---|---|---|---|---|---|---|---|---|
| A | 1 | E | 9 | 0 | 6 | B | 3 | 8 | 2 | C | D | 4 | 7 | 5 |
| 9 | 4 | B | D | 7 | 3 | 2 | A | C | 6 | 5 | 8 | 1 | 0 | E |
| D | C | 6 | 5 | 4 | 2 | 0 | E | 7 | 1 | B | 9 | 8 | A | 3 |
| 8 | 0 | 3 | A | B | C | 1 | 5 | D | E | 4 | 7 | 2 | 6 | 9 |
| 7 | 5 | 2 | 8 | 1 | E | 4 | 6 | 9 | 3 | 0 | A | B | C | D |
| 3 | A | 7 | 4 | E | 0 | 8 | C | 1 | 9 | 2 | 6 | 5 | D | B |
| 5 | 6 | 0 | B | 2 | 8 | D | 4 | 3 | A | 7 | C | E | 9 | 1 |
| 4 | 2 | 9 | C | D | 1 | 6 | 0 | E | 5 | 8 | B | A | 3 | 7 |
| C | E | D | 7 | 9 | 5 | A | B | 2 | 0 | 1 | 3 | 6 | 8 | 4 |
| B | 8 | 1 | 6 | 3 | A | 9 | 7 | 5 | D | E | 4 | C | 2 | 0 |
| 6 | 9 | 4 | E | 5 | D | 3 | 1 | 0 | 8 | A | 2 | 7 | B | C |
| 2 | D | C | 3 | 8 | 7 | 5 | 9 | B | 4 | 6 | 1 | 0 | E | A |
| 1 | 7 | A | 2 | C | 9 | E | 8 | 4 | B | 3 | 0 | D | 5 | 6 |
| E | B | 8 | 0 | 6 | 4 | C | D | A | 7 | 9 | 5 | 3 | 1 | 2 |
| 0 | 3 | 5 | 1 | A | B | 7 | 2 | 6 | C | D | E | 9 | 4 | 8 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ମୁଁ କ'ଣ ସତରେ ବୋକା

ମହାଶୟ,

ଧରିତ୍ରୀ(୨।୭)ରେ ସୁଧାକର ଦାସଙ୍କ ଲେଖା 'ମୁଁ କ'ଣ ସତରେ ବୋକା' ବାସ୍ତବିକ ହୃଦୟସ୍ପର୍ଶୀ ଓ ମନୋମୋହକର। ଲେଖକ ନିଜର ଅନେକ ସଦ୍‌ଗୁଣ ପାଇଁ ନିଜକୁ ବୋକା ମନେକରିବା ଆଦୌ ଯୁକ୍ତିଯୁକ୍ତ ନୁହେଁ। ଲେଖକ ଯେ ଜଣେ ସ୍ନେହୀ, ସରଳ, ଦାୟିତ୍ୱବାନ୍, ନିର୍ଭୀକ, ଶାନ୍ତ, ନମ୍ର ଓ ନିଚ୍ଛନ୍ଦ ବ୍ୟକ୍ତିତ୍ୱ ତାହା ଲେଖାରୁ ସ୍ପଷ୍ଟ ବାରିହୁଏ। ଏପରି ବ୍ୟକ୍ତିତ୍ୱ ଆଜି ବିରଳ ଓ ସମସ୍ତଙ୍କର ଅନୁକରଣୀୟ।

ସୁଧାଂଶୁ ଶେଖର ମିଶ୍ର, ବ୍ଲକ କଲୋନୀ, ଆଠଗଡ଼, କଟକ

### କେଉଁଝର ବଦଳରେ କେନ୍ଦୁଝର ହେଉ

ଜିଲାର ନାମ କେଉଁଝରକୁ ସଂଶୋଧନ କରି କେନ୍ଦୁଝର କରାଯିବା ଆବଶ୍ୟକ। ସେହିପରି ଲୋକଙ୍କ ଆବଶ୍ୟକତା ଦୃଷ୍ଟିରୁ ଜିଲାରେ ଏକ ବୃହତ୍ ଇସ୍ପାତ ଶିଳ୍ପ ପ୍ରତିଷ୍ଠା କରିବା ସହ ପ୍ରସ୍ତାବିତ ଚମ୍ପୁଆ–କେନ୍ଦୁଝରଗଡ଼–ଆନନ୍ଦପୁର–ଧାମରା ରେଳଲାଇନକୁ ମଞ୍ଜୁର କରାଯାଉ। ଜିଲାରେ ଏକ ଆଞ୍ଚଳିକ ଦୂରଦର୍ଶନ କେନ୍ଦ୍ର ପ୍ରତିଷ୍ଠା ହେଉ। ଭୁବନେଶ୍ୱର–କେନ୍ଦୁଝର–ଦିଲ୍ଲୀ ଟ୍ରେନ ଚଳାଇବା, ପୁରୀ–ବଡ଼ବିଲ ଇଣ୍ଟରସିଟି ଏକ୍ସପ୍ରେସ୍‌କୁ ମା' ତାରିଣୀଙ୍କ ନାମରେ ନାମିତ କରିବା ଓ ଜିଲା ସଦର ମହକୁମାରେ ଥିବା ଓଏସ୍‌ଏମ୍‌ଇକୁ ଜାତୀୟ ବୈଷୟିକ ଶିକ୍ଷାନୁଷ୍ଠାନକୁ ଉନ୍ନୀତ କରାଯିବାକୁ ଆମେ ଦାବି କରୁଛୁ। ମାନ୍ୟବର ସାଂସଦ ଏଥି ପ୍ରତି ଦୃଷ୍ଟି ଦେବାକୁ ଅନୁରୋଧ।

ଡମ୍ବରୁଧର ଘଣା, ଭୁବନେଶ୍ୱର

### ସମାନ୍ତରାଳ ଫେରିଘାଟ

ଧରିତ୍ରୀ(୨୪।୬)ର ୧୧ ପୃଷ୍ଠାରେ ପ୍ରକାଶିତ 'ସମାନ୍ତରାଳ ଫେରିଘାଟକୁ ନେଇ ବିବାଦ' ଖବର ପଢ଼ିଲି। ଏହାକୁ ଆଗେ ତିଖିରି ତରି ବୋଲି କହୁଥିଲୁ। ଏବେ ଜଣାଗଲା ଏହା କୁଜଙ୍ଗ ତହସିଲ ତଥା ଜଗତ୍‌ସିଂହପୁର ଜିଲାର। ଖୁବ୍‌ଶୀଘ୍ର ଏହା ଉପରେ ସ୍ଥାୟୀ ପୋଲ ନିର୍ମାଣ କରାଯାଉ। ଏହା ହେଲେ ୨୦ କି.ମି. ରାସ୍ତା କମିଯିବ। ଏହା ପାଇଁ ଟିକସ ନେଲେ ବାଧିବ ନାହିଁ। ତିଖିରି ପଞ୍ଚାୟତ ଏବଂ ଅମେଇପାଳ ପଞ୍ଚାୟତର ସମସ୍ତ ଅଧିବାସୀ କଟକ ତାଳଦଣ୍ଡା ବାଟ ଦେଇ ଯିବେ।

ଅଦ୍ୱୈତ ପ୍ରସାଦ ବେହେରା, ଅରଣା, ଗଡ଼ମା, ଜଗତ୍‌ସିଂହପୁର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ସଂକ୍ଷେପରେ

### ଜଙ୍ଗଲରୁ ମହିଳାଙ୍କ ମୃତଦେହ ଉଦ୍ଧାର

**ବାରିପଦା ଅଫିସ,୯।୭:** ମୟୂରଭଞ୍ଜ ଜିଲା ମୋରଡା ଥାନା ଅଧୀନ ଶଡାଶୋଳ ଜଙ୍ଗଲରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ଉଦ୍ଧାର ହୋଇଛି। ସୋମବାର ଗ୍ରାମର କେତେକ ବ୍ୟକ୍ତି ଜଙ୍ଗଲକୁ ଯାଇଥିବା ବେଳେ ମହିଳାଙ୍କ ଗଳିତ ମୃତଦେହ ପଡ଼ି ରହିଥିବା ଦେଖିବାକୁ ପାଇଥିଲେ। ଏନେଇ ସଙ୍ଗେ ସଙ୍ଗେ ମୋରଡା ପୋଲିସକୁ ଖବର ଦିଆଯାଇଥିଲା। ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଜାରି ରଖିଛି। ମୃତ ମହିଳାଙ୍କ ପରିଚୟ ଜଣା ପଡ଼ିନାହିଁ।

### 'ଚାରାରୋପଣ କରି ଛାତ୍ରୀଛାତ୍ର ଉଦାହରଣ ସୃଷ୍ଟି କରନ୍ତୁ'

**ଠାକୁରମୁଣ୍ଡା,୯।୭ (ଡି.ଏନ.ଏ.):** ବନ ମହୋତ୍ସବ ସପ୍ତାହ ପାଳନର ଶେଷ ଦିନରେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବନ ବିଭାଗ ସହାୟତାରେ ଚାରାରୋପଣ କରାଯାଇଛି। ଏଥିନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ପ୍ରଭାତ କୁମାର କୁଅଁର ଯୋଗଦେଇ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପରିବାର ଲୋକମାନଙ୍କୁ ଛାତ୍ରୀମାନେ ଚାରାରୋପଣ କରାଇବାକୁ ଶପଥ ନେଇଥିଲେ। ପ୍ରତିବର୍ଷ ଚାରାରୋପଣ କରି ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବାକୁ ମୁଖ୍ୟଅତିଥି ଛାତ୍ରୀମାନଙ୍କୁ କହିଥିଲେ। ଶିକ୍ଷକ ସର୍ଦ୍ଧିକ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିରେଖା ମାଝି, ମାନରଞ୍ଜନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଏଫଏସଡିପି ସଂଯୋଜକ ସୁକାନ୍ତ ସାହୁ ବକ୍ତବ୍ୟ ରଖିଥିଲେ। ବନ ମହୋତ୍ସବ ଅବସରରେ ୩୬ ହଜାର ଚାରାରୋପଣ କରାଯାଇଛି ବୋଲି ବନ ଅଧିକାରୀ ପ୍ରକାଶ କରିଥିଲେ।

# 'ଆଉ ବରଦାସ୍ତ କରାଯିବନି'

## ■ ରେଳ ବିକାଶ କ୍ଷେତ୍ରରେ ମୟୂରଭଞ୍ଜକୁ ଉପେକ୍ଷା ନେଇ ସରୋଜିନୀଙ୍କ ଚେତାବନୀ

**ବାରିପଦା ଅଫିସ,୯।୭**

ମୟୂରଭଞ୍ଜ ଜିଲାରେ ରେଳ ବିକାଶ କାର୍ଯ୍ୟକୁ କେନ୍ଦ୍ର ସରକାର କ୍ରମାଗତ ଭାବେ ଅଣଦେଖା କରି ଆସୁଛନ୍ତି। ରେଳପଥ ସମ୍ପ୍ରସାରଣ ଯୋଜନା କାଗଜପତ୍ରରେ ସୀମିତ ରହିଛି। ୪୧.୭୫ କି.ମି ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳପଥ ନିର୍ମାଣ ଲାଗି ସର୍ଭେ ହୋଇ ଅର୍ଥ ମଞ୍ଜୁରୀ ହେବା ସତ୍ତ୍ୱେ କାମ ହୋଇପାରୁ ନାହିଁ। ରେଳ ବିଭାଗ ଜିଲାରୁ ବିପୁଳ ରାଜସ୍ୱ ଆଦାୟ କରୁଥିବା ବେଳେ ଜିଲାବାସୀଙ୍କ ଦାବିକୁ ଉପେକ୍ଷା କରୁଥିବାରୁ ରାଜ୍ୟ ସଭା ସଦସ୍ୟା ସରୋଜିନୀ ହେମ୍ବ୍ରମ ଉଦବେଗ ପ୍ରକାଶ କରିଛନ୍ତି। କେନ୍ଦ୍ର ସରକାର ଆବଶ୍ୟକ ପଦକ୍ଷେପ ନ ନେଲେ ଏହାକୁ ଆଉ ବରଦାସ୍ତ କରାଯିବନି, ଗଣ ଆନ୍ଦୋଳନ କରାଯିବ ବୋଲି ସେ ଚେତାବନୀ ଦେଇଛନ୍ତି।

ସରୋଜିନୀ ଗଣମାଧ୍ୟମ ପ୍ରତିନିଧିଙ୍କୁ ଏହି ସୂଚନା ଦେଇ କହିଛନ୍ତି, ମୟୂରଭଞ୍ଜ ଜିଲା ପ୍ରତି ରେଳ ବିଭାଗର ଅବହେଳା କିଛି ନୂଆ କଥା ନୁହେଁ। ଏସମ୍ପର୍କରେ ସେ ଗତ ମାସ ୨୭ତାରିଖରେ କେନ୍ଦ୍ର ରେଳ ମନ୍ତ୍ରୀ ପିୟୂଷ ଗୋୟଲଙ୍କୁ ଭେଟି ଲିଖିତ ଭାବେ ଅବଗତ କରାଇଛନ୍ତି। ପୂର୍ବରୁ ବିଭିନ୍ନ ସମୟରେ ରେଳ ମନ୍ତ୍ରୀଙ୍କୁ ସାକ୍ଷାତ କରି ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳପଥ ନିର୍ମାଣ ଲାଗି ଦାବି ଜଣାଇ ଆସିଛନ୍ତି। ୨୦୧୫ରେ ସର୍ଭେ ସରିଥିବା ଏହି ରେଳପଥ କାର୍ଯ୍ୟ ଆରମ୍ଭ ପାଇଁ ରେଳ ବିଭାଗ ଏଯାଏ କୌଣସି ପଦକ୍ଷେପ ନେଉନାହିଁ। ଗଡଜାତ ଶାସନ ବେଳେ ବାରିପଦାରେ ପ୍ରଥମେ ରେଳସେବା ଆରମ୍ଭ ହୋଇଥିଲା। ସହରର ବାରିପଦା ଓ ଭଞ୍ଜପୁରଠାରେ ୨ଟି ଷ୍ଟେଶନ ରହିଛି। ଏଠାରୁ ବର୍ତ୍ତମାନ ଭୁବନେଶ୍ୱର, କଲିକତା, ବାଲେଶ୍ୱର, ରୁପସା ଓ ବାଙ୍ଗିରିପୋଷିକୁ ରେଳ ଚଳାଚଳ କରୁଛି। ବାଙ୍ଗିରିପୋଷି-ଭୁବନେଶ୍ୱର ସୁପରଫାଷ୍ଟ ଏକ୍ସପ୍ରେସ, ଭଞ୍ଜପୁର-ଶାଲିମାର ଇଣ୍ଟରସିଟି ଏକ୍ସପ୍ରେସ ଓ ଅନ୍ୟ ୬ ଟି ଡିଏମୟୁ ଯାତ୍ରୀଙ୍କୁ ସେବା ଯୋଗାଉଛି। ୧୯୦୪ରେ ମୟୂରଭଞ୍ଜର ତତ୍କାଳୀନ ମହାରାଜା ରେଳ ସେବା ଆରମ୍ଭ କରିବା ଘଟଣାକୁ ଶହେରୁ ଊର୍ଦ୍ଧ୍ୱ ବର୍ଷ ବିତି ଯାଇଥିଲେ ବି ଜିଲାରେ ରେଳ ବିକାଶ କାର୍ଯ୍ୟ ଆଶାନୁରୂପ ହୋଇପାରି ନାହିଁ। ଖଡଗପୁର ଡିଭିଜନ ଅଧୀନରେ ଥିବା ଏହି ରେଳପଥର ବିକାଶ ଲାଗି ଜିଲାବାସୀଙ୍କ ଦାବିକୁ କ୍ରମାଗତ ଉପେକ୍ଷା କରାଯାଉଛି। ବାଙ୍ଗିରିପୋଷି-ଗୋରୁମହିଷାଣୀ ରେଳପଥ ଲାଗି ୨୦୧୫ରେ ସର୍ଭେ ରିପୋର୍ଟ ରେଳବାଇ ବୋର୍ଡକୁ ଦିଆଯିବା ପରେ କେନ୍ଦ୍ର ସରକାର ୫୨୧.୬୩ କୋଟି ଟଙ୍କା ମଞ୍ଜୁର କରିଥିଲେ। ଏଯାଏ କାମ ଆରମ୍ଭ ନ ହେବା ଏକ ବିଡମ୍ବନା। ଏହି ରେଳପଥ ହେଲେ ଭୁବନେଶ୍ୱର ଓ ଟାଟାନଗର ମଧ୍ୟରେ ଦୂରତା କମିଯିବ। ଲୋକେ କମ୍ ସମୟ ମଧ୍ୟରେ ବିଭିନ୍ନ ସ୍ଥାନକୁ ଯାଇପାରିବେ। ମାଓବାଦୀ କାର୍ଯ୍ୟକଳାପ ଏବଂ ବନ୍ୟା,ବାତ୍ୟା ସମୟରେ ରୁପସା-ଖଡଗପୁର-ଟାଟା ନାଗର ରେଳ ପଥର ବିକଳ୍ପ ଭାବେ ଏହି ରେଳପଥକୁ ବ୍ୟବହାର କରାଯାଇ ପାରିବ। ସରକାରୀ ଜମିରେ ରେଳପଥ ହେଉଥିବାରୁ କୌଣସି ଝାମେଲା ହେବ ନାହିଁ। ଏହା ସତ୍ତ୍ୱେ ରେଳପଥ ନିର୍ମାଣ କାହିଁକି ଅଟକିଛି ଏ ନେଇ ସରୋଜୀନି ପ୍ରଶ୍ନ କରିଛନ୍ତି।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ପଛେ ଖାଏ ବାସି ପେଜ**
**ବାହାରେ ଦେଖାଏ ବଡ଼ ମଉଜ ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରୀ କାହିଁରେ କେତେ ! ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ବାହାନା ମାରିଥାନ୍ତି। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ତରତର ବିକାଯାଏ**
**ମଣିଷ ତରତର ବିକାଯାଏନା ।**

ବିଳମ୍ବରେ ଘୋଡ଼ା ବିକ୍ରି ହେଲେ ତା'ର ମୂଲ୍ୟ କମିଯାଏ। ମଣିଷକୁ ଉପଯୋଗୀ କରିବାକୁ ହେଲେ ତା'ର ଗୁଣଧର୍ମକୁ ପରୀକ୍ଷା କରି ତାକୁ ବିନିଯୋଗ କରିବାକୁ ପଡ଼ିଥାଏ। ଏଥିରେ ବିଳମ୍ବ କଲେ କ୍ଷତି କିଛି ନ ଥାଏ ବରଂ ଲାଭ ବହୁତ ମିଳିଥାଏ। ମନୁଷ୍ୟର ଜୀବନ ସମ୍ପର୍କିତ ବିଷୟଗୁଡ଼ିକ ନିଷ୍ପତ୍ତି ନେବା ବେଳେ ଧୈର୍ଯ୍ୟ ଧରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

### ଶିଶୁକନ୍ୟାକୁ ଯୌନ ନିର୍ଯାତନା ଘଟଣା
## ୫ ଦିନ ପରେ ଅଭିଯୁକ୍ତ ଗିରଫ

**ଖୁଣ୍ଟା,୯।୭(ଡି.ଏନ୍.ଏ)**

ଖୁଣ୍ଟା ଥାନା ଅଞ୍ଚଳରେ ଗତ ୪ ତାରିଖରେ ଜଣେ ୧୭ ମାସର ଶିଶୁ କନ୍ୟାକୁ ଯୌନ ନିର୍ଯାତନା ଭଳି ଅଶୋଭନୀୟ ଘଟଣା ଘଟିଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ଭଦ୍ର ସିଂଙ୍କୁ ସୋମବାର ବିଳମ୍ବିତ ରାତିରେ ଖୁଣ୍ଟା ପୋଲିସ ତାଙ୍କ ଘରୁ ଗିରଫ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣା ପରେ ଅଭିଯୋଗ ପାଇ ପୋଲିସ କେବଳ ଏକ ମାମଲା ରୁଜୁକରି ତଦନ୍ତ ଆଳରେ ସମୟ ଗଡ଼ାଇ ଚାଲିଥିଲା। ପୋଲିସର ନିଷ୍କ୍ରିୟତାକୁ ଦେଖି ଶିଶୁକନ୍ୟାର ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ସ୍ୱଂୟ ସହାୟକ ଗୋଷ୍ଠୀର ଶତାଧିକ ମହିଳା ଥାନାରେ ପହଞ୍ଚି ସନ୍ଧ୍ୟା ସୁଦ୍ଧା ଅଭିଯୁକ୍ତଙ୍କୁ ଗିରଫ କରା ନ ଗଲେ ରାସ୍ତା ଅବରୋଧ କରାଯିବ ବୋଲି ଚେତାବନୀ ଦେଇଥିଲେ। ଉଲ୍ଲେଖଯୋଗ୍ୟ ଯେ, ଶିଶୁକନ୍ୟାଟିକୁ ତାଙ୍କ ଘର ଅଗଣାରୁ ଉଠାଇ ନେଇ ନିକଟସ୍ଥ ଏକ ନଦୀ ପାର୍ଶ୍ୱ ନିର୍ଜନ ସ୍ଥାନରେ ଅଭିଯୁକ୍ତ ଯୌନ ନିର୍ଯାତନା ଦେଇଥିବା ନେଇ ଶିଶୁକନ୍ୟାର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ଖୁଣ୍ଟା ଥାନାରେ ଏକ ମାମଲା (ନଂ.୭୭/୧୯) ରୁଜୁ ହୋଇଥିଲା।

# ଡାକ କର୍ମଚାରୀଙ୍କ ଦ୍ୱିବାର୍ଷିକ ସମ୍ମିଳନୀ

**ବାରିପଦା ଅଫିସ,୯।୭**



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଜାତୀୟ ଡାକ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ୩ଦିନିଆ ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଗଣେଶ୍ୱର ପାଣ୍ଡେଙ୍କ ପୌରୋହିତ୍ୟରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସଂଘର ସମ୍ପାଦକ ସେଖ ଅବଦୁଲ ମୁସ୍ତାକିନ ପ୍ରାରମ୍ଭରେ ଶାଖାର ଦ୍ୱିବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ବର୍ତ୍ତମାନ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ ପରିବର୍ତ୍ତନ ତଥା ବ୍ୟବସାୟଭିତ୍ତିକ କାମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ତଥା ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଜୟନ୍ତ କୁମାର ଭଞ୍ଜ ଓ ସଭ୍ୟ ସ୍ୱର୍ଗତ ଗଣେଶ୍ୱର ନାଏକଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଚନ୍ଦ୍ରଶେଖର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ବିଭାଗର ନୂତନ ଭାବେ ଚାଲିଥିବା ପେମେଣ୍ଟ ବ୍ୟାଙ୍କ, ଆରଆଇସିଟି, ଆଧାର ଓ ପାସପୋର୍ଟ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ। ସାଂଗଠନିକ ନିର୍ବାଚନରେ ଗଣେଶ୍ୱର ପାଣ୍ଡେ ସଭାପତି ଓ ସେଖ ଅବଦୁଲ ମୁସ୍ତାକିମ ସମ୍ପାଦକ ଭାବେ ପୁନର୍ବାର ନିର୍ବାଚିତ ହୋଇଥିଲେ। ଶେଷରେ କୋଷାଧ୍ୟକ୍ଷ ମନୋଜ କୁମାର ମହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ।

# ମିଳିତ ଜନଶୁଣାଣି ଶିବିର

**ରାଇରଙ୍ଗପୁର,୯।୭(ଡି.ଏନ.ଏ)**


ଶିବିରରେ ଜିଲାପାଳ ଜଣେ ମହିଳାଙ୍କ ଅଭିଯୋଗ ଶୁଣାଣି କରୁଛନ୍ତି।

ରାଇରଙ୍ଗପୁର ଉପ ଜିଲାପାଳଙ୍କ କାର୍ଯ୍ୟାଳୟ ବୈଠକ ଗୃହ ପରିସରରେ ସୋମବାର ମୟୂରଭଞ୍ଜ ଜିଲାପାଳ ଓ ଏସ୍‌ପିଙ୍କ ଦ୍ୱାରା ମିଳିତ ଜନ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲାପାଳ ବିନିତ ଭରଦ୍ୱାଜ ଓ ଏସ୍‌ପି ଅବିନାଶ କୁମାର ଏଥିରେ ଯୋଗଦେଇ ମୋଟ ୭୮ଟି ଅଭିଯୋଗର ଶୁଣାଣି କରିଥିଲେ। ୬୧ଟି ବ୍ୟକ୍ତିଗତ ସମସ୍ୟା ଓ ୧୬ଟି ଗ୍ରାମ୍ୟ ସମସ୍ୟାର ଶୁଣାଣି ହୋଇଥିଲା। ରାଇରଙ୍ଗପୁର ସବଡିଭିଜନ ଅନ୍ତର୍ଗତ ବିଭିନ୍ନ ବ୍ଲକ ଓ ସହରାଞ୍ଚଳର ଜନସାଧାରଣ ଏହି ଶିବିରକୁ ଆସିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସ୍ଥାନୀୟ ଉପଜିଲାପାଳ ଧର୍ମାନନ୍ଦ ବେହେରା, ଆଇଟିଡିଏ ପ୍ରକଳ୍ପ ପ୍ରଶାସକ ଅନନ୍ତନାରାୟଣ ଲାଗୁରୀ, ରାଇରଙ୍ଗପୁର ମେଡିକାଲ ଏସଡିଏମଓ ଡା. ଛତିଶଚନ୍ଦ୍ର ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ରାଇରଙ୍ଗପୁର ଥାନା ଅନ୍ତର୍ଗତ ବୁଢ଼ାମରା ଗ୍ରାମର ଭିନ୍ନକ୍ଷମ ସେକ. ଜିଆସରଦ୍ଦିନଙ୍କୁ ଜିଲା ରେଡକ୍ରସ ପାଣ୍ଠିରୁ ୫ ହଜାର ଟଙ୍କା ଅନୁଦାନ ରାଶି ଜିଲାପାଳ ପ୍ରଦାନ କରିଥିଲେ। ଶିବିରରେ ରାଇରଙ୍ଗପୁର ସବ୍‌ଡିଭିଜନ ଅନ୍ତର୍ଗତ ୭ଟି ବ୍ଲକର ବିଡିଓ, ତହସିଲଦାରଙ୍କ ସମେତ ବିଭାଗୀୟ ପଦାଧିକାରୀ ଓ ଯନ୍ତ୍ରୀମାନେ ଉପସ୍ଥିତ ଥିଲେ।

# କପ୍ତିପଦାରେ ପ୍ରଧାନଶିକ୍ଷକ ସମ୍ମିଳନୀ

**କପ୍ତିପଦା,୯।୭ (ଡି.ଏନ୍.ଏ.)**

ମୟୂରଭଞ୍ଜ ଜିଲା କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କପ୍ତିପଦା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଶଶୀଧର ସିଂ ଅଧ୍ୟକ୍ଷତା କରିଥିଲେ। ବୈଠକରେ କପ୍ତିପଦା, ବଡ଼ବିଶୋଳ, ରଥିପୁର, କୁଆଁରପୁର, ଗୋଳାଗଡ଼ିଆ ଓ ଗୟଳମରା କ୍ଲଷ୍ଟର ଅନ୍ତର୍ଭୁକ୍ତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ସାମୂହିକ ଉନ୍ନତି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ସିଂ ବିଦ୍ୟାଳୟ ପରିଚାଳନାରେ ପ୍ରଧାନ ଶିକ୍ଷକଙ୍କ ଭୂମିକା ଓ ବ୍ଲକ୍‌ର ପ୍ରତ୍ୟେକଟି ବିଦ୍ୟାଳୟକୁ ଅନନ୍ୟ କରି ଗଢ଼ି ତୋଳିବା ପାଇଁ ନିଜର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ତଥା ଗୋଷ୍ଠୀ ସମ୍ବଳ ସାଧନ କେନ୍ଦ୍ର ସଂଯୋଜକ ଜଗନ୍ମୋହନ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ସମ୍ବଳ ସାଧକ ତଥା ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିଚାଳନାରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କପ୍ତିପଦା ବ୍ଲକ୍‌ର ଟି.ସି. ରାକେଶ୍ ଜେନା କମ୍ପୋଜିଟ୍ ଗ୍ରାଣ୍ଟର ସୁବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ବିଦ୍ୟାଳୟରେ ପାଇଖାନା ବ୍ୟବହାର, ସ୍ୱଚ୍ଛ ନିର୍ମଳ ପାନୀୟ ଜଳର ବ୍ୟବହାର ଓ ବିଦ୍ୟୁତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସିଆର୍‌ସିସି ଘନଶ୍ୟାମ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବାବେଳେ ସିଆର୍‌ସିସି ଅଜିତ୍ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ଅଜୟ କୁମାର ପରିଡ଼ା, ଚିତ୍ତରଞ୍ଜନ ମହାନ୍ତି, ଗାନ୍ସା ମୁର୍ମୁ ଓ ଦୈତାରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।

CLASSIFIED DISPLAY

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 | 6 x 4 | 12 x 4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

ALL EDITION - B/W (Everyday)
for Booking Contact:
0674-2580385, 7894447148, 7894447131, 9337021532, 7894447167, 7894447165

FINANCE

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲିଃ
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ ପର୍ସନାଲ, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍
୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :-
201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BUSINESS

ASTROLOGY

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office
G-79 Aadrsh Nagar Karol Bagh
9078842412

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକକୁ ମନେଇବା, ଗୃହକ୍ଲେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଜାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକକୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900

**ପାଠକଙ୍କ ପାଇଁ ସୂଚନା:**
ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

# OFFICE OF THE LAND ACQUSITION OFFICER AND COMPETENT AUTHORITY, NH-49, KOLABIRA, JHARSUGUDA

## PUBLIC NOTICE

**Notice No: 783** **Dt. 27.06.2019**

In Exercise of the power vested undr Section 3D (1) and (2) of National Highways Act. 1956 (48 of 1956) the Central Government vide their Gazette Notification No. S.O 1515(E) Dtd. 02.04.2019 have acquired the lands indicated in the scheduled hereunder for widening, Maintenance, management and operation of NH-49 on the stretch of land from Km 269/300 to Km 328/200 Jharsuguda District Portion in the State of Odisha under provision of section 3G (1),(2),(3) & (4) of the National Highways Act. 1956 (48 of 1956) it is hereby informed to land owners and other interested persons whose land are acquired for widening, Maintenance, management and operation of NH-49 on the stretch of land from Km 269.300 to Km 328.200 Jharsuguda District Portion in the State of Odisha to appear and to submit their claims along with the copies of the relevant documents VIZ, (1). Sale/ Portition/ Others deeds of title (2) Mutation and Tax paid receipt (3) RTC's (4) Conversion Certificate etc. in person of through agents or through advocates in the places and on the date as indicated under to the Land Acqusition Officer and Competent Authority, NH-49, Kolabira and to state their respective interest on such lands

| Sl No | Name of the District | Name of the Tahasil | Name of the village | Date & Time | The place where the land owners interested persons have to appear and submit their claims |
|---|---|---|---|---|---|
| 1 | Jharsuguda | Kolabira | Siriapali, Patrapali, Parmanpur, Raghunathpali, Dandabuda | 07.08.2019 | Tahasil Office, Kolabira |
| 2 | Jharsuguda | Kolabira | Kolabira, Sanyasipali Badbahal, Kundrusingha | 08.08.2019 | Tahasil Office, Kolabira |
| 3 | Jharsuguda | Kolabira | Pokhrasale, Ludung, Lariapali | 09.08.2019 | Tahasil Office, Kolabira |

*Sd./- Sanjeev Kumar Patel*
*Land Acquisition Officer and Competent Authority, NH-49*
*Kolabira, Jharsuguda*

## MINISTRY OF ROAD TRANSPORT AND HIGHWAYS

## NOTIFICATION

New Delhi, the 2nd April, 2019

S.O. 1515(E).—Whereas by the notification of the Government of India in the Ministry of Road Transport and Highways, number S.O. 1476(E) dated 04.04.2018 , published in the Gazette of India, Extraordinary, Part II, Section 3, Sub-section (ii) issued under sub-section (1) of section 3A of the National Highway Act, 1956 (48 of 1956) (hereinafter referred to as the said Act), the Central Government declared its intention to acquire the land specified in the Schedule annexed to the said notification for widening, Maintenance, management and operation of NH-49 on the stretch of land from Km 269.300 to Km 328.200 (JHARSUGUDA DISTRICT PORTION) in the State of ODISHA.

And whereas the substance of the said notification has been published in "DHARITRI" dated 15.04.2018, "SAMAJ" dated 17.04.2018 and "TIMES OF INDIA" dated 14.04.2018 under sub-section (3) of section 3A of the said Act.

And whereas objections have been received and the same have been considered and disallowed by the competent Authority.

And whereas, in pursuance of sub-section (1) of section 3D of the said Act, the competent authority has submitted its report to the Central Government.

Now, therefore, upon receipt of the said report of the competent authority and in exercise of the powers conferred by the sub-section (1) of section 3D of the said Act, the Central Government hereby declares that the land specified in the said Schedule should be acquired for the aforesaid purpose.

And further, in pursuance of sub-section (2) of section 3D of the said Act, the Central Government hereby declares that on publication of this notification in the Official Gazette, the land specified in the said Schedule shall vest absolutely in the Central Government, free from all encumbrances.

### SCHEDULE

Brief description of the land to be acquired, with or without structure, falling within the NH-49 in the stretch of land from NH49 (Kolabira) in the district of JHARSUGUDA in the State of ODISHA.

State: ODISHA District: JHARSUGUDA

| Sr. No. | Survey Number | Type of Land | Nature of Land | Area in Hectare | Name of the Land Owner/Interested Person Part Survey No: |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | Taluk: Kolabira | | | | |
| | Village: Badbahal | | | | |
| 1 | 1034 | Private | Bahal Sadharana | 0.007 | Narahari Patel, F - Gangadhar Patel, C - Agharia, R - Nijagaon 1034 |
| 2 | 1076 | Private | Aata Sadharana | 0.006 | Dukhu Patel, F - Krupasindhu Patel, Parameswar Patel, F - Chaitanya Patel, Kainty Patel, H - Chaitanya patel, Gobardhana Patel, Purna Patel, F - Nandalal Patel, C - Agharia, R - Nijagaon 1076 |
| 3 | 1093 | Private | BAHAL SADHARANA | 0.009 | Balaram patel, F - Rajendra patel, C - Agharia, R - Nijagaon 1093 |
| 4 | 504 | Private | Aata Sadharana | 0.015 | Gopal Naik, F - Markanda Naik, C - Ganda, R - Nijagaon 504 |
| 5 | 505 | Private | Mala Sadharana | 0.013 | Rupai Kisan, F - Hadi Kisan, C - Kisan, R - Nijagaon 505 |
| 6 | 512 | Private | Mala Sadharana | 0.008 | Banchhanidhi Patel, Basudev Patel, F - Rupdhara Patel, Nrupalal Patel, F - Satyabadi Patel, C - Agharia, R - Nijagaon 512 |
| 7 | 523 | Private | Mala Sadharana | 0.038 | Mejel Kisan, F - Chiringu Kisan, C - Kisan, R - Nijagaon 523 |
| 8 | 524 | Private | Mala Sadharana | 0.005 | Dukhu Patel, F - Krupasindhu Patel, Parameswar Patel, F - Chaitanya Patel, Kainti Patel, H - Chaitanya Patel, Gobardhana Patel, Purna patel, F - Nandalal patel, C - Agharia, R -Nijagaon 524 |
| 9 | 557 | Private | BARI SADHARANA | 0.01 | Ganesh Sah, F - Rammilan Sah, C - Teli, R - Purnabasti, Jharsuguda 557 |
| 10 | 559 | Private | Bari Sadharana | 0.007 | Ganesh Sah, F - Rammilan Sah, C - Teli, R - Purunabasti, Jharsuguda 559 |
| 11 | 563 | Private | AATA KHARI | 0.002 | Mukteswar Patel, F - Banchhanidhi Patel, Kartika patel, F - Baneswar Patel, C - Agharia, V - Nijagaon 563 |
ପୀଡ଼ିତା ଥାନାରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ମାସ ୧ ତାରିଖରେ ସେ ଏକୁଟିଆ ଥିବା ସମୟରେ ଗ୍ରାମର ୨ ଯୁବକ ତାଙ୍କ ଘରେ ପଶିଥିଲେ। ଜଣେ ଯୁବକ ତାଙ୍କୁ ବଳାତ୍କାର କରିଥିଲେ। ମା' ବାପା ଘରକୁ ଫେରିବା ପରେ ସେ ସମସ୍ତ ଘଟଣା ଜଣାଇଥିଲେ। ମା'ବାପା ସମ୍ପୃକ୍ତ ଯୁବକଙ୍କ ଘରକୁ ପଚାରିବାକୁ ଯାଇଥିବା ବେଳେ ସେହି ଯୁବକ ଓ ତାଙ୍କ ପରିବାରବର୍ଗ ମାରଣାସ୍ତ୍ରରେ ଆକ୍ରମଣ କରିଥିଲେ। ଏଥିରେ ଉଭୟ ଆହତ ହୋଇଥିଲେ। ଏ ସମ୍ପର୍କରେ କାହାକୁ କହିଲେ କିମ୍ବା ପୋଲିସରେ ଅଭିଯୋଗ କଲେ ଘରେ ନିଆଁ ଲଗାଇ ସମସ୍ତଙ୍କୁ ହତ୍ୟା କରାଯିବ ବୋଲି ସେମାନେ ଧମକ ଦେଇଥିଲେ। ଆହତ ମା' ବାପା ଚିକିତ୍ସିତ ହେବା ପରେ ସାବରଙ୍ଗ ଫାଣ୍ଡିକୁ ଯାଇ ଏ ସମ୍ପର୍କରେ ଅଭିଯୋଗ କରିଥିଲେ। ଫାଣ୍ଡି ପୋଲିସ କୌଣସି କାର୍ଯ୍ୟାନୁଷ୍ଠାନ ନ ନେବାରୁ ଶେଷରେ ପୀଡ଼ିତା ଗତ ୩ ତାରିଖରେ ଗ୍ରାମାଞ୍ଚଳ ଥାନାକୁ ଆସି ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ପ୍ରାଥମିକ ତଦନ୍ତ ପରେ ୫ ଜଣଙ୍କ ନାମରେ ମାମଲା ରୁଜୁ ହୋଇଥିବା ପୋଲିସ କହିଛି।

## ଶ୍ରଦ୍ଧାଞ୍ଜଳି ସଭା

ତିହିଡ଼ି, ୯।୭ (ଡି.ଏନ.ଏ.)

ତିହିଡ଼ି ବ୍ଲକ ଭାଟପଡ଼ା ପଞ୍ଚାୟତ ମିର୍ଜାପୁର ଗ୍ରାମର ପୂର୍ବତନ ନାଏବ ସରପଞ୍ଚ ସ୍ୱର୍ଗତ ଯଦୁନାଥ ବେହେରାଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ତିହିଡ଼ି ସରସ୍ୱତୀ ଶିଶୁମନ୍ଦିର ପରିସରରେ ଆୟୋଜିତ ସଭାରେ କବି ନୀଳମାଧବ ସେନାପତି ପୌରୋହିତ୍ୟ କରିଥିଲେ। ଭଦ୍ରକ ତ୍ୟାଗଭୂମି ସମ୍ମେଳନର ସଭାପତି ଅଜୟ ନାୟକ ମୁଖ୍ୟଅତିଥି ଏବଂ ଅଧ୍ୟାପକ ବିଶ୍ୱରଞ୍ଜନ ଦାସ, କବି ସଞ୍ଜିତ୍ ବଳ, କବି ବିଭୂତି ଭୂଷଣ ଗ୍ରହାଚାର୍ଯ୍ୟ ସମ୍ମାନିତ ଅତିଥି ଭାବେ ଯୋଗଦେଇ ସ୍ମୃତିଚାରଣ କରିଥିଲେ। ନିର୍ମଳ ଦଳାଇ, ବସନ୍ତ ଦାସ, ଜ୍ୟୋତିର୍ମୟ ପାଣ୍ଡବ, ରଞ୍ଜୁଲତା ଗାହାଣ, ରଞ୍ଜନ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଅବସରକାଳୀନ ସମ୍ବର୍ଦ୍ଧନା

ଭଦ୍ରକ ଅଫିସ, ୯।୭

ଭଦ୍ରକ ଚରମ୍ପା ମହାବିଦ୍ୟାଳୟର ଓଡ଼ିଆ ବିଭାଗର ମୁଖ୍ୟ ପ୍ରାଧ୍ୟାପିକା ଡ. ପ୍ରଭାତ ନଳିନୀ ମହାପାତ୍ରଙ୍କୁ ଅବସରକାଳୀନ ବିଦାୟ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ପରିପ୍ରେକ୍ଷୀରେ ସଭା ଅନୁଷ୍ଠିତ ହୋଇଥିଲା। ପ୍ରଥମ ପର୍ଯ୍ୟାୟରେ ଓଡ଼ିଆ ଭାଷା ସାହିତ୍ୟ ବିଭାଗ ପକ୍ଷରୁ ବିଦାୟ ସମ୍ବର୍ଦ୍ଧନା ସଭାର ଆୟୋଜନ କରାଯାଇଥିଲା। ଅଧ୍ୟକ୍ଷ ବ୍ରଜକିଶୋର ବଳଙ୍କ ସଭାପତିତ୍ୱରେ ବିଭାଗର ସମସ୍ତ ଅଧ୍ୟାପକ ଓ ଛାତ୍ରୀଛାତ୍ର ଯୋଗ ଦେଇଥିଲେ। ପ୍ରାଧ୍ୟାପକ ଡ. ସନ୍ତୋଷ ଗୋପାଳ ମହାନ୍ତି ବିଦାୟୀ ପ୍ରାଧ୍ୟାପିକା ମହାପାତ୍ରଙ୍କ କର୍ତ୍ତବ୍ୟନିଷ୍ଠା ଓ ବିଭାଗ ପ୍ରତି ତାଙ୍କର ଅଙ୍ଗୀକାରବଦ୍ଧତା ଉପରେ ଆଲୋକପାତ କରିଥିଲେ। ମାନପତ୍ର ପାଠ କରିଥିଲେ ବିଭାଗର ଅନ୍ୟତମ ଅଧ୍ୟାପକ ଡ. ରମେଶ ଚନ୍ଦ୍ର ଦାସ। ଅଧ୍ୟକ୍ଷ ବଳ, ଇତିହାସ ବିଭାଗର ଅଧ୍ୟାପିକା ଡ. ଉତ୍ପଳା ନାୟକ, ଅଧ୍ୟାପିକା ଡ. ସୁକାନ୍ତି ମହାପାତ୍ର, ଅଧ୍ୟାପକ ସୁବ୍ରତ ଦାସ, ଗଣେଶ ଚନ୍ଦ୍ର ମହାପାତ୍ର ପ୍ରମୁଖ ଡ. ମହାପାତ୍ରଙ୍କ ବ୍ୟକ୍ତିତ୍ୱ ଏବଂ କର୍ମମୟ ଜୀବନ ଉପରେ ବକ୍ତବ୍ୟ ରଖିଥିଲେ। ପରେ ବିଭାଗ ପକ୍ଷରୁ ତାଙ୍କୁ ଉପଢୌକନ ଓ ମାନପତ୍ର ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିଭଳି ଇଂଲିଶ ବିଭାଗ ପକ୍ଷରୁ ତାଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

## ■ କଲେଜରେ ଅଭିଭାବକ ବୈଠକ

## ଶିକ୍ଷାର ମାନବୃଦ୍ଧି ନେଇ ଆଲୋଚନା



ବୈଠକରେ ଉପସ୍ଥିତ ଅଭିଭାବକ।

ଭଣ୍ଡାରିପୋଖରୀ, ୯।୭ (ଡି.ଏନ.ଏ.)

ଭଣ୍ଡାରିପୋଖରୀ କଲେଜରେ ଛାତ୍ରୀଛାତ୍ରଙ୍କ ଉନ୍ନତି ପାଇଁ ମଙ୍ଗଳବାର ଅଭିଭାବକ ବୈଠକ ଅଧ୍ୟକ୍ଷ ଭରତ ଚନ୍ଦ୍ର କରଣଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କଲେଜରେ ଅଧ୍ୟୟନରତ ଯୁକ୍ତ ୨ ଶେଷବର୍ଷ ଛାତ୍ରୀଛାତ୍ର କିପରି ଭଲ ରେଜଲ୍ଟ କରିବେ ସେନେଇ ଆଲୋଚନା କରାଯାଇଥିଲା। କଲେଜ ପକ୍ଷରୁ ନିୟମିତ କ୍ଲାସ ନେବା ସହ ସନ୍ଦେହ ଦୂର ପାଇଁ ଅତିରିକ୍ତ କ୍ଲାସ, ମାସିକିଆ ପରୀକ୍ଷା ସମ୍ପର୍କରେ ଅଭିଭାବକଙ୍କୁ ଅବଗତ କରାଯାଇଥିଲା। ପ୍ରତ୍ୟେକ ଅଭିଭାବକ ବିଭିନ୍ନ ସମୟରେ କଲେଜକୁ ଆସି ପିଲାମାନଙ୍କର ଉପସ୍ଥାନ, ଶିକ୍ଷାର ଉନ୍ନତି ସମ୍ପର୍କରେ ଅଧ୍ୟାପିକା ଅଧ୍ୟାପକଙ୍କ ସହ ଆଲୋଚନା ପାଇଁ କୁହାଯାଇଥିଲା। ସେହିପରି କଲେଜ ପକ୍ଷରୁ ଲାଇବ୍ରେରୀରୁ ଆବଶ୍ୟକ ପୁସ୍ତକ ଯୋଗାଣ ବ୍ୟବସ୍ଥା ଲାଗି ପ୍ରତିଶ୍ରୁତି ଦିଆଯାଇଥିଲା। କଲେଜର ଅଧ୍ୟାପିକା ଅଧ୍ୟାପକ ଅନନ୍ତ କିଶୋର ମହାପାତ୍ର, ସୁଜାତାରାଣୀ ଦାସ, ଆନନ୍ଦ ଚନ୍ଦ୍ର ନାୟକ, ହରିହର ସାହୁ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

## ଉନ୍ନୟନ କାର୍ଯ୍ୟରେ ପାତରଅନ୍ତର

ବାସୁଦେବପୁର, ୯।୭ (ଡି.ଏନ.ଏ.)

ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ନୂଆଗାଁ ପଞ୍ଚାୟତରେ ସରକାରୀ ଯୋଜନା ସହିତ ଉନ୍ନତିମୂଳକ କାର୍ଯ୍ୟ ଠିକ୍ ଭାବେ କାର୍ଯ୍ୟକାରୀ ହେଉ ନ ଥିବା ଅଭିଯୋଗ କରି ସରପଞ୍ଚ, ସମିତିସଭ୍ୟଙ୍କ ସହିତ ୨୦ରୁ ଊର୍ଦ୍ଧ୍ୱ ପଞ୍ଚାୟତବାସୀ ମଙ୍ଗଳବାର ଅପରାହ୍ନରେ ବିଡିଓଙ୍କୁ ଘେରିଥିଲେ। ସେମାନେ ବ୍ଲକ କାର୍ଯ୍ୟାଳୟକୁ ଯାଇ ବିଡିଓଙ୍କ ନିକଟରେ ଏ ନେଇ ବିଡିଓଙ୍କ ନିକଟରେ ଅଭିଯୋଗ କରିବା ସହ ତୁରନ୍ତ ପଦକ୍ଷେପ ନିଆଯାଉ ବୋଲି ଦାବି କରିଥିଲେ।

ଅଭିଯୋଗ ହୋଇଛି ଯେ, ଏହି ପଞ୍ଚାୟତରେ ସରକାରଙ୍କ ଅନୁଦାନରେ ସିଏଫ୍‌ସି, ଏସ୍‌ଏଫ୍‌ସି ଯୋଜନାରେ ରାସ୍ତା, ଡ୍ରେନ ନିର୍ମାଣ ସହିତ ନଳକୂପ ମରାମତି ଓ ନୂତନ ନଳକୂପ ନିର୍ମାଣରେ ପାତରଅନ୍ତର କରାଯାଉଛି। ରାଜନୈତିକ ଉଦ୍ଦେଶ୍ୟ ରଖି ଯେଉଁ ସ୍ଥାନରେ ପ୍ରକଳ୍ପ ନିର୍ମାଣ ଆବଶ୍ୟକ ସେଠାରେ କରା ନ ଯାଇ ଅନ୍ୟତ୍ର କରାଯାଉଛି। ସରକାରୀ ଯୋଜନା



ବ୍ଲକ କାର୍ଯ୍ୟାଳୟ ପରିସରରେ ପଞ୍ଚାୟତବାସୀ ବିଡିଓଙ୍କୁ ଘେରିଛନ୍ତି।

ଠିକ୍ ଭାବେ କାର୍ଯ୍ୟକାରୀ ହେଉନାହିଁ ବୋଲି ସରପଞ୍ଚ ରଘୁନାଥ ମଳିକ ଏ ସମ୍ପର୍କରେ ବିଡିଓଙ୍କୁ ଅବଗତ କରି ପଦକ୍ଷେପ ନେବାକୁ ଦାବି କରିଥିଲେ। ବିଡିଓ ନୀରବଦ୍ରଷ୍ଟା ସାଜିଥିବା ସରପଞ୍ଚ ମଲ୍ଲିକ, ସମିତିସଭ୍ୟ ମାଗୁଣୀ ମଳିକ ଅଭିଯୋଗ ଉଠାଇ ଏଭଳି କାର୍ଯ୍ୟକୁ ନାପସନ୍ଦ କରିଛନ୍ତି। ଏଭଳି କାର୍ଯ୍ୟ ଚାଲୁ ରହିଲେ ବାଧହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି

**ବିଡିଓଙ୍କୁ ଘେରିଲେ**

ପଞ୍ଚାୟତବାସୀ ଚେତାବନୀ ଦେଇଛନ୍ତି। ଅନ୍ୟପକ୍ଷେ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ପଞ୍ଚାୟତ ପ୍ରତିନିଧିମାନେ ବସିବା ପାଇଁ ନିର୍ମିତ ଗୃହକୁ କାହିଁକି ଯୋଗାଣ ବିଭାଗ କାର୍ଯ୍ୟାଳୟରେ ପରିଣତ କରାଯାଇଛି ବୋଲି ସରପଞ୍ଚ ମଳିକ ବିଡିଓଙ୍କୁ ପ୍ରଶ୍ନ କରିଥିଲେ। ପ୍ରକଳ୍ପ କାର୍ଯ୍ୟକାରିତା ସମ୍ପର୍କରେ ବିଡିଓ ବୀରକିଶୋର ପାଣିଗ୍ରାହୀଙ୍କୁ ପଚାରିବାରୁ ଉକ୍ତ ପଞ୍ଚାୟତରେ ସରକାରୀ ନୀତିନିୟମ ଅନୁସାରେ କାର୍ଯ୍ୟ ଚାଲିଛି, ଅନିୟମିତତା ଅଭିଯୋଗ ଆସିଲେ ତଦନ୍ତ ହେବ ବୋଲି କହିଛନ୍ତି। ପଞ୍ଚାୟତ ପ୍ରତିନିଧିଙ୍କ ପାଇଁ ଉଦ୍ଦିଷ୍ଟ ବିଶ୍ରାମଗୃହରେ ଯୋଗାଣ ବିଭାଗ କାର୍ଯ୍ୟାଳୟ ଚାଲିବା ସମ୍ପର୍କରେ ପଞ୍ଚାୟତ ପ୍ରତିନିଧିମାନେ ବିଶ୍ରାମ ନେବା ପାଇଁ ଚିନ୍ତାମଣି ସଭାଗୃହରେ ବ୍ୟବସ୍ଥା କରାଯାଇଛି ବୋଲି କହିଛନ୍ତି।

ନିଶା ବେପାରୀଙ୍କ ଉପରେ ପୋଲିସର କଡ଼ା ଆଭିମୁଖ୍ୟ

# ଚାର୍ଜଶିଟ୍‌ରେ ଯୋଡ଼ା ହେବ ସମ୍ପତ୍ତି ତାଲିକା

**କଟକ ଅଫିସ୍, ୯।୭**

ରାଜ୍ୟରେ ଦିନକୁଦିନ ବେଆଇନ ନିଶା କାରବାର ବୃଦ୍ଧି ପାଉଛି। ବିଶେଷ କରି ବେଆଇନ ଗଞ୍ଜେଇ, ବ୍ରାଉନସୁଗାର କାରବାର ପୋଲିସ ପାଇଁ ଚିନ୍ତାର ବିଷୟ ପାଲଟିଛି। ପୋଲିସ ବିଭିନ୍ନ ସମୟରେ ଚଢାଉ କରି ବେଆଇନ ନିଶା କାରବାର କରୁଥିବା ବେପାରୀଙ୍କୁ ଗିରଫ କରୁଥିଲେ ମଧ୍ୟ ସେମାନଙ୍କ ଉପରେ କିଛି ପ୍ରଭାବ ପଡୁନାହିଁ। ସେମାନେ ଜାମିନରେ ଜେଲରୁ ଫେରି ପୂର୍ବଭଳି ପୁଣି କାରବାର ଚଳାଉଛନ୍ତି। ତେଣୁ ଏହି କାରବାରକୁ ବନ୍ଦ କରିବାକୁ ନିଶା ବେପାରୀଙ୍କ ଉପରେ କଡା ଆଭିମୁଖ୍ୟ ଗ୍ରହଣ କରିଛି ପୋଲିସ। ଏଣିକି ଏନ୍‌ଡିପିଏସ୍ ଆକ୍ଟରେ ଗିରଫ ହେଉଥିବା ଅଭିଯୁକ୍ତମାନଙ୍କର ସମ୍ପତ୍ତି ତାଲିକା ଚାର୍ଜସିଟ୍‌ରେ ଉଲ୍ଲେଖ କରିବାକୁ ନିଷ୍ପତ୍ତି ନିଆଯାଇଛି। ଏ ନେଇ ମଙ୍ଗଳବାର କ୍ରାଇମବ୍ରାଞ୍ଚ ପକ୍ଷରୁ ସମସ୍ତ ପୋଲିସ ଜିଲାର ଏସ୍‌ପି ଏବଂ କମିଶନରେଟ ପୋଲିସର ଡିସିପିଙ୍କୁ ନୋଟିସ୍ ଜାରି କରାଯାଇଛି।

ପୂର୍ବରୁ ଏନ୍‌ଡିପିଏସ୍ ଆକ୍ଟରେ ଗିରଫ ହେଉଥିବା ଅଭିଯୁକ୍ତମାନଙ୍କ ବିରୋଧରେ ପୋଲିସ ସେମାନଙ୍କ ଅପରାଧିକ କାର୍ଯ୍ୟକଳାପ, ସେମାନଙ୍କ କାରବାର ଓ ସହଯୋଗୀମାନଙ୍କ ଉପରେ ତଦନ୍ତ କରୁଥିଲା। ପରେ ଏହା ଉପରେ ଚାର୍ଜସିଟ୍ ତିଆରି କରି

## ଏସ୍‌ପି, ଡିସିପିଙ୍କୁ ନୋଟିସ ଜାରି କଲା କ୍ରାଇମବ୍ରାଞ୍ଚ

କୋର୍ଟକୁ ପଠାଉଥିଲା ପୋଲିସ। ହେଲେ ଏବେ ଏନ୍‌ଡିପିଏସ୍ ଆକ୍ଟରେ ଗିରଫ ହେଉଥିବା ଅଭିଯୁକ୍ତମାନଙ୍କର ସମ୍ପତ୍ତି ତାଲିକା, ବ୍ୟାଙ୍କ ବାଲାନ୍ସ ଓ ଅନ୍ୟ ସମ୍ପତ୍ତି ଉପରେ ସୂଚନା ଦେବାକୁ ତଦନ୍ତକାରୀ ଅଫିସର(ଆଇଓ)ମାନଙ୍କୁ କୁହାଯାଇଛି। ବେଆଇନ ନିଶା କାରବାର କରି କମାଇଥିବା ସମ୍ପତ୍ତି ସମ୍ପର୍କରେ ଚାର୍ଜସିଟ୍‌ରେ ଉଲ୍ଲେଖ କରିବାକୁ କୁହାଯାଇଛି। ତେବେ ଏହି ମାମଲାଗୁଡିକର ତଦନ୍ତ କ୍ଷେତ୍ରରେ ସହାୟତା ପାଇଁ ଆବଶ୍ୟକ ପଡିଲେ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା(ଇଓଡବ୍ଲ୍ୟୁ)ର ସହଯୋଗ ନେବାକୁ କୁହାଯାଇଛି। ଇଓଡବ୍ଲ୍ୟୁର ଅଭିଜ୍ଞ ଅଫିସରମାନଙ୍କୁ ଏ କ୍ଷେତ୍ରରେ ଆଇଓମାନଙ୍କୁ ସହଯୋଗ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ତେବେ ଅଭିଯୁକ୍ତମାନଙ୍କ ସମ୍ପତ୍ତି ତାଲିକା ବିଷୟରେ ଜାଣିବା ପାଇଁ ଆଇଓମାନଙ୍କୁ ସେମାନଙ୍କ ପରିବାର ବର୍ଗ, ସମ୍ପର୍କୀୟ, ତହସିଲ, ଆରଟିଓ, ମ୍ୟୁନିସିପାଲିଟି, ଷ୍ଟକ୍ ଏକ୍ସଚେଞ୍ଜ, ଇନ୍‌ସ୍ୟୁରାନ୍ସ କମ୍ପାନୀ ଆଦି କମ୍ପାନୀରେ ପଚରାଉଚରା କରିବାକୁ କୁହାଯାଇଛି।

କ୍ରାଇମବ୍ରାଞ୍ଚର ଜଣେ ଅଧିକାରୀଙ୍କ କହିବା ଅନୁଯାୟୀ, ବେଆଇନ ନିଶା କାରବାର କରୁଥିବା ଅଭିଯୁକ୍ତମାନଙ୍କ ପାଖରେ ଟଙ୍କାର ଅଭାବ ରହୁନାହିଁ। ଜାମିନରେ ଆସିବା ପରେ ସେମାନେ ପୁଣି କାରବାର ଚଳାଉଛନ୍ତି। ଏବେ ଚାର୍ଜସିଟ୍‌ରେ ତାଙ୍କର ବେଆଇନ ସମ୍ପତ୍ତିର ତାଲିକା ଉଲ୍ଲେଖ ରହିବ। ପରେ କୋର୍ଟ ଏହି ମାମଲାର ବିଚାର କରି ଅଭିଯୁକ୍ତଙ୍କର ସମ୍ପତ୍ତି ବାଜ୍ୟାପ୍ତ କରିପାରିବେ। ଏହାଦ୍ୱାରା ସେମାନଙ୍କ ଅର୍ଥନୈତିକ ଅବସ୍ଥା ପ୍ରଭାବ ପଡିବ। ଫଳରେ ସେମାନେ ଆଉ ଏଭଳି କାରବାର କରିବାକୁ ମନ ବଳାଇବେ ନାହିଁ। ହେଲେ ଏହି କାରବାରରୁ ଯଦି ତାଙ୍କର କୌଣସି ପରିବାର ଲୋକ ଲାଭ ପାଉଛନ୍ତି, ସେମାନଙ୍କ ଉପରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବନାହିଁ ବୋଲି ସେ କହିଛନ୍ତି।

ସୂଚନାଯୋଗ୍ୟ, ୨୦୧୮ରେ ପୋଲିସ ୮୫୦ କୁଇଣ୍ଟାଲରୁ ଅଧିକ ଗଞ୍ଜେଇ ଏବଂ ୧ କେଜିରୁ ଅଧିକ ବ୍ରାଉନସୁଗାର ଜବତ କରିଥିଲା। ସେହିପରି ଏନ୍‌ଡିପିଏସ୍ ଆକ୍ଟରେ ୧୨୦ ଜଣଙ୍କୁ ଗିରଫ କରିଥିଲା। ଏନ୍‌ଡିପିଏସ୍ ଆକ୍ଟରେ ଗିରଫ ହେଉଥିବା ଅଭିଯୁକ୍ତମାନଙ୍କର ୧୦ ବର୍ଷ ଜେଲ କାଟିବାର ବ୍ୟବସ୍ଥା ରହିଛି।

# ୧୦ ହଜାର ଟଙ୍କାରେ ଶିଶୁପୁତ୍ରକୁ ବିକିଦେଲେ ବାପା

**ଝରିଗାଁ, ୯।୭(ସ୍ୱ.ପ୍ର)**


ସଂଗ୍ରାମ ଲୋହରାଙ୍କୁ ପରିବାର ଲୋକ ଖୁଣ୍ଟରେ ବାନ୍ଧି ଅଟକ ରଖିଛନ୍ତି।

ନବରଙ୍ଗପୁର ଜିଲା ଉମରକୋଟ ଥାନା ଅଞ୍ଚଳରେ ୭ମାସର ଶିଶୁପୁତ୍ରକୁ ବାପା ବିକ୍ରି କରି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଉମରକୋଟ ବ୍ଲକ ପୂଜାରୀଗୁଡା ଗ୍ରାମର ସଂଗ୍ରାମ ଲୋହରା ପେସାରେ ଜଣେ ଜେସିବି ଅପରେଟର। ତାଙ୍କର ଦୁଇ ଝିଅ ଏବଂ ଗୋଟିଏ ପୁଅ। ବୁର୍ଜା ଗ୍ରାମର ଜଣେ ଲୋକ ତାଙ୍କ ସମ୍ପର୍କୀୟଙ୍କ ସକାଶେ ସଂଗ୍ରାମଙ୍କୁ ତାଙ୍କ ପୁଅ ଦେବା ପାଇଁ କହିଥିଲେ। ସୋମବାର ସଂଗ୍ରାମ ସ୍ତ୍ରୀ ସନବାରୀ ଏବଂ ୭ ମାସର ପୁଅ ପ୍ରଶାନ୍ତଙ୍କୁ ଧରି ଉମରକୋଟସ୍ଥିତ ମାଆ ପେଣ୍ଠ୍ରାଣୀ ମନ୍ଦିର ନିକଟକୁ ଆସିଥିଲେ। ସେଠାରେ ସନବାରୀଙ୍କ କୋଳରୁ ଜୋର ଜବରଦସ୍ତ ଶିଶୁପୁତ୍ରକୁ ସଂଗ୍ରାମ ଛଡାଇ ନେଇ ଅନ୍ୟ ଜଣକ ହାତକୁ ବଢାଇ ଦେଇଥିଲେ। ଏ ବାବଦକୁ ସଂଗ୍ରାମଙ୍କୁ ଦଶ ହଜାର ଟଙ୍କା ମିଳିଥିଲା ବୋଲି ସେ କହିଛନ୍ତି। ଏହାପରେ ସେହି ଦିନ ସନ୍ଧ୍ୟାରେ ସଂଗ୍ରାମ ଓ ସନବାରୀ ଝରିଗାଁ ବ୍ଲକ ଭିକ୍ଷା ପଞ୍ଚାୟତ ଡେଙ୍ଗାଗୁଡାରେ ଥିବା ଶ୍ୱଶୁର ଘରକୁ ଆସିଥିଲେ। ସେଠାରେ ପୁଅ ପ୍ରଶାନ୍ତଙ୍କ ଦୁର୍ଘଟଣାରେ ମୃତ୍ୟୁ ହୋଇଥିବା କହିଥିଲେ। ତେବେ ଉଭୟଙ୍କ କଥାରେ ତାଳମେଳ ନ ଥିବା ଯୋଗୁ ଶ୍ୱଶୁର ଘର ଲୋକ ସନ୍ଦେହ କରିଥିଲେ। ସନବାରୀଙ୍କୁ ତାଙ୍କ ବଡଭାଇ ଶୁକୁରାମ ଲୋହରା ମାଡ ମାରିଥିଲେ। ଏହାପରେ ସନବାରୀ ସବୁ ସତକଥା କହିଥିଲେ। ଇତିମଧ୍ୟରେ ସଂଗ୍ରାମ ସେଠାରୁ ଦୌଡି ପଳାଇ ଆସିଥିଲେ। ପରିବାର ଲୋକେ ତାଙ୍କୁ କାବୁ କରି ଘରେ ବାନ୍ଧି ଅଟକ ରଖିଥିବା ନେଇ ସନବାରୀଙ୍କ ମାମୁ ଅଜମ୍ବର ଲୋହରା କହିଛନ୍ତି। ଏହା ପରେ ସନବାରୀ ଉମରକୋଟ ଥାନାକୁ ଯାଇ ଅଭିଯୋଗ କରିଛନ୍ତି।

# ଦନ୍ତାହାତୀ ଆକ୍ରମଣରେ ବୃଦ୍ଧା ମୃତ

**କେନ୍ଦୁଝର, ୯।୭ (ଡି.ଏନ୍.ଏ./ସ୍ୱ.ପ୍ର.):** କେନ୍ଦୁଝର ଜିଲା ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜରେ ୮୦ରୁ ଊର୍ଦ୍ଧ୍ୱ ହାତୀ ବିଭିନ୍ନ ସ୍ଥାନରେ ୮ଟି ଦଳରେ ରହି ବ୍ୟାପକ କ୍ଷୟକ୍ଷତି ସହ ଧନଜୀବନ ନଷ୍ଟ କରୁଛନ୍ତି। ଗତ ସୋମବାର ବିଳମ୍ବିତ ରାତିରେ ବାଂଶପାଳ ବ୍ଲକ ଦଅଁଳା ମୁଣ୍ଡାସାହିରେ ଜଣେ ବୃଦ୍ଧାଙ୍କୁ ଏକ ଦନ୍ତା ଶୁଣ୍ଢରେ ଟେକି ନେଇ ଗଛରେ ପିଟି ମାରି ଦେଇଛି। ମୃତକ ହେଲେ କଦମି ମୁଣ୍ଡା। ସୋମବାର ରାତିରେ କଦମି (୬୫) ଘରେ ଶୋଇଥିବାବେଳେ ଝରକା ପଟୁ ଏକ ହାତୀ ଶୁଣ୍ଢ ପୂରାଇ ଧାନବସ୍ତା ନେଇଯାଇଥିଲା। କଦମି ଭୟଭୀତ ହୋଇ ଅନ୍ୟ ଗୋଟିଏ ଘରକୁ ଧାଇଁ ପଳାଉଥିବାବେଳେ ହାତୀଟି ତାଙ୍କୁ ଶୁଣ୍ଢରେ ଟାଣି ନେଇ ଘର ପାଖରେ ଥିବା ଏକ ମହୁଲ ଗଛରେ ପିଟି ଦେଇଥିଲା। କଦମିଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବାବେଳେ ପୁଅ ସୁନିଆ ମୁଣ୍ଡା, ଇନ୍ଦ୍ର ମୁଣ୍ଡା ଓ ବୋହୂ ଅଳ୍ପକେ ରକ୍ଷା ପାଇ ଯାଇଛନ୍ତି। ଖବରପାଇ ବନବିଭାଗ କର୍ମଚାରୀ ଦନ୍ତାହାତୀଟିକୁ ରାତିରେ ଘଉଡାଇବାକୁ ସକ୍ଷମ ହୋଇଥିଲେ। ହେଲେ ହାତୀପଲ ଦଅଁଳା ସଂରକ୍ଷିତ ଜଙ୍ଗଲରେ ରହୁଥିବା ଜଣାପଡିଛି। ଭୂୟାଁ ଜୁଆଙ୍ଗ ପୀଢ଼ ରେଞ୍ଜ ପକ୍ଷରୁ ମୃତ ବୃଦ୍ଧାଙ୍କ ପରିବାରବର୍ଗଙ୍କୁ ୪୦ହଜାର ଟଙ୍କା ପ୍ରଦାନ କରାଯାଇଛି। ସୂଚନାଯୋଗ୍ୟ, ଏକ ଦନ୍ତାହାତୀ ୨୦୧୬ରୁ ଅଦ୍ୟାବଧି ୭ଜଣ ଲୋକଙ୍କୁ ମାରିଥିବାବେଳେ ବ୍ୟାପକ କ୍ଷୟକ୍ଷତି କରିଛି। ଏହି ହାତୀ ଭୟରେ ଜଙ୍ଗଲ ନିକଟବର୍ତ୍ତୀ ଅଞ୍ଚଳରେ ବସବାସ କରୁଥିବା ଲୋକେ ରାତି ଉଜାଗର ରହୁଛନ୍ତି। ସେହି ହାତୀକୁ ଅନ୍ୟତ୍ର ଘଉଡାଇବା କିମ୍ବା ନନ୍ଦନକାନନ ସ୍ଥାନାନ୍ତର ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି।

# କାର୍ଯ୍ୟକ୍ରମରେ ରାଜ୍ୟପାଳଙ୍କ ଯୋଗଦାନ ନିମନ୍ତେ ଅନ୍‌ଲାଇନ ଆବେଦନ ବ୍ୟବସ୍ଥା

**ଭୁବନେଶ୍ୱର, ୯।୭ (ବ୍ୟୁରୋ):** ରାଜ୍ୟପାଳଙ୍କ ବିଭିନ୍ନ କାର୍ଯ୍ୟକ୍ରମରେ ଯୋଗଦାନକୁ ବ୍ୟବସ୍ଥିତ କରିବା ଲକ୍ଷ୍ୟରେ ପ୍ରସ୍ତୁତ 'ରାଜଭବନ ପ୍ରୋଗ୍ରାମ ମ୍ୟାନେଜମେଣ୍ଟ' ସଫ୍ଟୱେର ଆପ୍ଲିକେଶନ ଚଳିତବର୍ଷ ଫେବୃୟାରୀରୁ କାର୍ଯ୍ୟକାରୀ ହୋଇଛି। ଇତି ମଧ୍ୟରେ ଅନେକ ସଂସ୍ଥା ଓ ଅନୁଷ୍ଠାନ ଏହାର ସଫଳ ଉପଯୋଗ କରିଛନ୍ତି। ଏହି ଆପ୍ଲିକେଶନ ମାଧ୍ୟମରେ ଇଚ୍ଛୁକ ସଂସ୍ଥାଗୁଡ଼ିକ କାର୍ଯ୍ୟକ୍ରମ ଦିବସଠାରୁ ୬୦ଦିନ ପୂର୍ବରୁ ଓ ୨୫ ଦିନ ପୂର୍ବ ପର୍ଯ୍ୟନ୍ତ ଅନ୍‌ଲାଇନରେ ଆବେଦନ କରିପାରିବେ। ତେବେ ରାଜଭବନରେ ଏହି ଆବେଦନ କାର୍ଯ୍ୟକ୍ରମର ୨୦ଦିନ ଆଗରୁ ପହଞ୍ଚିବା ଦରକାର। ଆବେଦନକାରୀ www.rajbhavanodisha.gov.inର ହୋମ୍‌ପେଜ୍‌ର ଡାହାଣ ପାର୍ଶ୍ୱ ଉପର କୋଣରେ ରହିଥିବା 'ରାଜଭବନ ପ୍ରୋଗ୍ରାମ ମ୍ୟାନେଜମେଣ୍ଟ'ର ଲିଙ୍କ୍‌କୁ ଯାଇ ପ୍ରଥମେ ୟୁଜର ମାନୁଆଲ ଓ ଏସ୍‌ଓପିକୁ ଡାଉନ୍‌ଲୋଡ୍ କରି ଆପ୍ଲିକେଶନ ବିଷୟରେ ବୁଝିବେ। ସେହି ଅନୁସାରେ ଅନ୍‌ଲାଇନରେ ଆବେଦନ କରିବେ। ଆବେଦନରେ କାର୍ଯ୍ୟକ୍ରମ ଓ ସଂସ୍ଥା ସମ୍ପର୍କିତ ଆବଶ୍ୟକ ତଥ୍ୟ ପୂରଣ କରି ପଠାଇବା ପରେ ଏହି ଆବେଦନପତ୍ରର ପ୍ରିଣ୍ଟଆଉଟ୍ ସଂଗ୍ରହ କରିବେ ଏବଂ ଏହି ବାର୍‌କୋଡ୍‌ଯୁକ୍ତ ଆବେଦନପତ୍ରରେ ଦସ୍ତଖତ କରି ସଂସ୍ଥାର ଲେଟର ପ୍ୟାଡ୍‌ରେ ସାଦା ଦରଖାସ୍ତ ସହ ରାଜଭବନକୁ ପଠାଇବେ। ରାଜଭବନରେ ଏହା ପ୍ରୋସେସିଂ ହୋଇ ରାଜ୍ୟପାଳଙ୍କ ଅନୁମୋଦନ ଅଥବା ଅଗ୍ରାହ୍ୟ ନିଷ୍ପତ୍ତି ଏସ୍‌ଓପିର ସମୟସୀମା ଅନୁସାରେ ସମ୍ପୃକ୍ତ ସଂସ୍ଥାର କର୍ମକର୍ତ୍ତାଙ୍କୁ ମୋବାଇଲରେ ମେସେଜ ଆକାରରେ ଜଣାଇ ଦିଆଯିବ। ଏହି ଆପ୍‌କୁ ବ୍ୟବହାର କରି କାର୍ଯ୍ୟକ୍ରମରେ ରାଜ୍ୟପାଳ ଯୋଗଦାନ ପାଇଁ ଆବେଦନ କରିବାକୁ ରାଜଭବନ ପକ୍ଷରୁ ଅନୁରୋଧ କରାଯାଇଛି।

# ରେଳ ଓଭରବ୍ରିଜ୍ ନିର୍ମାଣ ଦାବି ଉଠାଇଲେ ଏମ୍‌ପି

**ନୂଆଦିଲ୍ଲୀ, ୯।୭**

ଭଦ୍ରକ ଲୋକ ସଭା ଏମ୍‌ପି ମଞ୍ଜୁଲତା ମଣ୍ଡଳ ମଙ୍ଗଳବାର ସଂସଦର ଶୂନ୍ୟକାଳରେ ନିଜ ଅଞ୍ଚଳର ଟ୍ରାଫିକ ସମସ୍ୟା କଥା ଉଠାଇଛନ୍ତି। ଜିଲାରେ ଜନସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଛି। ଭଦ୍ରକ, ରାଣିତାଲ୍, ମାର୍କୋଣା ଏବଂ ବାହାନଗା ରେଳ ଷ୍ଟେଶନରେ ଫ୍ଲାଏ ଓଭର କିମ୍ବା ଓଭର ବ୍ରିଜ୍ ନାହିଁ। ସାଧାରଣ ଲୋକ, ଯାତ୍ରୀମାନେ ଯିବା ଆସିବାରେ ବହୁ ଅସୁବିଧା ଭୋଗୁଛନ୍ତି। ତେଣୁ ରେଳ ମନ୍ତ୍ରୀ ଏସବୁ ସମସ୍ୟାକୁ ଗୁରୁତର ସହ ବିଚାର କରି ତ୍ୱରିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଏମ୍‌ପି ମଣ୍ଡଳ କହିଛନ୍ତି।

# ଛୁରି ଭୁସି ମହିଳାଙ୍କୁ ହତ୍ୟା

**ଯୋଡ଼ା, ୯।୭ (ଡି.ଏନ.ଏ.):** କେନ୍ଦୁଝର ଜିଲା ବାମେବାରି ଥାନା ଅନ୍ତର୍ଗତ ହାତିମରା ଗାଁର ଜଣେ ମହିଳାଙ୍କୁ ଛୁରି ଭୁସି ହତ୍ୟା କରାଯାଇଛି। ମଙ୍ଗଳବାର ସନ୍ଧ୍ୟା ସାଢ଼େ ୬ଟା ବେଳେ ଏହି ହତ୍ୟାକାଣ୍ଡ ଘଟିଛି। ଖବର ପାଇ ପୋଲିସ ଘଟଣାସ୍ଥଳକୁ ଯାଇ ମୃତଦେହ ଜବତ କରି ତଦନ୍ତ ଚଳାଇଛି।

ମୃତା ମହିଳାଙ୍କ ନାମ ଉପସୀ ଗୋପ (୪୦)। ତାଙ୍କ ଘର ହାତିମରା ଗାଁର ଖଜୁରିଡିହି ସାହିରେ। ମଙ୍ଗଳବାର ସନ୍ଧ୍ୟାରେ କେତେକ ବ୍ୟକ୍ତି ତାଙ୍କ ଘର ନିକଟକୁ ଆସି ତାଙ୍କୁ ବାହାରକୁ ଆସିବାକୁ କହିଥିଲେ। ସେ ଘରୁ ବାହାରକୁ ଆସିବା ପରେ ତାଙ୍କ ପେଟ, ଛାତି ଓ ବେକକୁ ଛୁରା ମାଡ଼ କରି ଫେରାର ହୋଇଯାଇଥିଲେ। ପ୍ରବଳ ରକ୍ତସ୍ରାବ ହେବାରୁ ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଯାଇଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଏହି ହତ୍ୟାକାଣ୍ଡ ଘଟିଥିବା ପୋଲିସ ସନ୍ଦେହ କରି ତଦନ୍ତ ଚଳାଇଛି। ବାମେବାରି ଥାନା ଠାରୁ ବଣପାହାଡ଼ ଘେରା ହାତିମରା ଗାଁର ଦୂରତା ପ୍ରାୟ ୧୨ କି.ମି. ହେବ। ପୋଲିସ ଫେରିବା ପରେ ଘଟଣା ସମ୍ପର୍କରେ ଅଧିକ ତଥ୍ୟ ମିଳିବ ବୋଲି ଥାନା ପକ୍ଷରୁ କୁହାଯାଇଛି।

# ଇଟା କାନ୍ଥ ଭୁଶୁଡ଼ି ଛାତ୍ର ଗୁରୁତର

**ପୁରୁଷୋତ୍ତମପୁର, ୯।୭(ଡି.ଏନ୍.ଏ.):** ଗଞ୍ଜାମ ଜିଲା ପୁରୁଷୋତ୍ତମପୁର ବ୍ଲକ ଆଙ୍ଗୁ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ମଙ୍ଗଳବାର ଏକ ଦୁଃଖଦ ଘଟଣା ଘଟିଛି। ସ୍କୁଲ ନିକଟରେ ଥିବା ଇଟାକାନ୍ଥ ଭୁଶୁଡି ପଡିବା ଯୋଗୁ କାନ୍ଥ ତଳେ ଚାପିହୋଇ ଜଣେ ଷଷ୍ଠ ଶ୍ରେଣୀ ଛାତ୍ର ଗୁରୁତର ହୋଇଛନ୍ତି। ସେ ହେଲେ ଶ୍ୟାମସୁନ୍ଦର ଦାସ (୧୧)। ମିଳିଥିବା ସୂଚନା ଅନୁଯାୟୀ, ବିଦ୍ୟାଳୟ ନିକଟରେ ବ୍ଲକ ପ୍ରଶାସନ ପକ୍ଷରୁ ତିତ୍‌ଲି ଉନ୍ନୟନ କାର୍ଯ୍ୟ ଲାଗି ଇଟାକାନ୍ଥରେ ଏକ ସୂଚନା ଫଳକ ନିର୍ମାଣ କରାଯାଇଥିଲା। ଏହା ଅତ୍ୟନ୍ତ ବିପଦପୂର୍ଣ୍ଣ ଭାବେ ରହିଥିଲା। ମଙ୍ଗଳବାର ବିଦ୍ୟାଳୟର କେତେଜଣ ଛାତ୍ର ଫଳକ ନିକଟରେ ଖେଳୁଥିବାବେଳେ କାନ୍ଥଟି ଭୁଶୁଡି ପଡିଥିଲା। ଏହାତଳେ ଶ୍ୟାମସୁନ୍ଦର ଚାପି ହୋଇ ରହିଯାଇଥିଲେ। ଚିତ୍କାର ଶୁଣି ଶିକ୍ଷକମାନେ ତାଙ୍କୁ ଉଦ୍ଧାର କରିବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ମାତ୍ର ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ ବ୍ରହ୍ମପୁର ବଡ ମେଡିକାଲକୁ ଶିକ୍ଷକମାନେ ନେଇଯାଇଥିଲେ। ଖବର ପାଇ ଜିଲା ଶିକ୍ଷା ଅଧିକାରୀ ସନାତନ ପଣ୍ଡା, ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡା ବ୍ରହ୍ମପୁର ବଡ ମେଡିକାଲରେ ପହଞ୍ଚିଛନ୍ତି। ଛାତ୍ରଙ୍କ ଅବସ୍ଥା ଗୁରୁତର ଥିବାରୁ ଏବେ ଆଇସିୟୁରେ ରଖି ଚିକିତ୍ସା ଚାଲିଛି। ଏନେଇ ବ୍ଲକ ଶିକ୍ଷା ଅଧିକାରୀ ହରେକୃଷ୍ଣ ପଣ୍ଡାଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି, ଘଟଣା ସମ୍ପର୍କରେ ଜିଲା ଶିକ୍ଷା ଅଧିକାରୀ, ଜିଲାପାଳଙ୍କୁ ଜଣାଇଛନ୍ତି। ଆହତ ଛାତ୍ରଙ୍କ ଚିକିତ୍ସା ଖର୍ଚ୍ଚ ପ୍ରଶାସନ ବହନ କରିବ ବୋଲି ପ୍ରତିଶ୍ରୁତି ମିଳିଛି।

# ହୀରାକୁଦ ଡ୍ୟାମ୍‌ରେ ଜଳସ୍ତର ବଢୁଛି

**ସମ୍ବଲପୁର, ୯।୭ (ବ୍ୟୁରୋ):** ସମ୍ବଲପୁର ଜିଲା ହୀରାକୁଦ ଡ୍ୟାମ୍ ଜଳସ୍ତର ବୃଦ୍ଧି ହେବାରେ ଲାଗିଛି। ଉପର ମୁଣ୍ଡରେ ବର୍ଷା ହେବା ଯୋଗୁ ଜଳସ୍ତର ବୃଦ୍ଧି ପାଇଛି। ମଙ୍ଗଳବାର ରାତି ୯ଟା ପର୍ଯ୍ୟନ୍ତ ଡ୍ୟାମ୍‌ରେ ୬୦୦.୮୧ ଘନଫୁଟ ଜଳସ୍ତର ରହିଛି। ଜଳ ଭଣ୍ଡାରକୁ ପ୍ରତି ସେକେଣ୍ଡରେ ୨୬୯୦୮ ଘନଫୁଟ ଜଳ ପ୍ରବେଶ କରୁଥିଲାବେଳେ ୯୪୦୭ ଘନଫୁଟ ଜଳ ନିଷ୍କାସିତ ହେଉଛି। ବରଗଡ କେନାଲକୁ ୩୦୭୫ କ୍ୟୁସେକ, ଶାସନ କେନାଲକୁ ୨୦୦ କ୍ୟୁସେକ୍, ସମ୍ବଲପୁର ଡିଷ୍ଟ୍ରିବ୍ୟୁଟାରିରେ ୭୭ କ୍ୟୁସେକ ପାଣି ନିଷ୍କାସିତ ହେଉଛି। ଉପରମୁଣ୍ଡରେ ୧୬.୮୩ ମି.ମି. ବର୍ଷା ହୋଇଥିବା ବେଳେ ତଳ ମୁଣ୍ଡରେ ୨୪.୪୩ ମି.ମି. ବର୍ଷା ହୋଇଛି। ହୀରାକୁଦ ଡ୍ୟାମ୍ କଣ୍ଟ୍ରୋଲ୍ ରୁମ୍ ପକ୍ଷରୁ ଏହି ସୂଚନା ଦିଆଯାଇଛି। ତେବେ ହୀରାକୁଦ ଡ୍ୟାମ୍‌ର ଜଳସ୍ତର ବୃଦ୍ଧି ହୋଇଥିବାରୁ ବିଦ୍ୟୁତ୍ ଉତ୍ପାଦନ ଓ ଚାଷୀଙ୍କ ସମସ୍ୟା କିଛି ମାତ୍ରାରେ ଦୂର ହୋଇପାରେ ବୋଲି ଆକଳନ କରାଯାଉଛି।

ଧରିତ୍ରୀ DHARITRI
CAREER APPOINTMENT
ON EVERY WEDNESDAY & SATURDAY
B/W : ₹. 350 per sq.cm
Colour : ₹. 400 per sq.cm
PAY FOR 1, GET 1 FREE
For Bookings
Call : 0674-2580385, 7894447169
Email : advt@dharitri.com

ବ୍ଲକ୍/ଜିଲ୍ଲା ସ୍ତରୀୟ ନିଯୁକ୍ତି
ଦରମା-30,000 ପର୍ଯ୍ୟନ୍ତ
ଯୋଗ୍ୟତା–9th, 10th, +2, +3, ITI, ବୟସ–(18-35)
9668051710

ଆବଶ୍ୟକ
ଭୁବନେଶ୍ୱର, କଟକ, ବ୍ରହ୍ମପୁର ଏବଂ ରାଉରକେଲା ପାଇଁ Office Staff ଆବଶ୍ୟକ। ଯୋଗ୍ୟତା: 10th/ above. Monthly Salary upto Rs.25,000/-.
(Part Time/Full Time)
Mob: 9938676412

ଚେନ୍ନାଇ ପାଇଁ ଆବଶ୍ୟକ
ଲୋଡ୍‌ମ୍ୟାନ୍
ଲେବର କଣ୍ଟ୍ରାକ୍ଟର
ଲରି ଡ୍ରାଇଭର-ହେଭି ଡ୍ୟୁଟି ଲାଇସେନ୍ସ
ଦରମା: 15000/-ରୁ 25000/-
ଯୋଗାଯୋଗ: 9840893117/ 9042383450

नौकरी चेन्नई में | वेतन: 14000 से 16000 | हिंदी बोलनेवाला | केवल अनुभवी व्यक्ति | नौकर | घर सफाइवाला | जूनियर कुक | रसोईया | चपरासी | केयरटेकर |
संपर्क: अग्रवाल, 9884761210

ସିକ୍ୟୁରିଟି ଆବଶ୍ୟକ
ସିକ୍ୟୁରିଟି ଗାର୍ଡ – ୩୦ଜଣ
ସିକ୍ୟୁରିଟି ସୁପରଭାଇଜର – ୫ଜଣ
ସିକ୍ୟୁରିଟି ଅଫିସର୍ – ୨ଜଣ
GISS SECURITY SERVICES Near Balikuda Traffic, Gopalpur, Cuttack
Contact : 9861744455

ରୋଷେୟା ଆବଶ୍ୟକ
ସୁକିନ୍ଦାରେ ଥିବା ଏକ ଘରୋଇ କମ୍ପାନୀରେ ରୋଷେଇ କରିବା ନିମନ୍ତେ ପୁରୁଷ ଆବଶ୍ୟକ। ଉପଯୁକ୍ତ ଦରମା ସହିତ ରହିବା ଓ ଖାଇବାର ସୁବିଧା ସୁଯୋଗ ଦିଆଯିବ। ନିମ୍ନ ଠିକଣାରେ ଯୋଗାଯୋଗ କରନ୍ତୁ:
Room no. 929, 9th Floor, DLF Cybercity, Patia, Bhubaneswar.
Ph. No. : 6370703557, 0674-7107783 / 7107777

OFFICIALLY JOB
ଯୋଗ୍ୟତା: ଦଶମ ପାସ୍/ଫେଲ୍, ବୟସ: (18-35) yrs., Monthly Salary upto Rs.25,000/-.
Contact Immediately
Mob: 8763257042

ଆବଶ୍ୟକ
ଅଫିସ/ଗାଡ଼ି ସଫାସୁତୁରା, ବଗିଚା କାମ ପାଇଁ ଅଭିଜ୍ଞତା ଥିବା ପୁରୁଷ ପ୍ରାର୍ଥୀ ଆବଶ୍ୟକ। ରହିବା ସୁବିଧା ଥାଇ ଦରମା ୮ ରୁ ୯ ହଜାର ଟଙ୍କା।
ଯୋଗାଯୋଗ - ସାଇଁ ଏଣ୍ଡ ଆସୋସିଏଟସ୍, ୭୭-ସତ୍ୟନଗର, ଭୁବନେଶ୍ୱର - ୯
ଫୋନ - ୯୩୩୭୦୮୬୧୬୯

ଆବଶ୍ୟକ
ପୁରୀ Dist. ପାଇଁ Water Purifier, Sells & Service, Front Office Executive (F) ପାଇଁ ପିଲା ଦରକାର। ଭଲ ଦରମା ଓ incentive
Cont.- 7440172321 9090700543

ନିଶୁଳ୍କ ଭର୍ତ୍ତି OMIରେ ପୁଅ/ ଝିଅର ଆବଶ୍ୟକତା
BRANCH MANAGER -30 NOS, ASSISTANCE MANAGER - 20 NOS OFFICE EXECUTIVE - 15 NOS
Qualification - 10th to Graduation Free ନିଯୁକ୍ତି Permanent Job . (Age 18-28) ଟ୍ରେନିଂ + ରହିବା (Free) ଆୟ - 6500-8500 ଟ୍ରେନିଂ ପରେ 25000/- ରୁ 45000/-
OMI MANAGEMENT
Plot no : 551, Samantarapur Chhak, Behind Reliance Fresh, Bhubaneswar
Ph : 7992848615, 9114237051

OFFICE STAFF ଆବଶ୍ୟକ
Bhubaneswar ଅଫିସ୍‌ରେ କାମ କରିବା ପାଇଁ 10th/ above ଯୁବକଯୁବତୀ ଆବଶ୍ୟକ। ବୟସ: (17-35) yrs. ରହିବା ସୁବିଧା ଅଛି। Monthly Salary upto Rs. 24,000/-.
Contact: 9938414918

TICKET CLERK ଦରକାର
ଭୁଟାନ ଦେଶ ପାଇଁ GHA DEN Cinema କୁ ୬ ଜଣ Ticket Clerk ଦରକାର। ରହିବା, ଖାଇବା ଫ୍ରୀ, ଦରମା ମାସକୁ 40,000/- ଭାରତୀୟ ଟଙ୍କା। ପାସପୋର୍ଟ ଥିବା ଏବଂ ହିନ୍ଦୀ କହି ପାରୁଥିବା ବ୍ୟକ୍ତି ବାୟୋଡାଟା Email କରନ୍ତୁ
ghadencinema@gmail.com
(କୌଣସି ଏଜେଣ୍ଟ ବ୍ୟକ୍ତି ସମ୍ପର୍କ କରନ୍ତୁ ନାହିଁ।)

OrissaPOST
English daily
WANTED
Anchors/ Reporters
- Candidates having Bachelors Degree in Journalism, Broadcasting or Communications and strong communication skills in English required.
- Responsibilities include scripting, anchoring, research and reporting, strong idea on use of digital and social media will be preferred.
Bulletin Producers
- Experienced producers to coordinate newscasts, editorial packages & bulletins for digital platform.
Visual Editors
- Candidate should be able to edit videos and create attractive news packages for digital audience.
- Should have working knowledge of uploading videos & creating Live Stream feeds.
- Experience in online video editing work will be given preference.
Apply within 7 days to : recruitment@orissapost.com
Pay & perks will be the best in the industry for deserving candidates.

WALK- IN INTERVIEW
GHANASHYAM HEMALATA VIDYAMANDIR, PURI
Estd: 1995
(A CBSE Affiliated Co-educational Residential School)
A walk- in interview will be held at Ghanashyam Hemalata Vidyamandir Campus, at: Bhuan, Po. : Chhaitana. Dist : Puri on 14.7.2019, 10.30 am for the following posts.
PGT - Math, Physics, Chemistry & Biology
TGT - English, SST & PCM.
PRT - English, SST & Computer
PET - (Male & Female)
NTT - (Female)
Qualification: As per CBSE norms. Minimum Salary is Rs. 26,000/- (PGT), Rs. 16,000/- (TGT), Rs. 12,000/- (PRT). Higher package for experienced candidates. Free Accommodation, Fooding & Laundry for all the above posts
Kindly attend the interview with original certificates and mark sheets .
Contact Nos. : 9437943924 / 7377148406 / 7873480470 / 7735629062

Ceragem India Pvt. Ltd.
Is a South Korean Company which is largest provider of high quality "Thermal Massagers", Machines.
Staff for Bhubaneswar Bapuji Nagar and C.S pur Branch
10 Nos.- Sales (male/female), 2 Nos. - Account assistant (Male/Female), 2 After service (male), Graduate, good looking, good communication skill, one year experience or fresher candidate can also walk.
Salary :- 6000+ other perks
At Ceragem, Plot No.- 7 & 8, Chaudhury Market Complex Bapuji Nagar, Bhubaneswar, behind Andhra Bank on Dt.10.07.19 to till vacancy full. between 9 to 2 clock
Ph No.- 9861574456

WANTED
For Pre-School and Kid School at Malkangiri and Jeypore.
Female Teacher Wanted.
Contact- Mob No.-
7750893821
7894796759

MAHARAJA POLYTECHNIC
BHUBANESWAR
At/Po-Gamai,Gangapada,Jatani,Khurda-752054
Ph. No.- 0674-2384608, Mob.No.- 9861464114, 8658744161
Mail Id.- Info.mp09@gmail.com
WALK-IN INTERVIEW
Maharaja Polytechnic, Bhubaneswar is seeking the service of professionally sound, energetic and dynamic candidates for the post of Asst. Professors, Lecturers and Laboratory Asst.

| Designation | Branch | Qualification |
|---|---|---|
| Asst. Professor | Mechanical, Civil, Electrical, ETC, Physics, Mathematics | As per AICTE norms |
| Lecturer | | |
| Laboratory Asst. | Mechanical, Electrical, ETC | |

Venue : City Office: 2/2 Barabhuja Market Complex, 2ND floor Khandagiri Square Bhubaneswar-751030
Date :10 / July / 2019 (Wednesday),
Time : 10.00 A.M to 4.00 P.M

REQUIRED DIRECTLY
Front Office(F), Civil Engineer(M/F), PA (B.Tech. Lady), Supervisor, Architect, Marketing Executive, Car Driver.
Contact: 9238482524
9090732020, 9090964245

REQUIRE
Medical Representative (MR), in Orissa, Experience 5-8 years in Pharmaceutical, having good relationship with Doctors. Salary Rs 1.8 Lakhs to 2.2 Lakhs per annum + conveyance + performance incentive.
Apply at info@bhupine.com (or) bhupine.healthcare@gmail.com
www.bhupine.com

ନୋଟିସ୍: ନିଯୁକ୍ତି ଓ କ୍ୟାରିୟର ପୃଷ୍ଠାରେ ଅନେକ ନିଯୁକ୍ତି ସମ୍ବନ୍ଧୀୟ ବିଜ୍ଞାପନ ପ୍ରକାଶ ପାଉଛି। ସମସ୍ତ ବିଜ୍ଞାପନ ବା ବିଜ୍ଞାପନଦାତାଙ୍କ ସତ୍ୟାସତ୍ୟ ଅନୁସନ୍ଧାନ କରିବା ଆମ ପକ୍ଷରେ ସମ୍ଭବପର ନୁହେଁ। ତେଣୁ ଯେଉଁ ବିଜ୍ଞାପନକୁ ଦେଖି ଆପଣ ଆବେଦନ କରୁଛନ୍ତି ବା ପରବର୍ତ୍ତୀ ସମୟରେ କୌଣସି ସମ୍ପର୍କ ସ୍ଥାପନ କରୁଛନ୍ତି ତାହା କରିବା ବେଳେ ନିଜର ବିବେକ, ବୁଦ୍ଧି ଖଟାଇ କରନ୍ତୁ। ବିଜ୍ଞାପନକାରୀ କମ୍ପାନୀ ପକ୍ଷରୁ ଅର୍ଥ ଦାବି କରାଗଲେ ତାହା ଦେବା ପୂର୍ବରୁ ନିଜ ସ୍ତରରେ ଅନୁସନ୍ଧାନ କରନ୍ତୁ। କୌଣସି ଅର୍ଥ ନେଣଦେଣ ପାଇଁ 'ଧରିତ୍ରୀ' ଦାୟୀ ରହିବ ନାହିଁ।

# DEPARTMENT OF SOCIAL SECURITY & EMPOWERMENT OF PERSONS WITH DISABILITIES

SIDR Building, Capital Campus, Unit-VI, Bhubaneswar - 751001

No.: 6127 Date: 09.07.19

No.: 06-gg: Social Security & Empowerment of Persons with Disabilities Department, Government of Odisha, Bhubaneswar invites proposal for **Bayojyestha Samman** for the year 2019-20 from Senior Citizen/ Persons and Institutions for their outstanding achievement in different fields of welfare of Senior Citizens. The detailed guideline is available in our website: **www.ssepd.gov.in**.

Persons/Institutions are required to submit proposal by 31st July 2019 to concerned quarters.

**Helpline No. 1800-345-7150**

Sd./- Director
Department of SSEPD

46001/11/0006/1920

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଲୋଇସିଂହା / ବିଜ୍ଞାପନ ସଂଖ୍ୟା.2118, ତା: 08.07.2019

ଏତଦ୍ଵାରା ଲୋଇସିଂହା ପଞ୍ଚାୟତ ସମିତି ଅଧିନସ୍ଥ ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି ଯେ, ବିଭିନ୍ନ କାର୍ଯ୍ୟକାରୀ ସଂସ୍ଥା ଦ୍ଵାରା ତା:୦୧।୦୪।୨୦୧୮ ରୁ ତା:୩୧।୦୩।୨୦୧୯ ପର୍ଯ୍ୟନ୍ତ NSAP ଓ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ କାର୍ଯ୍ୟକାରୀ ହେଉଥିବା ପ୍ରକଳ୍ପଗୁଡିକର ସାମାଜିକ ସମୀକ୍ଷା ନିମ୍ନ କାର୍ଯ୍ୟସୂଚୀ ଅନୁଯାୟୀ ପ୍ରତ୍ୟେକ ଗ୍ରାମପଞ୍ଚାୟତର ଗ୍ରାମଗୁଡିକରେ ସକାଳ ୯.୦୦ଘଟିକା ଠାରୁ ଆରମ୍ଭ ହେବ। ତେଣୁ ସର୍ବସାଧାରଣ ନାଗରିକ, କୁଶଳୀ, ଅଣକୁଶଳୀ ଓ ଅର୍ଦ୍ଧକୁଶଳୀ ଶ୍ରମିକ ସ୍ଵେଚ୍ଛାସେବୀ ସଙ୍ଗଠନର ପ୍ରତିନିଧି, ସ୍ଵୟଂ ସହାୟକ ଗୋଷ୍ଠୀର ସଭ୍ୟ ଆଦିଙ୍କୁ ବହୁସଂଖ୍ୟାରେ ପ୍ରଦତ୍ତ କାର୍ଯ୍ୟସୂଚୀ ଅନୁସାରେ ଗ୍ରାମସଭା ଦିନ ନିଜନିଜ ଗ୍ରାମପଞ୍ଚାୟତରେ ଉପସ୍ଥିତ ରହିବାକୁ ଆହ୍ଵାନ କରାଯାଉଛି।

| ପର୍ଯ୍ୟାୟ | ଗ୍ରାମ ପଞ୍ଚାୟତ ନାମ | ସାମାଜିକ ସମୀକ୍ଷା | | | ଜନ ଶୁଣାଣି (ବ୍ଲକ ସ୍ତରୀୟ) | ନୋଡ଼ାଲ ଅଫିସର |
|---|---|---|---|---|---|---|
| | | ଆରମ୍ଭ ତା: | ଶେଷ ତା: | ଗ୍ରାମସଭା ତା: | | |
| ପ୍ରଥମ | ବାଦିବାହାଲ, ବୁଢ଼ିପଦର, ବୁର୍ଡା,ଯୋଗିସର୍ଡ଼ା | ୧୬।୦୭।୧୯ | ୨୯।୦୭।୧୯ | ୩୧।୭।୧୯ | ତା:୧୬।୦୯।୧୯ | ଏ.ପି.ଓ ଏ.ଇ.ଇ ଜି.ପି.ଇ.ଓ ବି.ଏସ୍.ଏସ୍.ଓ ଏଫ୍.ଇ.ଓ |
| | ଲୋଇସିଂହା | ୧୬।୦୭।୧୯ | ୨୬।୦୭।୧୯ | | | |
| ଦ୍ଵିତୀୟ | ହିରାପୁର, କନ୍ଦାପୁରୀ, କୁଟେନପାଲି, ଝାରମୁଣ୍ଡା, ବାଦିମୁଣ୍ଡା | ୦୨।୦୮।୧୯ | ୧୭।୦୮।୧୯ | ୨୦।୮।୧୯ | | |
| ତୃତୀୟ | ତଲିଉଡ଼ାର, ସରଗାଡ଼, କୁଶଙ୍ଗ, କୁସ୍‌ମେଲ, ଉପର ବାହାଲ | ୨୧।୦୮।୧୯ | ୦୪।୦୯।୧୯ | ୦୬।୦୯।୧୯ | | |
| ଚତୁର୍ଥ | ରେଙ୍ଗାଲି, ବାନିପାଲି, ରତାଖଣ୍ଡି, ମାଗୁର ବେଡ଼ା, ଜି.ଏସ୍. ଡୁଙ୍ଗୁରୀପାଲି | ୦୭।୦୯।୧୯ | ୨୦।୦୯।୧୯ | ୨୩।୦୯।୧୯ | | |

ସ୍ଵା./-ଗୋଷ୍ଠୀ ଉନ୍ନୟନ ଅଧିକାରୀ,ଲୋଇସିଂହା

**ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନା (ଖରିଫ ୨୦୧୯-୨୦) ଢେଙ୍କାନାଳ :** ଚଳିତ ଖରିଫ ଋତୁରେ ଢେଙ୍କାନାଳ ଜିଲ୍ଲାରେ ୩ଗୋଟି ଫସଲ ଯଥା- ଧାନ(ସମସ୍ତ ବ୍ଲକ), ଚିନାବାଦାମ (କଙ୍କଡାହାଡ ଓ ଓଡାପଡା ବ୍ୟତିତ ସମସ୍ତ ବ୍ଲକ), ହଳଦୀ (ପର୍ଜଙ୍ଗ ଓ କଙ୍କଡାହାଡ) ବୀମା ପାଇଁ ନିର୍ଦ୍ଧାରିତ ହୋଇଛି। ଏହି ଯୋଜନାରେ ବୀମାରାଶି ଦାଖଲ କରିବାର ଶେଷ ତାରିଖ ତା.୩୧।୦୭।୨୦୧୯ରିଖ। ତେଣୁ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ନିଜନିଜର ଫସଲ ପାଇଁ ନିମ୍ନଲିଖିତମତେ ବୀମା ପ୍ରିମିୟମ ଦାଖଲକରି ଫସଲକୁ ବୀମାଭୁକ୍ତକରି ଲାଭବାନ ହୁଅନ୍ତୁ। ଏଥିପାଇଁ ନିକଟସ୍ଥ ଜିଲ୍ଲା କୃଷି ଅଧିକାରୀ, ସହକାରୀ କୃଷି ଅଧିକାରୀ, ଗ୍ରାମ୍ୟ କୃଷି କର୍ମଚାରୀ, ବ୍ୟାଙ୍କ, ସମ୍ପାଦକ-ପ୍ରାଥମିକ କୃଷି ସେବା ସମବାୟ ସମିତି, ଜନସେବା କେନ୍ଦ୍ର, ବୀମା କମ୍ପାନୀ ପ୍ରତିନିଧିଙ୍କ ସହ ଯୋଗାଯୋଗ କରନ୍ତୁ। ରୟାଲ ସୁନ୍ଦରମ କମ୍ପାନୀକୁ ଢେଙ୍କାନାଳ ଜିଲ୍ଲା ପାଇଁ ମନୋନୀତ କରାଯାଇଅଛି।

**ଅଧିକ ବିବରଣୀ ପାଇଁ ଯୋଗାଯୋଗ କରନ୍ତୁ। ମୋ ନଂ.୭୩୮୧୦୮୮୯୫୨**

| ବୀମାଯୋଗ୍ୟ ଫସଲ | ହେକ୍ଟର ପ୍ରତି ବୀମିତ ରାଶି | ଚାଷୀଙ୍କ ପ୍ରିମିୟମ ଦର (ଶତକଡା) | ଚାଷୀଙ୍କର ହେକ୍ଟର ପିଛା ପ୍ରିମିୟମ ଦେୟ | ବୀମାଯୋଗ୍ୟ ଅଞ୍ଚଳ |
|---|---|---|---|---|
| ଧାନ | ଟ.୬୨୫୦୦ | ୨% | ଟ.୧୨୫୦ | ସମସ୍ତ ବ୍ଲକ |
| ହଳଦୀ | ଟ.୧୨୮୭୫୦ | ୧.୫% | ଟ.୧୯୩୧ | ପର୍ଜଙ୍ଗ ଓ କଙ୍କଡାହାଡ |
| ଚିନାବାଦାମ | ଟ.୫୨୪୦୦ | ୨% | ଟ.୧୦୪୮ | ଓଡାପଡା ଓ କଙ୍କଡାହାଡ ବ୍ୟତୀତ ସମସ୍ତ ବ୍ଲକ |

ସୌଜନ୍ୟ : କୃଷି ଉପନିର୍ଦ୍ଦେଶକ, ଢେଙ୍କାନାଳ

# ରାଜସ୍ଵ ନିରୀକ୍ଷକ ପ୍ରଶିକ୍ଷଣ ପ୍ରତିଷ୍ଠାନ, ବୋଦାପଲଶା, କେନ୍ଦୁଝର

06766-258063
e-mail-riti. keonjhar@gov.in
riti.bodapalsakjr@gmail.com

## REVENUE INSPECTOR TRAINING INSTITUTE, BODAPALSA, KEONJHAR

(QUOTATION CALL NOTICE)

No.348 / RITI Dated the 9th July, 2019

No.13-F:- Sealed quotations are invited from interested reputed Travel Agencies / Tour Operators or Private Individuals for hiring of vehicles on monthly basis for Revenue Inspector Training Institute, Bodapalsa, Keonjhar. The detail quotation documents may be downloaded from District website i.e. http://kendujhar.nic.in. The quotation documents must be submitted to the "Deputy Director, Revenue Inspector Training Institute, Bodapalsa, Keonjhar' through Regd. Post/ Speed Post only. The bidder should subscribe **"QUOTATION FOR HIRING OF VEHICLE FOR REVENUE INSPECTOR TRAINING INSTITUTE, BODAPALSA, KEONJAHR"** on top of the envelope.

Last Date of submission of Quotation :- 24.07.2019 till 03.00 P.M.

Date of Opening of Quotation :- 25.07.2019 at 11.00 A.M at Revenue Inspector Training Institute, Bodapalsa, Keonjhar

The authority reserves the right to cancel the quotation at any point of time without assigning any reason thereof.

**BY THE ORDER OF COLLECTOR, KEONJHAR**
**Sd./- Assistant Director, RITI**
**Bodapalsa, Keonjhar**

24177/11/0001/1920

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ପରଜଙ୍ଗ

**ବିଜ୍ଞାପନ ସଂଖ୍ୟା: ୧୦୪୨** **ତାରିଖ: ୦୯।୦୭।୨୦୧୯**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ପରଜଙ୍ଗ ପଞ୍ଚାୟତ ସମିତି ଅଧୀନରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମ୍ୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା (MGNREGA), ଜାତୀୟ ସାମାଜିକ ସହାୟତ କାର୍ଯ୍ୟକ୍ରମ (NSAP) ରେ ୨୦୧୮-୧୯ ଆର୍ଥିକ ବର୍ଷରେ ଦ୍ଵିତୀୟ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଏଥିରେ ଗ୍ରାମପଞ୍ଚାୟତ, ପଞ୍ଚାୟତ ସମିତି ଓ ଅନ୍ୟାନ୍ୟ ବିଭାଗ ଦ୍ଵାରା ୨୦୧୮-୧୯ ଆର୍ଥିକ ବର୍ଷରେ ହୋଇଥିବା ସମସ୍ତ ପ୍ରକଳ୍ପଗୁଡ଼ିକର ସତ୍ୟାସତ୍ୟ ତଦାରଖ ସହିତ ମଷ୍ଟର ରୋଲ ଯାଞ୍ଚ ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ନିମ୍ନସୂଚୀ ପ୍ରକାରେ ଅନୁଷ୍ଠିତ ହେବ। ଏଥିସହ ନାମ ପଞ୍ଜୀକରଣ, ଜବକାର୍ଡ ପ୍ରଦାନ କାର୍ଯ୍ୟ ପାଇଁ ଦରଖାସ୍ତ ଏବଂ କର୍ମ ଯୋଗାଣ, ମଜୁରି ପ୍ରଦାନ ଇତ୍ୟାଦି ବିଷୟରେ ଆଲୋଚନା କରାଯିବ। ଏଣୁ ଏହି କାର୍ଯ୍ୟକ୍ରମରେ ସମସ୍ତ ଜବକାର୍ଡଧାରୀ ଶ୍ରମିକ, ସମସ୍ତ ନିର୍ବାଚିତ ଲୋକପ୍ରତିନିଧି, ସ୍ଵୟଂ ସହାୟକ ଗୋଷ୍ଠୀ, ସ୍ଵେଚ୍ଛାସେବୀ ଅନୁଷ୍ଠାନ ଓ ଭିଜିଲାନ୍ସ ମନିଟରିଙ୍ଗ କମିଟିର ସଭ୍ୟ ଓ ସଭ୍ୟା ଉପସ୍ଥିତ ରହି ଆଲୋନାରେ ଅଂଶଗ୍ରହଣ କରିବା ସହ ସୁଚିନ୍ତିତ ମତାମତ ଦେବା ନିମନ୍ତେ ଅନୁରୋଧ କରାଯାଉଅଛି।

**ସାମାଜିକ ସମୀକ୍ଷା କାର୍ଯ୍ୟସୂଚୀ**

| କ୍ର. ନଂ. | ଗ୍ରାମପଞ୍ଚାୟତ | ଆରମ୍ଭ ତାରିଖ | ଶେଷ ତାରିଖ | ସମୟ |
|---|---|---|---|---|
| ୧ | କନ୍ଦରସିଂହା, ବସୁଲେଇ, ଆଖୁଆପାଳ, ପିତିରି, ସରାଙ୍ଗ, ବାରିହାପୁର, ମାଣିକମରା, କଙ୍କଡାସୋଡା, କୁଆଲୋ | ୧୯।୦୭।୨୦୧୯ | ୦୨।୦୮।୨୦୧୯ | ୧୦.୦୦ ଘ. |
| ୨ | ଲୋଧଣି, ପାଟରପଦା ରୋଡ, ରେଣ୍ଟାପାଟ, କୁମୁସି, ସାନ୍ଦା, ଚାନ୍ଦପୁର, ପଥରଖମ୍ବ, ମୁକ୍ତାପଶି, ଗେଙ୍ଗୁଟିଆ | ୧୬।୦୮।୨୦୧୯ | ୩୦।୦୮।୨୦୧୯ | ୧୦.୦୦ ଘ. |
| ୩ | ଆମ୍ବପଳାଶ, ବଡଝରା, ଜୟପୁରାକାଟେଣି, କଲଦା, କନ୍ତୋର, ମୁଣ୍ଡେଇଲୋ, ପରଜଙ୍ଗ, କଙ୍କିଳି, ଦାମୋଳ, ବସୋଇ | ୧୦।୦୯।୨୦୧୯ | ୨୪।୦୯।୨୦୧୯ | ୧୦.୦୦ ଘ. |

ସ୍ଵା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ପରଜଙ୍ଗ

# OFFICE OF THE COLLECTOR & DISTRICT MAGISTRATE, KALAHANDI

**BHAWANIPATNA-766001 (ODISHA)**
**(Social Welfare Section)**

**No. 1169** **Date: 08.07.2019**

## NOTICE FOR EXPRESSION OF INTEREST

Sealed applications are invited in prescribed application form, from eligible organizations for selection of Agency to run One Stop Centre at District Medical Campus, Kalahandi in order to provide support and assistance to women affected by violence, including medical, legal, psychological and counseling.

Detailed eligibility criteria, selection procedure and application form is available in the WCD & MS Department. **Website- wcdodisha.gov.in and Odisha.gov.in.**

The application completed in all respect must reach to the office of District Social Welfare Officer, Kalahandi by Registered Post/Speed Post only on or before date 25.07.2019 by 3.00 PM and the applications will be opened on dated 25.07.2019 at 5.00 PM in the Conference Hall of Collectorate, Kalahandi.

Application received after the due date or in an open envelope or lack of required information will be rejected.

**Sd./- Collector, Kalahandi**

# ପୁରୀ କୃଷି ଜିଲ୍ଲାରେ ବିହନ ବିଶୋଧନ କାର୍ଯ୍ୟକ୍ରମ- ଖରିଫ ୨୦୧୯

ଚଳିତ ଖରିଫ୍ ୨୦୧୯ ଋତୁରେ ପୁରୀ କୃଷି ଜିଲ୍ଲାର ପୁରୀ ସଦର, ବ୍ରହ୍ମଗିରି ଓ କୃଷ୍ଣପ୍ରସାଦ ବ୍ଲକର ବିଭିନ୍ନ ଗ୍ରାମରେ ବିହନ ବିଶୋଧନ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଅଛି। 'ରାଜ୍ୟ ଯୋଜନା' ଅନ୍ତର୍ଗତ 'ଉନ୍ନତ ଚାଷ ପଦ୍ଧତିର ପ୍ରସାର' କାର୍ଯ୍ୟକ୍ରମ ମାଧ୍ୟମରେ ଚଳିତ ଋତୁରେ ୨୫୦ଟି ଗ୍ରାମରେ ଉକ୍ତ ବିହନ ବିଶୋଧନ ଅଭିଯାନ କରାଯାଇ ଚାଷୀଭାଇମାନଙ୍କୁ ତାଲିମ ଓ କୌଶଳ ପ୍ରଦର୍ଶନ ମାଧ୍ୟମରେ ସଚେତନ କରାଇବାର ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାସ୍ତରୀୟ ବିଭାଗୀୟ ଅଧିକାରୀମାନେ ଯୋଗଦାନକରି ଚାଷୀଭାଇ ଓ ଭଉଣୀମାନଙ୍କୁ ସେମାନଙ୍କର ନିଜସ୍ଵ ସାଇତା ବିହନକୁ କିଭଳି ଭୌତିକ, ରାସାୟନିକ ଓ ଜୈବିକ ପଦ୍ଧତିରେ ବିଶୋଧନକରି ଫସଲକୁ ରୋଗମୁକ୍ତ ରଖିପାରିବେ ସେ ସମ୍ପର୍କରେ ପରାମର୍ଶ ଦେଉଛନ୍ତି। କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରୁଥିବା ଚାଷୀଭାଇମାନଙ୍କୁ ସେମାନଙ୍କର ବିହନକୁ ମାଗଣାରେ ରାସାୟନିକ ବିହନ ବିଶୋଧନ ଔଷଧ ଦ୍ଵାରା ବିଶୋଧନ କରିବାର ସୁବିଧା ମଧ୍ୟ ଦିଆଯାଉଛି। ଏଣୁ ଉକ୍ତ ଅଞ୍ଚଳର ଚାଷୀ ଭାଇ ଓ ଭଉଣୀମାନଙ୍କୁ ଅନୁରୋଧ, ସେମାନେ ଜୁଲାଇ ୧୫ ତାରିଖ ଭିତରେ ଶେଷ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ଅଧିକରୁ ଅଧିକ ସଂଖ୍ୟାରେ ଯୋଗଦାନ କରି କାର୍ଯ୍ୟକ୍ରମକୁ ସଫଳ କରାନ୍ତୁ।

**ସୌଜନ୍ୟ: ଜିଲ୍ଲା କୃଷି ଅଧିକାରୀ, ପୁରୀ**

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବଡ଼ଗାଁ

ବିଜ୍ଞାପନ ସଂଖ୍ୟା: ୧୩୦୩ ତାରିଖ: ୦୮।୦୭।୨୦୧୯

ଏତଦ୍ଵାରା ବଡ଼ଗାଁ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ପ୍ରକାଶ କରାଯାଉଅଛି ଯେ, ୨୦୧୮-୧୯ ଆର୍ଥିକ ବର୍ଷର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା (MGNREGA) ଓ ପ୍ରଧାନମନ୍ତ୍ରୀ ଆବାସ ଯୋଜନାର ଅନ୍ତର୍ଗତ କାର୍ଯ୍ୟସୂଚୀ ମୁତାବକ ଗ୍ରାମସଭା ସମ୍ପୃକ୍ତ ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଅନୁଷ୍ଠିତ ହେବ। ଏହି ଗ୍ରାମସଭାରେ ପଞ୍ଚାୟତ ଓ ପଞ୍ଚାୟତ ସମିତି ଜରିଆରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ମଷ୍ଟରରୋଲଗୁଡ଼ିକ ନିମ୍ନପଦାଧିକାରୀଙ୍କ ଦ୍ଵାରା ଶତପ୍ରତିଶତ ଯାଞ୍ଚ କରାଯିବ। ଉକ୍ତ କାର୍ଯ୍ୟକ୍ରମରେ ସମ୍ପୃକ୍ତ ସରପଞ୍ଚ, କନିଷ୍ଠ ଯନ୍ତ୍ରୀ, ପଞ୍ଚାୟତ ନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଗ୍ରାମ ପଞ୍ଚାୟତ ବୈଷୟିକ ସହାୟକ, ଗାଁ ସାଥୀ, ସ୍ଵୟଂ ସହାୟକ ଗୋଷ୍ଠୀ, ବେସରକାରୀ ଅନୁଷ୍ଠାନ, ଶିକ୍ଷିତ ଯୁବକ/ଯୁବତୀ, ସମସ୍ତ କାର୍ଯ୍ୟପତ୍ର ଗ୍ରହୀତା ଶ୍ରମିକମାନେ ନିର୍ଦ୍ଧାରିତ ତାରିଖ ଓ ସମୟରେ ଉପସ୍ଥିତ ରହି ପ୍ରକଳ୍ପ ତଥା ମଷ୍ଟରରୋଲ ସତ୍ୟାସତ୍ୟ ଅନୁସନ୍ଧାନ କରିବେ ଏବଂ ସେମାନଙ୍କର ଦସ୍ତଖତ ଯାଞ୍ଚ କରାଇନେବେ।

ସ୍ଵା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ ପଞ୍ଚାୟତ ସମିତି, ବଡ଼ଗାଁ

**ସାମାଜିକ ସମୀକ୍ଷା ଗ୍ରାମସଭା କାର୍ଯ୍ୟସୂଚୀ: ସ୍ଥାନ- ଗ୍ରାମପଞ୍ଚାୟତ କାର୍ଯ୍ୟାଳୟ, ସମୟ- ଘ.୧୧.୦୦**

| କ୍ର.ସଂ. | ସାମାଜିକ ସମୀକ୍ଷା (NSAP)ର ପ୍ରାରମ୍ଭିକ ଓ ଶେଷ ତାରିଖ | ସାମାଜିକ ସମୀକ୍ଷା (MGNREGA)ର ପ୍ରାରମ୍ଭିକ ଓ ଶେଷ ତାରିଖ | ପଞ୍ଚାୟତ ସମିତି କାର୍ଯ୍ୟାଳୟରେ ଜନଶୁଣାଣିର ତାରିଖ | ଗ୍ରାମପଞ୍ଚାୟତର ନାମ | ପଦାଧିକାରୀ |
|---|---|---|---|---|---|
| ୦୧ | ୧୯।୦୭।୨୦୧୯ରୁ ୨୨।୦୭।୨୦୧୯ | ୨୩।୦୭।୨୦୧୯ରୁ ୦୧।୦୮।୨୦୧୯ | ୩୦।୧୧।୨୦୧୯ | ବାମଡେରା ଓ ବରଗାଁକଛାର | ସମ୍ପୃକ୍ତ ଭାରପ୍ରାପ୍ତ ଅଧିକାରୀ, କନିଷ୍ଠ ଯନ୍ତ୍ରୀ, ଜି.ପି.ଟି.ଏ., ସହାୟକ ଯନ୍ତ୍ରୀ, ଗ୍ରାମ ରୋଜଗାର ସେବକ, ଗ୍ରାମପଞ୍ଚାୟତ ଅଧିକାରୀ, ଗାଁ ସାଥୀ, ଭି.ଆର.ପି., ବି.ଏସ.ଏ.। |
| ୦୨ | ୨୨।୦୭।୨୦୧୯ରୁ ୨୫।୦୭।୨୦୧୯ | ୨୬।୦୭।୨୦୧୯ରୁ ୦୪।୦୮।୨୦୧୯ | | ବଡ଼ଗାଁ ଓ ଭୋଇପାଲି | |
| ୦୩ | ୦୫।୦୮।୨୦୧୯ରୁ ୦୮।୦୮।୨୦୧୯ | ୦୯।୦୮।୨୦୧୯ରୁ ୧୮।୦୮।୨୦୧୯ | | ଦାଣ୍ଡଜମିରା ଓ ଏକମା | |
| ୦୪ | ୦୮।୦୮।୨୦୧୯ରୁ ୧୧।୦୮।୨୦୧୯ | ୧୨।୦୮।୨୦୧୯ରୁ ୨୧।୦୮।୨୦୧୯ | | ଫୁଲବାରୀ ଓ ଇତମା | |
| ୦୫ | ୨୨।୦୮।୨୦୧୯ରୁ ୨୫।୦୮।୨୦୧୯ | ୨୬।୦୮।୨୦୧୯ରୁ ୦୪।୦୯।୨୦୧୯ | | ଜରଙ୍ଗଲୋଇ ଓ ପାମରା | |
| ୦୬ | ୨୪।୦୮।୨୦୧୯ରୁ ୨୭।୦୮।୨୦୧୯ | ୨୮।୦୮।୨୦୧୯ରୁ ୦୬।୦୯।୨୦୧୯ | | ସାହାଜବାହାଲ ଓ ଟିକିଲିପରା | |
| ୦୭ | ୧୧।୦୯।୨୦୧୯ରୁ ୧୪।୦୯।୨୦୧୯ | ୧୫।୦୯।୨୦୧୯ରୁ ୨୪।୦୯।୨୦୧୯ | | ଟିମ୍ ନା ଓ ରୁନଗାଁ | |
| ୦୮ | ୧୧।୦୯।୨୦୧୯ରୁ ୧୪।୦୯।୨୦୧୯ | ୧୫।୦୯।୨୦୧୯ରୁ ୨୨।୦୯।୨୦୧୯ | | ଡୁଡ଼ାଲଗା | |

ସ୍ଵା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବଡ଼ଗାଁ

# ଡାକ ବିଭାଗ (ସିଭିଲ ୱିଙ୍ଗ)

## ଇ-ଟେଣ୍ଡର ଆମନ୍ତ୍ରଣକାରୀ ବିଜ୍ଞପ୍ତି

ଭାରତର ରାଷ୍ଟ୍ରପତିଙ୍କ ତରଫରୁ ନିର୍ବାହୀ ଯନ୍ତ୍ରୀ (ସି), ଡାକ ସିଭିଲ ଡିଭିଜନ, ୩ୟ ମହଲା, ପୋଷ୍ଟାଲ ଷ୍ଟୋର୍ ଡିପୋ ବିଲ୍ଡିଂ, ସତ୍ୟନଗର, ଭୁବନେଶ୍ଵର-୭୫୧୦୦୭ ଯୋଗ୍ୟ ଠିକାଦାରମାନଙ୍କଠାରୁ "ପାଟଣାଗଡ଼, ଓଡ଼ିଶାଠାରେ ପିଓ ବିଲ୍ଡିଂ ଏବଂ ଏସ୍‌ପିଏମ୍ କ୍ୱାର୍ଟର୍‌ର ନିର୍ମାଣ" କାର୍ଯ୍ୟ ନିମନ୍ତେ ଅନ୍‌ଲାଇନ୍ ଶତକଡ଼ା ଦର ଟେଣ୍ଡର ଆମନ୍ତ୍ରଣ କରାଯାଉଛି। ଅଟକଳ ମୂଲ୍ୟ: ଟ.୧,୫୪,୨୦,୫୭୭.୦୦ {ଟ.୧,୪୦,୫୫,୨୧୭.୦୦ (ସିଭିଲ ଅଂଶ) ଏବଂ ଟ.୧୩,୬୫,୩୬୦.୦୦ (ବୈଦ୍ୟୁତିକ ଅଂଶ)}, ଇଏମ୍‌ଡି: ଟ.୩,୦୮,୪୧୨/- (କମ୍ପୋଜିଟ୍), ଟେଣ୍ଡର ଦେୟ: ଶୂନ୍ୟ, ଇ-ଟେଣ୍ଡର ପ୍ରକ୍ରିୟାକରଣ ଦେୟ ଟ.୮୮୫୦/- (ପ୍ରଯୁଜ୍ୟ ଟିକସ ସମେତ) ବିଡର୍‌ଙ୍କ ଦ୍ଵାରା ବହନ କରାଯିବ ଯାହା ଆଇଟିଆଇ ଲିଃ, ନୂଆଦିଲ୍ଲୀଙ୍କ ସପକ୍ଷରେ ଇ-ପେମେଣ୍ଟ ଗେଟ୍‌ୱେ ମାଧ୍ୟମରେ ପୈଠଯୋଗ୍ୟ। ବିଡ୍ ଦାଖଲର ଶେଷ ସମୟ ଓ ତାରିଖ: ତା୨୪।୦୭।୨୦୧୯ରିଖ ୧୫.୦୦ ଘଟିକା। ସମାପ୍ତି ଅବଧି ୩୦୦ (ତିନିଶହ) ଦିନ।

ବିଡ୍ ଫର୍ମ ଏବଂ ଅନ୍ୟାନ୍ୟ ବିବରଣୀ ୱେବ୍‌ସାଇଟ୍ **https://dopcivil.euniwizarde.com**ରୁ ହାସଲ କରାଯାଇପାରିବ।

ସ୍ଵା./- ନିର୍ବାହୀ ଯନ୍ତ୍ରୀ (ସି)
ଡାକ ସିଭିଲ ଡିଭିଜନ, ଭୁବନେଶ୍ଵର

# DIRECTORATE OF TECHNICAL EDUCATION & TRAINING, ODISHA, CUTTACK

**ADMISSION NOTICE UNDER PWD SCHEME OF MHRD, GOI FOR THE SESSION 2019-20**

No. 36-KK: Applications are invited from intending ORTHOPAEDICALLY HANDICAPPED (OH) candidates having 40% disability and above (BOTH MALE AND FEMALE CANDIDATES HAVING PERMANENT RESIDENT CERTIFICATE OF ODISHA) for admission into 03 years regular Diploma Engineering & Non-Engineering course under Persons with Disabilities (PWD) scheme of MHRD, Government of India, New Delhi against 75 numbers of supernumerary seats (25 nos. per each institute) as per the details mentioned below for the academic session 2019-20.

**Name of the Institution & Course:**

**Bhubanananda Orissa School of Engineering (BOSE), Cuttack: Engineering :** Civil/ Electrical/ Mechanical/ Applied ETC & Instrumentation/Automobile/Electronics & Telecommunication/Information Technology / Computer Science.

**Government Polytechnic, Bhubaneswar: Engineering :** Arch. Assistantship/Civil/Electrical/ Mechanical/ Electronics & Telecommunication/Information Technology : Non-Engineering : Modern Office Management(MOM)/Beauty Culture.

**Government Polytechnic, Berhampur: Engineering :** Civil/ Electrical/ Mechanical/ Computer Science/Food Technology:

**Non-Engineering :** Hotel Management & Catering Technology.

**Entry Qualification & Age Limit:**

**All Engineering Course & Beauty Culture Course :** Pass in HSC Examination conducted by BSE,Odisha/10th Standard Examination declared equivalent by BSE and obtained at least 35% marks in aggregate, securing 30% marks in each subject at the qualifying examination with English, Math. & Science subjects.

**Age:** The lower age is 14 years as on 01.07.2019 , No upper age limit.

**Non-Engg. Courses:**

**MOM :** Pass in 10+2 Examination from CHSE, Odisha or the equivalent examination in Science/Arts/Commerce recognized by CHSE securing 30% marks in each subject at the qualifying examination.

**HMCT :** Pass in 10+2 Examination from CHSE, Odisha or the equivalent examination in Science/Arts/Commerce recognized by CHSE and obtained 35% marks in aggregate securing 30% marks in each subject at the qualifying examination.

**Age:** The lower age is 16 years as on 01.07.2019, No upper age limit for both the above courses.

**FOR OTHER INFORMATION AND APPLICATION FORM, PLEASE VISIT OUR WEBSITE: www.bosecuttack.com**

14032/11/0003/1920 **Sd./- Principal, BOSE,Cuttack**

# OFFICE OF THE CHIEF DISTRICT MEDICAL & PHO-cum-DMD, CUTTACK

**Department of Health & Family Welfare, Government of Odisha**

**Adv. No.8239** **Date:05.07.2019**

**TENDER CALL NOTICE FOR PRINTING & SUPPLY OF VARIOUS ITEMS**

Sealed tenders are invited from registered printing agencies having adequate experience in taking up the works of composing / proof reading/ designing & printing. Details regarding the printing of various items as per need and terms & conditions may be downloaded from the website www.cuttack.nic.in. The tender should reach the office of the undersigned by 23.07.2019 (till 2 PM). The tender will be opened at 3.30 PM on 23.07.2019. The undersigned reserves the right to reject any or all the tenders without assigning any reason thereof.

**Sd./-**
**Chief District Medical & PHO cum DMD, Cuttack**

# TENDERER EXECUTIVE OFFICER
# OFFICE OF THE JAGATSINGHPUR MUNICIPALITY, JAGATSINGHPUR

**Phone : 06724220073, Fax : 06724220073**
**Email Id : jspurm.hud@gmail.com**

**No.2180** **e-Procurement Notice** **Dt: 08.07.2019**

Bid Documents consisting of Work, Estimated Cost, Cost of Tender Paper, EMD, Time of Completion, Class of Contractors and the set of terms and conditions of contract and other necessary documents can be seen in Govt. website i.e. **www.tendersorissa.gov.in.**

1. Tender Reference no. : JSPUR-02/2019-2020
2. Tender ID no. : 2019_ORULB_55337
3. Name of the work : Civil Construction works as mentioned in website
4. No. of works : 3
5. Estimated cost : Rs.267825.00 to 893114.00
6. Period of completion : 60 days
7. Date & Time of Bidding : 10.07.2019 at 10 A.M to 20.07.2019 up to 5 P.M.
8. Last date & time for receipt of bids in the portal : 20.07.2019 up to 5 P.M.
9. Last date of receipt of Technical Bid : 22.07.2019 up to 5 P.M.
10. Opening of Technical bid : 23.07.2019 at 11 A.M.
11. Opening of Price Bid online : 24.07.2019 at 3 P.M.
12. Name and address of the officer inviting bid : Executive Officer, Jagatsinghpur Municipality

Further details can be seen from the procurement portal i.e. **https://www.tendersorissa.gov.in**

**Sd./- Executive Officer**
**Jagatsinghpur Municipality**

# ଖଣ୍ଡିୟ ବନାଧିକାରୀଙ୍କ କାର୍ଯ୍ୟାଳୟ

## ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ମୋତିଝରନ୍

ସମ୍ବଲପୁର, ଓଡ଼ିଶା, ପିନ୍-୭୬୮୦୦୧
ଦୂରଭାଷ/ଫ୍ୟାକ୍ସ- ୦୬୬୩-୨୫୪୮୭୪୩
ଇ-ମେଲ: **dfohirakudwl.od@gov.in**

## ସୂଚନା

No.: 35-MM: ଏତଦ୍ଵାରା ସର୍ବସାଧାରଣ/ପର୍ଯ୍ୟଟକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଛି କି, ବନ୍ୟପ୍ରାଣୀଙ୍କ ସୁରକ୍ଷା ନିମନ୍ତେ ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ଡେବ୍ରିଗଡ଼ ଅଭୟାରଣ୍ୟ ତା୦୧।୦୭।୨୦୧୯ରିଖଠାରୁ ତା୩୦।୦୯।୨୦୧୯ରିଖ ପର୍ଯ୍ୟନ୍ତ ବନ୍ଦ ରହିବ। କିନ୍ତୁ ଏହି ବନଖଣ୍ଡର ଡେବ୍ରିଗଡ଼ ପ୍ରକୃତି ନିବାସ (Eco-Tourism Cottage) ପାଇଁ ଅନଲାଇନ ମାଧ୍ୟମରେ ଅଗ୍ରିମ ସଂରକ୍ଷଣ କରିଥିବା ବ୍ୟକ୍ତିମାନଙ୍କୁ ପ୍ରକୃତି ନିବାସ ପର୍ଯ୍ୟନ୍ତ ଯିବା ପାଇଁ ଅନୁମତି ପ୍ରଦାନ କରାଯିବ।

ସ୍ଵା./- ବନଖଣ୍ଡ ଅଧିକାରୀ
ହୀରାକୁଦ ବନ୍ୟପ୍ରାଣୀ ବନଖଣ୍ଡ, ସମ୍ବଲପୁର

08078/11/0002/1920

# GOVERNMENT OF ODISHA FOOD SUPPLIES & CONSUMER WELFARE DEPARTMENT

## ADVERTISEMENT

No.01-H :- Applications are invited for appointment to the post of whole time Chairperson (One) and Members (Two) in the 'Odisha State Food Commission' set up by Government of Odisha under the provisions of the National Food Security Act, 2013 (NFSA). The Chairperson and Members of the State Food Commission are to perform such duties and functions and exercise such powers as prescribed under the NFSA, 2013 and Odisha State Food Commission Rules, 2016 made there under. The Head Office of the Commission will be at Bhubaneswar.

For complete information on qualification, eligibility criteria, application form and other details, the applicants are requested to visit and download the same from the Department's website **www.foododisha.in** under 'Notification' link. The last date for receipt of application complete in all respect is 31.07.2019.

07001/11/0003/1920 Joint Secretary

# TENDER CALL NOTICE

**C.S.O.-CUM-DISTRICT MANAGER,**
**ODISHA STATE CIVIL SUPPLIES CORPORATION LIMITED, NAYAGARH**
**AT/PO: NAYAGARH, DIST: NAYAGARH**
**www.nayagarh.nic.in (website of district)**

**No. 2393** **Dated 09.07.2019**

CSO-cum-District Manager, OSCSC Ltd., Nayagarh invites sealed tenders from reputed firms/companies/ persons for appointment as Handling Contractor for of Food grains at Rice Receiving Centre-Cum-Departmental Storage Centre (RRC-cum-DSC).

The Handling Contractor shall perform all operations for handling of foodgrains (unloading/loading/stacking/ bagging/rebagging/weighment/ standardization/cleaning etc.) at RRC-cum-DSC.

Interested firms/companies/person may obtain tender document from the office of C.S.O-cum-District Manager from 10.07.19 to 16.07.19 upto 5.00 PM. The interested firms/companies/persons may also download the tender document from the district website **www.nayagarh.nic.in.**

Interested firms/companies/persons will have to submit the tender documents through **registered post/ speed post/courier service only** as per the procedure prescribed in the tender document to the following address. Tender document sent other than the above mode shall not be entertained in any circumstances. **The Corporation shall not be responsible for any postal/courier delay. Tender paper received after the scheduled date & time shall not be considered.**

**Address for submission of tender document.**
District Manager, OSCSC Ltd., Nayagarh District.
At/Po: Nayagarh, District: Nayagarh, Pin: 752069

| | |
|---|---|
| Period of sale of tender document | 10.07.2019 to 16.07.2019 upto 5.00 PM |
| Last date of receipt of tender document | 16.07.2019 upto 5.00 PM |
| Date of opening of technical Bid | On 17.07.2019 at 11.00 AM |
| Date of opening of Price Bid | On 17.07.2019 at 11.00 AM |

**Sd./- CSO-cum-District Manager,**
**OSCSC Ltd., Nayagarh**

Your classified advertisement published in Dharitri will be listed free in Dharitri online edition :
www.dharitri.com

# ପଞ୍ଚାୟତ ସମିତି କାର୍ଯ୍ୟାଳୟ, ଗୁଡ଼ଭେଲା

**ବିଜ୍ଞାପନ ସଂଖ୍ୟା: ୧୦୫୬** **ତାରିଖ: ୦୯।୦୭।୨୦୧୯**

ଏତଦ୍ଵାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ, ୨୦୧୮-୨୯ ଆର୍ଥିକ ବର୍ଷରେ ପ୍ରଥମ ସାମାଜିକ ସମୀକ୍ଷା ବୈଠକ ଅନୁଷ୍ଠିତ ହେବ। ଜାତୀୟ ନିଶ୍ଚିତ କର୍ମନିଯୁକ୍ତି ଯୋଜନା MGNREGA ଏବଂ NSAP ରେ କାର୍ଯ୍ୟକାରୀ ହୋଇଥିବା ପ୍ରକଳ୍ପଗୁଡ଼ିକର ମଷ୍ଟରରୋଲର ଶତ ପ୍ରତିଶତ ଯାଞ୍ଚ (ଆର୍ଥିକ ବର୍ଷ ୨୦୧୮-୨୯ 1ST APRIL 2018 ରୁ 31ST MARCH 2019 ମଧ୍ୟରେ) ଏବଂ ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମୁତାବକ ଗ୍ରାମପଞ୍ଚାୟତ ସଦର ମହକୁମାଗୁଡ଼ିକରେ (ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ) ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ସଭାରେ ଗ୍ରାମାଞ୍ଚଳରେ ବାସ କରୁଥିବା ସମସ୍ତ ଜବ୍‌କାର୍ଡଧାରୀ ଶ୍ରମିକ, ଗାଁ ସାଥୀ, ସ୍ଵେଚ୍ଛାସେବୀ ଅନୁଷ୍ଠାନ, ନିର୍ବାଚନ ପ୍ରତିନିଧି, ସ୍ଵୟଂ ସହାୟକ ଗୋଷ୍ଠୀ, ଭିଜିଲାନ୍ସ ମନିଟରିଙ୍ଗ କମିଟିର ସଭ୍ୟ ସଭ୍ୟା ତଥା ଜନସାଧାରଣ ଯୋଗଦାନ କରି ଆଲୋଚନାରେ ଅଂଶଗ୍ରହଣ କରିବାକୁ ଅନୁରୋଧ କରାଗଲା।

| କ୍ର. ନଂ. | ଗ୍ରା.ପ.ର ନାମ | ସାମାଜିକ ସମୀକ୍ଷା ସମୟ | ଗ୍ରାମ ସଭା ତାରିଖ | ବିଷୟ | ସ୍ଥାନ | ଯୋଗ ଦେବାକୁ ଥିବା ଅଧିକାରୀ | ବ୍ଲକ ଜନ ଶୁଣାଣି |
|---|---|---|---|---|---|---|---|
| ୧ | ବିରାମୁଣ୍ଡା | ୧୬।୦୭।୨୦୧୯ରୁ ୧୯।୦୭।୨୦୧୯ | ୨୬।୦୭।୨୦୧୯ | NSAP | ଗ୍ରା.ପ. କାର୍ଯ୍ୟାଳୟ | PEO, GRS, JE/ GPTA/ Concerned RH/ Nodal Officer | ୨୬।୦୯।୧୯ |
| | | ୨୦।୦୭।୨୦୧୯ରୁ ୨୬।୦୭।୨୦୧୯ | | MGNREGA | | | |
| | ଜାମୁଟ ଘୁନା ଗମ୍ଭାରୀଗୁଡ଼ା ଗୁଡଭେଲା | ୧୬।୦୭।୨୦୧୯ରୁ ୧୯।୦୭।୨୦୧୯ | ୩୧।୦୭।୧୯ | NSAP | ଗ୍ରା.ପ. କାର୍ଯ୍ୟାଳୟ | PEO, GRS, JE/ GPTA/ Concerned RH/ Nodal Officer | |
| | | ୨୦।୦୭।୨୦୧୯ରୁ ୨୯।୦୯।୨୦୧୯ | | MGNREGA | | | |
| ୨ | ମାଡ଼େକେଲା ତେନ୍ତୁଲିଖୁନ୍ଟି ଦେଉଳଗୁଡ଼ି ରୁଷୁଡା | ୦୨।୦୮।୨୦୧୯ରୁ ୦୫।୦୮।୨୦୧୯ | ୨୦।୦୮।୨୦୧୯ | NSAP | ଗ୍ରା.ପ. କାର୍ଯ୍ୟାଳୟ | PEO, GRS, JE/ GPTA/ Concerned RH/ Nodal Officer | |
| | | ୦୮।୦୮।୨୦୧୯ରୁ ୧୭।୦୮।୨୦୧୯ | | MGNREGA | | | |
| ୩ | ସମରା ଚିଂଚେଡ ବଡଙ୍ଗୋମୁଣ୍ଡା ନୂଆଁପଡା | ୨୧।୦୮।୨୦୧୯ରୁ ୨୪।୦୮।୨୦୧୯ | ୦୬।୦୯।୧୯ | NSAP | ଗ୍ରା.ପ. କାର୍ଯ୍ୟାଳୟ | PEO, GRS, JE/ GPTA/ RH / Concerned/ Nodal Officer | |
| | | ୨୭।୦୮।୨୦୧୯ରୁ ୦୫।୦୯।୨୦୧୯ | | MGNREGA | | | |

ସ୍ଵା./- ଗୋଷ୍ଠୀ ଉନ୍ନୟନ ଅଧିକାରୀ, ଗୁଡ଼ଭେଲା

# OFFICE OF THE LOKAYUKTA, ODISHA

**B-2, Ground Floor, Toshali Bhawan, Satya Nagar, BBSR-751007**

**No.4 / LY** **Dated: 09.07.2019**

**Tender Notice for award of contract for providing of services of Data Entry Operators and Peons for a period of six months from the date of agreement**

No.29-T :- Sealed tenders are invited from reputed manpower agencies/ service providers to provide the services of Data Entry Operators and Peons for a period of six months from the date of execution of the agreement through a suitable placement agency on contract basis for day to day official work.

The detailed information for outsourcing the service of aforesaid posts has been given in the Tender Document which may be obtained in person from the Office of the Lokayukta, Odisha, B-2, Ground Floor, Toshali Bhawan, Satya Nagar, BBSR-751007 on any working day between 11 A.M to 4 P.M on payment of Rs.100/- through DD to be drawn in favour of the Secretary, Lokayukta, Odisha. The last date and time for submission of Tender document by Speed Post/Registered Post/Courier/Hand is 02.08.2019 at 5 P.M.

**Sd./-**
**Secretary, Lokayukta Odisha**

09010/11/0006/1920

## ରାଶି



ପାଗ ଦେଖି ଏକର ପ୍ରତି ୧ କେଜିରୁ ୧୨୦୦ଗ୍ରାମ୍ ବିହନ ଧାଡିରେ ବୁଣନ୍ତୁ। ଉନ୍ନତ ଅଧିକ ଅମଳକ୍ଷମ କିସମ ଯଥା- ପ୍ରାଚୀ,ନିର୍ମଳା,କନକ,କାଳୀକା,ବିନାୟକ ଆଦି କିସମ ବ୍ୟବହାର କରନ୍ତୁ। ଧାଡିକୁ ଧାଡି ୩୦ସେ.ମି ଓ ଗଛକୁ ଗଛ ୧୦ସେ.ମି ବ୍ୟବଧାନ ରଖନ୍ତୁ। ବିହନ ବୁଣିବା ପୂର୍ବରୁ ପ୍ରତି କିଗ୍ରା ବିହନକୁ ୩ଗ୍ରାମ୍ ସେରେସାନରେ ବିଶୋଧନ କରନ୍ତୁ। ଶେଷ ଓଡ ଚାଷ ବେଳେ ବିହନ ବୁଣିବା ପୂର୍ବରୁ ୬ କିଗ୍ରା ଯବକ୍ଷାରଜାନ , ୮କି.ଗ୍ରା ଫସଫରସ,୮କିଗ୍ରା ପଟାସ ପ୍ରୟୋଗ କରନ୍ତୁ।

## ମଲ୍ଲୀଫୁଲ



ଏହାର ବଂଶବିସ୍ତାର କଟା କଲମୀ କିମ୍ବା ଗୁଟି କଲମୀ ଦ୍ୱାରା ହୁଏ। କଟା କଲମୀ ପାଇଁ ୧୫ରୁ ୨୦ସେ.ମି ପାକଳ ଡାଳ ବ୍ୟବହାର କରାଯାଏ। ଜୁଲାଇ ମାସରେ ପଟାଳି କରି କଲମୀଗୁଡିକୁ ପୋତିଦେଲେ ଦୁଇତିନିମାସ ମଧ୍ୟରେ ଚେର ହୋଇଯାଏ। ଅଧିକ ତଥା- ଶୀଘ୍ର ଚେର ହେବା ପାଇଁ ଇଣ୍ଡୋଲ ବ୍ୟୁଟିରିକ୍ ଏସିଡ୍ ୧୦୦୦ରୁ ୨୦୦୦ପି.ପିଏମ୍‌ର ଏକ ଦ୍ରବଣ ବା ପ୍ରଲେପରେ କଟା ଡାଳରେ ମୂଳ ଅଂଶକୁ ଉପଚାର କରି ପଟାଳିରେ ପୋତନ୍ତୁ। ଏହା ନ ମିଳିଲେ ବଜାରରେ ମିଳୁଥିବା ସେରାଡେକସ୍-ବି ଗୁଟେକ୍ସ ହରମୋନ୍ ପାଉଡର ସଂଗ୍ରହକରି ଏହାର ଏକ ପ୍ରଲେପ କଟାଡାଳର ମୂଳ ଅଂଶରେ ଡାଳ ପୋତିବା ପୂର୍ବରୁ ପ୍ରୟୋଗ କରନ୍ତୁ। ମଲ୍ଲୀଗଛ ସାଧାରଣତଃ ମନ୍ଦାରେ ଲଗାଯାଏ। ମନ୍ଦାଗୁଡିକୁ ୬୦ସେ.ମି ଲମ୍ବ,୬୦ସେ.ମି ଓସାର ଏବଂ ୬୦ସେ.ମି ଗଭୀର ବିଶିଷ୍ଟ ହେବା ଦରକାର। ମନ୍ଦା ଖୋଳିବା ପରେ ସେଥିରୁ ବାହାରୁଥିବା ମାଟିରେ ୫କି.ଗ୍ରା ରୁ ୧୦କି.ଗ୍ରା ସଢ଼ା ଗୋବର ଖତ ଭଲ ଭାବରେ ମିଶାଇ ପୁଣି ସେହି ମାଟିକୁ ମନ୍ଦା ମଧ୍ୟରେ ପୂରଣ କରି ଗଛ ଲଗାନ୍ତୁ।

## କାଜୁ

ଜୁଲାଇ ମାସ ହେଉଛି କାଜୁଗଛ ଲଗାଇବାର ଉପଯୁକ୍ତ ସମୟ। ଭେଙ୍ଗୁଏଲା ୧.୪ ବି. ପି. ପି,ଭୁବନେଶ୍ୱର -୧,ଭି.ଆର.ଇ-୨,ହାଇବ୍ରିଡ୍-୨-୧୭ କିସମ ବ୍ୟବହାର କରନ୍ତୁ। ସମୁଦ୍ର ଉପକୂଳ ପାଇଁ ୭.୫×୭.୫ ମିଟର ଦୂରତାରେ ଆଭ୍ୟନ୍ତର ଅଞ୍ଚଳ ପାଇଁ ୬×୬ ଓ ଅନୁର୍ବରକ୍ଷୟ ପ୍ରାପ୍ତ ଜମିପାଇଁ ୪×୪ମିଟର ୪୫ × ୪୫ × ୪୫ସେ.ମି ଗଭୀରରେ ଗାତକରି ଗଛ ଲଗାନ୍ତୁ। ଏକର ପ୍ରତି ୭୦ ୮୦ଟି ଗଛ ଏବଂ ନିରୋଗୀ କଲମୀ ଗଛ ଲଗାନ୍ତୁ। ଲଗାଇବା ସମୟରେ ୧୧୦ଗ୍ରାମ୍ ଯବକ୍ଷାରଜାନ ,୬୦ଗ୍ରାମ୍ ଫସଫେଟ ସାର ପ୍ରୟୋଗ କରନ୍ତୁ ।



# ଲାଭଜନକ ମାଣ୍ଡିଆ ଚାଷ

(ଦ୍ୱିତୀୟ ଭାଗ)



ରୋଇବା ପାଇଁ ଭଲ କରି ଗୁଣ୍ଡ ହୋଇଥିବା ତଳିଘରା ପ୍ରସ୍ତୁତ କରନ୍ତୁ। ସେଥିଲାଗି ୧ ମିଟର ଓସାରିଆ ଓ ୫ ମିଟର ବା ଅଧିକ ଲମ୍ବର ପଟାଳି ତିଆରି କରନ୍ତୁ। ତଳିଘରାରେ ଖତ ସହ ୫ ବର୍ଗ ମିଟର ପ୍ରତି ୫୦ ଗ୍ରାମ୍ କରି ଯବକ୍ଷାରଜାନ ଓ ଫସ୍‌ଫରସ୍ ପ୍ରୟୋଗ କଲେ ତଳି ଭଲ ବଢ଼ିଥାଏ। ୨୦-୨୫ ଦିନର ତଳିକୁ ୧୫ସେ.ମି.x୧୦ ସେ.ମି. ( ସଅଳ କିସମ) ଓ ୨୦ ସେ.ମି. x୧୦ ସେ.ମି. (ମଧ୍ୟମ/ବିଳମ୍ବ କିସମ) ଦୂରତାରେ ୨ଟି କରି ରୁଅନ୍ତୁ। ଚାରାଗୁଡିକୁ ୪x୫ ସେ.ମି. (ଅଗଭୀର) ଗଭୀରରେ ଲଗାନ୍ତୁ। ଫଳରେ ଶୀଘ୍ର ଚେର ଆସି ଭଲ ପିଲ ଦେଇଥାଏ। ଧାନପରି ମାଣ୍ଡିଆ ଜମିକୁ କାଦୁଅ କରାଯାଇ ନ ଥାଏ। ବତର ଥିବା ମାଟିରେ ୨-୩ ଥର ହଳ କରି ରୁଅନ୍ତୁ। ବର୍ଗମିଟର ପ୍ରତି ହାରାହାରି ୫୦ଟି ବୁଦା ରହିଲେ ଭଲ। କାଦୁଅ କରିବା ସମୟରେ ଜୀବାଣୁସାର-ଅଜୋଟୋବ୍ୟାକ୍ଟର ବା ଆଜୋସ୍ପିରିଲମ୍ ୨ କି.ଗ୍ରା.କୁ ଖତ ସହ ଗୋଳାଇ ପ୍ରୟୋଗ କଲେ ଫସଲ ଭଲ ବଢ଼ିଥାଏ ଓ ଯବକ୍ଷାରଜାନ ସାରର ଅଭାବ ବିଶେଷ ପରିଲକ୍ଷିତ ହୋଇ ନ ଥାଏ।

ଏକର ପ୍ରତି ଅଣ ଜଳସେଚିତ (ବୃଷ୍ଟିପୁଷ୍ଟ) ଫସଲରେ ୧୬:୮:୮ ଓ ଜଳସେଚିତ ଫସଲରେ ୨୪:୧୨:୧୨ କି.ଗ୍ରା. ଯବକ୍ଷାରଜାନ: ଫସ୍‌ଫରସ୍:ପଟାସ୍ ପ୍ରୟୋଗ କରନ୍ତୁ (ଅର୍ଥାତ୍ ବୃଷ୍ଟିପୁଷ୍ଟ ଫସଲରେ ଡି.ଏ.ପି. ୧୭.୪ କି.ଗ୍ରା+ୟୁରିଆ ୨୮ କି.ଗ୍ରା+ ପଟାସ୍ ସାର ( ଏମ୍.ଓ.ପି.) ୧୩.୩ କି.ଗ୍ରା. ଏବଂ ଜଳସେଚିତ ଫସଲରେ ଡି.ଏ.ପି. ୨୬ କି.ଗ୍ରା. + ୟୁରିଆ ୪୨ କି.ଗ୍ରା.+ ପଟାସ୍ ସାର ୨୦କି.ଗ୍ରା.)। ବୁଣା ବା ରୁଆ ସମୟରେ ସମସ୍ତ ଫସ୍‌ଫରସ୍ ଓ ପଟାସ୍ ସାର ସହ ଅଧା ଯବକ୍ଷାରଜାନ ପରିମାଣ ଦେଇ ବାକି ଅଧା ଯବକ୍ଷାରଜାନକୁ ସାର ରୂପେ ବୁଣା ବା ରୁଆର ୨-୩ ସପ୍ତାହ ବେଳକୁ ଘାସ ବାଛି ଦେଇ ପ୍ରୟୋଗ କରନ୍ତୁ ।

**ଘାସ ଓ ଜଳ ପରିଚାଳନା ଏବଂ ଅନ୍ତଃ/ମିଶ୍ରିତ ଫସଲ:** ଲଗାଇବାର ବା ବୁଣିବାର ୧୫-୨୦ ଦିନ ବେଳକୁ ପ୍ରଥମେ ଘାସ ବଛା କରି ତାହାର ୨ ସପ୍ତାହବେଳକୁ ଆଉ ଥରେ କୋଡ଼ାଖୁସା କରନ୍ତୁ । ଆବଶ୍ୟକସ୍ଥଳେ ଘାସ ନିୟନ୍ତ୍ରଣ ପାଇଁ ତୃଣନାଶକ ପ୍ରୟୋଗ କରନ୍ତୁ । ସେ କ୍ଷେତ୍ରରେ ବିହନ ବୁଣାର ୨ ଦିନ ମଧ୍ୟରେ ଆଲାକ୍ଲୋର /ବୁଟାକ୍ଲୋର୍ ୫୦% ଇ.ସି.ର ୬୦୦ ମି.ଲି. କିମ୍ବା ଆନିଲୋଫସ୍ ୩୦% ଇ.ସି.ର ୩୨୦ ମି.ଲି. କିମ୍ବା ଆଇସୋପ୍ରୋଟ୍ୟୁରନ୍ ୩୦୦ ଗ୍ରାମ୍‌କୁ ୨୦୦ ଲିଟର ପାଣି ସହ ମିଶାଇ ଓଦା ଥିବା ମାଟି ଉପରେ ସିଞ୍ଚନ କରନ୍ତୁ । ରୋଇବାର ୩ ଦିନ ବେଳକୁ ପାଣି ମଡ଼ାନ୍ତୁ। ବର୍ଷା ନ ଥଲେ ଫସଲ ବଞ୍ଚିବା ନିମିତ୍ତ ଜଳସେଚନ କରନ୍ତୁ । ସାଧାରଣତଃ ବର୍ଷାଦିନେ ପାଣି ଦରକାର ପଡି ନ ଥାଏ। ପିଲ ମାରିବା ଓ କ୍ଷୀର ଢ଼ୋକିବା ଅବସ୍ଥା ଫସଲର ସଂକଟ କାଳ। ସେ ସମୟରେ ହାଲୁକା ଜଳସେଚନ ଦେବା ଜରୁରୀ। ଅନ୍ୟ ସମୟରେ ଏକ ସପ୍ତାହରୁ ଦୁଇ ସପ୍ତାହ ଅନ୍ତରରେ ମାଟିର ବତର ଦେଖି ହାଲୁକା ଜଳ ଦିଅନ୍ତୁ। ଗଛ ମୂଳରେ ଅଧିକ ପାଣି ରହିଲେ ଗଛ ଝାଉଁଳି ମରିଯାଏ। ମାଣ୍ଡିଆ ସହ ଅନ୍ୟ ଫସଲର ଅନ୍ତଃଫସଲ ବା ମିଶ୍ରିତ ଫସଲ ଚାଷ ସହଜରେ କରାଯାଇଥାଏ। ମାଣ୍ଡିଆ ୪ ଧାଡ଼ି +ବିନ୍ ୧ ଧାଡ଼ି/ହରଡ଼ ୨ ଧାଡ଼ି/ ସୋରିଷ ୧ ଧାଡ଼ି କିମ୍ବା ମାଣ୍ଡିଆ ୨ ଧାଡ଼ି +ସୋୟାବିନ ୧ ଧାଡ଼ି ଚାଷ କରନ୍ତୁ। ଫଳରେ ଏକକ ଜମିରୁ ଅଧିକ ଫସଲ ଉତ୍ପାଦନ ମିଳିବା ସହ ସ୍ଥଳ ବିଶେଷରେ ମାଣ୍ଡିଆର ମରୁଡ଼ିଜନିତ କ୍ଷତିର ଭରଣା ହୋଇଥାଏ।

**ରୋଗପୋକ ପରିଚାଳନା ଓ ଅମଳ:** ସାଧାରଣତଃ ବର୍ଷାଦିନିଆ ମାଣ୍ଡିଆ ଫସଲରେ ରୋଗ ସଂକ୍ରମଣ ଓ ପୋକ ଆକ୍ରମଣ ଖୁବ କମ୍ ଦେଖାଯାଏ। ରୋଗ କହିଲେ ତଳି ଘରାରେ ଚାରା ଶଢ଼ା,ଫଳ ଧରିବା ସମୟରେ ମହିଷା ଓ ସାଧାରଣତଃ କୁହୁଡି ପାଗରେ ପାଉଁଶିଆ ରୋଗ ଦେଖାଯାଏ। ରୋଗ ନିୟନ୍ତ୍ରଣ ଲାଗି ଜୈବିକ କୀଟନାଶକ- ସୁଡ଼ୋମୋନାସର୍ ୧୦୦ ଗ୍ରାମ୍ ନଚେତ୍ ରାସାୟନିକ କୀଟନାଶକ - କାର୍ବେଣ୍ଡାଜିମ୍ ୩୦୦ ଗ୍ରାମ୍ କିମ୍ବା ଥାୟୋଫେନେଟ୍ ମିଥାଇଲ୍ ବା ମାନକୋଜେବ୍ ୫୦୦ଗ୍ରାମ୍ କିମ୍ବା ଟ୍ରାଇସାକ୍ଲୋଜୋଲ୍ ୧୨୦ ଗ୍ରାମ୍ ଏକର ପ୍ରତି ୨୦୦ ଲିଟ ପାଣିରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ।

ପୋକ ମଧ୍ୟରେ ଜଉ, କାଣ୍ଡବିନ୍ଧା, କର୍ତ୍ତକକୀଟ, ଶଁବାଳୁଆ, ଝିଣ୍ଟିକା, ଉଇ ଓ ଦିଆଲୀ ପୋକ ଅନ୍ୟତମ। ୧୦-୧୫ ଦିନ ଧରି ବର୍ଷା ଛାଡ଼ିଗଲେ ଜଉପୋକ ଦେଖାଯାଏ। ସେ ସବୁ ପୋକ ନିୟନ୍ତ୍ରଣ ନିମନ୍ତେ କ୍ଲୋରୋପାଇରିଫସ୍ ୨୦% ଇ.ସି./ ଫିପ୍ରୋନିଲ୍ ୫% ଏସ୍.ସି/ମନୋକ୍ରୋଟୋଫସ୍ ୩୬% ଏସ୍.ଏଲ୍./ପ୍ରୋଫେନୋଫସ୍ ୫୦% ଇ.ସି.ର ୪୦୦ ମି.ଲି./ଥାୟୋମେଥୋକ୍ସାମ ୨୫ ଡବ୍ଲ୍ୟୁଜିର ୪୦ ମି.ଲି.କୁ ଏକର ପ୍ରତି ୨୦୦ ଲିଟର ପାଣିରେ ମିଶାଇ ଫସଲରେ ସିଞ୍ଚନ କରନ୍ତୁ। ଦରକାର ପଡ଼ିଲେ ୧ ସପ୍ତାହ ଅନ୍ତରରେ ୨ୟ ଥର ସିଞ୍ଚନ କରନ୍ତୁ।

ସବୁ ମାଣ୍ଡିଆ ଥୋପା ଏକ ସମୟରେ ନ ପାଚି ମା' ଗଛର ଥୋପା ପ୍ରଥମେ ପାଚିଥାଏ। ଥୋପାଗୁଡିକ ଈଷତ୍ ଲାଲ ବା ହଳଦିଆ ରଙ୍ଗର ଦେଖାଗଲେ ତାହାକୁ କାଟି ନିଅନ୍ତୁ। ୩-୪ ମାସ ବେଳକୁ ଅମଳ ହୋଇଥାଏ। ପାଚିଲା କେଣ୍ଡାକୁ ରଖିଲେ ଜମିରେ ଝଡିପଡେ। ଥୋପା ବା କେଣ୍ଡାଗୁଡିକୁ କାଟି ନେଇ ଖଳାରେ ଗଦା କରି ରଖାଯାଏ ଓ ୩-୪ ଦିନ ଖରାରେ ଶୁଖାନ୍ତୁ। ତାହା ପରେ ଗୋଡ଼ରେ ବା ଯନ୍ତ୍ର ସାହାଯ୍ୟରେ ବେଙ୍ଗଳା ପକାଇ ମାଣ୍ଡିଆ ଅମଳ କରନ୍ତୁ। ହାରାହାରି ଏକର ପ୍ରତି ୮-୧୨ କୁଇଣ୍ଟାଲ ମାଣ୍ଡିଆ ଅମଳ ମିଳିଥାଏ।

**ବିହନ ପ୍ରମାଣନ:** ବିହନ ଉତ୍ପାଦନ ନିମିତ୍ତ ବୁଣିବା ବା ରୋଇବାରେ ୧୦ ଦିନ ମଧ୍ୟରେ (ossopca.nic.in) ଅନ୍‌ଲାଇନ୍‌ରେ ଏକ ଆବେଦନ ପ୍ରତି ସର୍ବାଧିକ ୧୦ ହେକ୍ଟର ( ୨୫ ଏକର) ବିହନ ଫସଲ ପଞ୍ଜୀକରଣ ନିମିତ୍ତ ଆବେଦନ କରାଯାଏ। ବିଲଗନ ଦୂରତା କିସମ ମଧ୍ୟରେ ୩ ମିଟର ରଖାଯାଏ। ସର୍ବନିମ୍ନ ୨ଟି କ୍ଷେତ୍ର ପରିଦର୍ଶନ କରାଯାଏ। ଦୁଇ ହଜାର ଗଛ ପ୍ରତି ମିଶା କିସମ ପିଣ୍ଡ ଓ ପ୍ରାମାଣିକ ଶ୍ରେଣୀ ପାଇଁ ୧ଟି ଓ ୨ଟିର ସର୍ବାଧିକ ସୀମା ରହିଛି। ବିହନର ମାନରେ ଯଥା- ଗଜାଶକ୍ତି ( ସର୍ବନିମ୍ନ) ୭୫%, ସାଧାରଣ ଶୁଦ୍ଧତା (ସର୍ବନିମ୍ନ) ୯୭%, ବିହନର ଆର୍ଦ୍ରତା (ସର୍ବାଧିକ) ୧୨% ରହିଥିବା ଆବଶ୍ୟକ। ବିହନକୁ ଯଥା ସମୟରେ ଅମଳ କରି ଠିକ୍ ଭାବେ ସାଇତା ଓ ପ୍ରକ୍ରିୟାକରଣ କରାଯାଏ। ବିହନର ନମୁନା ସଂଗ୍ରହ ଓ ପରୀକ୍ଷା ପରେ ଥାକଟି ଯୋଗ୍ୟ ବିବେଚିତ ହେଉଥିଲେ ଲେବୁଲ୍ ସହ ଫଳକ ବିହନ ବସ୍ତାରେ ଲଗାଇ ଦସ୍ତାମୁଦ କରାଯାଏ ଓ ତାହା ବିତରଣ ବା ବିକ୍ରି ନିମନ୍ତେ ଉପଯୁକ୍ତ ହୋଇଥାଏ।

**-ଡ. ପରେଶ କୁମାର ପଣ୍ଡା**
ସହକାରୀ କୃଷି ଅଧିକାରୀ, ଭୁବନେଶ୍ୱର,
ମୋ: ୭୨୦୫୦୯୬୦୮୦

# ଧାନର ତଳିଘେରା

**ଡି. ଶୁଭମ୍**

ଧାନ ଓଡ଼ିଶାର ମୁଖ୍ୟ ଖରିଫ ଫସଲ ଭାବେ ଚାଷ କରାଯାଇଥାଏ। ଧାନ ରୋଇବା ପୂର୍ବରୁ ତଳି ପ୍ରସ୍ତୁତ କରାଯାଇଥାଏ। କିନ୍ତୁ କେତେକ କ୍ଷେତ୍ରରେ ଏଥିରେ ପରିଚାଳନାରେ ପରିବର୍ତ୍ତନ ଦେଖାଯାଇଥାଏ ; ଯଦ୍ୱାରା ଫସଲର ଗୁଣାତ୍ମକ ମାନ ହ୍ରାସ ପାଇଥାଏ। ସୁତରାଂ ଏଥିପାଇଁ ତଳିଘେରା ଦୁଇ ପ୍ରକାର ଉପାୟରେ ପ୍ରସ୍ତୁତ କରାଯାଇଥାଏ। ଯଥା- ଶୁଖିଲା ତଳିଘେରା ଓ କାଦୁଅ ତଳିଘେରା।

**ଶୁଖିଲା ତଳିଘେରା-** ବର୍ଷାଦିନିଆ ଧାନଚାଷ ପାଇଁ ଶୁଖିଲା ତଳିଘରା ପ୍ରସ୍ତୁତ କରିବାକୁ ପଡ଼ିଥାଏ। ଏକ ଏକର ଜମି ରୋଇବାକୁ ୧୦ ଡିସିମିଲ ଜମିରେ ତଳି ପକାନ୍ତୁ। ତଳି କିଆରିକୁ ଭଲରୂପେ ଚାଷକରି ଘାସବାଛି ମାଟି ଗୁଣ୍ଡ କରନ୍ତୁ। ୩ଫୁଟ ଚଉଡ଼ା,୬ ଇଞ୍ଚ ଉଚ୍ଚା ଓ ସୁବିଧା ଅନୁସାରେ ଲମ୍ବା କରି ପିଟି ତିଆରି କରନ୍ତୁ। ଦୁଇ ପଟି ମଝିରେ ୧ଫୁଟ ଓସାରର ପାଣି ନାଳ ରଖନ୍ତୁ। ୧୦ ଡିସିମିଲ ତଳିପଟିରେ ୪୦ ଝୁଡ଼ି ଶଢ଼ା ଗୋବର ଖତ, ୧୨ କି.ଗ୍ରା. ଫସ୍‌ଫେଟ୍ ଓ ୨ କି.ଗ୍ରା. ପଟାସ ସାର ମାଟିରେ ମିଶାନ୍ତୁ। ଧାଡ଼ିରେ ଧାନ ବୁଣି ଚାଷ ସମୟରେ ଶୁଖିଲା ତଳିଘରା ଭଳି ଖତସାର ଦେଇ ମାଟିରେ ମିଶାନ୍ତୁ। ଏହା ପରେ ଧାନ ବିହନ ତଳିପଟିରେ ବୁଣନ୍ତୁ। ବିହନରୁ ଅଗାଡ଼ି ଆଦି ବାହାରକରିବା ପାଇଁ ପ୍ରତି ୧ଲିଟର ପାଣିରେ ୧୬୫ଗ୍ରାମ ଲୁଣ ମିଶାଇ ଦ୍ରବଣ ପ୍ରସ୍ତୁତ କରନ୍ତୁ। ଧାନ ବିହନକୁ ଲୁଣପାଣିରେ ପକାନ୍ତୁ।

ପାଣି ଉପରେ ଭାସୁଥିବା ଧାନକୁ ଛାଣି ବାହାରକଲା ପରେ ବୁଡ଼ି ରହିଥିବା ଧାନକୁ ପରିଷ୍କାର କରି ପାଣିରେ ଧୁଅନ୍ତୁ। ଏହା ପରେ ବିହନକୁ ୨୪ଘଣ୍ଟା ପାଣିରେ ଭିଜାଇ ତାକୁ ଛାଣି ପାଣି ନିଗିଡ଼ିଲା ପରେ ପକ୍କା ଚଟାଣରେ ବା ମାଟି ଉପରେ ପଲିଥିନ ଜରି ପକାଇ ତା' ଉପରେ ବିହନକୁ ଓଦା ଅଖା ଢାଙ୍କି ଦିଅନ୍ତୁ। ଏହାଦ୍ୱାରା ମଞ୍ଜି ଉଷୁମ ପାଇ ଶୀଘ୍ର ଗଜା ହୁଏ। ଗାଲିଗଜା ଫିଟିବା ପରେ ବିହନକୁ କାଦୁଅ ତଳି ପଟିରେ ବୁଣନ୍ତୁ।

**ତଳିର ଉପଯୁକ୍ତ ଯତ୍ନ-** ବିହନ ବୁଣିବାର ପ୍ରଥମ କିଛିଦିନ ପର୍ଯ୍ୟନ୍ତ ତଳିପଟିକୁ କେବଳ ଓଦା ରଖନ୍ତୁ। ଧାନ ଗଜା ବଢ଼ିଗଲେ ୨-୩ ଇଞ୍ଚ ପର୍ଯ୍ୟନ୍ତ ଠିଆପାଣି ବାନ୍ଧି ରଖନ୍ତୁ। ଗଜାହେବାର ୧୫ଦିନ ପରେ ୧୦ ଡିସିମିଲ ତଳିପଟି ପାଇଁ ୪ କି.ଗ୍ରା. ୟୁରିଆ ସାର ପକାନ୍ତୁ। ଏହାଦ୍ୱାରା ତଳି ହୃଷ୍ଟପୁଷ୍ଟ ହୋଇ ବଢ଼ିବ। ତଳିକୁ ପୋକ ଦାଉରୁ ରକ୍ଷାକରିବା ପାଇଁ ତଳି ଉପାଡ଼ିବାର ଏକ ସପ୍ତାହ ପୂର୍ବରୁ



ମାଟି ଘୋଡ଼ାଇ ଦିଅନ୍ତୁ। ୧୦ ଡିସିମିଲ ତଳିଘେରାରେ ୨୫କି.ଗ୍ରା. ବିହନ ଆବଶ୍ୟକ ହୋଇଥାଏ।

**କାଦୁଅ ତଳିଘେରା-**
ତଳକିଆରିକୁ ଭଲଭାବେ କାଦୁଅକରି ମଇ ଦେଇ ସମତୁଲ କରନ୍ତୁ। ଶେଷ ଓଡ଼ ୧୦ ଡିସିମିଲ ତଳିପଟିରେ ୧୨୦୦ ଗ୍ରାମ୍ କାର୍ବୋଫ୍ୟୁରାନ ପଟିରେ ପ୍ରୟୋଗ କରନ୍ତୁ। ତଳି ଉପାଡ଼ିବାର ଦିନକ ପୂର୍ବରୁ ତଳିପଟିରେ ପାଣି ମଡ଼ାନ୍ତୁ।

-ବାସୁଦେବପୁର, ଭଦ୍ରକ,
ମୋ: ୯୪୩୮୪୬୭୦୭୯

■ ସୀମାନ୍ତରେ ଗୁଳି ବିନିମୟ

# ମହିଳା ମାଓବାଦୀ ନିହତ



ମାଓବାଦୀଙ୍କଠାରୁ ଜବତ ବନ୍ଧୁକ ଓ ବିଭିନ୍ନ ସାମଗ୍ରୀ ।

**ମାଲକାନଗିରି,୯।୭ (ଡି.ଏନ୍.ଏ.)**

ମାଲକାନଗିରି ଜିଲା ସୀମାନ୍ତ ଛତିଶଗଡ ସୁକୁମା ଜିଲାରେ ମଙ୍ଗଳବାର ପୋଲିସ ଲାଲବାହିନୀ ମୁହାଁମୁହିଁ ହୋଇଛନ୍ତି। ଏଥିରେ ଜଣେ ମହିଳା ମାଓବାଦୀ ନିହତ ହୋଇଛନ୍ତି। ସୁକୁମା ଜିଲା ଦାବାକୋଣ୍ଡା ଗ୍ରାମ ନିକଟ ଜଙ୍ଗଲରେ ମାଓବାଦୀଙ୍କ ମେଳି ଚାଲିଥିବା ଖବର ପାଇ କୋବ୍ରା, ସିଆର୍‌ପିଏଫ୍, ଏସ୍‌ଟିଏଫ୍ ପୋଲିସ ଆସିବା ଦେଖି ମାଓବାଦୀମାନେ ସେମାନଙ୍କ ଉପରକୁ ଗୁଳିଚାଳନା କରଥିଲେ। ପୋଲିସ ମଧ୍ୟ ଏହାର ପାଲଟା ଜବାବ ଦେଇଥିଲା। ପୋଲିସ ଗୁଳିର ସାମନା କରି ନ ପାରି କିଛି ସମୟ ପରେ ସେଠାରୁ ମାଓବାଦୀମାନେ ଛତ୍ରଭଙ୍ଗ ଦେଇଥିଲେ। ପରେ ଯବାନମାନେ ତଲାସି ସମୟରେ ଜଣେ ମହିଳା ମାଓବାଦୀଙ୍କ ମୃତଦେହ ଉଦ୍ଧାର କରିଥିଲେ। ଏଥିସହ ସେଠାରୁ ଏକ ଏସ୍.ଏଲ୍. ରାଇଫଲ ଜବତ କରାଯାଇଛି। ମୃତ୍ୟୁ ହୋଇଥିବା ସମ୍ପୃକ୍ତ ମହିଳା ମାଓବାଦୀଙ୍କ ପରିଚୟ ମିଳିନାହିଁ ବୋଲି ଛତିଶଗଡ ଡିଆଇଜି (ଆଣ୍ଟି ମାଓବାଦୀ ଅପେରଶନ୍) ସୁନ୍ଦର ରାଜ କହିଛନ୍ତି। ତେବେ ଏହି ଘଟଣାରେ ଅନେକ କ୍ୟାଡର ମାଓବାଦୀଙ୍କ ମୃତ୍ୟୁ ହୋଇଥିବା ପୋଲିସ ସନ୍ଦେହ କରୁଛି। ସମ୍ପୃକ୍ତ ଅଞ୍ଚଳରେ କୋମ୍ବିଂ ଅପରେଶନକୁ ଜୋରଦାର କରଯାଇଛି।

■ କେନ୍ଦୁପତ୍ର ଉନ୍ନୟନ ବୋର୍ଡ ବୈଠକ

# ୨୦୧୮ ପାଇଁ ୨୨୨ କୋଟି ଟଙ୍କାର ସହାୟତା ଘୋଷଣା

**ଭୁବନେଶ୍ୱର,୯।୭(ବ୍ୟୁରୋ)**

୨୦୧୮ କେନ୍ଦୁପତ୍ର ଶସ୍ୟ ବର୍ଷ ପାଇଁ ବ୍ୟବସାୟରେ ସମ୍ପୃକ୍ତ ଥିବା ତୋଳାଳି, ବନ୍ଧେଇ ଶ୍ରମିକ ଏବଂ ସାମୟିକ କର୍ମଚାରୀଙ୍କୁ ବୋନସ୍ ଓ ପ୍ରୋତ୍ସାହନ ରାଶି ବାବଦକୁ ୨୨୨ କୋଟି ଟଙ୍କା ପ୍ରଦାନ କରାଯିବ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମଙ୍ଗଳବାର କେନ୍ଦୁପତ୍ର ଉନ୍ନୟନ ବୋର୍ଡ ବୈଠକ ପରେ ଏହି ଘୋଷଣା କରିଛନ୍ତି।

ରାଜ୍ୟରେ ବର୍ତ୍ତମାନ ୮,୫୨,୦୦୦ କେନ୍ଦୁପତ୍ର ତୋଳାଳି, ୨୦,୬୫୦ ବନ୍ଧେଇ ଶ୍ରମିକ ଓ ୧୭,୮୬୦ ସାମୟିକ କର୍ମଚାରୀ ନିୟୋଜିତ ଅଛନ୍ତି। ଏହି ସମସ୍ତ କର୍ମଚାରୀଙ୍କ ଯୋଗୁ ବାର୍ଷିକ ୧ କୋଟିର ଶ୍ରମ ଦିବସ ସୃଷ୍ଟି ହୋଇପାରୁଛି। ବୈଠକରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ରାଜ୍ୟର ସାମୂହିକ ବିକାଶରେ କେନ୍ଦୁପତ୍ର ବ୍ୟବସାୟର ବିଶେଷ ଭୂମିକା ରହିଛି। ରାଜ୍ୟର ଆଦିବାସୀ ଏବଂ ଆର୍ଥିକ ଅନଗ୍ରସର ଲୋକ ଏଥିରେ କାର୍ଯ୍ୟ କରି ଗୁଜୁରାଣ ମେଣ୍ଟାଇଥାଆନ୍ତି। ତେଣୁ ଏହି ଆର୍ଥିକ ସହାୟତା ସେମାନଙ୍କ ସାମାଜିକ ଓ ଆର୍ଥିକ ଉନ୍ନତି ପାଇଁ ବିଶେଷ ସହାୟକ ହୋଇପାରୁଛି। ରାଜ୍ୟ ସରକାର କେନ୍ଦୁପତ୍ରରୁ ପାଉଥିବା ଲାଭାଂଶରୁ ସେମାନଙ୍କ କଲ୍ୟାଣ ପାଇଁ ବିନିଯୋଗ କରୁଛନ୍ତି। ଏଥିସହିତ ସେହି ପାଣ୍ଠିରେ କେନ୍ଦୁପତ୍ର ତୋଳାଳିଙ୍କୁ ଅଂଶୀଦାରଭାବେ ଗ୍ରହଣ କରାଯାଇଛି।

ସେମାନଙ୍କୁ ଆର୍ଥିକ ସହାୟତା ବ୍ୟତୀତ କେରୀ ସଂଗ୍ରହ ପୋଷାକ, ତୋଳାଳିମାନଙ୍କୁ ଚପଲ, ଶ୍ରମିକମାନଙ୍କୁ ମଶୁରି ଓ କମ୍ବଳ, ତୋଳାଳି ଓ କର୍ମଚାରୀଙ୍କୁ ଟୋପି, ସେମାନଙ୍କ କନ୍ୟାକୁ ବିବାହକାଳୀନ ସହାୟତା ମଧ୍ୟ ପ୍ରଦାନ କରାଯାଇଛି। ତୋଳାଳି ଏବଂ କର୍ମଚାରୀମାନଙ୍କ ଚିକିତ୍ସା ଖର୍ଚ୍ଚ, ମୃତ୍ୟୁ ଏବଂ ସ୍ଥାୟୀ ଅକ୍ଷମତା ପାଇଁ ଅନୁକମ୍ପା ସହାୟତା, ତୋଳାଳି, ଶ୍ରମିକ ଏବଂ କର୍ମଚାରୀଙ୍କ ପିଲାଙ୍କ ପାଇଁ ଛାତ୍ରବୃତ୍ତି ପ୍ରଦାନ କରାଯାଉଛି। ଅନ୍ୟମାନଙ୍କ ମଧ୍ୟରେ ଏହି ବୈଠକରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ, ଉନ୍ନୟନ କମିଶନର ଅସିତ କୁମାର ତ୍ରିପାଠୀ, ଜଙ୍ଗଲ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ସୁରେଶ କୁମାର ମହାପାତ୍ର, କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି ଏବଂ ଅନ୍ୟ ସଦସ୍ୟଗଣ ଉପସ୍ଥିତ ରହିଥିଲେ।

## ହ୍ରାସ ପାଇଲା ବୋନସ

କେନ୍ଦୁପତ୍ର ତୋଳାଳିଙ୍କ ବୋନସ ୧୦୦ ପ୍ରତିଶତରୁ ୫୦ ପ୍ରତିଶତକୁ ହ୍ରାସ ପାଇଛି। ସେହିପରି କେନ୍ଦୁପତ୍ର ବନ୍ଧେଇ କରୁଥିବା ବ୍ୟକ୍ତିବିଶେଷଙ୍କ ବୋନସର ପରିମାଣ ୨୦ ପ୍ରତିଶତରୁ ୧୦ ପ୍ରତିଶତକୁ ହ୍ରାସ କରାଯାଇଛି। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ବସିଥିବା କେନ୍ଦୁପତ୍ର ଉନ୍ନୟନ ବୋର୍ଡ ବୈଠକ ପରେ କେନ୍ଦୁପତ୍ର କର୍ମଚାରୀ ସଂଘ ସଭାପତି ବିଜୟ ମହାନ୍ତି ଗଣମାଧ୍ୟମ ପ୍ରତିନିଧିମାନଙ୍କୁ ଏହି ସୂଚନା ଦେଇଛନ୍ତି। ଏହା ଦ୍ୱାରା ରାଜ୍ୟର ପ୍ରାୟ ୮ ଲକ୍ଷ କେନ୍ଦୁପତ୍ର ତୋଳାଳି ଏବଂ ବନ୍ଧାଳି ପ୍ରଭାବିତ ହେବେ ବୋଲି କୁହାଯାଉଛି।

ଏହି ହ୍ରାସ ସମ୍ପର୍କରେ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି ଯେ, ଦ୍ରବ୍ୟ ଓ ସେବା କର(ଜିଏସ୍‌ଟି) ଲାଗୁ ହେବା ଦ୍ୱାରା କ୍ଷତି ଘଟିଛି। ସେହିପରି କେନ୍ଦୁପତ୍ର ଚାଷକୁ ପ୍ରତିକୂଳ ପାଗ ମଧ୍ୟ ଗଭୀର ପ୍ରଭାବିତ କରିଛି। ଏହାଦ୍ୱାରା କେନ୍ଦୁପତ୍ରରୁ ଆସୁଥିବା ଆୟ ପ୍ରଭାବିତ ହୋଇଥିବା ଆରୁଖ କହିଛନ୍ତି।

# ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଇଁ ପ୍ରସ୍ତୁତି ବୈଠକ

ଭୁବନେଶ୍ୱର,୯।୭(ବ୍ୟୁରୋ)- ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ମଙ୍ଗଳବାର ଅପରାହ୍ନରେ ଉନ୍ନୟନ କମିଶନର ଅସିତ ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ସଚିବାଳୟଠାରେ ଅନୁଷ୍ଠିତ ହୋଇଯାଇଛି । ରାଜଧାନୀରେ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେବେ। ମହାତ୍ମା ଗାନ୍ଧୀ ମାର୍ଗଠାରେ ଆୟୋଜିତ ପରେଡ୍ ଉତ୍ସବରେ ମୁଖ୍ୟମନ୍ତ୍ରୀ ପୂର୍ବାହ୍ନ ୯ଟା ସମୟରେ ଆନୁଷ୍ଠାନିକ ଭାବେ ଜାତୀୟ ପତାକା ଉତ୍ତୋଳନ କରି ଉପସ୍ଥିତ ଜନସାଧାରଣଙ୍କୁ ଉଦ୍‌ବୋଧନ ଦେବେ ।

ରାଜ୍ୟସ୍ତରୀୟ ସ୍ୱାଧୀନତା ଦିବସ ପରେଡ୍ ପାଳନ କରିବା ପରିପ୍ରେକ୍ଷୀରେ ଚଳିତବର୍ଷ ପରେଡ୍‌ରେ ୧୨୦ ବାଟାଲିଅନ୍ ପାଇପ୍ ବ୍ୟାଣ୍ଡ, ଇନ୍‌ଫ୍ୟାଣ୍ଟ୍ରି ବାଟାଲିଅନ୍, କେନ୍ଦ୍ରୀୟ ରିଜର୍ଭ ପୋଲିସ ବାହିନୀ, ଆରପିଏଫ୍, ଓଡ଼ିଶା ରାଜ୍ୟ ସଶସ୍ତ୍ର ପୋଲିସ ବାହିନୀର ସପ୍ତମ ବାଟାଲିଅନ୍, ସ୍ୱତନ୍ତ୍ର ସୁରକ୍ଷା ବାଟାଲିଅନ୍, ଏପିଆର୍, ଓଡ୍ରାଫ୍, ମହିଳା ଟ୍ରାଫିକ୍ ପୋଲିସ, ଅଗ୍ନିଶମ ସେବା, ପୁରୁଷ ହୋମଗାଡ ସମେତ ବରିଷ୍ଠ ଏନ୍‌ସିସି ବାଳକ ଓ ବାଳିକା ବିଭାଗ, ସେଣ୍ଟଜନ୍ ଆମ୍ବୁଲାନ୍ସ, ବରିଷ୍ଠ ସ୍କାଉଟ୍‌ସ ଓ ଗାଇଡ୍‌ସ, କନିଷ୍ଠ ଏନ୍‌ସିସି ବାଳକ ଓ ବାଳିକା ବିଭାଗ, ରେଡ୍‌କ୍ରସ୍ ସ୍ୱେଚ୍ଛାସେବୀ ବାହିନୀ, ଭାରତ ସ୍କାଉଟ୍‌ସ ଓ ଗାଇଡ୍‌ସ ପ୍ରଭୃତି ଦଳ ପରେଡ୍‌ରେ ଭାଗ ନେବେ। ସଚିବାଳୟ, ଓଡ଼ିଶା ବିଧାନସଭା, ରାଜୀବ ଭବନ, ରବୀନ୍ଦ୍ର ମଣ୍ଡପ, ଜୟଦେବ ଭବନ ଓ ପୋଲିସ କମିଶନରେଟ୍ କାର୍ଯ୍ୟାଳୟ ଆଦି ନିର୍ମାଣ ବିଭାଗ ପକ୍ଷରୁ ସ୍ୱାଧୀନତା ଦିବସ ପାଳନ ଅବସରରେ ଆଲୋକୀକରଣ କରାଯିବ । ପରେଡ୍ ପୂର୍ବାଭ୍ୟାସ ଅଗଷ୍ଟ ୧୧ ଓ ୧୨ ତାରିଖ ଅପରାହ୍ନ ୩ଟା ଏବଂ ୧୩ ତାରିଖ ପୂର୍ବାହ୍ନ ୯ଟାରେ ମହାତ୍ମା ଗାନ୍ଧୀ ମାର୍ଗଠାରେ ଅନୁଷ୍ଠିତ ହେବ ।

> ଇନ୍ଦୋର ପ୍ଲାଣ୍ଟର କ୍ଷମତା ବୃଦ୍ଧି ଲାଗି ବ୍ରିଜଷ୍ଟୋନ ୩୫୦ କୋଟି ଟଙ୍କା ନିବେଶ କରିବ। ଭାରତୀୟ ଗ୍ରାହକଙ୍କ ଲାଗି କମ୍ପାନୀ ମୂଲ୍ୟଭିତ୍ତିକ ଆଧାର ତିଆରି କରିବ।
> – ପରାଗ ସଟପୁଟେ, ବ୍ରିଜଷ୍ଟୋନ ଇଣ୍ଡିଆ ଏମ୍‌ଡି



> ଆର୍ଥିକ ବର୍ଷ ୨୦୧୯ରେ ଟିସିଏସ୍ ଏହାର ରାଜସ୍ୱ ଅଭିବୃଦ୍ଧି ଦ୍ୱିଅଙ୍କରେ ପହଞ୍ଚିଛି। ଏହାକୁ ଆଗାମୀ ଦିନରେ ବଜାୟ ରଖିବାକୁ ପ୍ରୟାସ ହେବ।
> – ରାଜେଶ ଗୋପୀନାଥନ, ଏମ୍‌ଡି ତଥା ସିଇ, ଟିସିଏସ୍



# ଅର୍ଥ ଯୋଗାଡ଼ରେ ବାହାରିଛନ୍ତି ସରକାର

- ଲିଜ୍ ଦିଆଯିବ ଖାଲି ପଡ଼ିଥିବା ସରକାରୀ ଜମି, ଘର
- ସର୍ଭେ ପାଇଁ ସମସ୍ତ ବିଭାଗକୁ ଲେଖାଯାଇଛି ପତ୍ର

**ନୂଆଦିଲ୍ଲୀ,୯–୭**

ନିବେଶ ବୃଦ୍ଧି ମାଧ୍ୟମରେ ଅର୍ଥନୀତିର ପ୍ରଗତିକୁ ଦ୍ରୁତ କରିବା ଲାଗି କେନ୍ଦ୍ରରେ ମୋଦି ସରକାର ଏବେ କାର୍ଯ୍ୟରେ ଲାଗିପଡିଛନ୍ତି। ନିବେଶ ଲାଗି ଆବଶ୍ୟକ ଅର୍ଥ ସରକାର ବିଭିନ୍ନ ଉପାୟରେ ଯୋଗାଡ କରିବାରେ ଲାଗିଛନ୍ତି। ସରକାରୀ ସମ୍ପତ୍ତିକୁ ଲିଜ୍‌ରେ ଦେବାକୁ ସରକାର ବିଚାର କରୁଛନ୍ତି। ଏଥିପାଇଁ ସର୍ଭେ କାର୍ଯ୍ୟ ଆରମ୍ଭ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଯେଉଁ ସରକାରୀ ଆବାସ, ଜମି, ଭବନ ଆଦି ଦୀର୍ଘଦିନ ହେବ ଅବ୍ୟବହୃତ ଅବସ୍ଥାରେ ପଡିରହିଛି, ସେଗୁଡ଼ିକୁ ଲିଜ୍‌ରେ ଦେଇ ସରକାର ଅର୍ଥ ଆଦାୟ କରିବାକୁ ଯୋଜନା ପ୍ରସ୍ତୁତ କରିଛନ୍ତି।

କେନ୍ଦ୍ର କ୍ୟାବିନେଟ ସଚିବାଳୟ ପକ୍ଷରୁ ସମସ୍ତ ମନ୍ତ୍ରଣାଳୟ, ବିଭାଗ, ରାଷ୍ଟ୍ରାୟତ୍ତ ଉଦ୍ୟୋଗ, ପ୍ରତିଷ୍ଠାନ, ପିଏସ୍‌ୟୁ, ସ୍ୱାୟତ୍ତଶାସନ ସଂସ୍ଥାକୁ ପତ୍ର ଲେଖାଯାଇ ସେମାନଙ୍କ ନିକଟରେ ଖାଲି ପଡିଥିବା ଅଥବା ଅବ୍ୟବହୃତ ଅବସ୍ଥାରେ ଥିବା ଆବାସ, ଭବନ, ଜମିର ସର୍ଭେ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ସରକାରଙ୍କ ନିକଟରେ କେତେ ପରିମାଣର ଅବ୍ୟବହୃତ ସମ୍ପତ୍ତି ପଡିରହିଛି, ତାହା ଜାଣିବା ସରକାରଙ୍କ ଉଦ୍ଦେଶ୍ୟ।

## କେନ୍ଦ୍ର ପକ୍ଷରୁ ପଠାଯାଇଛି ୨ଟି ପ୍ରୋଫର୍ମା

କ୍ୟାବିନେଟ ସଚିବାଳୟ ପକ୍ଷରୁ ଜୁନ ୧୨ରେ ପତ୍ର ଲେଖାଯାଇଛି। ସମ୍ପତ୍ତିଗୁଡ଼ିକର ସ୍ୱତନ୍ତ୍ର ତଥ୍ୟ ପ୍ରଦାନ ଲାଗି ସଚିବାଳୟ ପକ୍ଷରୁ ମନ୍ତ୍ରଣାଳୟ, ବିଭାଗଗୁଡ଼ିକୁ ଦୁଇଟି ଭିନ୍ନ ପ୍ରୋଫର୍ମା ପଠାଯାଇଛି। ଏଥିରେ ବିଭାଗଗୁଡ଼ିକ ସେମାନଙ୍କ ନିକଟରେ ଥିବା ଘରର ଲୋକେଶନ, କାର୍ଯ୍ୟାଳୟ କିମ୍ବା ଆବାସ ବ୍ୟବହାର, ମିକ୍ସଡ ଲ୍ୟାଣ୍ଡ ୟୁଜ୍, ସ୍କାୟର ମିଟରରେ ବିଲ୍ଟଅପ୍ ଏରିଆ, ଫ୍ଲୋର୍ ଏରିଆ ସମ୍ପୂର୍ଣ୍ଣ ବ୍ୟବହାର କରାଯାଉଛି କି ନା ଭଳି ବିଭିନ୍ନ ତଥ୍ୟ ଦେବାକୁ କୁହାଯାଇଛି।

## ୩ ମଡେଲ ଉପରେ ବିଚାର

ପ୍ରାପ୍ତ ସୂତ୍ରରୁ ଜଣାପଡିଛି ଯେ, ସରକାରୀ ସମ୍ପତ୍ତିକୁ ଠିକ୍ ଭାବେ ବ୍ୟବହାର କରାଯିବା ଉପରେ ସରକାର ଅଧିକ ଗୁରୁତ୍ୱ ଦେଉଛନ୍ତି। ଖାଲି ପଡିଥିବା ଜମି, ଆବାସରୁ ରାଜସ୍ୱ ଆଦାୟ କରିବା କେନ୍ଦ୍ରର ଉଦ୍ଦେଶ୍ୟ। ଅବ୍ୟବହୃତ ଜମି, ଆବାସ, କୋଠା ବ୍ୟବହାର ଦ୍ୱାରା କିଭଳି ରାଜସ୍ୱ ଆଦାୟ ହେବ, ସେ ନେଇ ସରକାର ୩ ମଡେଲ ଉପରେ ବିଚାର କରୁଛନ୍ତି।

## ଆଫୋର୍ଡେବଲ ହାଉସିଂ କମ୍ପ୍ଲେକ୍ସ ନିର୍ମାଣ

ପ୍ରଥମ ମଡେଲରେ ଖାଲି ପଡିଥିବା ସରକାରୀ ଜମିକୁ ସରକାର ଘରୋଇ ଡେଭଲପରଙ୍କୁ ଲିଜ୍‌ରେ ଦେଇ ଆଫୋର୍ଡେବଲ ହାଉସିଂ କମ୍ପ୍ଲେକ୍ସ ନିର୍ମାଣ ଲାଗି ଯୋଜନା କରୁଛନ୍ତି। ଦ୍ୱିତୀୟ ମଡେଲ ଅନୁଯାୟୀ ଅବଶିଷ୍ଟ ଜମିକୁ ବାଣିଜ୍ୟିକ ଉଦ୍ଦେଶ୍ୟରେ ବ୍ୟବହାର କରାଯିବ। ଏହାକୁ ଡେଭଲପ୍ କରି ଲୋକେଶନ ଭିତ୍ତିରେ ଶପିଂ ମଲ୍ ଆଦି ନିର୍ମାଣ କରାଯିବ। ଏଗୁଡ଼ିକ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ରୂପରେ ଡେଭଲପ୍ କରିବା ତୃତୀୟ ମଡେଲର ଅଂଶବିଶେଷ ବୋଲି କୁହାଯାଉଛି।



## ବଜେଟରେ ହୋଇଛି ଉଲ୍ଲେଖ

କେନ୍ଦ୍ର ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନ୍ ନିଜର ପ୍ରଥମ ବଜେଟ ଭାଷଣରେ ସରକାରୀ ଜମି ଆଦିର ବ୍ୟବହାର ସମ୍ପର୍କରେ ଉଲ୍ଲେଖ କରିଥିଲେ। ସାରା ଦେଶରେ ଥିବା କେନ୍ଦ୍ର ମନ୍ତ୍ରଣାଳୟ, ବିଭାଗ ଓ ସରକାରୀ କମ୍ପାନୀ ଜମିରେ ବଡ଼ ବଡ଼ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ନିର୍ମାଣ ହେବ ବୋଲି ସେ କହିଥିଲେ। ଜଏଣ୍ଟ ଡେଭଲପ୍‌ମେଣ୍ଟ ଏବଂ କନ୍‌ସେଶନ ଭଳି ଇନୋଭେଟିଭ ଇନ୍‌ଷ୍ଟ୍ରୁମେଣ୍ଟସ ଜରିଆରେ ପବ୍ଲିକ୍ ଇନ୍‌ଫ୍ରାଷ୍ଟ୍ରକ୍‌ଚର ଓ ଆଫୋର୍ଡେବଲ ହାଉସିଂ ନିର୍ମାଣ କରାଯିବ ବୋଲି ସେ ଘୋଷଣା କରିଥିଲେ।

## ଓଏନ୍‌ଜିସି, ଆଇଓସି, ଏନ୍‌ଟିପିସି, ଗେଲ୍‌ର ସରକାରୀ ନିୟନ୍ତ୍ରଣ ହଟିବ

ବଜେଟ ନିଅଣ୍ଟକୁ ନିୟନ୍ତ୍ରଣରେ ରଖିବା ଲାଗି କେନ୍ଦ୍ରର ନରେନ୍ଦ୍ର ମୋଦି ସରକାର ଏବେ ଲାଭଜନକ ରାଷ୍ଟ୍ରାୟତ୍ତ ଉଦ୍ୟୋଗରୁ ନିଜର ନିୟନ୍ତ୍ରଣ ହଟାଇବାକୁ ଚାହୁଁଛନ୍ତି। ଏହାଦ୍ୱାରା ଦେଶରେ ନିବେଶ ବୃଦ୍ଧି ପାଇବ ବୋଲି ସରକାର ଭାବୁଛନ୍ତି। ଶକ୍ତି କ୍ଷେତ୍ରରେ କାର୍ଯ୍ୟରତ ପ୍ରମୁଖ ଲାଭଜନକ ରାଷ୍ଟ୍ରାୟତ୍ତ ଉଦ୍ୟୋଗ ତୈଳ ଓ ପ୍ରାକୃତିକ ବାଷ୍ପ ନିଗମ (ଓଏନ୍‌ଜିସି), ଇଣ୍ଡିଆନ ଅଏଲ କର୍ପୋରେସନ (ଆଇଓସି), ନ୍ୟାଶନାଲ ଥର୍ମାଲ ପାୱାର କର୍ପୋରେଶନ (ଏନ୍‌ଟିପିସି) ଓ ଗ୍ୟାସ୍ ଅଥରିଟି ଅଫ୍ ଇଣ୍ଡିଆ ଲିମିଟେଡ(ଗେଲ୍)ରେ ଥିବା ସରକାରଙ୍କ ଅଂଶଧନକୁ ୫୧%ରୁ କମ୍ କରିବାକୁ ଯୋଜନା ପ୍ରସ୍ତୁତ ହୋଇଛି ବୋଲି ମୋଦିଙ୍କ ସମ୍ପତ୍ତି ବିକ୍ରି ବିଭାଗ ମୁଖ୍ୟ (ଡିପାର୍ଟମେଣ୍ଟ ଅଫ୍ ଇନ୍‌ଭେଷ୍ଟମେଣ୍ଟ ଆଣ୍ଡ ପବ୍ଲିକ୍ ଆସେଟ ମ୍ୟାନେଜମେଣ୍ଟ ସଚିବ) ଅତନୁ ଚକ୍ରବର୍ତ୍ତୀ କହିଛନ୍ତି। କମ୍ପାନୀଗୁଡ଼ିକର ଘରୋଇକରଣ ଦ୍ୱାରା କାର୍ଯ୍ୟଦକ୍ଷତା ଏବଂ ନିବେଶ ବୃଦ୍ଧି କରିବାକୁ ସରକାର ଚାହୁଁଛନ୍ତି। ତେବେ ଭାରତୀୟ ଜୀବନ ବୀମା କମ୍ପାନୀ ଭଳି କେତେକ ଅତି ଗୁରୁତ୍ୱପୂର୍ଣ୍ଣ ରାଷ୍ଟ୍ରାୟତ୍ତ ଉଦ୍ୟୋଗରେ ସରକାରଙ୍କ ଅଂଶଧନ ୫୧%ରୁ କମିବ ନାହିଁ ବୋଲି ଅତନୁ ପ୍ରକାଶ କରିଛନ୍ତି।

## ସଂକ୍ଷେପରେ

### ଭାରତର ଟାରିଫ୍ ବୃଦ୍ଧି ଗ୍ରହଣୀୟ ନୁହେଁ: ଟ୍ରମ୍ପ



**ୱାଶିଂଟନ,୯-୭:** ଆମେରିକାର ବହୁ ଉତ୍ପାଦ ଉପରେ ଭାରତ ଟାରିଫ୍ ବୃଦ୍ଧି କରିବା ପରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ନିଜର ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ଭାରତର ଟାରିଫ୍ ବୃଦ୍ଧି ଗ୍ରହଣୀୟ ନୁହେଁ ବୋଲି ସେ ଟୁଇଟ୍ କରି ଜଣାଇଛନ୍ତି। ସୂଚନାଥାଉ କି, ଆମେରିକା ପକ୍ଷରୁ ଭାରତର କେତେକ ଷ୍ଟିଲ୍ ଓ ଆଲୁମିନିୟମ ଉପରେ ଟାରିଫ୍ ବୃଦ୍ଧି କରାଯାଇଥିଲା। ଏହାର ପାଲଟା ଜବାବ ଦେବାକୁ ଯାଇ ଆମେରିକାର ୨୯ ସାମଗ୍ରୀ ଉପରେ ଭାରତ ଟାରିଫ୍ ବୃଦ୍ଧି କରିଛି। ତେବେ ଦୁଇ ଦେଶ ମଧ୍ୟରେ ଏଥିନେଇ ଆଲୋଚନା ଚାଲୁଥିବା କାରଣରୁ ଭାରତ ଉକ୍ତ ପଦକ୍ଷେପ ନେବାରେ ବିଳମ୍ବ କରିଚାଲିଥିଲା। ସୂଚନାଥାଉ କି, ଆମେରିକାରୁ ଆସୁଥିବା ଆଲମଣ୍ଡ, ୱାଲ୍‌ନଟ, ଡାଲି ଆଦି ସାମଗ୍ରୀ ଉପରେ ଜୁନ୍ ୧୬ରୁ ଟାରିଫ୍ ବୃଦ୍ଧି କରାଯାଇଛି। ଏହାଦ୍ୱାରା ଆମେରିକାର କୃଷକ ଓ ରପ୍ତାନିକାରୀ ବେଶ୍ ପ୍ରଭାବିତ ହେଉଛନ୍ତି। ଆମେରିକାରୁ ଆସୁଥିବା ହାର୍ଲେ ଡାଭିଡସନ ବାଇକ ଉପରେ ଭାରତ ପୂର୍ବରୁ ଶତପ୍ରତିଶତ ଟାରିଫ୍ ଆଦାୟ କରୁଥିବା ନେଇ ଟ୍ରମ୍ପ ଭାରତ ବିରୋଧରେ ବର୍ଷିଥିଲେ। ଏହା ଚଳିବ ନାହିଁ ବୋଲି ସେ କହିଥିଲେ। ଭାରତରୁ ଆସୁଥିବା ସାମଗ୍ରୀ ଉପରେ ଆମେରିକା କୌଣସି ଟିକସ ନେଉ ନ ଥିବା ବେଳେ ଆମେରିକାର ସାମଗ୍ରୀ ଉପରେ ଭାରତ ଶତପ୍ରତିଶତ ଟିକସ ଆଦାୟ କରୁଛି ବୋଲି ସେ ଅଭିଯୋଗ କରିଥିଲେ।

### '୫ ଲକ୍ଷ କୋଟି ଡଲାର ଅର୍ଥନୀତି ଲକ୍ଷ୍ୟ ହାସଲ ସମ୍ଭବ'



**ନୂଆଦିଲ୍ଲୀ,୯-୭:** ଦେଶର ଅର୍ଥନୀତି ୨୦୨୪-୨୫ ସୁଦ୍ଧା ୫ ଲକ୍ଷ କୋଟି ଡଲାରରେ ପହଞ୍ଚିପାରିବ ବୋଲି ନୀତି ଆୟୋଗ ଉପାଧ୍ୟକ୍ଷ ରାଜୀବ କୁମାର ଆଶାବ୍ୟକ୍ତ କରିଛନ୍ତି। ତାଙ୍କ ମତରେ ଏଥିପାଇଁ ଘରୋଇ କ୍ଷେତ୍ରକୁ ଅଗ୍ରଣୀ ଭୂମିକା ଗ୍ରହଣ କରିବାକୁ ହେବ। ଭାରତୀୟ ବାଣିଜ୍ୟ ଏବଂ ଉଦ୍ୟୋଗ ମଣ୍ଡଳର ବାର୍ଷିକ ସାଧାରଣ ବୈଠକରେ ଯୋଗ ଦେଇ ସେ କହିଛନ୍ତି ଯେ, ସରକାର ଏକାକୀ ଦେଶର ଅର୍ଥନୀତିକୁ ୫ ଲକ୍ଷ କୋଟି ଡଲାରରେ ପହଞ୍ଚାଇପାରିବେ ନାହିଁ। ଘରୋଇ କ୍ଷେତ୍ରକୁ ଏଦିଗରେ ଆଗେଇ ଆସିବାକୁ ହେବ। ବଜେଟରେ ଏ ସମ୍ପର୍କରେ ଅନେକ ଦିଗ୍‌ଦର୍ଶନ ଦିଆଯାଇଛି। ସରକାର ଓ ଘରୋଇ କ୍ଷେତ୍ର ମିଳିମିଶି କାମ କରିବା ନେଇ ବଜେଟରେ ସ୍ପଷ୍ଟ ସଙ୍କେତ ଦିଆଯାଇଛି। ବିନିବେଶ ଲକ୍ଷ୍ୟକୁ ବୃଦ୍ଧି କରିବା, ଏନ୍‌ବିଏଫ୍‌ସିଙ୍କୁ ସମର୍ଥନ ଦିଆଯିବା ଏବଂ କର୍ପୋରେଟ ବଣ୍ଡ ଜରିଆରେ ବଜାରକୁ ଅଧିକ ଗଭୀର କରିବା ଲାଗି ଦୀର୍ଘକାଳୀନ ଯୋଜନା ପ୍ରସ୍ତୁତ କରିବା ସରକାରଙ୍କ ଲକ୍ଷ୍ୟ ରହିଛି ବୋଲି ସେ କହିଛନ୍ତି। କୁମାର କହିଛନ୍ତି ଯେ, ଭାରତ ଏକମାତ୍ର ଦେଶ ନୁହେଁ ଯେଉଁଠି ସବୁକିଛି ଗଣତାନ୍ତ୍ରିକ ପ୍ରଣାଳୀ ଭିତରେ ରହି କରାଯିବ।

### ୧୧ ବର୍ଷରେ ୧.୮୫ ଲକ୍ଷ କୋଟି ଟଙ୍କାର ବ୍ୟାଙ୍କ ଠକେଇ

**ନୂଆଦିଲ୍ଲୀ,୯-୭:** ଦେଶର ରାଷ୍ଟ୍ରାୟତ୍ତ ବ୍ୟାଙ୍କଗୁଡିକରେ ଠକେଇ ଦିନକୁ ଦିନ ବଢୁଥିବା ଦେଖାଯାଇଛି। ଗତ ୧୧ ବର୍ଷ ମଧ୍ୟରେ ବ୍ୟାଙ୍କଗୁଡିକରେ ୪୪,୦୧୬ ଠକେଇ ମାମଲା ସାମ୍ନାକୁ ଆସିଛି। ୨୦୦୮-୦୯ ପରଠାରୁ ଏହି ମାମଲାଗୁଡିକରେ ୧.୮୫ ଲକ୍ଷ କୋଟି ଟଙ୍କା ଜଡିତ ରହିଥିବା ଅର୍ଥରାଷ୍ଟ୍ରମନ୍ତ୍ରୀ ଅନୁରାଗ ସିଂ ଠାକୁର ରାଜ୍ୟ ସଭାକୁ ଏକ ମଙ୍ଗଳବାର ଲିଖିତ ଉତ୍ତରରେ ସୂଚନା ଦେଇଛନ୍ତି। ୨୦୧୬-୧୭ରେ ୩,୯୨୭ ଠକେଇ ମାମଲା ରିପୋର୍ଟ କରାଯାଇଛି। ଏଥିରେ ଠକେଇ ପରିମାଣ ୨୫,୮୩୩.୯୯ କୋଟି ଟଙ୍କା ରହିଛି। ଏହା ୧୧ ବର୍ଷରେ ସର୍ବାଧିକ ରହିଛି।

# ୧୮ ହଜାର କୋଟି ଦେଲେ ବିଦେଶ ଯାଇପାରିବେ ଗୋୟଲ

**ନୂଆଦିଲ୍ଲୀ,୯–୭**

ଋଣରେ ବୁଡ଼ି ରହିଥିବା ଜେଟ୍ ଏୟାରୱେଜ୍ ପ୍ରତିଷ୍ଠାତା ନରେଶ ଗୋୟଲଙ୍କୁ ମଙ୍ଗଳବାର ଦିଲ୍ଲୀ ହାଇକୋର୍ଟରୁ ବଡ଼ ଝଟକା ଲାଗିଛି। ଗୋୟଲ ୧୮ ହଜାର କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଜମା କରିବା ପୂର୍ବରୁ ବିଦେଶ ଯାଇପାରିବେ ନାହିଁ ବୋଲି ହାଇକୋର୍ଟ ମଙ୍ଗଳବାର ସ୍ପଷ୍ଟ କରିଛନ୍ତି। ତେବେ ତାଙ୍କ ବିରୋଧରେ ଜାରି ହୋଇଥିବା ଲୁକ୍‌ଆଉଟ ନୋଟିସକୁ ଚ୍ୟାଲେଞ୍ଜ କରି ଗୋୟଲଙ୍କ ପକ୍ଷରୁ ଆଗତ ମାମଲାରେ ହାଇକୋର୍ଟ କେନ୍ଦ୍ର ସରକାରଙ୍କୁ ନୋଟିସ ଜାରି କରିଛନ୍ତି। ବିଚାରପତି ସୁରେଶ କୈଟ କହିଛନ୍ତି ଯେ, ଗୋୟଲଙ୍କୁ ବର୍ତ୍ତମାନ ଅନ୍ତରୀଣ ଆଶ୍ୱସ୍ତି ପ୍ରଦାନ କରାଯାଇପାରିବ ନାହିଁ। ସେ ଯଦି ବିଦେଶ ଯିବାକୁ ଚାହୁଁଛନ୍ତି, ତେବେ ତାଙ୍କୁ ୧୮ ହଜାର କୋଟି ଟଙ୍କାର ବ୍ୟାଙ୍କ ଗ୍ୟାରେଣ୍ଟି ଜମା କରିବାକୁ ହେବ। ମାମଲାର ଶୁଣାଣି ବେଳେ କେନ୍ଦ୍ର ସରକାରଙ୍କ ପକ୍ଷରୁ କୁହାଯାଇଥିଲା ଯେ, ଗୋୟଲଙ୍କ ବିରୋଧରେ ବର୍ତ୍ତମାନ ୧୮ ହଜାର କୋଟି ଟଙ୍କା ଗମ୍ଭୀର ଜାଲିଆତି ମାମଲାର ତଦନ୍ତ ଜାରି ରହିଛି। ସିରିୟସ ଫ୍ରଡ୍ ଇନ୍‌ଭେଷ୍ଟିଗେଶନ ଅଫିସ(ଏସ୍‌ଏଫ୍‌ଆଇଓ) ଏହାର ତଦନ୍ତ କରୁଛି। ଗୋୟଲ ତାଙ୍କ ଆବେଦନରେ ଦର୍ଶାଇଥିଲେ ଯେ, ତାଙ୍କ ବିରୋଧରେ ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ(ଇଡି) କିମ୍ବା ସିବିଆଇ ପକ୍ଷରୁ କୌଣସି ମାମଲା ଦାଏର କରାଯାଇ ନ ଥିଲେ ସୁଦ୍ଧା ତାଙ୍କୁ ଓ ତାଙ୍କ ପତ୍ନୀ ଅନୀତାଙ୍କୁ ମେ ୨୫ରେ ଦୁବାଇ ଯାଉଥିବା ବିମାନରୁ ଜବରଦସ୍ତ ଓହ୍ଲାଇ ଦିଆଯାଇଥିଲା। ତାଙ୍କ ବିରୋଧରେ ଲୁକ୍‌ଆଉଟ ନୋଟିସ ଜାରି କରାଯାଇଥିବା ସମ୍ପର୍କରେ ସେ ସେହି ଦିନ ହିଁ ଜାଣିପାରିଥିଲେ ବୋଲି ଗୋୟଲ କହିଛନ୍ତି। ଏହାପରେ ତାଙ୍କୁ ଏସଏଫଆଇଓରୁ ଜୁଲାଇ ୧୦ରେ ହାଜର ହେବାକୁ ଓ ତଦନ୍ତରେ ସହାୟତା କରିବାକୁ କୁହାଯାଇଛି।

**ଦିଲ୍ଲୀ ହାଇକୋର୍ଟଙ୍କ ସର୍ତ୍ତ**



# ରେନୋ ଇଣ୍ଡିଆର ନୂଆ ଡଷ୍ଟର



**ନୂଆଦିଲ୍ଲୀ,୯–୭**

ରେନୋ ଇଣ୍ଡିଆ ପକ୍ଷରୁ ନୂଆ ଡଷ୍ଟର ମଡେଲର ବଜାର ପ୍ରବେଶ ହୋଇଛି। ଏଥିରେ ୨୫ ନୂଆ ଫିଚର ଏବଂ ଟେକ୍ନୋଲୋଜି ରହିଛି। ମଡେଲଟିରେ ଆକର୍ଷଣୀୟ ଏକ୍ସଟେରୀୟର, ମନଲୋଭା ଇଣ୍ଟେରିୟର,ଉନ୍ନତ ଉପକରଣକୁ ସ୍ଥାନୀତ କରାଯାଇଛି। ରେନୋ ବ୍ରାଣ୍ଡକୁ ଭାରତରେ ଅଭିବୃଦ୍ଧି କରାଇବାର ସମ୍ପୂର୍ଣ୍ଣ ଲକ୍ଷ୍ୟ ରଖାଯାଇଛି ବୋଲି ନୂଆ ଯାନଟିକୁ ବଜାର ପ୍ରବେଶ କରାଇ କମ୍ପାନୀର କଣ୍ଟ୍ରି ସିଇଓ ଏବଂ ଏମ୍‌ଡି ଭେଙ୍କଟରାମ ମାମଲିପାଲେ ସୂଚନା ଦେଇଛନ୍ତି। ଉତ୍ପାଦ ଶ୍ରେଣୀରେ ଉନ୍ନତି, ନେଟୱର୍କକୁ ବ୍ୟାପକ କରାଯାଇଛି। ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତା ପୂରଣ ଦିଗରେ ମଡେଲଟି ସହାୟକ ହୋଇପାରିବ ବୋଲି ସେ କହିଛନ୍ତି। ଏଥିରେ ୧୭.୬୪ ସେମିର ଟଚ୍ ସ୍କ୍ରିନ ମିଡିଆ ନାଭ୍, ଆପଲ କାର୍ ପ୍ଲେ, ଆଣ୍ଡ୍ରଏଡ ଅଟୋ, ଭଏସ୍ ରିକଗନିଶନ, ଇକୋ ଗାଇଡ୍ ଗ୍ରାହକ ପାଇପାରିବେ। ମଡେଲଟି ପେଟ୍ରୋଲ ସିଭିଟି, ଡିଜେଲ ଏଏମ୍‌ଟି ଡିଜେଲ ଏଡବ୍ଲୁଡିରେ ଆସୁଛି। କାସ୍ପିଆନ ବ୍ଲୁ, ମାହୋଗାନି ବ୍ରାଉନ ରଙ୍ଗରେ ଏହା ଉପଲବ୍ଧ। ଏହାର ମୂଲ୍ୟ ୭.୯୯ ଲକ୍ଷ ଟଙ୍କାରୁ ଆରମ୍ଭ ହେଉଛି।

# ବିଦେଶରେ ଏମ୍‌ବିବିଏସ୍ ଶିକ୍ଷା ନେଇ କାଉନସେଲିଂ

**ଭୁବନେଶ୍ୱର,୯–୭ (ବ୍ୟୁରୋ)**

ବିଦେଶରେ ଏମ୍‌ବିବିଏସ୍ ଶିକ୍ଷା ଗ୍ରହଣ ଲାଗି ମାକ୍ସିମ୍ ଏଜୁକେଶନ ପ୍ରାଇଭେଟ ଲିମିଟେଡ ପକ୍ଷରୁ ସୁଯୋଗ ପ୍ରଦାନ କରାଯାଉଛି। ରୁଷିଆ, କାଜାକସ୍ତାନ, କିର୍ଗିଜସ୍ତାନ ଏବଂ ୟୁକ୍ରେନ ଭଳି ଦେଶଗୁଡିକର ପ୍ରମୁଖ ବିଶ୍ୱବିଦ୍ୟାଳୟଗୁଡିକରେ ଡାକ୍ତରୀ ଶିକ୍ଷା ଗ୍ରହଣ ଲାଗି ପଦକ୍ଷେପ ଗ୍ରହଣ କରାଯାଉଥିବା ମାକ୍ସିମ ପକ୍ଷରୁ ସୂଚନା ରହିଛି। ଛାତ୍ରୀଛାତ୍ରଙ୍କୁ ଏ ନେଇ ସଚେତନ କରାଇବାକୁ ଭୁବନେଶ୍ୱର, ବାଲେଶ୍ୱର ଏବଂ ସମ୍ବଲପୁରରେ କାଉନସେଲିଂ ବ୍ୟବସ୍ଥା କରାଯାଇଥିଲା। ମାକ୍ସିମ ନିର୍ଦ୍ଦେଶକ ସୁଧାକର ତିୱାରି ଛାତ୍ରୀଛାତ୍ରଙ୍କୁ ଏସଂକ୍ରାନ୍ତ ବିଭିନ୍ନ ପ୍ରସଙ୍ଗରେ ଅବଗତ କରାଇଥିଲେ। ସେହିଭଳି ସ୍ଥାନୀୟ ବାପୁଜୀ ନଗର କାର୍ଯ୍ୟାଳୟ ସହ ସମ୍ପର୍କ କରି ଏ ସଂକ୍ରାନ୍ତ ସମସ୍ତ ସୂଚନା ଛାତ୍ରୀଛାତ୍ର ଏବଂ ଅଭିଭାବକ ଲାଭ କରିପାରିବେ ବୋଲି ମାକ୍ସିମ ଭୁବନେଶ୍ୱର ପକ୍ଷରୁ ହେମନ୍ତ ଗୁପ୍ତା ସୂଚନା ଦେଇଛନ୍ତି। ବିଦେଶରେ ଏହି ପ୍ରତିଷ୍ଠାନଗୁଡିକରେ ଶିକ୍ଷା ଗ୍ରହଣ କରିବା ବେଶ ସୁଲଭ। ଛାତ୍ରୀଛାତ୍ରଙ୍କ ଲାଗି ବିଶ୍ୱ ସ୍ତରୀୟ କ୍ୟାମ୍ପସ, ହଷ୍ଟେଲ ସୁବିଧା, ଭାରତୀୟ ମେସ ସହ ଅନ୍ୟାନ୍ୟ ସୁବିଧା କରାଯାଉଛି ବୋଲି ମାକ୍ସିମ ପକ୍ଷରୁ କୁହାଯାଇଛି।

# ଇଣ୍ଡିଗୋ ପ୍ରମୋଟରଙ୍କ ଝଗଡ଼ା ସେବିରେ ପହଞ୍ଚିଲା

**ମୁମ୍ବାଇ,୯–୭**

ଦେଶର ସର୍ବବୃହତ୍ ଘରୋଇ ଏୟାରଲାଇନ ଭାବେ ପରିଚିତ ଇଣ୍ଡିଗୋ ଏୟାରଲାଇନ୍ସର ପ୍ରମୋଟରଙ୍କ ଭିତରେ ଆରମ୍ଭ ହୋଇଥିବା ଝଗଡା ଏବେ ଷ୍ଟକ୍ ଏକ୍ସଚେଞ୍ଜ ନିୟନ୍ତ୍ରକ ସିକ୍ୟୁରିଟିଜ ବୋର୍ଡ ଅଫ୍ ଇଣ୍ଡିଆ(ସେବି) ନିକଟରେ ପହଞ୍ଚିଛି। କମ୍ପାନୀରେ ହୋଇଥିବା ଅନିୟମିତତାର ତଦନ୍ତ କରିବା ଲାଗି ଦାବି କରି ଅନ୍ୟତମ ପ୍ରମୋଟର ରାକେଶ ଗଙ୍ଗୱାଲ ସେବିର ଦ୍ୱାରସ୍ଥ ହୋଇଛନ୍ତି। ଷ୍ଟକ୍ ବଜାରରେ ତାଲିକାଭୁକ୍ତ ତଥା ଇଣ୍ଡିଗୋର ମୂଳ କମ୍ପାନୀ ଇଣ୍ଟରଗ୍ଲୋବ୍ ଏଭିଏଶନ ପକ୍ଷରୁ ନିୟାମକକୁ ଦିଆଯାଇଥିବା ତଥ୍ୟରେ କୁହାଯାଇଛି ଯେ, କମ୍ପାନୀରେ ଚାଲିଥିବା କେତେକ ଅନିୟମିତତା ସମ୍ପର୍କରେ ଗଙ୍ଗୱାଲ ପ୍ରଶ୍ନ ଉଠାଇଛନ୍ତି। ତେବେ ଏ ସଂକ୍ରାନ୍ତରେ ଇଣ୍ଡିଗୋ ସିଇଓ ରନୋଜୟ ଦତ୍ତା କୌଣସି ପ୍ରତିକ୍ରିୟା ଦେଇନାହାନ୍ତି। ଗଙ୍ଗୱାଲଙ୍କ ଆବେଦନ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେବି ଇଣ୍ଡିଗୋର କାର୍ଯ୍ୟ ସମ୍ପର୍କରେ ଇଣ୍ଟରଗ୍ଲୋବଠାରୁ ରିପୋର୍ଟ ମାଗିଛି। ଆସନ୍ତା ୧୯ ସୁଦ୍ଧା ରିପୋର୍ଟ ଦେବାକୁ କୁହାଯାଇଛି।

# ଘର କ୍ରେତାଙ୍କ ଲାଗି ଏକକ ପ୍ରସ୍ତାବ ଆଣ: ସୁପ୍ରିମକୋର୍ଟ

**ନୂଆଦିଲ୍ଲୀ,୯–୭:** ଲକ୍ଷ ଲକ୍ଷ ଘର କ୍ରେତାଙ୍କ ସମସ୍ୟା ଦୂର ଲାଗି କେନ୍ଦ୍ର ସରକାର ଏକକ ପ୍ରସ୍ତାବ(ୟୁନିଫର୍ମ ପ୍ରପୋଜାଲ୍) ଆଣନ୍ତୁ ବୋଲି ସୁପ୍ରିମକୋର୍ଟ ମଙ୍ଗଳବାର ନିର୍ଦ୍ଦେଶ ଦେଇଛନ୍ତି। ଜେପି ଇନ୍‌ଫ୍ରାଟେକ୍ ଲିମିଟେଡ ମାମଲାର ଶୁଣାଣି ବେଳେ ସର୍ବୋଚ୍ଚ ଅଦାଲତ କହିଛନ୍ତି ଯେ, ଘର କ୍ରେତାମାନେ ବିଲ୍ଡରଙ୍କୁ ମୋଟା ରକମର ଅର୍ଥ ପ୍ରଦାନ କରିସାରିବା ପରେ ମଧ୍ୟ ଫ୍ଲାଟ୍ ପାଇ ପାରୁନାହାନ୍ତି। ଏହି ମାମଲା ବହୁ ଲକ୍ଷ ଫ୍ଲାଟ କ୍ରେତାଙ୍କ ସହ ଜଡ଼ିତ। ସେମାନଙ୍କର ଏହି ସମସ୍ୟା ଦୂର କରିବା ଲାଗି କେନ୍ଦ୍ର ସରକାର ସମସ୍ତଙ୍କ ଉଦ୍ଦେଶ୍ୟରେ ଗୋଟିଏ ପ୍ରକାର ପ୍ରସ୍ତାବ ଆଣିବା ଉଚିତ୍। ଜଷ୍ଟିସ୍ ଏ.ଏମ୍.ଖାନ୍‌ୱିଲକର ଓ ଜଷ୍ଟିସ ଦିନେଶ ମାହେଶ୍ୱରୀଙ୍କୁ ନେଇ ଗଠିତ ଖଣ୍ଡପୀଠ କହିଛନ୍ତି ଯେ, ଟଙ୍କା ଦେବା ସତ୍ତ୍ୱେ ଅନେକଙ୍କୁ ଫ୍ଲାଟ୍ ମିଳୁନାହିଁ। ଦେବାଳିଆ ଆଇନ ବାହାରେ କେନ୍ଦ୍ର ସରକାର ପ୍ରସ୍ତାବ ଆଣନ୍ତୁ ବୋଲି ଖଣ୍ଡପୀଠ ଆଡିଶନାଲ ସଲିସିଟର ଜେନେରାଲଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।


ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !! ଧ୍ୟାନ ଦିଅନ୍ତୁ !!

**ବିହନ ବିଶୋଧନ ଅଭିଯାନ ଖରିଫ୍-୨୦୧୯;**
**ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ**

ଏତଦ୍ୱାରା ପଟ୍ଟାମୁଣ୍ଡାଇ କୃଷି ଜିଲ୍ଲା ଅନ୍ତର୍ଗତ ପଟ୍ଟାମୁଣ୍ଡାଇ, ଆଳି,ରାଜକନିକା ଓ ରାଜନଗର ବ୍ଲକର ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅବଗତ କରାଯାଉଛି କି, ଚଳିତ ବର୍ଷ ୨୦୧୯ଖରିଫ୍ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀମାନଙ୍କର ସାଇତା ଧାନ ବିହନକୁ ବିହନ ବିଶୋଧନ କାର୍ଯ୍ୟକ୍ରମ ରାଜ୍ୟ ଯୋଜନାରେ ବିଶୋଧନ କରାଯିବାର ବ୍ୟବସ୍ଥା ହୋଇଅଛି। ଏହି କାର୍ଯ୍ୟକ୍ରମଟି ତା.୨୮।୦୬।୨୦୧୯ରିଖଠାରୁ ତା.୧୫।୦୭।୨୦୧୯ରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏଣୁ ସମସ୍ତ ଚାଷୀଭାଇ ଓ ଭଉଣୀମାନଙ୍କୁ ଅନୁରୋଧ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇ ବିହନ ବିଶୋଧନ (ରାଜ୍ୟ ଯୋଜନା)କୁ ସାଫଲ୍ୟ ମଣ୍ଡିତ କରିବେ।

"ଗାଁ ଗାଆଁରେ ବିହନ ବିଶୋଧନ, ନୀରୋଗ ଫସଲ ପାଇଁ ନିଶ୍ଚିତ ସମାଧାନ"

ସ୍ୱା./- ଜୟ ନାରାୟଣ ମହାପାତ୍ର, ଜିଲ୍ଲା କୃଷି ଅଧିକାରୀ, ପଟ୍ଟାମୁଣ୍ଡାଇ

ବି.ଦ୍ର:-ସବିଶେଷ ବିବରଣୀ ପାଇଁ ନିଜ ଅଞ୍ଚଳର ଗ୍ରାମ୍ୟ କୃଷି କର୍ମଚାରୀ ଓ ସହକାରୀ କୃଷି ଅଧିକାରୀଙ୍କ ସହ ପରାମର୍ଶ କରନ୍ତୁ।


# ୨୦୦୦ ଟଙ୍କିଆ ନୋଟ୍ ପିଛା ପ୍ରିଣ୍ଟ ଖର୍ଚ୍ଚ ୬୫ ପଇସା କମିଛି

**ନୂଆଦିଲ୍ଲୀ,୯-୭:** ଗତ ଆର୍ଥିକ ବର୍ଷ ୨୦୧୮-୧୯ରେ ଗୋଟିଏ ୨୦୦୦ ଟଙ୍କିଆ ନୋଟ୍‌ର ଛାପା ଖର୍ଚ୍ଚ ୧୮.୪% ଅର୍ଥାତ୍ ୬୫ ପଇସା କମିଛି ବୋଲି ସରକାରୀ ତଥ୍ୟରୁ ଜଣାପଡିଛି। ରାଜ୍ୟ ସଭାରେ ପ୍ରଦାନ କରାଯାଇଥିବା ତଥ୍ୟ ଅନୁଯାୟୀ, ୨୦୧୬ ନଭେମ୍ବରରେ ଦେଶରେ ପ୍ରଚଳନ ହୋଇଥିବା ୨୦୦୦ ଟଙ୍କିଆ ନୋଟ୍‌କୁ ଆର୍‌ବିଆଇର ଏକ ସହଯୋଗୀ ଭାରତୀୟ ରିଜର୍ଭ ବ୍ୟାଙ୍କ ନୋଟ୍ ମୁଦ୍ରଣ ପ୍ରାଇଭେଟ ଲିମିଟେଡ ଦ୍ୱାରା ଛାପାଯାଉଛି। ୨୦୧୭-୧୮ରେ ଗୋଟିଏ ନୋଟ୍‌ର ଛାପା ଖର୍ଚ୍ଚ ୪.୧୮ ଟଙ୍କା ଥିଲା ବେଳେ ୨୦୧୮-୧୯ରେ ଏହା ୩.୫୩ ଟଙ୍କାକୁ ହ୍ରାସ ପାଇଛି। କେନ୍ଦ୍ର ଅର୍ଥ ରାଷ୍ଟ୍ରମନ୍ତ୍ରୀ ଅନୁରାଗ ଠାକୁର ଲିଖିତ ଜବାବରେ କହିଛନ୍ତି ଯେ, ଗୋଟିଏ ୫୦୦ ଟଙ୍କିଆ ନୋଟ୍‌ର ଛାପା ଖର୍ଚ୍ଚ ୨୦୧୭-୧୮ରେ ୨.୩୯ ଟଙ୍କା ଥିଲା ବେଳେ ଗତବର୍ଷ ଏହା ୨.୧୩ ଟଙ୍କାକୁ, ୨୦୦ ଟଙ୍କିଆ ନୋଟ୍ ପାଇଁ ୨.୧୫ ଟଙ୍କା ଖର୍ଚ୍ଚ ହେଉଛି। ୨୦୧୭-୧୮ (ଜୁଲାଇରୁ ଜୁନ୍)ରେ ନୋଟ୍ ଛାପା ବାବଦରେ ୭୯୬୫ କୋଟି ଟଙ୍କା ଖର୍ଚ୍ଚ ହୋଇଥିଲା ବେଳେ ୨୦୧୬-୧୭ରେ ଏହା ୪୯୧୨ କୋଟି ଟଙ୍କା ଥିଲା ବୋଲି ଠାକୁର କହିଛନ୍ତି।


e-mail: eerwsskld@nic.in
eerwsskld@gmail.com
Phone No: 06670-230784

GOVERNMENT OF ODISHA
**OFFICE OF THE EXECUTIVE ENGINEER,**
**KALAHANDI RWS&S DIVISON, BHAWANIPATNA**
**INVITATION OF BID THROUGH e - TENDERING**

No.160-O

**Bid Identification No- 04/EE/RWSS/ 2019-20 /Bpt Dated.08.07.2019**

01.Name of the work :- As per ANNEXURE - A

| Procurement Officer | Bid Identification No. | Availability of Tender on-line for bidding on office hour only. | | Date of opening (Technical Bid) |
|---|---|---|---|---|
| | | From | To | |
| 1 | 2 | 3 | 4 | 5 |
| Executive Engineer, Kalahandi RWS&S, Bhawanipatna | 04/EE/RWSS/2019-20/ Bpt Dated- 08.07.2019 | 15.07.2019 | 05.08.2019 | 06.08.2019 at 11.30 A.M onwards |

Cost of tender paper & payment of EMD to be made online payment system. Further details can be seen from the e-procurement portal http://tenderodisha.gov.in.

Sd./- Executive Engineer
Kalahandi RWS & S Division, Bhawanipatna

25005/11/0006/1920



**ପଞ୍ଚାୟତ ସମିତି କାର୍ଯ୍ୟାଳୟ, ବିଶୋଇ, ମୟୂରଭଞ୍ଜ**

**ବିଜ୍ଞାପନ ସଂଖ୍ୟା: ୧୫୮୯** **ତାରିଖ: ୦୯।୦୭।୨୦୧୯**

**No.08-i:-** ଏତଦ୍ୱାରା ବିଶୋଇ ପଞ୍ଚାୟତ ସମିତିର ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ୨୦୧୯-୨୦ ଆର୍ଥିକ ବର୍ଷର M.G.N.R.E.S. ଯୋଜନାରେ ପଞ୍ଚାୟତ ସମିତିର ସମସ୍ତ ଗ୍ରାମପଞ୍ଚାୟତ, ବିଭିନ୍ନ କାର୍ଯ୍ୟକାରୀ ବିଭାଗମାନଙ୍କ ଦ୍ୱାରା ସମ୍ପାଦିତ ବିଭିନ୍ନ ପ୍ରକଳ୍ପଗୁଡ଼ିକର ଶତପ୍ରତିଶତ ବ୍ୟବହୃତ ହୋଇଥିବା ମଷ୍ଟର ରୋଲ୍‌ର ସତ୍ୟାସତ୍ୟ ଏବଂ NSAP ଯୋଜନାର ସାମାଜିକ ସମୀକ୍ଷା ନିମନ୍ତେ ନିମ୍ନ କାର୍ଯ୍ୟସୂଚୀ ମତେ ଗ୍ରାମସଭା ଅନୁଷ୍ଠିତ ହେବ। ଉକ୍ତ ଗ୍ରାମସଭାରେ ସମସ୍ତ ସର୍ବସାଧାରଣ, ଜନସାଧାରଣଙ୍କ ନିର୍ବାଚିତ ପ୍ରତିନିଧି, ସ୍ୱୟଂସହାୟକ ଗୋଷ୍ଠୀ, ସ୍ୱେଚ୍ଛାସେବୀ ଅନୁଷ୍ଠାନର ସଦସ୍ୟ/ସଦସ୍ୟା, କୁଶଳୀ ଓ ଅଣକୁଶଳୀ ଶ୍ରମିକମାନଙ୍କୁ ବହୁସଂଖ୍ୟାରେ ଯୋଗଦାନ ଓ ସାହାଯ୍ୟ କରିବା ପାଇଁ ଅନୁରୋଧ। ସମସ୍ତ ଗ୍ରାମପଞ୍ଚାୟତର ସମ୍ପୃକ୍ତ କନିଷ୍ଠଯନ୍ତ୍ରୀ, ସମ୍ପ୍ରସାରଣ ଅଧିକାରୀ, ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ ଏବଂ ଗ୍ରାମରୋଜଗାର ସେବକମାନେ ଗ୍ରାମସଭାରେ ଉପସ୍ଥିତ ରହିବେ। ଏଥିନିମନ୍ତେ ସମସ୍ତ ସରପଞ୍ଚମାନଙ୍କୁ ନିମ୍ନ କାର୍ଯ୍ୟସୂଚୀ ମତେ ପ୍ରତ୍ୟେକ ଗ୍ରାମରେ ନୋଟିସ୍ ଓ ଡେଙ୍ଗୁରା ମାଧ୍ୟମରେ ବହୁଳ ପ୍ରଚାର ପାଇଁ ଅନୁରୋଧ କରାଗଲା।

**କାର୍ଯ୍ୟସୂଚୀ**

➤ **ଗ୍ରାମ ସଭା ହେବାର ସ୍ଥାନ: ସମ୍ପୃକ୍ତ ଗ୍ରା.ପ. କାର୍ଯ୍ୟାଳୟ**

| ତାରିଖ | ଗ୍ରାମ ପଞ୍ଚାୟତର ନାମ | ସମୟ | ଉପସ୍ଥିତ ରହିବେ |
|---|---|---|---|
| ୩୦।୦୭।୨୦୧୯ | ଅଶନା | ୧୧.୦୦ AM | A.E/G.P.T.A/P.E.O/G.R.S |
| | ବଡମଣଦା | ୧୧.୦୦ AM | P.A/G.P.T.A/P.E.O/G.R.S |
| | ବନେଇକଳା | ୧୧.୦୦ AM | W.E.O/J.E/P.E.O/G.R.S |
| | ବାଉତିବେଡା | ୧୧.୦୦ AM | A.P.O/G.P.T.A/P.E.O/G.R.S |
| ୧୬।୦୮।୨୦୧୯ | ବିଶୋଇ | ୧୧.୦୦ AM | A.P.O/G.P.T.A/P.E.O/G.R.S |
| | ଜଗନ୍ନାଥପୁର | ୧୧.୦୦ AM | A.E/G.P.T.A/P.E.O/G.R.S |
| | ଖଡମବେଡା | ୧୧.୦୦ AM | I.P.O/J.E/P.E.O/G.R.S |
| | ଲୁହାକାନୀ | ୧୧.୦୦ AM | M.I/J.E/P.E.O/G.R.S |
| ୦୫।୦୯।୨୦୧୯ | ନୂଆଗାଁ | ୧୧.୦୦ AM | W.E.O/J.E/P.E.O/G.R.S |
| | ସାନପୁରୁଣାପାଣି | ୧୧.୦୦ AM | P.A/G.P.T.A/P.E.O/G.R.S |
| | ଭାତଛତ୍ର | ୧୧.୦୦ AM | RWS&S J.E/G.P.T.A/P.E.O/G.R.S |
| | ନଙ୍ଗଳବେଣ୍ଟା ପୋଖରିଆ | ୧୧.୦୦ AM | A.P.O/G.P.T.A/P.E.O/G.R.S |
| | ଯୋଡିଆ | ୧୧.୦୦ AM | A.E/J.E/P.E.O/G.R.S |

**ଯାଞ୍ଚ ହେବାକୁ ଥିବା ତଥ୍ୟ:-**

୧. ସାମାଜିକ ସମୀକ୍ଷାରୁ ଆସିଥିବା MGNREGS ଏବଂ NSAP ଯୋଜନାର ଅଭିଯୋଗ ଉପରେ ଗ୍ରାମସଭାରେ ଶୁଣାଣି କରାଯିବ।

ସ୍ୱା./-
ଗୋଷ୍ଠୀ ଉନ୍ନୟନ ଅଧିକାରୀ, ବିଶୋଇ, ମୟୂରଭଞ୍ଜ

24079/11/0001/1920




# ବର୍ଷା ବାଧା ମ୍ୟାଚ୍‌ରେ ବୋଲର ପ୍ରଭାବୀ

**ମାଞ୍ଚେଷ୍ଟର,୯।୭(ପି.ଟି.)**

ଚଳିତ ଆଇସିସି ବିଶ୍ୱକପ୍‌ରେ ପୁଣି ଥରେ ବର୍ଷା ବାଧକ ସାଜିଛି। ବର୍ଷାଯୋଗୁ ଟୁର୍ନାମେଣ୍ଟର ଲିଗ୍ ପର୍ଯ୍ୟାୟରେ ୪ଟି ମ୍ୟାଚ୍ ବାତିଲ ହୋଇସାରିଥିବା ବେଳେ ମଙ୍ଗଳବାର ଖେଳାଯାଇଥିବା ଭାରତ-ନ୍ୟୁଜିଲାଣ୍ଡ ପ୍ରଥମ ସେମିଫାଇନାଲ ମ୍ୟାଚ୍ ମଧ୍ୟ ସମାନ କାରଣରୁ ପ୍ରଭାବିତ ହୋଇଛି। ସ୍ଥାନୀୟ ଓଲ୍ଡ ଟ୍ରାଫର୍ଡ ଗ୍ରାଉଣ୍ଡରେ ଟସ୍ ଜିତି କେନ୍ ୱିଲିୟମସନଙ୍କ ନେତୃତ୍ୱାଧୀନ ନ୍ୟୁଜିଲାଣ୍ଡ ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। ତେବେ ଭାରତୀୟ ବୋଲରଙ୍କ

## ପ୍ରଥମ ସେମିଫାଇନାଲ

ମାପଚୁପ ବୋଲିଂ କରି ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ହାତଖୋଲା ଶଟ୍ ଖେଳିବାକୁ ଦେଇ ନ ଥିଲେ। ନ୍ୟୁଜିଲାଣ୍ଡ ୪୬.୧ ଓଭରରେ ୫ ଉଇକେଟ ହରାଇ ୨୧୧ ରନ କରିଥିବା ବେଳେ ବର୍ଷା ଯୋଗୁ ମ୍ୟାଚ୍ ବାଧା ପ୍ରାପ୍ତ ହୋଇଥିଲା। ସେତେବେଳକୁ ଅଭିଜ୍ଞ ରସ୍ ଟେଲର ୬୭ ଓ ଉଇକେଟକିପର ବ୍ୟାଟ୍ସମ୍ୟାନ ଟମ୍ ଲାଥମ ୩ ରନ କରି ଅପରାଜିତ ରହିଥିଲେ।

ପ୍ରଥମେ ବ୍ୟାଟିଂ କରିଥିବା ନ୍ୟୁଜିଲାଣ୍ଡ ଅଧିନାୟକ କେନ୍ ଉଇଲିୟମସନ ଓ ଅଭିଜ୍ଞ ରସ୍ ଟେଲରଙ୍କ ଅର୍ଦ୍ଧଶତକ ସତ୍ତ୍ୱେ ମନ୍ଥର ବ୍ୟାଟିଂ କାରଣରୁ ବଡ଼ ସ୍କୋର ହାସଲ କରିପାରି ନ ଥିଲା। ୯୫ଟି ବଲର ସମ୍ମୁଖୀନ ହୋଇ ୱିଲିୟମସନ ୬ ଚୌକା ସହ ୬୭ ରନ ସଂଗ୍ରହ କରିଥିଲେ। ରିଷ୍ଟ ସ୍ପିନର ଯୁଜବେନ୍ଦ୍ର ଚହଲଙ୍କ ବଲ୍‌ରେ ଜୋରଦାର ଶଟ୍ ଖେଳିବାକୁ ଯାଇ ସେ ପଏଣ୍ଟରେ ରବୀନ୍ଦ୍ର ଜାଡେଜାଙ୍କୁ କ୍ୟାଚ୍ ଦେଇଥିଲେ। ସେହିପରି ଟେଲର ୮୫ଟି ବଲ୍ ଖେଳି ୩ ଚୌକା ଓ ୧ ଛକା ସହ ୬୭ ରନ କରି ଅପରାଜିତ ରହିଥିଲେ। ଅନ୍ୟମାନେ ଭଲ ପ୍ରଦର୍ଶନ କରିପାରି ନ ଥିଲେ।

ଇନିଂସ ଆରମ୍ଭରୁ ନ୍ୟୁଜିଲାଣ୍ଡ ଆଉଟ୍ ଅଫ୍ ଫର୍ମ ଅଭିଜ୍ଞ ଓପନର ମାର୍ଟିନ ଗୁପ୍ଟିଲଙ୍କୁ ହରାଇଥିଲା। ଗୁପ୍ଟିଲ ମାତ୍ର ୧ ରନ କରିଥିବାବେଳେ ଯଶପ୍ରୀତ ବୁମ୍‌ରାଙ୍କ ଅଫ୍ ଷ୍ଟମ୍ପ ବାହାରର ବାଉନ୍ସରକୁ ଖେଳିବାକୁ ଯାଇ ବିଫଳ ହୋଇଥିଲେ। ବଲ୍ ବ୍ୟାଟ୍‌ର ଏଜ୍ ନେଇଥିଲା ଓ ଭାରତୀୟ ଅଧିନାୟକ ବିରାଟ କୋହଲି କୌଣସି ତ୍ରୁଟି ନ କରି ସେକେଣ୍ଡ ସ୍ଲିପ୍‌ରେ ଏକ ସୁନ୍ଦର କ୍ୟାଚ୍ ନେଇଥିଲେ ଓ ଗୁପ୍ଟିଲ ପ୍ୟାଭିଲିୟନ ଫେରିଥିଲେ। ମେଘୁଆ ପାଗରେ ପ୍ରଥମ ପାୱାର ପ୍ଲେ'ରେ ଭାରତୀୟ ଦ୍ରୁତ ବୋଲର ବୁମ୍‌ରା ଓ ଭୁବନେଶ୍ୱର କୁମାର ସୁନ୍ଦର ସୁଇଙ୍ଗ୍ ବୋଲିଂ କରିଥିଲେ। ମିଡଲ ଓଭରରେ ହାର୍ଦ୍ଦିକ ପାଣ୍ଡ୍ୟା ବେଶ୍ ଉଚ୍ଚକୋଟୀର ବୋଲିଂ କରିଥିଲେ। ଗୁପ୍ଟିଲ ଆଉଟ ହେବା ପରେ ଦ୍ୱିତୀୟ ଉଇକେଟରେ ଅନ୍ୟତମ ଓପନର ହେନୋରି ନିକୋଲ୍ସ ଓ ୱିଲିୟମସନ ୮୯ ବଲ୍‌ରୁ ୬୮ ରନ ସଂଗ୍ରହ କରିଥିଲେ। ତେବେ ନିକୋଲ୍ସ ୫୧ ବଲ୍‌ରୁ ୨ ଚୌକା ସହ ୨୮ ରନ କରିଥିବା ବେଳେ ଲାଇନ୍ ମିସ୍ କରି ସ୍ପିନର ଜାଡେଜାଙ୍କ ବଲ୍‌ରେ କ୍ଲିନ୍ ବୋଲ୍ଡ ହୋଇଥିଲେ। ଜାଡେଜାଙ୍କ ବଲ୍ ଅଫ୍ ଷ୍ଟମ୍ପ ବାହାରେ ପଡି ଭିତରେ ପଶିଥିଲା। ବ୍ୟାଟ୍ ଓ ପ୍ୟାଡ୍ ଭିତରେ ବଲ୍ ଯାଇ ମିଡଲ ଷ୍ଟମ୍ପରେ ବାଜିଥିଲା। ଏହାପରେ ତୃତୀୟ ଉଇକେଟଯୋଡିରେ ୱିଲିୟମସନ ଓ ଟେଲର ୧୦୨ଟି ବଲ୍ ଖେଳି ୬୫ ରନ ସଂଗ୍ରହ କରିଥିଲେ। ୱିଲିୟମସନ ପ୍ୟାଭିଲିୟନ ଫେରିବା ପରେ ଜେମ୍ସ ନିଶାମଙ୍କ ପାଳି ପଡିଥିଲା। ୧୮ଟି ବଲ୍‌ର ସମ୍ମୁଖୀନ ହୋଇ ୧ ଚୌକା ସହ ୧୨ ରନ କରିଥିବାବେଳେ ବାମହାତୀ ନିଶାମ ପାଣ୍ଡ୍ୟାଙ୍କ ବଲ୍‌ରେ ଲେଗ୍ ସାଇଡ୍‌କୁ ଲମ୍ବା ଶଟ୍ ଖେଳିବାକୁ ଯାଇ ମିଡ୍ ଉଇକେଟରେ ଦୀନେଶ କାର୍ତ୍ତିକଙ୍କୁ କ୍ୟାଚ୍ ଦେଇଥିଲେ। ଏହାପରେ କଲିନ୍ ଡି ଗ୍ରାଣ୍ଡହୋମ୍ ୧୦ ବଲ୍‌ରୁ ୨ ଚୌକା ସହ ୧୬ ରନ କରିଥିବା ବେଳେ ଭୁବନେଶ୍ୱରଙ୍କ ଏକ ବାଉନ୍ସରକୁ ଅପରକଟ୍ କରିବାକୁ ପ୍ରୟାସ କରିଥିଲେ। କିନ୍ତୁ ବଲ୍ ବ୍ୟାଟ୍‌ର ଏଜ୍ ନେଇ ଉଇକେଟକିପର ମହେନ୍ଦ୍ର ସିଂ ଧୋନୀଙ୍କ ହାତରେ ଧରାପଡିଥିଲା। ମିଡଲ ଓଭରରେ ଜାଡେଜା ଓ ପାଣ୍ଡ୍ୟା ନ୍ୟୁଜିଲାଣ୍ଡ ବ୍ୟାଟ୍ସମ୍ୟାନଙ୍କୁ ବାନ୍ଧି ରଖିବାରେ ସକ୍ଷମ ହୋଇଥିଲେ। ବୋଲିଂରେ ଭାରତ ତରଫରୁ ବୁମ୍‌ରା, ଭୁବନେଶ୍ୱର, ଚହଲ, ପାଣ୍ଡ୍ୟା ଓ ଜାଡେଜା ଗୋଟିଏ ଲେଖାଏ ଉଇକେଟ ଅକ୍ତିଆର କରିଥିଲେ। ଏହି ମ୍ୟାଚ୍‌ରେ ଆଶ୍ଚର୍ଯ୍ୟଜନକ ଭାବେ ଚଳିତ ବିଶ୍ୱକପ୍‌ରେ ହ୍ୟାଟ୍ରିକ ଅର୍ଜନ କରିଥିବା ମହମ୍ମଦ ସାମିଙ୍କୁ ଖେଳଯାଇ ନ ଥିଲା। ସେହିପରି କୁଲଦୀପ ଯାଦବଙ୍କ ବଦଳରେ ଯୁଜବେନ୍ଦ୍ର ଚହଲଙ୍କୁ ଅନ୍ତିମ ଏକାଦଶରେ ସାମିଲ କରାଯାଇଥିଲା।


ଉଇକେଟ୍ ହାସଲ ପରେ ଯଶପ୍ରୀତ ବୁମ୍‌ରାଙ୍କୁ ବିରାଟ କୋହଲି ବଧେଇ ଜଣାଉଛନ୍ତି।





ନ୍ୟୁଜିଲାଣ୍ଡ ପକ୍ଷରୁ ଅର୍ଦ୍ଧଶତକ ହାସଲ କରିଥିବା ରସ୍ ଟେଲର୍।

### ସ୍କୋର ବୋର୍ଡ

**ନ୍ୟୁଜିଲାଣ୍ଡ ଇନିଂସ**

ଗୁପ୍ଟିଲ-କ-କୋହଲି-ବୋ-ବୁମ୍‌ରା-୧
ନିକୋଲାସ-ବୋ-ଜାଡେଜା-୨୮
ୱିଲିୟମସନ-କ-ଜାଡେଜା-ବୋ-ଚହଲ-୬୭
ଟେଲର- ନଟଆଉଟ-୬୭
ନିଶମ-ବୋ-କାର୍ତ୍ତିକ-ବୋ-ପାଣ୍ଡ୍ୟା-୧୨
ଗ୍ରାଣ୍ଡହୋମ୍-କ-ଧୋନୀ-ବୋ-ଭୁବନେଶ୍ୱର-୧୬
ଲାଥାମ-ନଟଆଉଟ-୩
ଅତିରିକ୍ତ-୧୭
ମୋଟ(୫ ଉଇକେଟ, ୪୬.୧ ଓଭର) ୨୧୧
ଉଇକେଟ ପତନ: ୧/୧, ୨/୬୯, ୩/୧୩୪, ୪/୧୬୨, ୫/୨୦୦।

**ବୋଲିଂ(ଭାରତ)**

ଭୁବନେଶ୍ୱର ୮.୧-୧-୩୦-୧
ବୁମ୍‌ରା ୮-୧-୨୫-୧
ପାଣ୍ଡ୍ୟା ୧୦-୦-୫୫-୧
ଜାଡେଜା ୧୦-୦-୩୪-୧
ଚହଲ ୧୦-୦-୬୩-୧।

# କୋଚ୍ ରୋଡସ୍‌ଙ୍କ ସହ ସମ୍ପର୍କ ଛିନ୍ନ କଲା ବାଂଲାଦେଶ

**ଲଣ୍ଡନ, ୯।୭ (ପି.ଟି.)**



ଚଳିତ ଆଇସିସି ବିଶ୍ୱକପ୍‌ରେ ନୈରାଶ୍ୟଜନକ ପ୍ରଦର୍ଶନ ପରେ ବାଂଲାଦେଶ କ୍ରିକେଟ୍ ବୋର୍ଡ (ବିସିବି) କାର୍ଯ୍ୟକାଳ ପୂର୍ବରୁ ଏହାର ମୁଖ୍ୟ କୋଚ୍ ଷ୍ଟିଭ୍ ରୋଡସ୍‌ଙ୍କ ସହ ସମ୍ପର୍କ ଛିନ୍ନ କରିବାକୁ ନିଷ୍ପତ୍ତି ନେଇଛି। 'ପାକିସ୍ତାନ ବିପକ୍ଷ (ବିଶ୍ୱକପ୍‌ରେ ବାଂଲାଦେଶର ଅନ୍ତିମ) ମ୍ୟାଚ୍ ପରେ ବୋର୍ଡ ପକ୍ଷରୁ ଏକ ରିଭ୍ୟୁ ଲଣ୍ଡନରେ କରାଯାଇଥିଲା। ଯେଉଁଠାରେ ବିସିବି ଓ ଷ୍ଟିଭ୍ ରୋଡସ୍‌ଙ୍କ ମଧ୍ୟରେ ହୋଇଥିବା ଚୁକ୍ତି ଆଉ ବଢ଼ିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିଲା। ପରସ୍ପର ବୁଝାମଣାଭିତ୍ତିରେ ଏହି ନିଷ୍ପତ୍ତି ନିଆଯାଇଛି। ଆଗାମୀ ଶ୍ରୀଲଙ୍କା ସିରିଜ ଲାଗି ନୂଆ କୋଚ୍‌ଙ୍କ ସମ୍ପର୍କରେ କୌଣସି ନିଷ୍ପତ୍ତି ନିଆଯାଇ ନାହିଁ ବୋଲି ବିସିବିର ସିଇଓ ନିଜାମୁଦ୍ଦିନ ଚୌଧାରୀ କହିଛନ୍ତି। ଗତ ବର୍ଷ ଜୁନ୍‌ରେ ୨ ବର୍ଷ ଲାଗି ରୋଡସ୍ ବାଂଲାଦେଶ ଦଳ ସହ ଚୁକ୍ତି କରିଥିଲେ। ସେହିଭଳି ଦ୍ରୁତ ବୋଲିଂ ଓ ସ୍ପିନ ବୋଲିଂ କୋଚ୍ ଯଥାକ୍ରମେ କର୍ଟନୀ ୱାଲ୍ସ ଓ ସୁନୀଲ ଜୋଶୀଙ୍କ ସହ ମଧ୍ୟ ଚୁକ୍ତି ବଢ଼ାଯିବ ନାହିଁ ବୋଲି ଜଣାପଡ଼ିଛି। ଏଠାରେ ଉଲ୍ଲେଖଯୋଗ୍ୟ, ବିଶ୍ୱକପ୍‌ରେ ବାଂଲାଦେଶ ୯ ମ୍ୟାଚ୍‌ରୁ ୩ ବିଜୟ, ୫ ପରାଜୟ ଓ ଗୋଟିଏ ବିନା ଫଳାଫଳ ସହ ମାତ୍ର ୭ ପଏଣ୍ଟ ପାଇ ୧୦ ଦଳୀୟ ଟେବୁଲ ତାଲିକାର ୮ମ ସ୍ଥାନରେ ରହିଥିଲା। କିନ୍ତୁ ଦକ୍ଷିଣ ଆଫ୍ରିକା ଓ ୱେଷ୍ଟଇଣ୍ଡିଜ ବିପକ୍ଷ ବିଜୟ ଦଳ ଲାଗି ସ୍ମରଣୀୟ ହୋଇରହିବ। ବାଂଲାଦେଶ ଖରାପ ପ୍ରଦର୍ଶନ କରିଥିଲେ ମଧ୍ୟ ଷ୍ଟାର୍ ଅଲ୍‌ରାଉଣ୍ଡର ଶାକିବ ଅଲ୍ ହାସନ ୮୬.୫୭ ଆଭରେଜରେ ୬୦୬ ରନ ସଂଗ୍ରହ କରିବା ସହ ୧୧ ଉଇକେଟ୍ ଦଖଲ କରି ବିଶ୍ୱକପ୍‌ରେ ନିଜର ସ୍ୱତନ୍ତ୍ର ଛାପ ଛାଡ଼ିବାରେ ସଫଳ ରହିଥିଲେ।

# ଇଂଲଣ୍ଡର ରେକର୍ଡ ଭଲ ରହିଛି

**ବର୍ମିଂହାମ,୯।୭(ପି.ଟି.)**

ଚଳିତ ବିଶ୍ୱକପ୍‌ର ଦ୍ୱିତୀୟ ସେମିଫାଇନାଲ ମ୍ୟାଚ୍‌ରେ ଦୁଇ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ଇଂଲଣ୍ଡ ଓ ଅଷ୍ଟ୍ରେଲିଆ ଏଜ୍‌ବାଷ୍ଟନ ଗ୍ରାଉଣ୍ଡରେ ପରସ୍ପରକୁ ଭେଟିବେ। ଗତ ୪ ବର୍ଷରେ ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡର ପ୍ରଦର୍ଶନ ଅପେକ୍ଷାକୃତ ଭଲ ରହିଛି। ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆଠାରୁ ଇଂଲଣ୍ଡ ପରାସ୍ତ ହୋଇଥିଲା। ଫଳରେ ସେମିରେ ଏହି ପରାଜୟର ପ୍ରତିଶୋଧ ନେବୁ ବୋଲି ଇଂଲଣ୍ଡ ତାରକା ବ୍ୟାଟ୍ସମ୍ୟାନ ଜୋ ରୁଟ୍ କହିଛନ୍ତି। ଲର୍ଡ୍ସରେ ଗତମାସରେ ଖେଳାଯାଇଥିବା ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ଆୟୋଜକ ଇଂଲଣ୍ଡ ବୃହତ୍ ୬୪ ରନରେ ପରାସ୍ତ ହୋଇଥିଲା। ଫଳରେ ଇଂଲଣ୍ଡର ସେମିଫାଇନାଲ ଆଶା ବିପଦରେ ପଡିଥିଲା। ତେବେ ଏହାପରେ ଭାରତ ଓ ନ୍ୟୁଜିଲାଣ୍ଡକୁ କ୍ରମାଗତ ଦୁଇଟି ମ୍ୟାଚ୍‌ରେ ପରାସ୍ତ କରି ଇଂଲଣ୍ଡ ସେମିଫାଇନାଲରେ ପ୍ରବେଶ କରିଥିଲା। ବିଶ୍ୱର ୧ ନମ୍ବର ଦିନିକିଆ ଦଳ ଇଂଲଣ୍ଡ ୧୯୯୨ ପରେ ପ୍ରଥମଥର ପାଇଁ ସେମି ଟିକେଟ ହାସଲ କରିଥିଲା। ଅଭ୍ୟାସ ମ୍ୟାଚ୍ ସହ ଇଂଲଣ୍ଡ ଗତ ଦୁଇଟି ମ୍ୟାଚ୍‌ରେ ଅଷ୍ଟ୍ରେଲିଆଠାରୁ ହାରିଥିଲା। ତେବେ ଏହାପୂର୍ବରୁ ଘରୋଇ ମାଟିରେ ଇଂଲଣ୍ଡ ୫-୦ରେ ଅଷ୍ଟ୍ରେଲିଆକୁ ହରାଇ ସିରିଜ ମୂଳପୋଛ କରିଥିଲା। ଗତ ୧୧ଟି ମ୍ୟାଚ୍‌ରୁ ଇଂଲଣ୍ଡ ୯ଟିରେ ବିଜୟୀ ହୋଇଛି। ଅଷ୍ଟ୍ରେଲିଆ ବିପକ୍ଷରେ ଇଂଲଣ୍ଡ କ୍ରିକେଟରମାନେ ବେଶ୍ ସକାରାତ୍ମକ ଖେଳ ପ୍ରଦର୍ଶନ କରିଛନ୍ତି। ଇଂଲଣ୍ଡର ଆତ୍ମବିଶ୍ୱାସ ବେଶ୍ ଉଚ୍ଚରେ ରହିଛି। ବିଗତ ଦିନରେ ଆମେ ଅଷ୍ଟ୍ରେଲିଆକୁ ହରାଇଛୁ ଓ ଏହାକୁ ଗୁରୁବାର ଦୋହରାଇବୁ ବୋଲି ରୁଟ୍ କହିଛନ୍ତି। ଆଘାତ ସମସ୍ୟାରୁ ପ୍ରତ୍ୟାବର୍ତ୍ତନ କରିଥିବା ଓପନ ଜାସନ ରୟ ଚମତ୍କାର ପ୍ରଦର୍ଶନ କରୁଛନ୍ତି ଓ ସେ ଦଳ ପାଇଁ ଟ୍ରମ୍ପ କାର୍ଡ ସାବ୍ୟସ୍ତ ହେବେ ବୋଲି ରୁଟ୍ ଆଶାପ୍ରକାଶ କରିଛନ୍ତି। ଗତ ଦୁଇଟି ମ୍ୟାଚ୍‌ରେ ମଧ୍ୟ ଆମେ ଚାପର ସମ୍ମୁଖୀନ ହୋଇଥିଲୁ ଓ ନକ୍‌ଆଉଟ ପରିସ୍ଥିତିର ସମ୍ମୁଖୀନ ହୋଇଥିଲୁ। କେଉଁ ଦଳ ଫେଭରାଇଟ ତାହା ଗୁରୁତ୍ୱପୂର୍ଣ୍ଣ ନୁହଁ। ଗୋଟିଏ ନିର୍ଦ୍ଦିଷ୍ଟ ଦିନରେ କେଉଁ ଦଳ ଭଲ ଖେଳୁଛି ତାହା ସବୁକିଛି। ଗତ ଦୁଇଟି ମ୍ୟାଚ୍‌ରେ ଆମେ ଏହା ପ୍ରମାଣ କରିଛୁ।

ଦୁଇ ଅଷ୍ଟ୍ରେଲୀୟ ବାମହାତୀ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଓ ଜାସନ ବେହରନଡୋର୍ଫ ଦମ୍ଦାର ପ୍ରଦର୍ଶନ କରି ଇଂଲଣ୍ଡର ପରାଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ। ଏହି ପରାଜୟରୁ ଆମେ ବହୁତ କିଛି ଶିକ୍ଷା କରିଛୁ ବୋଲି ରୁଟ୍ କହିଛନ୍ତି। ନୂଆ ବଲ୍‌ରେ ଏହି ଦୁଇ ବୋଲର ଉଚ୍ଚକୋଟୀର ବୋଲିଂ କରିଥିଲେ। ଭଲ ଆରମ୍ଭ କଲେ ଆମେ ଅଷ୍ଟ୍ରେଲିଆ ଉପରେ ଚାପ ପ୍ରୟୋଗ କରିପାରିବୁ।


ଆସାନସୋଲଠାରେ ଜଣେ କାରିଗର ଭାରତୀୟ ଦଳର ଅଧିନାୟକ ବିରାଟ କୋହଲିଙ୍କ ମହମ ପ୍ରତିମୂର୍ତ୍ତିଙ୍କୁ ଶେଷ ସ୍ପର୍ଶ ଦେଉଛନ୍ତି।


ଆଇସିସି ବିଶ୍ୱକପରେ ଭାରତୀୟ ଦଳକୁ ଶୁଭେଚ୍ଛା ଜଣାଇ ମଙ୍ଗଳବାର ସାଇ ଇଣ୍ଟରନ୍ୟାଶନାଲ ସ୍କୁଲ ପିଲାମାନଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମ।

ଧରିତ୍ରୀ
DHARITRI
ବୁଧବାର, ୧୦ ଜୁଲାଇ, ୨୦୧୯



ଚଳିତ ଆଇସିସି ବିଶ୍ୱକପ୍‌ର ଲିଗ୍ ପର୍ଯ୍ୟାୟରେ ଅଷ୍ଟ୍ରେଲିଆଠାରୁ ପରାଜୟର ପ୍ରତିଶୋଧ ଆମେ ଗୁରୁବାର ସେମିଫାଇନାଲରେ ନେଇପାରିବୁ।
–ଜୋ ରୁଟ୍, ଇଂଲଣ୍ଡ ଷ୍ଟାର ବ୍ୟାଟ୍ସମ୍ୟାନ



ୱିମ୍ବଲଡନ ପ୍ରି–କ୍ୱାର୍ଟରଫାଇନାଲର ସିମୋନା ହାଲେପ ବିପକ୍ଷ ମ୍ୟାଚରେ ମୁଁ ଅସୁସ୍ଥ ଥିଲେ ମଧ୍ୟ ଭଲ ପ୍ରଦର୍ଶନ କରିବାକୁ ଚେଷ୍ଟା କରିଥିଲି।
–କୋକୋ ଗଫ୍, ଆମେରିକା ଟେନିସ ଖେଳାଳି



## ସଂକ୍ଷେପରେ

### ଦ୍ରାବିଡଙ୍କୁ ନିଯୁକ୍ତି ମିଳିଲା

**ନୂଆଦିଲ୍ଲୀ, ୯।୭ (ପି.ଟି.):** ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପୂର୍ବତନ ଅଧିନାୟକ ରାହୁଲ ଦ୍ରାବିଡଙ୍କୁ ସୋମବାର ଜାତୀୟ କ୍ରିକେଟ ଏକାଡେମୀ (ଏନସିଏ)ର କ୍ରିକେଟ ମୁଖ୍ୟ ଭାବେ ନିଯୁକ୍ତି ଦେଇଛି। ଦ୍ରାବିଡ ପ୍ରକୃତରେ ଜୁଲାଇ ୧ରୁ ଏନସିଏ ମୁଖ୍ୟ ଭାବେ ଦାୟିତ୍ୱ ନେଇଥାନ୍ତେ। କିନ୍ତୁ ଇଣ୍ଡିଆନ ସିମେଣ୍ଟରେ ଚାକିରି ତାଙ୍କ ପାଇଁ ସମସ୍ୟା ସୃଷ୍ଟି କରିଥିଲା। ଇଣ୍ଡିଆ ସମେଣ୍ଟର ଉପ-ସଭାପତି ପଦବୀରେ ରହିଥିବା ପର୍ଯ୍ୟନ୍ତ ଦ୍ରାବିଡ ତାଙ୍କ ନୂଆ ଦାୟିତ୍ୱ ଗ୍ରହଣ କରିପାରିବେ ନାହିଁ କାରଣ ଏହାଦ୍ୱାରା ସ୍ୱାର୍ଥନିହିତ ଦ୍ୱନ୍ଦ୍ୱ ପରିସ୍ଥିତି ଉପୁଜୁଛି ବୋଲି ପ୍ରଶାସକ କମିଟି (ସିଓଏ) କହିଥିଲା। ଏହି ପରିସ୍ଥିତିକୁ ଏଡାଇବ ଲାଗି ଇଣ୍ଡିଆନ ସିମେଣ୍ଟ ଦ୍ରାବିଡଙ୍କୁ ଛୁଟି ପ୍ରଦାନ କରିଛି।

### ଭାରତୀୟ ଦଳରେ ଅମିତ, ଶିବ ଆଉଟ୍

**ନୂଆଦିଲ୍ଲୀ, ୯।୭(ପି.ଟି.):** ରୁଷିଆର ଏକାଟେରିନବର୍ଗରେ ସେପ୍ଟେମ୍ବରରେ ୭ରୁ ୨୧ ତାରିଖ ମଧ୍ୟରେ ଆୟୋଜନ ହେବାକୁଥିବା ବିଶ୍ୱ ବକ୍ସିଂ ଚାମ୍ପିୟନଶିପ୍‌ରେ ଅମିତ ପଙ୍ଘାଲ ଭାରତୀୟ ଦଳ ତରଫରୁ ପ୍ରତିନିଧିତ୍ୱ କରିବେ। ଏସିଆନ ଚାମ୍ପିୟନଶିପ୍ ସ୍ୱର୍ଣ୍ଣ ପଦକ ହାସଲ କରି ଅମିତ ଏହି ସୁଯୋଗ ହାସଲ କରିଛନ୍ତି। ସେହିପରି ଶିବ ଥାପ୍ପାଙ୍କୁ ପଛରେ ପକାଇ ରାଜ୍ୟଗୋଷ୍ଠୀ କ୍ରୀଡ଼ା ରୌପ୍ୟ ପଦକ ବିଜେତା ମନୀଷ କୌଶିକ ୮ ଜଣିଆ ଶକ୍ତିଶାଳୀ ଭାରତୀୟ ଦଳରେ ସ୍ଥାନ ପାଇଛନ୍ତି। ନୂଆକରି ସୃଷ୍ଟି କରାଯାଇଥିବା ୬୩ କାଟେଗୋରି ସ୍ଥାନ ପାଇଁ ମନୀଷ ମନୋନୀତ ହୋଇଛନ୍ତି। ଏହି କ୍ରମରେ ସେ ୪ଥର ଏସିଆନ ପଦକ ବିଜେତା ଶିବଙ୍କୁ ପଛରେ ପକାଇଥିଲେ। ସେହିପରି ଏସିଆନ ଚାମ୍ପିୟନଶିପ୍‌ରେ ୫୨ କେ.ଜି. ବର୍ଗରେ ସ୍ୱର୍ଣ୍ଣ ପଦକ ହାସଲ କରିଥିବାରୁ ଅମିତଙ୍କୁ ସୁଯୋଗ ମିଳିଛି। ସେହିପରି ଗତ ସପ୍ତାହରେ ପଟିଆଲା ଏନ୍‌ଆଇଏସ୍‌ରେ ହୋଇଥିବା ଚୟନ ପ୍ରକ୍ରିୟାରେ ଭଲ ପ୍ରଦର୍ଶନକରି ୫୭ କେ.ଜି ବର୍ଗରେ କବିନ୍ଦର ସିଂ ବିଷ୍ଟ, ୬୯ କେ.ଜି. ବର୍ଗରେ ଦୁର୍ଯ୍ୟୋଧନ ସିଂ ନେଗୀ, ୭୫ କେ.ଜି. ବର୍ଗରେ ଆଶିଷ କୁମାର, ୮୧ କେ.ଜି. ବର୍ଗରେ ବ୍ରିଜେଶ ଯାଦବ, ୯୧ କେ.ଜି. ବର୍ଗରେ ସଞ୍ଜୀତ ଓ +୯୧ କେ.ଜି. ବର୍ଗରେ ସତୀଶ କୁମାର ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ପ୍ରତ୍ୟେକ ବର୍ଗର ଶ୍ରେଷ୍ଠ ଦୁଇ ବକ୍ସର ଚୟନପ୍ରକ୍ରିୟାରେ ସାମିଲ ହୋଇଥିଲେ ବୋଲି ବକ୍ସିଂ ଫେଡେରେଶନ ଅଫ୍ ଇଣ୍ଡିଆ (ବିଏଫ୍‌ଆଇ) ତରଫରୁ କୁହାଯାଇଛି। ଏହି ପ୍ରତିଯୋଗିତାରେ ଭାରତ ପ୍ରଦର୍ଶନରେ ଉନ୍ନତି ଆଣିବାକୁ ପ୍ରୟାସ କରିବ। ଗତ ସଂସ୍କରଣରେ ଭାରତ କେବଳ ଗୋଟିଏ ମାତ୍ର ବ୍ରୋଞ୍ଜ ପଦକ ଜିତିଥିଲା।

## ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନରେ ଓଡ଼ିଆଙ୍କ ଚମକ

# ଭକ୍ତରାମଙ୍କୁ ଡବଲ୍, ଝିଲ୍ଲୀଙ୍କୁ ୧ ସ୍ୱର୍ଣ୍ଣ



ଭକ୍ତରାମ ଦେସ୍ତି



ଝିଲ୍ଲୀ ଦଳବେହେରା

**ଭୁବନେଶ୍ୱର, ୯।୭ (ସ୍ପୋର୍ଟ୍ସ ବ୍ୟୁରୋ)**

ଅଷ୍ଟ୍ରେଲିଆର ଆପିଆଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍ (ୟୁଥ୍, ଜୁନିୟର ଓ ସିନିୟର)ର ପ୍ରଥମ ଦିବସରେ ଓଡ଼ିଆ ପ୍ରତିଯୋଗୀଙ୍କ ଚମକ ଦେଖିବାକୁ ମିଳିଛି। ଭାରତୀୟ ଦଳ ପକ୍ଷରୁ ପ୍ରତିନିଧିତ୍ୱ କରୁଥିବା ଓଡ଼ିଶାର ୩ ଖେଳାଳି ୩ ସ୍ୱର୍ଣ୍ଣ ଓ ଗୋଟିଏ ରୌପ୍ୟ ସହ ମୋଟ୍ ୪ ପଦକ ପ୍ରଥମ ଦିନରେ ଜିତିଛନ୍ତି। ୩ ସ୍ୱର୍ଣ୍ଣ ପଦକ ମଧ୍ୟରୁ ଭକ୍ତରାମ ଦେସ୍ତି ୨ ଓ ଝିଲ୍ଲୀ ଦଳବେହେରା ଗୋଟିଏ ପାଇଥିଲେ। ସେହିଭଳି ସ୍ନେହା ସୋରେନଙ୍କୁ ରୌପ୍ୟ ପଦକରେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ମୋଟ୍ ଉପରେ ଭାରତୀୟ ଦଳ କିନ୍ତୁ ମଙ୍ଗଳବାର ୮ ସ୍ୱର୍ଣ୍ଣ, ୩ ରୌପ୍ୟ ଓ ୨ ବ୍ରୋଞ୍ଜ ସହ ମୋଟ୍ ୧୩ ପଦକ ହାସଲ କରିଛି।

ଓଡ଼ିଶାର ଝିଲ୍ଲୀ ଦଳ ବେହେରା ସିନିୟର ମହିଳା ୪୫ କିଗ୍ରା ବର୍ଗରେ ୧୬୪ କିଗ୍ରା ଭାର ଉଠାଇ ପ୍ରଥମ ସ୍ଥାନ ଲାଭ କରିଥିଲେ। ସେ ସ୍ନାଚରେ ୭୦ ଓ କ୍ଲିନ ଆଣ୍ଡ୍ ଜର୍କରେ ୯୪ କିଗ୍ରା ଉଠାଇଥିଲେ। ସେହିଭଳି ଜୁନିୟର ଓ ୟୁଥ୍ ପୁରୁଷ ବିଭାଗର ୪୯ କିଗ୍ରା ବିଭାଗରେ ଭକ୍ତରାମ ମୋଟ୍ ୧୮୫ (ସ୍ନାଚରେ ୭୭+କ୍ଲିନ୍ ଆଣ୍ଡ୍ ଜର୍କରେ ୧୦୮) କିଗ୍ରା ଭାର ଉଠାଇ ୨ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ। ଜୁନିୟର ମହିଳା ବିଭାଗର ୫୫ କିଗ୍ରା ବର୍ଗରେ ସ୍ନେହା ମୋଟ୍ ୧୬୯ (୭୩+୯୬) କିଗ୍ରା ସହ ପୋଡିୟମର ୨ୟ ସ୍ଥାନରେ ରହି ରୌପ୍ୟ ପଦକ ଜିତିଛନ୍ତି।

ପ୍ରକାଶଥାଉ କି, ଏହି ପ୍ରତିଯୋଗିତାରୁ ୨୦୨୦ ଟୋକିଓ ଅଲିମ୍ପିକ୍ସ ନିମନ୍ତେ ଯୋଗ୍ୟତା ଅର୍ଜନ ପାଇଁ ଖେଳାଳି ଚୟନ ହେବ। କିନ୍ତୁ ଝିଲ୍ଲୀ ଅଂଶଗ୍ରହଣ କରୁଥିବା ସିନିୟର ମହିଳା ୪୫ କିଗ୍ରା ଓଜନ ବର୍ଗଟି ଅଲିମ୍ପିକ୍ସରେ ନ ଥିବାରୁ ତାଙ୍କୁ ନିରାଶ ହେବାକୁ ପଡ଼ିଛି। ଓଡ଼ିଆ ଭାରୋତ୍ତୋଳନକାରୀଙ୍କ ଏହି ସଫଳତା ଲାଗି ଚାରିଆଡୁ ସେମାନଙ୍କ ନିକଟକୁ ଶୁଭେଚ୍ଛାର ସୁଅ ଛୁଟିବାରେ ଲାଗିଛି। ରାଜ୍ୟ ସଂଘର ଉପସଭାପତି ଲକ୍ଷ୍ମୀ ନାରାୟଣ ରାଉତ, ଡ. ହରିପ୍ରସାଦ ପଟ୍ଟନାୟକ, ମନୋରଞ୍ଜନ ଦାସ, କୁମୁଦ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ରମେଶ ଚନ୍ଦ୍ର ପାଢ଼ୀ, ରବି ପ୍ରତିହାରୀ, ଜାନକୀ ବଲ୍ଲଭ ମିଶ୍ର, କୋଷାଧ୍ୟକ୍ଷ ଯଜ୍ଞ ନାରାୟଣ ନନ୍ଦ, ସଦସ୍ୟ ଗାଗାରିନ ନାୟକ, ଦୁର୍ଗାମାଧବ ନାୟକ, ଚନ୍ଦ୍ରଶେଖର ସାହୁ, କାର୍ଯ୍ୟକାରୀ ସଭାପତି ନୀଳମଣି ସାହୁ, ସମ୍ପାଦକ ନାରାୟଣ ସାହୁ ଓ ସଭାପତି ଇଂ. ଚିତ୍ତରଞ୍ଜନ ସ୍ୱାଇଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ସେମାନଙ୍କ ଉତ୍ତରୋତ୍ତର ଉନ୍ନତି କାମନା କରିଛନ୍ତି।

### ସଂକ୍ଷେପରେ ଭକ୍ତରାମ

ମାଓବାଦୀ ଉପଦ୍ରୁତ ଲାଲଗଡରୁ ଯାଇ ଅଷ୍ଟ୍ରେଲିଆର ଆପିଆଠାରେ ଚାଲିଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଡବଲ୍ ସ୍ୱର୍ଣ୍ଣ ପଦକ ଜିତି ଦେଶ ତଥା ରାଜ୍ୟ ପାଇଁ ଗୌରବ ଆଣଇଛନ୍ତି ଭକ୍ତରାମ ଦେସ୍ତି। ମାଲକାନଗିରି ଜିଲା ଚିତ୍ରକୋଣ୍ଡା ପଞ୍ଚାୟତ ସମିତି ଅନ୍ତର୍ଗତ ଦୋରାଗୁଡ଼ା ପଞ୍ଚାୟତ ଆରଏସସି-୪ରେ ରହନ୍ତି ଭମକ୍ତରାମଙ୍କ ପରିବାର। ମାଆ ତୁଳା ଦେସ୍ତି, ବାପା ସଦନ ଦେସ୍ତିଙ୍କ ଏକମାତ୍ର ପୁଅ ଭକ୍ତରାମଙ୍କ ବିଦ୍ୟାଳୟରେ ଅଧ୍ୟୟନ ସମୟରୁ ତାଙ୍କର ଖେଳ ପ୍ରତି ରହିଥିଲା ଦୁର୍ବଳତା। ସେ ମାଲକାନଗିରିରୁ ଚୟନ ହୋଇ ଜିଲା ପ୍ରଶାସନ ସହାୟତାରେ ବ୍ରହ୍ମପୁର ସ୍ପୋର୍ଟ୍ସ ହଷ୍ଟେଲରେ ଅଧ୍ୟୟନ କରିବା ସହ ଭାରୋତ୍ତୋଳନରେ ତାଲିମ ନେଇ ରାଜ୍ୟସ୍ତରରେ ଅନେକ ସଫଳତା ପାଇଥିଲେ। ନିକଟରେ ତାଙ୍କୁ ଅଷ୍ଟ୍ରେଲିଆରେ ହେବାକୁ ଥିବା ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ଅଂଶଗ୍ରହଣ ପାଇଁ ସୁଯୋଗ ମିଳିଥିଲା। ଯେଉଁଥିରେ ସେ ସ୍ୱର୍ଣ୍ଣ ପଦକ ବିଜୟୀ ହୋଇ ଗୌରବ ଆଣିଛନ୍ତି।

### ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା

ରାଜ୍ୟଗୋଷ୍ଠୀ ଭାରୋତ୍ତଳନ ଚାମ୍ପିୟନସିପ୍‌ର ପୁରୁଷ ୪୯ କିଗ୍ରା ବର୍ଗରେ ଦୁଇଟି ସ୍ୱର୍ଣ୍ଣ ଜିତିଥିବା ଓଡ଼ିଆ ଭାରୋତ୍ତୋଳକ ଭକ୍ତରାମ ଦେସ୍ତିଙ୍କୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭେଚ୍ଛା ଜଣାଇବା ସହ ତାଙ୍କର ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି।

## ମୀରାବାଈଙ୍କୁ ସ୍ୱର୍ଣ୍ଣ



**ଆପିଆ (ସାମୋଆ), ୯।୭ (ପି.ଟି.)**

ପ୍ରାକ୍ତନ ବିଶ୍ୱ ବିଜୟିନୀ ତଥା ଭାରତର ତାରକା ଭାରୋତ୍ତୋଳିକା ମୀରାବାଈ ଚାନୁ ଠାରେ ମଙ୍ଗଳବାରଠାରୁ ଆରମ୍ଭ ହୋଇଥିବା ସମ୍ମାନଜନକ ରାଜ୍ୟଗୋଷ୍ଠୀ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସିନିୟର ମହିଳା ୪୯ କିଗ୍ରା ବର୍ଗରେ ମୀରାବାଈ ମୋଟ୍ ୧୯୧ କିଗ୍ରା (ସ୍ନାଚରେ ୮୪ + କ୍ଲିନ୍ ଆଣ୍ଡ୍ ଜର୍କରେ ୧୦୭)ଭାର ଉଠାଇ ପ୍ରଥମ ସ୍ଥାନ ହାସଲ କରିଥିଲେ। ଏହି ସିକ୍କିମ ତାରକା ବିଜୟ ସହ ଯେଉଁ ପଏଣ୍ଟ ହାସଲ କରିଛନ୍ତି ୨୦୨୦ ଟୋକିଓ ଅଲିମ୍ପିକ୍ସକୁ ଯୋଗ୍ୟତା ଅର୍ଜନ କରିବାରେ ତାଙ୍କୁ ସହଜ କରିବ। ଏଥିପୂର୍ବରୁ ମୀରାବାଈ ଶେଷଥର ପାଇଁ ଏପ୍ରିଲରେ ଚାଇନାର ନିଙ୍ଗବୋରେ ଅନୁଷ୍ଠିତ ଏସିଆନ ଚାମ୍ପିୟନଶିପ୍‌ରେ ୧୯୯ (୮୬+୧୧୩) କିଗ୍ରା ଭାର ଉଠାଇ ଅଳ୍ପକେ ପଦକ ଅର୍ଜନରୁ ବଞ୍ଚିତ ହୋଇଥିଲେ। ଗତ ୧୮ ମାସ ମଧ୍ୟରେ ହୋଇଥିବା ୬ ଇଭେଣ୍ଟର ଶ୍ରେଷ୍ଠ ୪ ଫଳାଫଳକୁ ଆଧାର କରି ୨୦୨୦ ଅଲିମ୍ପିକ ଲାଗି ଯୋଗ୍ୟତା ଅର୍ଜନକୁ ବିଚାରକୁ ନିଆଯିବ। ସିନିୟର ୫୫ କିଗ୍ରା ବର୍ଗରେ ସୋରିଖାଇବାମ୍ ବିନ୍ଦ୍ୟାରାଣୀ ଦେବୀ ଓ ମତ୍ସା ସନ୍ତୋଷୀ ଯଥାକ୍ରମେ ସ୍ୱର୍ଣ୍ଣ ଓ ରୌପ୍ୟ ପଦକ ହାସଲ କରିଥିଲେ। ସିନିୟର ପୁରୁଷ ବର୍ଗର ୫୫ କିଗ୍ରା ଇଭେଣ୍ଟରେ ରିଶିକାନ୍ତ ସିଂ ୨୩୫ କିଗ୍ରା ସହ ସ୍ୱର୍ଣ୍ଣ ପଦକ ଜିତିଛନ୍ତି।

## ଭାରତୀୟ ଦଳରେ ଓଡ଼ିଶାର ନିତ୍ୟା

**ଭୁବନେଶ୍ୱର, ୯।୭(କ୍ରୀଡ଼ା ପ୍ରତିନିଧି)**

ସେପ୍ଟେମ୍ବର ୨୨ରୁ ୩୦ ପର୍ଯ୍ୟନ୍ତ ଇଂଲଣ୍ଡର ବର୍ମିଂହାମଠାରେ ରାଜ୍ୟଗୋଷ୍ଠୀ ଜୁଡ଼ୋ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିପାଇଁ ଘୋଷିତ ଭାରତୀୟ ଦଳରେ ଓଡ଼ିଶାର ନିତ୍ୟା ମାଝି ମନୋନୀତ ହୋଇଛନ୍ତି। କିସ ଛାତ୍ର ନିତ୍ୟା ୪୬କେଜି ବର୍ଗର ପ୍ରି–କ୍ୟାଡେଟ ବାଳକ ବିଭାଗରେ ଅଂଶଗ୍ରହର କରିବେ। ଜୁଲାଇ ୭ ତାରିଖରେ ନୂଆଦିଲ୍ଲୀ କୋଟଲାସ୍ଥିତ ନ୍ୟାଶନାଲ ବାଲ୍ ଭବନଠାରେ ଭାରତୀୟ ଜୁଡୋ ଫେଡେରେଶନ ପକ୍ଷରୁ ଅନୁଷ୍ଠିତ ପ୍ରଶିକ୍ଷଣ ଓ ଚୟନ ଶିବିରରେ ହରିୟାଣା, ମହାରାଷ୍ଟ୍ର ଓ ଦିଲ୍ଲୀର ଜୁଡ଼ୋକାମାନଙ୍କୁ ହରାଇ ନିତ୍ୟା ଭାରତୀୟ ଦଳ ପାଇଁ ମନୋନୀତ ହୋଇଛନ୍ତି। ନିତ୍ୟା ଏବେ କିସ୍‌ର ୧୦ମ ଶ୍ରେଣୀରେ ଅଧ୍ୟୟନରତ। ଏହା ପୂର୍ବରୁ ସେ ରାଜ୍ୟସ୍ତରୀୟ ଜୁଡ଼ୋ ପ୍ରତିଯୋଗିତାରେ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ହାସଲ କରିଥିବା ବେଳେ ଜାତୀୟସ୍ତରର ଜୁଡ଼ୋ ପ୍ରତିଯୋଗିତାରେ ମଧ୍ୟ ଅଂଶଗ୍ରହଣ କରିଛନ୍ତି। ୨୦୧୩ ମସିହାରୁ ସେ କିସ୍‌ର ଜୁଡ଼ୋ କୋଚ୍ କନ୍ଦନ ମୁର୍ମୁଙ୍କଠାରୁ ନିୟମିତ ପ୍ରଶିକ୍ଷଣ ନେଇ ଆସୁଛନ୍ତି। ଚଳିତବର୍ଷ ଇଂଲଣ୍ଡ ରାଜ୍ୟଗୋଷ୍ଠୀ ଜୁଡ଼ୋ ଚାମ୍ପିୟନଶିପ ଆୟୋଜନ କରୁଛି। ଏଥିରେ ପ୍ରି–କ୍ୟାଡେଟ, କ୍ୟାଡେଟ, ସିନିୟର, ଜୁନିୟର, ଭେଟେରାନ ଓ ଦିବ୍ୟାଙ୍ଗ ଜୁଡ଼ୋକା ଭାଗନେବେ। କନ୍ଧମାଳ ଜିଲା ତୁମୁଡ଼ିବନ୍ଧ ବ୍ଲକ ଅନ୍ତର୍ଗତ ମୁରୁଡ଼ିମାହା ଗ୍ରାମର ଏକ ଗରିବ ଜନଜାତି ପରିବାରରୁ ଆସିଥିବା ନିତ୍ୟାଙ୍କ ବାପା ଆବ୍ରାହମ ମାଝି କୃଷି ଶ୍ରମିକ ଭାବେ ଗୁଜୁରାଣ ମେଣ୍ଟାଇଥାନ୍ତି। ଆଗାମୀ ପ୍ରତିଯୋଗିତାରେ ସଫଳତା କାମନା କରି ନିତ୍ୟାଙ୍କୁ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ତଥା ଏମ୍‌ପି ଅଚ୍ୟୁତ ସାମନ୍ତ ଶୁଭେଚ୍ଛା ଜଣାଇଛନ୍ତି।



### ଶରନ-ଡିମୋଲିନର ହାରିଲେ

**ଲଣ୍ଡନ, ୯।୭ (ପି.ଟି.):** ଭାରତର ଡିଭିଜ ଶରନ ଏବଂ ତାଙ୍କ ବ୍ରାଜିଲିଆନ ପାର୍ଟନର ମାର୍ସିଲୋ ଡିମୋଲିନର ୱିମ୍ବଲଡନ ଓପନ ଟେନିସ ପୁରୁଷ ଡବଲ୍ସ ପ୍ରି–କ୍ୱାର୍ଟରରୁ ବିଦାୟ ନେଇଛନ୍ତି। ସୋମବାର ସେମାନେ ଟପ୍ ସିଡ୍ ଲୁକାଜ କୁବଟ ଓ ମାର୍ସିଲୋ ମେଲୋଙ୍କଠାରୁ ୫–୭, ୭–୬ (୮), ୬–୭(୮), ୩–୬ ସେଟ୍‌ରେ ହାରିଯାଇଛନ୍ତି। ଏହି ମ୍ୟାଚ ୩ ଘଣ୍ଟା ୧୮ ମିନିଟ ଧରି ଚାଲିଥିଲା। ୱିମ୍ବଲଡନ ଚାମ୍ପିୟନଶିପ୍‌ରେ ଶରନ ଭାରତର ଶେଷ ଆଶା ଥିଲେ।

## ସେମିରେ ସେରେନା, ହାଲେପ୍

**ଲଣ୍ଡନ, ୯।୭**



ସେରେନା ୱିଲିୟମ୍ସ

ସେରେନା ୱିଲିୟମ୍ସ ଓ ସିମୋନା ହାଲେପ୍ ୱିମ୍ବଲଡନ ଓପନ ଗ୍ରାଣ୍ଡସ୍ଲାମ ଟେନିସ୍‌ପ୍ରତିଯୋଗିତାର ସେମିଫାଇନାଲରେ ପ୍ରବେଶ କରିଛନ୍ତି। ମଙ୍ଗଳବାର ଅନୁଷ୍ଠିତ ଏକ ମହିଳା ସିଙ୍ଗଲ୍ସ କ୍ୱାର୍ଟରଫାଇନାଲରେ ଏହି

**ୱିମ୍ବଲଡନ ଓପନ**

୨୩ଥର ଗ୍ରାଣ୍ଡସ୍ଲାମ ବିଜୟିନୀ ୬–୪, ୪–୬, ୬–୩ ସେଟ୍‌ରେ ନିଜ ଦେଶର ଆଲିସନ ରିସ୍କେଙ୍କୁ ହରାଇ ଦେଇଛନ୍ତି। ସେରେନା ତାଙ୍କର ୮ମ ୱିମ୍ବଲଡନ ଟାଇଟଲ ଅଭିଯାନରେ ରହିଛନ୍ତି। ଏଥର ଟୁର୍ନାମେଣ୍ଟରେ ସେ ତାଙ୍କ ପ୍ରଦର୍ଶନ ନେଇ ସନ୍ତୋଷ ପ୍ରକାଶ କରିଛନ୍ତି। ସେମିଫାଇନାଲରେ ସେ ବ୍ରିଟେନର ଜୋହନ କୋଣ୍ଟା କିମ୍ବା ଚେକ୍ ରିପବ୍ଲିକର ବାରବୋରା ଷ୍ଟ୍ରାଇକୋଭାଙ୍କୁ ଭେଟିବେ। ସେହିପରି ୭ମ ସିଡ୍ ସିମୋନା ହାଲେପ୍ ଚାଇନାର ଝାଙ୍ଗ୍ ଶୁଇଙ୍କ ବିପକ୍ଷରେ ୭–୬ (୭–୪), ୬–୧ ସେଟ୍‌ରେ ବିଜୟ ହାସଲ କରିଛନ୍ତି। ୨୦୧୪ ପରେ ସେ ପ୍ରଥମଥର ସେମିଫାଇନାଲକୁ ଉନ୍ନୀତ ହୋଇଛନ୍ତି।

### ସେରେନାଙ୍କୁ ଜରିମାନା

**ଲଣ୍ଡନ, ୯।୭:** ରାକେଟ୍‌ରେ ୱିମ୍ବଲଡନ କୋର୍ଟ ନଷ୍ଟ କରିଥିବା ଅଭିଯୋଗରେ ସେରେନା ୱିଲିୟମ୍ସଙ୍କୁ ୧୦,୦୦୦ ଡଲାର(୭,୯୮୮ ପାଉଣ୍ଡ) ଜରିମାନା କରାଯାଇଛି। ଅଲ୍ ଇଂଲଣ୍ଡ କ୍ଲବରେ ଚଳିତ ବର୍ଷର ଟୁର୍ନାମେଣ୍ଟ ଆରମ୍ଭ ହେବା ପୂର୍ବରୁ ପ୍ରାକ୍ଟିସ ସେସନ ବେଳେ ଏହିଘଟଣା ଘଟିଛି। ୭ଥର ୱିମ୍ବଲଡନ ଚାମ୍ପିୟନ ଏହି ୩୭ ବର୍ଷୀୟ ଖେଳାଳିଙ୍କର ୨୦୧୯ରେ ଏହା ହେଉଛି ୬ଷ୍ଠ ଟୁର୍ନାମେଣ୍ଟ। ଚଳିତ ୱିମ୍ବଲଡନ ଟୁର୍ନାମେଣ୍ଟରେ ସେ ସୋମବାର କାର୍ଲା ସୁଆରେଜ ନାଭାରୋଙ୍କୁ ପରାସ୍ତ କରି କ୍ୱାର୍ଟରଫାଇନାଲରେ ପ୍ରବେଶ କରିଛନ୍ତି। ଅନ୍ୟ ଜଣେ ଖେଳାଳି ଇଟାଲୀର ଫାବିଓ ଫଗ୍ନିନିଙ୍କୁ ମଧ୍ୟ ୩,୦୦୦ ଡଲାର(୨,୩୯୬ ପାଉଣ୍ଡ) ଜରିମାନା ହୋଇଛି। ୱିମ୍ବଲଡନରେ ବୋମା ପଡ଼ିବା ଉଚିତ ବୋଲି ସେ କହିଥିଲେ। ଶନିବାର ଟେନିସ ସ୍ୟାଣ୍ଡଗ୍ରେନ୍ ବିପକ୍ଷ ତୃତୀୟ ରାଉଣ୍ଡ ମ୍ୟାଚ୍‌ରେ ପରାଜିତ ହେବା ପରେ ସେ ପ୍ରତିକ୍ରିୟାରେ ଏକଥା କହିପକାଇଥିଲେ।

# ୧୫ରେ ପହଞ୍ଚିବ ଦଳ, ୧୬ରେ ଅଭ୍ୟାସ

## ଜର୍ସି, ପାକିସ୍ତାନ ଯୋଗଦେବା ନେଇ ସନ୍ଦେହ

**ରାଜ୍ୟଗୋଷ୍ଠୀ ଟିଟି**

**କଟକ ଅଫିସ,୯।୭**

ରାଜ୍ୟଗୋଷ୍ଠୀ ଟେବୁଲ ଟେନିସର ୨୧ତମ ସଂସ୍କରଣ କ୍ରମେ ପାଖେଇ ଆସିଛି। ଆସନ୍ତା ୧୭ରୁ ୨୨ ତାରିଖ ପର୍ଯ୍ୟନ୍ତ କଟକର ଜବାହାରଲାଲ ନେହେରୁ ଇନଡୋର ଷ୍ଟାଡିୟମରେ ଉକ୍ତ ଅନ୍ତର୍ଜାତୀୟ ଚାମ୍ପିୟନଶିପ ଅନୁଷ୍ଠିତ ହେବ। ଏଥିପାଇଁ ପ୍ରସ୍ତୁତି କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି ବୋଲି ରାଜ୍ୟ କ୍ରୀଡ଼ା ବିଭାଗର କମିଶନର ତଥା ସଚିବ ବିଶାଲ କୁମାର ଦେବ ମଙ୍ଗଳବାର ସନ୍ଧ୍ୟାରେ ଅନୁଧ୍ୟାନ ଶେଷ କରିବା ପରେ କହିଛନ୍ତି । ୧୫ ଓ ୧୬ ତାରିଖରେ ୧୭ଟି ଦଳ ଓଡ଼ିଶାରେ ପହଞ୍ଚିବା କାର୍ଯ୍ୟକ୍ରମ ରହିଛି। ୧୬ ତାରିଖରେ ବାରବାଟୀ ଷ୍ଟାଡିୟମ ପରିସରରେ ଥିବା ସଚିନ ତେନ୍ଦୁଲକର ଇନଡୋର ହଲକୁ ଅଭ୍ୟାସ କରିବା ନିମନ୍ତେ ପ୍ରସ୍ତୁତ କରାଯାଇଛି। ୧୭ ତାରିଖରେ ଆରମ୍ଭ ହେବ ଏହି ମେଗା ପ୍ରତିଯୋଗିତା। ତେବେ ୧୭ଟି ଦେଶ ମଧ୍ୟରୁ ୧୫ଟି ଦେଶ ସବୁଜ ସଙ୍କେତ ଦେଇ ସାରିଥିବା ବେଳେ ପାକିସ୍ତାନ ଓ ଜର୍ସି ଏବେବି ସ୍ପଷ୍ଟ କରିନାହାନ୍ତି। ଏହି ଦୁଇ ଦେଶ ଜାତୀୟ ସଙ୍ଗୀତ ଓ ଖେଳାଳି ତାଲିକା ପଠାଇ ସାରିଲାଣି। ହେଲେ ଏଯାଏ ଉକ୍ତ ଦୁଇ ଦେଶର ଖେଳାଳିଙ୍କୁ ଭିଜା ମିଳି ପାରିନାହିଁ ବୋଲି ରାଜ୍ୟ ସଂଘ ସମ୍ପାଦକ ରବୀନ୍ଦ୍ର କୁମାର ପରିଡ଼ା ସୂଚନା ଦେଇଛନ୍ତି। ଏହି ଅବସରରେ କ୍ରୀଡ଼ା ନିର୍ଦ୍ଦେଶକ ଭିନିଲକ୍ରିଷ୍ଣା ଓ ସିଏମ୍‌ସି କମିଶନର ଅନନ୍ୟା ଦାସ ପ୍ରମୁଖ ଉପସ୍ଥିତ ଥିଲେ।



ପ୍ରସ୍ତୁତି କାର୍ଯ୍ୟ ଅନୁଧ୍ୟାନ କରୁଛନ୍ତି କ୍ରୀଡ଼ା ସଚିବ ବିଶାଳ କୁମାର ଦେବ ଓ ଅନ୍ୟ କର୍ମକର୍ତ୍ତା।

### ଦିଲ୍ଲୀ, ବମ୍ବେରେ ଲାଗିବ ହୋର୍ଡିଂ

ଟେବୁଲ ଟେନିସ କ୍ରୀଡ଼ାର ପ୍ରଚାର, ପ୍ରସାର ଉଦ୍ଦେଶ୍ୟରେ ବେଶ ଗୁରୁତ୍ୱ ଦିଆଯାଇଛି ବୋଲି ବିଶାଳ କହିଛନ୍ତି। ଗତ ହକି ବିଶ୍ୱକପ ଭଳି ବ୍ୟବସ୍ଥା ନ ହୋଇଥିଲେ ମଧ୍ୟ କଲିକତା, ବମ୍ବେ, ଦିଲ୍ଲୀ ଭଳି ମେଟ୍ରୋ ସିଟି ଗୁଡ଼ିକରେ ହୋର୍ଡିଂ ଲଗାଯିବ। ଏବେ ଭୁବନେଶ୍ୱର ବିମାନବନ୍ଦରରେ ହୋର୍ଡିଂ ଲଗା ସରିଲାଣି। କଟକ ମହାନଗର ନିଗମ(ସିଏମ୍‌ସି) ପକ୍ଷରୁ କଟକର ବିଭିନ୍ନ ସ୍ଥାନରେ ହୋର୍ଡିଂ ବହୁମାତ୍ରାରେ ଲଗାଯିବାକୁ ଯୋଜନା ହୋଇଛି ବୋଲି ସେ କହିଛନ୍ତି। ଏହାଛଡ଼ା ପାକିସ୍ତାନ ଖେଳାଳି ଆସିବା ସ୍ପଷ୍ଟ ହେଲେ ସୁରକ୍ଷା ବ୍ୟବସ୍ଥା ଆହୁରି କଡ଼ାକଡ଼ି କରାଯିବ ବୋଲି ସଚିବ ଏହି ଅବସରରେ କହିଛନ୍ତି।

### ଖେଳାଳିଙ୍କୁ ଭେଟି ପାରିବେ ଛାତ୍ରୀଛାତ୍ର

ଏହି ଟୁର୍ନାମେଣ୍ଟକୁ ଅଧିକ ପ୍ରସାର କରିବାକୁ ଯୋଜନା କରିଛି ଜିଲା ପ୍ରଶାସନ। ଜିଲାପାଳ ଭବାନୀ ଶଙ୍କର ଚଇନୀ ଷ୍ଟାଡିୟମ ଅନୁଧ୍ୟାନ ସମୟରେ କହିଥିଲେ ଯେ, ସ୍କୁଲ, କଲେଜ ସ୍ତରରେ ଉକ୍ତ ଟୁର୍ନାମେଣ୍ଟକୁ ଅଧିକ ପ୍ରଚାର କରାଯିବ। ଏପରିକି ଏହାକୁ ନେଇ କୁଇଜ ପ୍ରତିଯୋଗିତା ମଧ୍ୟ ହେବ। ଅନ୍ତର୍ଜାତୀୟ ଖେଳାଳିଙ୍କ ସହ ଭେଟିବାକୁ କିଛି ଛାତ୍ରୀଛାତ୍ରଙ୍କୁ ସୁଯୋଗ ମିଳିବ ବୋଲି ଜିଲାପାଳ ଚଇନୀ କହିଛନ୍ତି।

### ଟିକେଟ ବ୍ୟବସ୍ଥା

ଟୁର୍ନମେଣ୍ଟ ଦେଖିବା ନିମନ୍ତେ ଟିକେଟ ବ୍ୟବସ୍ଥା ହେବ। ଏ ନେଇ ବିଧିବଦ୍ଧ ଭାବେ ଘୋଷଣା ହୋଇ ନଥିଲେ ସୁଦ୍ଧା ଖୁବଶୀଘ୍ର ଭୁବନେଶ୍ୱରରେ ଖବରଦାତା ସମ୍ମିଳନୀ ଡକାଯାଇ ଏ ସମ୍ପର୍କରେ କୁହାଯିବ ବୋଲି ଜଣାପଡ଼ିଛି। ଟିକେଟର ମୂଲ୍ୟ ୫୦, ୧୦୦, ୨୦୦ ଓ ୪୦୦ଟଙ୍କା ରହିବ।

### ଏକାଡେମୀ ଗଠନ ଲକ୍ଷ୍ୟ

ଉକ୍ତ ଟୁର୍ନାମେଣ୍ଟ ଆୟୋଜନ କରିବା ପଛରେ ରାଜ୍ୟ ଟେବୁଲ ଟେନିସ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ପାଇଁ ଏକବୃହତ୍ତ ସ୍ୱାର୍ଥ ରହିଛି ବୋଲି ରାଜ୍ୟ ସଂଘ ସମ୍ପାଦକ ପରିଡ଼ା କହିଛନ୍ତି। ଟୁର୍ନାମେଣ୍ଟ ସଫଳଭାବେ ଆୟୋଜନ କରାଯାଇ ଏଠାରେ ଏକାଡେମୀ ଗଠନ କରିବାକୁ ରାଜ୍ୟ ସରକାରଙ୍କୁ ନିବେଦନ କରାଯିବ ବୋଲି ପରିଡ଼ା କହିଥିଲେ। ଟୁର୍ନାମେଣ୍ଟ ଆୟୋଜନ ସମ୍ପର୍କରେ କହିଛନ୍ତି ଯେ, ଖେଳାଳିମାନଙ୍କ ରହଣୀ ନିମନ୍ତେ ଭୁବନେଶ୍ୱରର ସ୍ୱସ୍ତି ପ୍ରିମିୟମ ଓ ସ୍ୟାଣ୍ଡିସ ଟାୱାରରେ ବ୍ୟବସ୍ଥା ହୋଇଛି। ମ୍ୟାଚ୍ ଅଫିସିଆଲ ମାନଙ୍କ ନିମନ୍ତେ ଗୋପାଳପୁରସ୍ଥିତ ପାଲ ହାଇଟ୍ସ ମନ୍ତ୍ରାରେ ହୋଇଛି ରହଣୀ ବ୍ୟବସ୍ଥା। ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯିବା ପାଇଁ ସମସ୍ତ ପଦକ୍ଷେପ ନିଆଯାଉଛି ବୋଲି ସେ ସୂଚନା ଦେଇଛନ୍ତି।



ନୂଆ ରୂପରେ ଜବାହରଲାଲ ନେହେରୁ ଇନ୍‌ଡୋର୍ ଷ୍ଟାଡିୟମ୍।

ଅଂଶ ଗ୍ରହଣ କରିବାକୁ ଥିବା ଦଳ– ଭାରତ, ମାଲେସିଆ, ସିଙ୍ଗାପୁର, ବାଂଲାଦେଶ, ଶ୍ରୀଲଙ୍କା, ଇଂଲଣ୍ଡ, ସ୍କଟଲ୍ୟାଣ୍ଡ, ୱେଲସ୍, ଜର୍ସି, ଅଷ୍ଟ୍ରେଲିଆ, ସିପ୍ରସ, ଦକ୍ଷିଣ ଆଫ୍ରିକା, ନାଇଜେରିଆ, ଉଗାଣ୍ଡା, ଘାନା, ଗୁଏନା ଓ ପାକିସ୍ତାନ।

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୨୦ Press Regd. No. R.N. 21326/74 Postal Regd. No. BN/42/18-20. ବାଲେଶ୍ୱର, ବୁଧବାର, ଜୁଲାଇ ୧୦/୨୦୧୯ Balasore, Wednesday, July 10/2019

## ସଂକ୍ଷେପରେ

### ଗୃହଦାହ ସନ୍ଦେହରେ ମହିଳାଙ୍କୁ ଆକ୍ରମଣ

ତିହିଡି, ୯।୭ (ଡି.ଏନ.ଏ.): ଭଦ୍ରକ ଜିଲା ତିହିଡ଼ି ଥାନା ଅନ୍ତର୍ଗତ ମନ୍ଦାରମାଳ ଗ୍ରାମର ପଦୁ ସାମଲ ଓ ଜଗବନ୍ଧୁ ସାମଲଙ୍କ ଘର ସୋମବାର ରାତିରେ ଅଗ୍ନିକାଣ୍ଡ ଘଟି ଜଳିଯାଇଛି। ଗ୍ରାମର ମାନସୀ ସାମଲ ନାମ୍ନୀ ଜଣେ ମହିଳା ଏହି ଗୃହଦାହରେ ସମ୍ପୃକ୍ତ ଥିବା ସନ୍ଦେହ କରି ମଙ୍ଗଳବାର ସକାଳେ ତାଙ୍କୁ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। ପଦୁ ସାମଲଙ୍କ ଅଭିଯୋଗ କ୍ରମେ ତିହିଡ଼ି ଥାନାରେ ଏକ ମାମଲା (ନଂ.୨୯୯/୧୯) ଏବଂ ମାନସୀଙ୍କ ଅଭିଯୋଗ କ୍ରମେ ଅନ୍ୟ ଏକ ମାମଲା(ନଂ.୩୦୦/୧୯) ରୁଜୁ ହୋଇଛି। ଉଲ୍ଲେଖନୀୟ ଯେ, କିଛିଦିନ ପୂର୍ବେ ମାନସୀଙ୍କର ଏକ ଦୋକାନ ଘର ପୋଡ଼ିଯାଇଥିଲା। ସେତେବେଳେ ମାନସୀ ଥାନାରେ ପଦୁ ଓ ଜଗବନ୍ଧୁଙ୍କ ବିରୋଧରେ ଗୃହଦାହ ଅଭିଯୋଗ କରିଥିଲେ।

### ଚୋରା କାଠ ବୋଝେଇ ଗାଡ଼ି ଜବତ

ପଦ୍ମପୁର, ୯।୭ (ଡି.ଏନ.ଏ.): ଭଦ୍ରକ ଜିଲା ବାସୁଦେବପୁର ବ୍ଲକ ଅଞ୍ଚଳରେ ଚୋରାକାଠ ବ୍ୟବସାୟ ଦିନକୁ ଦିନ ବୃଦ୍ଧି ପାଉଛି। ପ୍ରଶାସନ ପକ୍ଷରୁ ଚଢ଼ାଉ କରାଯାଉ ନ ଥିବାରୁ ବେଧଡ଼କରେ ଏହି ବ୍ୟବସାୟ ଚାଲିଛି। ବନ ବିଭାଗ ପକ୍ଷରୁ ଛୋଟମୋଟ କାଠ ଗାଡ଼ିକୁ ଅଟକାଇ ହାତ ବାନ୍ଧି ବସୁଥିବା ସାଧାରଣରେ ଅଭିଯୋଗ ହେଉଛି। ମଙ୍ଗଳବାର ପୂର୍ବାହ୍ନରେ ଏହି ବ୍ଲକ ଅଧୀନ ପଦ୍ମପୁର-ବିରସ ରାସ୍ତାରେ ମେଲକସାହି ଛକ ନିକଟରୁ ଏକ ଚୋରାକୋଠ ବୋଝେଇ ଟାଟାମ୍ୟାଜିକ ବାସୁଦେବପୁର ବନ ବିଭାଗ ଜବତ କରିଛି। ଗାଡ଼ିରେ ଚାକୁଣ୍ଡା ପଟା ରହିଥିବା ବେଳେ ଗାଡ଼ି ଚାଳକ ଫେରାର ହୋଇଯାଇଛନ୍ତି। ଗାଡ଼ିଟି ଭଦ୍ରକରୁ ପଦ୍ମପୁର ଆସୁଥିବା ବେଳେ ଖବର ପାଇ ବନ ବିଭାଗ ଅଧିକାରୀମାନେ ଅଟକାଇଥିଲେ। ଗାଡ଼ି ଓ କାଠର ଆବଶ୍ୟକୀୟ କାଗଜପତ୍ର ଚାଳକ ଦେଖାଇ ନ ପାରିବାରୁ ଗାଡ଼ିକୁ ଅଟକ ରଖାଯାଇଛି ବୋଲି ବାସୁଦେବପୁର ରେଞ୍ଜର ପୂର୍ଣ୍ଣଚନ୍ଦ୍ର ପଣ୍ଡା କହିଛନ୍ତି। ଆବଶ୍ୟକୀୟ କାଗଜପତ୍ର ନ ମିଳିଲେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

# ଆତଙ୍କ ଖେଳାଉଛନ୍ତି ୧୩୦ ହାତୀ

ଯୋଡ଼ା/କେନ୍ଦୁଝର, ୯।୭ (ଡି.ଏନ.ଏ./ସ୍ୱ.ପ୍ର.)

କେନ୍ଦୁଝର ଜିଲାର ବିଭିନ୍ନ ବନାଞ୍ଚଳରେ ହାତୀ ଉପଦ୍ରବ ଜାରି ରହିଛି। ୧୩୦ରୁ ଊର୍ଦ୍ଧ୍ୱ ହାତୀ ଜଙ୍ଗଲ ତଳି ଇଲାକାକୁ ପଶି ଆତଙ୍କ ଖେଳାଉଛନ୍ତି। ମଙ୍ଗଳବାର ହାତୀ ଆକ୍ରମଣରେ ଜଣେ ମହିଳାଙ୍କ ଜୀବନ ଯାଇଛି। ବାରମ୍ବାର ଧନଜୀବନ ହାନୀ ଘଟୁଥିଲେ ମଧ୍ୟ ବନ ବିଭାଗ ହାତୀ ଘଉଡାଇପାରୁନାହିଁ। ସୋମବାର ରାତିରେ ଯୋଡ଼ା ବ୍ଲକ ଇଙ୍ଗାଣିଝରଣ ଗାଁରେ ଏକ ହାତୀପଲ ପଶି ତୁଳସୀ ନାଏକ, ପ୍ରଫୁଲ୍ଲ ନାଏକ, ହରିହର ମହାନ୍ତଙ୍କ ଘର ଭାଙ୍ଗି ୭୦ କେ.ଜି. ଚାଉଳ ଖାଇଦେଇଛନ୍ତି। ୨୨ଟି ହାତୀ ଗାଁକୁ ପଶି ଉପଦ୍ରବ କରିଥିବା ଗ୍ରାମବାସୀ କହିଛନ୍ତି। ଗାଁର ପ୍ରଫୁଲ୍ଲ ନାଏକ କହିଛନ୍ତି, ହାତୀପଲ ଗାଁ ଲୋକଙ୍କ ନିଦ ହଜାଇଛନ୍ତି। ସେମାନେ ଘରଦ୍ୱାର ଭାଙ୍ଗି ଦେଉଥିବାରୁ ସନ୍ଧ୍ୟା ହେଲେ ଗାଁ ଗଣ୍ଡାରେ ଆତଙ୍କ ଖେଳିଯାଉଛି। ତୁଳସୀ ନାଏକ ନାମ୍ନୀ ଜଣେ ବୃଦ୍ଧା କହିଛନ୍ତି, ତାଙ୍କ ପୁଅଙ୍କ ମୃତ୍ୟୁ ପରେ ବୋହୂ ସାଙ୍ଗରେ ରହୁଛନ୍ତି। ସୋମବାର ହାତୀ ଆସି ତାଙ୍କ ଘରକୁ ଭାଙ୍ଗି ଦେଇଥିବାରୁ ସେ ବେସାହାରା ହୋଇପଡିଛନ୍ତି। ଦଡୁଆଁ ଓ ଇଙ୍ଗାଣିଝରଣ ଗାଁର ଲୋକେ ଅନୁରୂପ ଅଭିଯୋଗ କରି କହିଛନ୍ତି, ହାତୀପଲ ପ୍ରତିଦିନ ଏ ଅଞ୍ଚଳରେ


ହାତୀ ଭାଙ୍ଗିଥିବା ଘର।

ଉପଦ୍ରବ କରିଥିଲେ ମଧ୍ୟ ବନ ବିଭାଗ କିଛି ପଦକ୍ଷେପ ନେଉନାହିଁ। ହାତୀ ଘର ଭାଙ୍ଗିଲେ ସରକାରୀ ଜମିରେ ଘର ଥିବା କହି ବନବିଭାଗ କ୍ଷତିପୂରଣ ଦେଉନାହିଁ। ବର୍ଷ ବର୍ଷ ଧରି ସେମାନଙ୍କୁ ଘରଭଙ୍ଗା ଟଙ୍କା ମିଳୁନଥିବା ଦଡୁଆଁ ଗ୍ରାମର ଅଜିତ ମହାକୁଡ଼, ଭାଗବତ ବାରିକ, ଚୈତନ୍ୟ ବାରିକ, ଗଣ୍ଡ ପୂର୍ତ୍ତି, ମାଣିକ ପାତ୍ର, ବୈଦ୍ୟ ଲୋହାର, ହାର ଲୋହାର ପ୍ରମୁଖ କହିଛନ୍ତି। ଏ ନେଇ ସେମାନେ ଚମ୍ପୁଆ ରେଞ୍ଜ କାର୍ଯ୍ୟାଳୟକୁ ଯାଇ ଅଭିଯୋଗ କରିଥିଲେ ମଧ୍ୟ ସେମାନଙ୍କର ପଟ୍ଟା ଜମି ନ ଥିବା କହି ଓ କାନପୁର ଡ୍ୟାମ ବିସ୍ଥାପିତ କହି ସେମାନଙ୍କୁ କ୍ଷତିପୂରଣ

■ହାତୀପଲ ଖାଇଲେ ଚାଉଳ

■ସରକାରୀ ସହାୟତା ମିଳୁ ନ ଥିବା ଅଭିଯୋଗ

ଦିଆଯାଉ ନାହିଁ। ଏ ସମ୍ପର୍କରେ ଚମ୍ପୁଆ ରେଞ୍ଜ ଅଧିକାରୀ ଘାସିନାଥ ପାତ୍ରଙ୍କୁ ପଚାରିବାରୁ ସେ ତାଙ୍କ ପ୍ରତିକ୍ରିୟାରେ କହିଥିଲେ ଯେ,ସରକାରଙ୍କ ଆଇନକୁ ବନବିଭାଗ ପାଳନ କରୁଅଛି । ଆଇନ ଅନୁଯାୟୀ ଯେଉଁ କ୍ଷେତରେ ହାତୀ ଧାନ ଚାଷ ନଷ୍ଟ କରିଛନ୍ତି କିମ୍ବା ଯେଉଁ ଘରକୁ ହାତୀପଲ ଭାଙ୍ଗିଛନ୍ତି ସେହି ଜାଗାର ପଟ୍ଟା ରହିଥିବା ଆବଶ୍ୟକ । କାରଣ ପଟ୍ଟା ନ ଥିଲେ କ୍ଷତିପୂରଣ ମଞ୍ଜୁରୀ ଆବେଦନରେ ତହସିଲଦାର ମଧ୍ୟ ଦସ୍ତଖତ କରୁ ନାହାନ୍ତି। ଏଣୁ ସେମାନଙ୍କୁ କ୍ଷତିପୂରଣ ମିଳିପାରୁ ନାହିଁ । ତହସିଲଦାର ଚାହିଁଲେ ସେମାନଙ୍କୁ କ୍ଷତିପୂରଣ ମିଳିପାରିବ ବୋଲି ରେଞ୍ଜ ଅଧିକାରୀ ପାତ୍ର କହିଛନ୍ତି। ସେହିପରି ଧନ ଜୀବନ ରକ୍ଷା ପାଇଁ ସବୁ ପ୍ରକାରର ବ୍ୟବସ୍ଥା କରାଯାଉଥିବା ଡିଏଫଓ ସନ୍ତୋଷ ଯୋଶୀ ସୂଚନା ଦେଇଛନ୍ତି। କେନ୍ଦୁଝର ଡିଭିଜନର ବିଭିନ୍ନ ଜଙ୍ଗଲରେ ସମୁଦାୟ ୧୩୦ ହାତୀ ରହିଛନ୍ତି। ସର୍ବାଧିକ ଭୂୟାଁଜୁଆଙ୍ଗ ପୀଢ଼ ରେଞ୍ଜରେ ୬୩, ଚମ୍ପୁଆ ରେଞ୍ଜରେ ୩୩, ବଡବିଲ ରେଞ୍ଜର ୨୨ ହାତୀ ଥିବା ଯୋଶୀ ସୂଚନା ଦେଇଛନ୍ତି।

# ପରଲୋକରେ ସ୍ୱାଧୀନତା ସଂଗ୍ରାମୀ ଗୋକୁଳି ଚରଣ

ବଡ଼ସାହି,୯।୭(ସ୍ୱ.ପ୍ର)

ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଗୋକୁଳି ଚରଣ ଦାସଙ୍କ ସୋମବାର ସକାଳେ ପରଲୋକ ହୋଇଯାଇଛି। ତାଙ୍କୁ ୯୬ ବର୍ଷ ବୟସ ହୋଇଥିଲା। ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବାସଭବନକୁ ଆସି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମର ଶରୀରକୁ ବିରାଟ ଶୋଭାଯାତ୍ରାରେ ନିଆଯାଇ ଗାଁ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା।

ସଂଗ୍ରାମୀ ଗୋକୁଳି ଚରଣଙ୍କ ଘର ମୟୂରଭଞ୍ଜ ଜିଲା ବଡ଼ସାହି ବ୍ଲକ ଅଧୀନ ଛେଳିଆ (କ) ଗ୍ରାମରେ। ବାର୍ଦ୍ଧକ୍ୟଜନିତ ଅସୁସ୍ଥତା ରୋଗରେ ପୀଡିତ ଥିଲେ। ତାଙ୍କର ଜନ୍ମ ୧୯୨୩ ମସିହାରେ । ସ୍ୱାଧୀନତା ସଂଗ୍ରାମ ଆନ୍ଦୋଳନ ବେଳେ ମହାତ୍ମାଗାନ୍ଧୀ ଓ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସେ ଅନ୍ୟ ସଂଗ୍ରାମୀଙ୍କ ସହ ମିଶି ବ୍ରିଟିଶ ସରକାରଙ୍କ ବିରୋଧରେ ଆନ୍ଦୋଳନ କରିଥିଲେ। ପରିଣତ ବୟସରେ ଗୋକୁଳି ଚରଣ ସରକାରଙ୍କଠାରୁ ସଂଗ୍ରାମୀ ଭତ୍ତା ପାଉଥିଲେ। ୨୦୧୬ରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଦ୍ୱାରା ସେ ସମ୍ବର୍ଦ୍ଧିତ ହୋଇଥିଲେ। ସ୍ୱାଧୀନତା ପ୍ରାପ୍ତି ପରେ ବିଭିନ୍ନ ଅନୁଷ୍ଠାନ ସହିତ ଜଡିତ


ସଂଗ୍ରାମୀ ଗୋକୁଳି ଚରଣ ଦାସ।

■ଗାଁ ମଶାଣିରେ ଶେଷକୃତ୍ୟ ସମ୍ପନ୍ନ

■ବହୁ ବିଶିଷ୍ଟ ବ୍ୟକ୍ତି ଶେଷ ଦର୍ଶନ କରି ଶ୍ରଦ୍ଧାଞ୍ଜଳି ଜଣାଇଲେ

ରହି ଗୋକୁଳି ଚରଣ ସମାଜସେବା କାର୍ଯ୍ୟରେ ନିଜକୁ ନିୟୋଜିତ ରଖିଥିଲେ। ଜଣେ ପରୋପକାରୀ ବ୍ୟକ୍ତି ଭାବେ ସେ ଅଞ୍ଚଳରେ ଶ୍ରଦ୍ଧା ଓ ସମ୍ମାନର ପାତ୍ର ହୋଇଥିଲେ। ସରଳ ଜୀବନଯାପନ କରୁଥିଲେ। ତାଙ୍କ ବିୟୋଗରେ ବହୁ ବିଶିଷ୍ଟ ବ୍ୟକ୍ତି ଶୋକ ପ୍ରକାଶ କରିବା ସହ ପରିବାର ବର୍ଗଙ୍କୁ ସମବେଦନା ଜଣାଇଛନ୍ତି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ଧର୍ମପତ୍ନୀ, ପୁତ୍ର, ପୁତ୍ରବଧୂ, ନାତି, ନାତୁଣି ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ।

## ଗଛକଟା ବେଳେ ୱାଚମ୍ୟାନଙ୍କ ମୃତ୍ୟୁ
### କ୍ଷତିପୂରଣ ଦାବିରେ ଧାରଣା

ଜଳେଶ୍ୱର, ୯।୭(ଡି.ଏନ.ଏ.)–ଜଳେଶ୍ୱର ବ୍ଲକ ଆରୁହା ପଞ୍ଚାୟତର ଆରୁହା ଗ୍ରାମସ୍ଥିତ ହରପ୍ରସାଦ ଏକାଡ଼େମୀ ହାଇସ୍କୁଲରେ ମଙ୍ଗଳବାର ଗଛକଟା ଯାଉଥିବା ବେଳେ ଅସାବଧାନତା ବଶତଃ ୱାଚ୍‌ମ୍ୟାନ୍ କୁରେନ୍ଦ୍ର ପାତ୍ର(୪୮)ଙ୍କ ଉପରେ ପଡିଯିବାରୁ ତାଙ୍କର ମୃତ୍ୟୁ ଘଟିଛି। ଏହାର ପ୍ରତିବାଦ କରି ସ୍କୁଲ ପରିସରରେ ଶତାଧିକ ଗ୍ରାମବାସୀ ଏକଜୁଟ୍ ହୋଇ ମୃତ କୁରେନ୍ଦ୍ରଙ୍କ ପରିବାରର ଜଣଙ୍କୁ ଉକ୍ତ ସ୍କୁଲରେ ଚାକିରି ତଥା କ୍ଷତିପୂରଣ ଦାବି କରି ଧାରଣାରେ ବସିଥିଲେ। ପରିସ୍ଥିତି ଉତ୍ତେଜନାପୂର୍ଣ୍ଣ ହେବାରୁ ଖବରପାଇ ସ୍ଥାନୀୟ ବିଇଓ ବିଜୟ କୁମାର ନାଥ, ସିଆର୍‌ସିସି ପଙ୍କଜ କୁମାର ଜେନା, ଶିକ୍ଷକ ନେତା ମନୋରଞ୍ଜନ ଦାସ ପ୍ରମୁଖ ଧାରଣାସ୍ଥଳରେ ପହଞ୍ଚି ଦାବି ପୂରଣ ଲାଗି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ଏଥିସହିତ ମୃତକଙ୍କ ପରିବାରକୁ ବାଲେଶ୍ୱର ଜିଲା ଶିକ୍ଷାଧିକାରୀଙ୍କ ତରଫରୁ ୫ ହଜାର ଓ ଓଷ୍ଟା ସଂଘ ତରଫରୁ ୫ହଜାର ଟଙ୍କାର ସହାୟତା ରାଶି ପ୍ରଦାନ କରାଯାଇଛି। ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୧୭/୧୯) ରୁଜୁ କରି ୱାଚ୍‌ମ୍ୟାନ୍‌ଙ୍କ ମୃତଦେହ ବ୍ୟବଚ୍ଛେଦ କରାଇଛି। ଧାରଣାରେ ସରପଞ୍ଚ ହରିଶ ଭୂୟାଁ, ପୂର୍ବତନ ସରପଞ୍ଚ ମଧୁସୂଦନ ଦତ୍ତ, ଗ୍ରାମମୁଖ୍ୟ କାର୍ତ୍ତିକ ଚନ୍ଦ୍ର ଭୂୟାଁ, ଦେବ କୁମାର ନନ୍ଦୀ, ଗୌରୀଶଙ୍କର ଗିରି, ଜନ୍ମେଜୟ ପ୍ରଧାନ, ଲମ୍ବୁଧର ପାଳ, ମନୋଜ କୁମାର ଭୂୟାଁ ପ୍ରମୁଖ ଗ୍ରାମବାସୀ ବସିଥିଲେ।

■ ଗୋରୁ ବୋଝେଇ ଭ୍ୟାନ୍‌କୁ ଧରିଲେ ଗ୍ରାମବାସୀ
## କାର୍ଯ୍ୟାନୁଷ୍ଠାନ ଗ୍ରହଣ କଲାନି ପୋଲିସ, ଉତ୍ତେଜନା

ରୂପ୍‌ସା, ୯।୭(ଡି.ଏନ.ଏ.)

ବାଲେଶ୍ୱର ସଦର ବ୍ଲକ ବାହାବଳପୁର ସାମୁଦ୍ରିକ ଥାନା ଅଞ୍ଚଳରେ ଉତ୍ତେଜନା ଦେଖାଦେଇଛି। ମଙ୍ଗଳବାର ଏକ ଗୋରୁ ବୋଝେଇ ଭ୍ୟାନ୍‌କୁ ଗ୍ରାମବାସୀ ଅଟକ ରଖି ପୋଲିସକୁ ଅବଗତ କରାଇଥିଲେ ହେଁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ ନ କରିବାରୁ ପୋଲିସର କାର୍ଯ୍ୟଦକ୍ଷତା ପ୍ରତି ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଗୋରୁ ସହ ଭ୍ୟାନ୍‌କୁ ଥାନା ରାସ୍ତାରେ ଗ୍ରାମବାସୀ ଅଟକ


ଜବତ ଗୋରୁ ଗାଡ଼ି।

ରଖିଛନ୍ତି। ଏହି ଥାନା ଅଧିନ ବାହାବଳପୁର, ଦୁବୁଲାଗଡ଼ି ଆଦି ଅଞ୍ଚଳରୁ ନିୟମିତ ବାହାର ରାଜ୍ୟକୁ ଗୋଚାଲାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଥିଲେ। ହେଲେ ପୋଲିସ ଏଥିପ୍ରତି ଭ୍ରୂକ୍ଷେପ ନ କରିବାରୁ ଅବାଧରେ ଗୋ-ଚାଲାଣ ହୋଇଆସୁଥିଲା। ମଙ୍ଗଳବାର ଭ୍ୟାନ (ଓଡ଼ି୦୧ଡବ୍ଲ୍ୟୁ-୫୩୬୪) ଯୋଗେ ୩ ଗୋରୁ ଚାଲାଣ ହେଉଥିବା ଖବରପାଇ ସ୍ଥାନୀୟ ଯୁବକ ଗାଡିର ପିଛା କରିଥିଲେ। ବାହାବଳପୁର ଥାନା ରାସ୍ତାରେ ଡ୍ରାଇଭର ସହ ଭ୍ୟାନ୍‌କୁ ଅଟକାଇ ପୋଲିସକୁ ଖବର ଦେଇଥିଲେ। ପୋଲିସ କୌଣସି ପଦକ୍ଷେପ ଗ୍ରହଣ ନ କରିବାରୁ ଉତ୍ତେଜନା ଦେଖାଦେଇଥିଲା। ଗୋରୁ ବ୍ୟବସାୟୀଙ୍କ ସହ ପୋଲିସର ସଲାସୁତୁରା ଥିବା ସାଧାରଣରେ ସନ୍ଦେହ ପ୍ରକାଶ ପାଇଛି। ଏ ସମ୍ପର୍କରେ ଏସ୍‌ପି ବି. ଯୁଗଳ କିଶୋର କୁମାରଙ୍କୁ ପଚରାଯିବାରୁ ସେ କହିଲେ, ଘଟଣା ସମ୍ପର୍କରେ ତଦନ୍ତ କରାଯାଇ ନିଶ୍ଚିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ଅସ୍ଥିଶଲ୍ୟ ବିଭାଗରେ ତ୍ରୁଟିପୂର୍ଣ୍ଣ ଚିକିତ୍ସା

ବାଲେଶ୍ୱର ଅଫିସ, ୯।୭

ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟ ଅସ୍ଥିଶଲ୍ୟ ବିଭାଗରେ ଜଣେ ରୋଗୀଙ୍କୁ ତ୍ରୁଟିପୂର୍ଣ୍ଣ ଚିକିତ୍ସା କରାଯିବା ଘଟଣା ନେଇ ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କ ଭେଟି ଛାତ୍ରନେତା ଜ୍ଞାନେନ୍ଦ୍ର ମହାନ୍ତି ଅଭିଯୋଗ କରିଛନ୍ତି। ସେ କହିଛନ୍ତି ଯେ, ଗତ ମାସ ୧୪ ତାରିଖରେ ଚାନ୍ଦିପୁର ରାସ୍ତାରେ ସହଦେବଖୁଣ୍ଟା ରେଲୱେ କଲୋନୀର ସଦାନନ୍ଦ ଦାସ (୧୯) ନାମକ ଜଣେ ଛାତ୍ର ଦୁର୍ଘଟଣାଗ୍ରସ୍ତ ହୋଇଥିଲେ। ତାଙ୍କ ଡାହାଣ ଗୋଡ଼ର ୪ଟି ଆଙ୍ଗୁଳି ଭାଙ୍ଗିଯାଇଥିଲା। ଏକ୍ସ-ରେ କରିବା ପରେ ଅସ୍ଥିଶଲ୍ୟ ବିଭାଗର ଜଣେ ଡାକ୍ତର ଅସ୍ତ୍ରୋପଚାର କରିଥିଲେ। ଗତ ୨ ତାରିଖରେ ତାଙ୍କୁ ଘରକୁ ଯିବା ଲାଗି କୁହାଯାଇଥିଲା। ସଦାନନ୍ଦ ଗୋଡ଼ରେ ଯନ୍ତ୍ରଣା ଅନୁଭବ କରୁଥିବାରୁ ସେ ପୁନଶ୍ଚ


ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀଙ୍କୁ ଭେଟି ଚିକିତ୍ସା ଅବହେଳା ସମ୍ପର୍କରେ ଅଭିଯୋଗ କରୁଛନ୍ତି ଛାତ୍ରନେତା।

ଏକ୍ସ-ରେ କରିଥିଲେ। ୪ ଆଙ୍ଗୁଠି ମଧ୍ୟରୁ ଗୋଟିଏ ଆଙ୍ଗୁଠି ଠିକ୍ ଥିବାବେଳେ ଅନ୍ୟ ୩ଟି ଆଙ୍ଗୁଠି ପୂର୍ବାବସ୍ଥାରେ ରହିଥିବା ଜଣାପଡ଼ିଥିଲା। ରୋଗୀଙ୍କ ପିତା ଏଥିରେ ସନ୍ଦେହ କରି ଅନ୍ୟ ଡାକ୍ତରଙ୍କ ପରାମର୍ଶ ନେଇ ପରେ ଏକ ଘରୋଇ କ୍ଲିନିକ୍‌ରେ ଏହି ୩ଟି ଆଙ୍ଗୁଠିରେ ଅସ୍ତ୍ରୋପଚାର କରାଇଛନ୍ତି। ସଦାନନ୍ଦ ଜଣେ ମଧ୍ୟବିତ୍ତ ପରିବାରର ଛାତ୍ର ହୋଇଥିବାରୁ ଫକୀରମୋହନ ବିଦ୍ୟାଳୟର ଛାତ୍ରନେତା ଜ୍ଞାନେନ୍ଦ୍ର ତାଙ୍କୁ ଜଣେ ଏମ୍‌ପିଙ୍କ ପାଣ୍ଠିରୁ ୨୦ହଜାର ଟଙ୍କା ଏବଂ ଅନ୍ୟାନ୍ୟ ଖର୍ଚ୍ଚ ପାଇଁ ସହଯୋଗ କରିଥିଲେ। ଏପରି ଘଟଣା ଜାଣିବା ପରେ ସେ ମଙ୍ଗଳବାର ପୂର୍ବାହ୍ନରେ ଅତିରିକ୍ତ ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ପ୍ରଭାସ କୁମାର ବେହେରାଙ୍କୁ ସାକ୍ଷାତ୍ କରି ସଦାନନ୍ଦଙ୍କ ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମେଡ଼ିକାଲ ସୁପରିଣ୍ଟେଣ୍ଡେଣ୍ଟଙ୍କୁ ଲିଖିତ ଅଭିଯୋଗ କରିବାକୁ ପରାମର୍ଶ ଦେଇ ଏହାର ବିଧିବଦ୍ଧ ତଦନ୍ତ କରାଯିବ ବୋଲି ଅତିରିକ୍ତ ଜିଲା ମୁଖ୍ୟ ଚିକିତ୍ସାଧିକାରୀ କହିଥିବା ଜ୍ଞାନେନ୍ଦ୍ର ସୂଚନା ଦେଇଛନ୍ତି।







3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ– ତଥାଗତ ସତପଥୀ

## ସଂକ୍ଷେପରେ

### 'ଚାରାରୋପଣ କରି ଛାତ୍ରୀଛାତ୍ର ଉଦାହରଣ ସୃଷ୍ଟି କରନ୍ତୁ'

ଠାକୁରମୁଣ୍ଡା,୯।୭ (ଡି.ଏନ୍.ଏ.): ବନ ମହୋତ୍ସବ ସପ୍ତାହ ପାଳନର ଶେଷ ଦିନରେ ଠାକୁରମୁଣ୍ଡା ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବନ ବିଭାଗ ସହାୟତାରେ ଚାରାରୋପଣ କରାଯାଇଛି। ଏଥିନେଇ ଏକ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ଶରତ ତ୍ରିପାଠୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ଠାକୁରମୁଣ୍ଡା ବନାଞ୍ଚଳ ଅଧିକାରୀ ପ୍ରଭାତ କୁମାର କୁଅଁର ଯୋଗଦେଇ ଚାରାରୋପଣ କରିବାକୁ ପରାମର୍ଶ ଦେଇଥିଲେ। ଏହି ଅବସରରେ ପରିବାର ଲୋକମାନଙ୍କୁ ଛାତ୍ରୀମାନେ ଚାରାରୋପଣ କରାଇବାକୁ ଶପଥ ନେଇଥିଲେ। ପ୍ରତିବର୍ଷ ଚାରାରୋପଣ କରି ଆଗାମୀ ପିଢ଼ି ପାଇଁ ଉଦାହରଣ ସୃଷ୍ଟି କରିବାକୁ ମୁଖ୍ୟଅତିଥି ଛାତ୍ରୀମାନଙ୍କୁ କହିଥିଲେ। ଶିକ୍ଷକ ସର୍ବିକ ପଣ୍ଡା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଶିକ୍ଷୟିତ୍ରୀ ରଶ୍ମିରେଖା ମାଝି, ମାନରଞ୍ଜନ ମହାନ୍ତ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଓଏଫଏସଡିପି ସଂଯୋଜକ ସୁକାନ୍ତ ସାହୁ ବକ୍ତବ୍ୟ ରଖିଥିଲେ।

# ସହାୟତା ଅପେକ୍ଷାରେ ନିରଞ୍ଜନ

ଆନନ୍ଦପୁର, ୯।୭(ସ୍ୱ.ପ୍ର.)


ଅସହାୟ ନିରଞ୍ଜନ ।

ବୟସ ତାଙ୍କର ୪୫। ଦୀର୍ଘ ୨୭ ବର୍ଷ ହେବ ସେ ଚାଲି ପାରୁନାହାନ୍ତି। ଯାହାବି କରୁଛନ୍ତି ଘୁଷୁରି ଘୁଷୁରି କରୁଛନ୍ତି। ତାଙ୍କ ବୟସ ୧୮ ବର୍ଷ ହୋଇଥିବାବେଳେ ସେ ନିଜ ଭଉଣୀ ଘରକୁ ଯାଉଥିବା ସମୟରେ ମୟୂରଭଞ୍ଜ ଜିଲା ସାତକୋଶିଆ ଠାରେ ଏକ ବସ୍‌ରୁ ଖସିପଡିଥିଲେ। ଠିକ୍ ସେହି ସମୟରେ ବିପରୀତ ଦିଗରୁ ଆଉ ଗୋଟେ ଗାଡି ତାଙ୍କ ଅଣ୍ଟା ଉପରେ ଚଢିଯାଇଥିଲା। ସେବେଠାରୁ ସେ ଆଉ ଅଣ୍ଟା ସଳଖିପାରୁ ନାହାନ୍ତି ନିରଞ୍ଜନ। ଏହି ଦୁର୍ଘଟଣାରେ ମଧ୍ୟ ସେ ମାନସିକ ସ୍ଥିତି ବି ହରାଇଛନ୍ତି। ତାଙ୍କ ଘର ଆନନ୍ଦପୁର ବ୍ଲକ କଣ୍ଟିପାଳ ଗ୍ରାମରେ। ଦୀର୍ଘ ବର୍ଷ ହେଲା ଅସହାୟ ଅବସ୍ଥାରେ ଦିନ କାଟୁଥିଲେ ସୁଦ୍ଧା ତାଙ୍କୁ କୌଣସି ପ୍ରକାର ସରକାରୀ ସହାୟତା ମିଳିପାରିନି ବୋଲି ଦିତୀୟ ମା' ଅଞ୍ଜଳି କହିଛନ୍ତି। ତେବେ ସେ ବ୍ଲକ ପ୍ରଶାସନକୁ ବାରମ୍ବାର ଅବଗତ କରିଥିଲେ ସୁଦ୍ଧା କୌଣସି ପଦକ୍ଷେପ ନିଆଯାଇ ନାହିଁ। ନିରଞ୍ଜନଙ୍କୁ ୧୦ ବର୍ଷ ହୋଇଥିବାବେଳେ ତାଙ୍କ ମା'ଙ୍କ ଦେହାନ୍ତ ହୋଇଥିଲା। ପରେ ନିରଞ୍ଜନଙ୍କୁ ୧୮ ବର୍ଷ ହୋଇଥିବାବେଳେ ବାପା ବି ଆରପାରିକୁ ଚାଲିଯାଇଛନ୍ତି। ଅସହାୟ ଅବସ୍ଥାରେ ରହିଥିବା ଏହି ପରିବାରର ବୋଝ ଅଞ୍ଜଳିଙ୍କ ଉପରେ ରହିଛି। କାମଧନ୍ଦା କରି ଯାହା ପାଉଛନ୍ତି ସେଥିରେ ପରିବାର ଚଳୁଛି। ସରକାରୀ ଭତ୍ତା ଗଣ୍ଡିକ ଛଡା ଆଉ କିଛି ସହାୟତା ପାଇପାରି ନାହାନ୍ତି। କିଛିବର୍ଷ ତଳେ ଘର ପୋଡିଯିବାରୁ ଗ୍ରାମବାସୀଙ୍କ ସହାୟତାରେ ଘରେ ଟିଣ ଛପର ପକାଇ ମୁଣ୍ଡ ଗୁଞ୍ଜିଛନ୍ତି। ହେଲେ ସରକାରୀ ଆବାସ ଯୋଜନାରେ ତାଙ୍କୁ ସାମିଲ କରାଯାଇନାହିଁ। ଅନ୍ୟପକ୍ଷରେ ନିରଞ୍ଜନଙ୍କ ଚିକିତ୍ସା ପାଇଁ ଅର୍ଥ ବାଧକ ସାଜିଥିବାରୁ ତାଙ୍କୁ ଏଭଳି ଦୁର୍ଦ୍ଦିନ ମଧ୍ୟରେ ଦିନ ବିତାଇବାକୁ ପଡୁଛି। ଅଞ୍ଜଳିଙ୍କ ବୟସ ୬୫ରୁ ଉର୍ଦ୍ଧ୍ୱ ହେବାକୁ ବସିଥିବାବେଳେ ମୁଣ୍ଡରେ ଅକର୍ମଣ୍ୟ ପୁଅର ବୋଝ ଦେଖି ଗ୍ରାମବାସୀ ପରିବାର ପ୍ରତି ପ୍ରଶାସନ ସହାୟତାର ହାତ ବଢ଼ାଇବା ଉଚିତ ବୋଲି ନିବେଦନ କରିଛନ୍ତି।

### ଯୌନ ନିର୍ଯାତନା ଘଟଣା ୫ ଦିନ ପରେ ଅଭିଯୁକ୍ତ ଗିରଫ

ଖୁଣ୍ଟା,୯।୭(ଡି.ଏନ୍.ଏ)

ଖୁଣ୍ଟା ଥାନା ଅଞ୍ଚଳରେ ଗତ ୪ ତାରିଖରେ ଜଣେ ୧୭ ମାସର ଶିଶୁ କନ୍ୟାକୁ ଯୌନ ନିର୍ଯାତନା ଭଳି ଅଶୋଭନୀୟ ଘଟଣା ଘଟିଥିଲା। ଏହି ଘଟଣାରେ ସଂପୃକ୍ତ ଅଭିଯୁକ୍ତ ଭଦ୍ର ସିଂଙ୍କୁ ସୋମବାର ବିଳମ୍ବିତ ରାତିରେ ଖୁଣ୍ଟା ପୋଲିସ ତାଙ୍କ ଘରୁ ଗିରଫ କରିଛି। ମଙ୍ଗଳବାର ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଘଟଣା ପରେ ଅଭିଯୋଗ ପାଇ ପୋଲିସ କେବଳ ଏକ ମାମଲା ରୁଜୁକରି ତଦନ୍ତ ଆଳରେ ସମୟ ଗଡ଼ାଇ ଚାଲିଥିଲା। ପୋଲିସର ନିଷ୍କ୍ରିୟତାକୁ ଦେଖି ଶିଶୁକନ୍ୟାର ଗ୍ରାମରେ ଉତ୍ତେଜନା ଦେଖା ଦେଇଥିଲା। ଉଲ୍ଲେଖଯୋଗ୍ୟ ଯେ, ଶିଶୁକନ୍ୟାଟିକୁ ତାଙ୍କ ଘର ଅଗଣାରୁ ଉଠାଇ ନେଇ ନିକଟସ୍ଥ ଏକ ନଦୀ ପାର୍ଶ୍ୱ ନିର୍ଜନ ସ୍ଥାନରେ ଅଭିଯୁକ୍ତ ଯୌନ ନିର୍ଯାତନା ଦେଇଥିବା ନେଇ ଶିଶୁକନ୍ୟାର ପରିବାର ଲୋକେ ଥାନାରେ ଅଭିଯୋଗ କରିଥିଲେ। ଏଥିନେଇ ଖୁଣ୍ଟା ଥାନାରେ ଏକ ମାମଲା (ନଂ.୭୭/୧୯) ରୁଜୁ ହୋଇଥିଲା।

## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଘରେ ପଛେ ଖାଏ ବାସି ପେଜ
ବାହାରେ ଦେଖାଏ ବଡ଼ ମଉଜ ।**

ଘରେ ପଛେ ଖାଇବାକୁ ମୁଠେ ଦାନା ନ ଥାଉ ବାହାରେ କିନ୍ତୁ ଚାତୁରୀ କାହିଁରେ କେତେ ! ଘରର ଆର୍ଥିକ ଅବସ୍ଥା ଅତ୍ୟନ୍ତ ଶୋଚନୀୟ ହୋଇଥିବା ସ୍ଥଳେ କେତେକ ବ୍ୟକ୍ତି ବାହାରେ ନିଜର ଆତ୍ମବଡ଼ିମା ଦେଖାଇଥାନ୍ତି। ନିଜର ପ୍ରଶଂସା ନିଜେ କରିବା ସହ ନିଜ ପାରିବାର ପଣିଆକୁ ନେଇ ଅନ୍ୟ ଆଗରେ ବାହାନା ମାରିଥାନ୍ତି। ନିଃସ୍ୱ ବ୍ୟକ୍ତିଙ୍କ ପକ୍ଷେ ଏପରି ବାହ୍ୟ ଆଡମ୍ବର ଶୋଭନୀୟ ହେଉ ନ ଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

**ଘୋଡ଼ା ତରତର ବିକାଯାଏ
ମଣିଷ ତରତର ବିକାଯାଏନା ।**

ବିଳମ୍ବରେ ଘୋଡ଼ା ବିକ୍ରି ହେଲେ ତା'ର ମୂଲ୍ୟ କମିଯାଏ। ମଣିଷକୁ ଉପଯୋଗୀ କରିବାକୁ ହେଲେ ତା'ର ଗୁଣଧର୍ମକୁ ପରୀକ୍ଷା କରି ତାକୁ ବିନିଯୋଗ କରିବାକୁ ପଡ଼ିଥାଏ। ଏଥିରେ ବିଳମ୍ବ କଲେ କ୍ଷତି କିଛି ନ ଥାଏ ବରଂ ଲାଭ ବହୁତ ମିଳିଥାଏ। ମନୁଷ୍ୟର ଜୀବନ ସମ୍ପର୍କିତ ବିଷୟଗୁଡ଼ିକ ନିଷ୍ପତ୍ତି ନେବା ବେଳେ ଧୈର୍ଯ୍ୟ ଧରିବା ଉଚିତ ବୋଲି ଏଠାରେ ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ
-ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା.ଲି.

# ଡାକ କର୍ମଚାରୀଙ୍କ ଦ୍ୱିବାର୍ଷିକ ସମ୍ମିଳନୀ

ବାରିପଦା ଅଫିସ,୯।୭



କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିବୃନ୍ଦ।

ଜାତୀୟ ଡାକ କର୍ମଚାରୀ ସଂଘ ମୟୂରଭଞ୍ଜ ଶାଖାର ୩ଦିନିଆ ଦ୍ୱିବାର୍ଷିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ସଂଘର ସଭାପତି ଗଣେଶ୍ୱର ପାଣ୍ଡେଙ୍କ ପୌରୋହିତ୍ୟରେ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। ଏଥିରେ ଡାକ ବିଭାଗର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ବିଷୟରେ ଆଲୋଚନା କରାଯାଇଥିଲା। ସଂଘର ସମ୍ପାଦକ ସେଖ ଅବଦୁଲ ମୁସ୍ତାକିନ ପ୍ରାରମ୍ଭରେ ଶାଖାର ଦ୍ୱିବାର୍ଷିକ ବିବରଣୀ ପ୍ରଦାନ କରିବା ସହିତ ବର୍ତ୍ତମାନ ବିଭାଗ ପକ୍ଷରୁ ହେଉଥିବା ବିଭିନ୍ନ ପରିବର୍ତ୍ତନ ତଥା ବ୍ୟବସାୟଭିତ୍ତିକ କାମ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ବିଶିଷ୍ଟ ଶ୍ରମିକ ନେତା ତଥା ସଂଘର ପ୍ରତିଷ୍ଠାତା ସ୍ୱର୍ଗତ ଜୟନ୍ତ କୁମାର ଭଞ୍ଜ ଓ ସଭ୍ୟ ସ୍ୱର୍ଗତ ଗଣେଶ୍ୱର ନାଏକଙ୍କୁ ଶ୍ରଦ୍ଧାଞ୍ଜଳି ପ୍ରଦାନ କରାଯାଇଥିଲା। ଚନ୍ଦ୍ରଶେଖର ମହାନ୍ତି କାର୍ଯ୍ୟକ୍ରମକୁ ପରିଚାଳନା କରିବା ସହିତ ବିଭାଗର ନୂତନ ଭାବେ ଚାଲିଥିବା ପେମେଣ୍ଟ ବ୍ୟାଙ୍କ, ଆରଆଇସିଟି, ଆଧାର ଓ ପାସପୋର୍ଟ କାର୍ଯ୍ୟ ଉପରେ ଆଲୋଚନା କରିଥିଲେ।

# ଶତାଧିକ ମହିଳା ପାଳିଲେ ତାରିଣୀ ବ୍ରତ

ଢେଙ୍କିକୋଟ, ୯।୭(ଡି.ଏନ୍.ଏ.)


ମହିଳାମାନେ ଏକତ୍ରିତ ହୋଇ ତାରିଣୀ ବ୍ରତ ପାଳନ କରୁଛନ୍ତି।

ସୋମବାର ପବିତ୍ର ତାରିଣୀ ବ୍ରତ। କେନ୍ଦୁଝର ଜିଲାର ଆରାଧ୍ୟା ଦେବୀ ମା' ତାରିଣୀଙ୍କ ଏହି ବ୍ରତ ପ୍ରତିବର୍ଷ ରଥଯାତ୍ରା ଓ ବାହୁଡ଼ା ଯାତ୍ରା ମଝିରେ ପଡ଼ିଥାଏ। ପ୍ରଭୁ ଜଗନ୍ନାଥ, ବଳଭଦ୍ର ଏବଂ ଦେବୀ ସୁଭଦ୍ରା ମାଉସୀ ମା' ମନ୍ଦିରରେ ଅବସ୍ଥାପିତ କରିଥାନ୍ତି। ତାରିଣୀ ବ୍ରତଧାରୀ ପତିବ୍ରତା ମହିଳାମାନେ ସକାଳୁ ସକାଳୁ ନିତ୍ୟକର୍ମ ସାରି ନୂତନ ବସ୍ତ୍ର ପିନ୍ଧି, ବ୍ରତ ସାଙ୍ଗକୁ ଭୋଗରାଗ ଧରି ମନ୍ଦିରରେ ପହଞ୍ଚିଥାନ୍ତି। ଏବଂ ସ୍ୱାମୀ, ପୁଅ, ଝିଅ ଘର ପରିବାରଙ୍କ ମଙ୍ଗଳ ମନାସି ଠାକୁରଙ୍କ ନିକଟରେ ପୂଜକଙ୍କ ଦ୍ୱାରା ବ୍ରତକୁ ପୂଜା କରି ହାତରେ ପିନ୍ଧିଥାନ୍ତି। ପ୍ରତିବର୍ଷ ପରି ଚଳିତବର୍ଷ ମଧ୍ୟ ଢେଙ୍କିକୋଟ ବାବା ବିଶ୍ୱନାଥଶ୍ୱର ମନ୍ଦିର ଶ୍ରୀଗଣେଶ ମଣ୍ଡପଠାରେ ଥିବା ଚତୁର୍ଦ୍ଧାମୂର୍ତ୍ତିଙ୍କ ଠାରେ ଶତାଧିକ ମହିଳା ଏହି ତାରିଣୀ ବ୍ରତ ପାଳନ କରିଛନ୍ତି। ପୂଜକ ଆଦିତ୍ୟ କୁମାର ଶତପଥୀ ଏବଂ କଳାକର ପଣ୍ଡା ମହିଳାମାନଙ୍କ ବ୍ରତ ଯଥାବିଧି ପୂଜା ପାଠକରି ବ୍ରତ ହାତରେ ବାନ୍ଧିଛନ୍ତି। ଉପାସକ ମହିଳାଭକ୍ତମାନେ ପ୍ରଭୁ ଜଗନ୍ନାଥ ତିନି ଠାକୁରଙ୍କ ଠାରେ ତାରିଣୀ ବ୍ରତ ପାଳନ କରିଥିବାରୁ ନିଜକୁ ଧନ୍ୟମନେ କରିଛନ୍ତି। ଢେଙ୍କିକୋଟ ଆଖପାଖ ଅଞ୍ଚଳର ତାରିଣୀ ଭକ୍ତଙ୍କ ସମାଗମ ମନ୍ଦିର ପରିବେଶକୁ ଚଳଚଞ୍ଚଳ କରିଛି।

# ନୋ ପାର୍କିଂ ସ୍ଥାନରେ ଟ୍ରକ୍ ପାର୍କିଂ

କେନ୍ଦୁଝର, ୯।୭ (ସ୍ୱ.ପ୍ର.)



ନୋପାର୍କିଂ ସ୍ଥଳରେ ଅଟକି ରହିଥିବା ଟ୍ରକ୍।

କେନ୍ଦୁଝର ସହର ଦେଇ ଯାଇଥିବା ଏନଏଚ ୪୯ ରେ ବାରମ୍ବାର ଦୁର୍ଘଟଣା ଘଟୁଥିଲେ ହେଁ ପ୍ରଶାସନର ଚେତା ପଶୁନି। ସହର ମଧ୍ୟରେ ବହୁ ଦୁର୍ଘଟଣା ଘଟି ନିରୀହ ଜୀବନ ଗୋଟିଏ ପରେ ଗୋଟିଏ ଚାଲିଯାଉଥିଲେ ହେଁ ରୋକିବା ପାଇଁ ପ୍ରଶାସନର ଆନ୍ତରିକତା ଥିବା ମନେ ହେଉନାହିଁ। ଫଳରେ କେନ୍ଦୁଝର ସହରର ଏହି ରାସ୍ତା ମରଣଯନ୍ତାରେ ପରିଣତ ହୋଇଥିବା ବେଳେ ସାଧାରଣ ଲୋକ ଯାତାୟାତ କରିବାକୁ ସୁରକ୍ଷା ମଣୁନାହାନ୍ତି। ଦୁର୍ଘଟଣାର କାରଣ ବିପର୍ଯ୍ୟସ୍ତ ରାସ୍ତା ଓ କଟକଣା ଅଭାବରୁ ସହର ଦେଇ ବହୁ ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ ଯାତାୟତ ବୋଲି କୁହାଯାଉଛି । ଜୁଡିଆ ନିକଟରେ ଯାଇଥିବା ଏନଏଚ ୨୦ କୁ ସର୍ଭିସ ରୋଡ ନ ଥିବାରୁ କେନ୍ଦୁଝର ସହର ଦେଇ ଲୁହାପଥର ବୋଝେଇ ଟ୍ରକ ଚଳପ୍ରଚଳ କରୁଛି। ତେବେ ଅଦ୍ୟାବଧି ସର୍ଭିସ ରୋଡ ନିର୍ମାଣ କରାଯାଉ ନ ଥିବା ଏବଂ ସର୍ଭିସ ରୋଡ ନିର୍ମାଣ ପର୍ଯ୍ୟନ୍ତ ଦିନ ବେଳା ଲୁହାପଥର ପରିବହନ ଉପରେ କଟକଣା କରାଯାଉ ନ ଥିବାରୁ ଏଭଳି ପରିସ୍ଥିତି ଉପୁଜିଛି ବୋଲି ମତ ପ୍ରକାଶ ପାଉଛି। ରାସ୍ତା ଉପରେ ଓ କଡରେ ଦୀର୍ଘ ସମୟ ଧରି ଟ୍ରକ ଛିଡା ହୋଇ ରହୁଥିବାରୁ ଦୁର୍ଘଟଣା ଘଟୁଛି ବୋଲି ଅଭିଯୋଗ ହେଉଛି । ଏଣୁ ଏନେଇ ପ୍ରତିବାଦ ପରେ ପ୍ରଶାସନ ରାସ୍ତା କଡରେ ନୋ ପାର୍କିଂ ବୋର୍ଡ ମାରି ଚୁପ ହୋଇ ବସିଛି । ଫଳରେ ନୋ ପାର୍କିଂ ବୋର୍ଡ ଥିଲେ ହେଁ ବହୁ ସଂଖ୍ୟାରେ ଟ୍ରକ ଛିଡା ହୋଇ ରହୁଛି। କିନ୍ତୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନ ଥିବାରୁ ଅସନ୍ତୋଷ ପ୍ରକାଶ ପାଉଛି।

# କପ୍ତିପଦାରେ ପ୍ରଧାନ ଶିକ୍ଷକ ସମ୍ମିଳନୀ

କପ୍ତିପଦା,୯।୭ (ଡି.ଏନ୍.ଏ.)

ମୟୂରଭଞ୍ଜ ଜିଲା କପ୍ତିପଦା ଉଚ୍ଚ ବିଦ୍ୟାଳୟରେ ସମସ୍ତ ପ୍ରାଥମିକ, ଉଚ୍ଚପ୍ରାଥମିକ, ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଓ ଶିକ୍ଷକମାନଙ୍କୁ ନେଇ ଏକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏଥିରେ କପ୍ତିପଦା ବ୍ଲକ୍ ଗୋଷ୍ଠୀ ଶିକ୍ଷାଧିକାରୀ ଶଶୀଧର ସିଂ ଅଧକ୍ଷତା କରିଥିଲେ। ବୈଠକରେ କପ୍ତିପଦା, ବଡ଼ବିଶୋଳ, ରଥିପୁର, କୁଆଁରପୁର, ଗୋଳାଗଡ଼ିଆ ଓ ଗୟଳମରା କ୍ଲଷ୍ଟର ଅନ୍ତର୍ଭୁକ୍ତ ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ଓ ଶିକ୍ଷକମାନେ ଯୋଗ ଦେଇଥିଲେ। ବିଦ୍ୟାଳୟର ସାମୂହିକ ଉନ୍ନତି ପାଇଁ ପ୍ରଧାନ ଶିକ୍ଷୟିତ୍ରୀ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରାଯାଇଥିଲା। ଗୋଷ୍ଠୀ ଶିକ୍ଷାଧିକାରୀ ସିଂ ବିଦ୍ୟାଳୟ ପରିଚାଳନାରେ ପ୍ରଧାନ ଶିକ୍ଷକଙ୍କ ଭୂମିକା ଓ ବ୍ଲକ୍‌ର ପ୍ରତ୍ୟେକଟି ବିଦ୍ୟାଳୟକୁ ଅନନ୍ୟ କରି ଗଢ଼ି ତୋଳିବା ପାଇଁ ନିଜର ଆଭିମୁଖ୍ୟ ସମ୍ପର୍କରେ ଆଲୋଚନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏବିଇଓ ତଥା ଗୋଷ୍ଠୀ ସମ୍ବଳ ସାଧନ କେନ୍ଦ୍ର ସଂଯୋଜକ ଜଗନ୍ମୋହନ ବେହେରା, ସହକାରୀ ଗୋଷ୍ଠୀ ଶିକ୍ଷାଧିକାରୀ ଘନଶ୍ୟାମ ସିଂ, ସମ୍ବଳ ସାଧକ ତଥା ଶିକ୍ଷକ ସନ୍ତୋଷ କୁମାର ସାହୁ ପ୍ରମୁଖ ଯୋଗଦେଇ ବିଦ୍ୟାଳୟ ପରିଚାଳନାରେ ଶିକ୍ଷକଙ୍କ ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। କପ୍ତିପଦା ବ୍ଲକ୍‌ର ଟି.ସି. ରାକେଶ୍ ଜେନା କମ୍ପୋଜିଟ୍ ଗ୍ରାଣ୍ଟର ସୁବିନିଯୋଗ ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ସମସ୍ତ ବିଦ୍ୟାଳୟରେ ପାଇଖାନା ବ୍ୟବହାର, ସ୍ୱଚ୍ଛ ନିର୍ମଳ ପାନୀୟ ଜଳର ବ୍ୟବହାର ଓ ବିଦ୍ୟୁତୀକରଣ ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ସିଆର୍‌ସିସି ଘନଶ୍ୟାମ ବେହେରା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ କହିଥିବାବେଳେ ସିଆର୍‌ସିସି ଅଜିତ୍ କୁମାର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ସିଆର୍‌ସିସି ଅଜୟ କୁମାର ପରିଡ଼ା, ଚିତ୍ତରଞ୍ଜନ ମହାନ୍ତି, ଗାନ୍‌ସା ମୁର୍ମୁ ଓ ଦୈତାରୀ ସେଠୀ ପ୍ରମୁଖ ସହଯୋଗ କରିଥିଲେ।



ସମ୍ମିଳନୀରେ ଉପସ୍ଥିତ ଅତିଥିମାନେ।


## CLASSIFIED DISPLAY

ALL EDITION - B/W (Everyday)

for Booking Contact: 0674-2580385, 7894447148, 7894447131, 9337021532, 7894447167, 7894447165

TARIFF — MORE SPACE • SAME PRICE — GST 5%

| For Single Day | | For 7 Days | | For 15 Days | | For 30 days | |
|---|---|---|---|---|---|---|---|
| 6x4 | 12x4 | 6x4 | 12x4 | 6x4 | 12x4 | 6x4 | 12x4 |
| 1,500.00 | 2,000.00 | 6,000.00 | 12,000.00 | 12,000.00 | 25,000.00 | 20,000.00 | 40,000.00 |

FINANCE

ବିଶ୍ୱାସର ପ୍ରତୀକ, ଲୋନ୍ ଗ୍ୟାରେଣ୍ଟି
Shree Finance ଦ୍ୱାରା ପ୍ରପର୍ଟି, ପର୍ସନାଲ, BPL, Aadhar Card ଲୋନ୍ ୨୪ ଘଣ୍ଟାରେ ପାଆନ୍ତୁ ଘରେବସି।
Mob.: 09351833615
Infinity Benchmark, Plot -G1, Sector-V, Kolkata - 09

ଋଣ
ଉଜ୍ଜ୍ୱଳ ଫାଇନାନ୍ସ ଲି଼
ବିନା ଗ୍ୟାରେଣ୍ଟର ମହିଳା/ପୁରୁଷ
10 ବର୍ଷରେ ଫେରସ୍ତ
1% ସୁଧ 35% ରିହାତି
ମାର୍କଶିଟ୍, ଆଧାରକାର୍ଡ, ଦୋକାନୀ, ପ୍ରପର୍ଟି
(1ରୁ 50 ଲକ୍ଷ) ଋଣ ଉପଲବ୍ଧ
8743077374
8743913774
ujjawalfinancelimited@gmail.com
Add : - 41/14, Sec.1, Pushp Vihar, Delhi

All INDIA FINANCE COMPANY
ଏବେ କରିବ
ଗ୍ରାମ/ସହର ପାଇଁ ସବୁ ବଡ଼ ଋଣ
50,000-95 ଲକ୍ଷ ପର୍ଯ୍ୟନ୍ତ
ମାର୍କଶିଟ୍, ପ୍ରପର୍ଟି, ପର୍ସନାଲ, ଆଧାର କାର୍ଡ ଏବଂ ସବୁ ପ୍ରକାର ଋଣ ବ୍ୟାଙ୍କ ଦ୍ୱାରା ।
1% ସୁଧ, 40% ରିହାତି
(ମହିଳା ଗ୍ରୁପ୍ ଋଣ ପାଇଁ ଯୋଗାଯୋଗ କରନ୍ତୁ)
Helpline
09485665198
PO- BARAHAGODA, BARAHAGODA, BARGARH, ODISHA 768040

GOLD CASH
SELL GOLD / SETTLE YOUR GOLD LOAN AT 100% MARKET VALUE
ନିଜ ବନ୍ଧକ ସୁନାକୁ ମୁକୁଳେଇବା ପାଇଁ ଆମକୁ ଯୋଗାଯୋଗ କରନ୍ତୁ ଏବଂ GOLD CASH ଆପଣଙ୍କ ବନ୍ଧକ ସୁନାକୁ ଉଚିତ୍ ମୂଲ୍ୟରେ ନେବ।
ବିକ୍ରି କରନ୍ତୁ ଆପଣଙ୍କ ସୁନା ଗହଣା ଆମ ପାଖରେ ଏବଂ ପାଆନ୍ତୁ ୧୦୦% ମାର୍କେଟ ମୂଲ୍ୟରେ।
Toll Free -1800-120-3430
90 90 90 2555, 90 90 90 3555
www.GoldCash.co
Visit the Nearest Gold Cash Branch in your City

ଭାରତର ନଂ.1 କମ୍ପାନୀ
1988 ଠାରୁ ଆପଣଙ୍କ ସେବାରେ
MAHALAXMI FINANCE PVT. LTD.
ସବୁ ବ୍ୟାଙ୍କ ଦ୍ୱାରା
ଆଧାରକାର୍ଡ, ଏଗ୍ରିକଲ୍ଚର, ମାର୍କଶିଟ୍, ପର୍ସନାଲ, ପ୍ରପର୍ଟି, BPL, ଋଣ
ମାତ୍ର 24 ଘଣ୍ଟାରେ
2% ସୁଧ 40% ଛାଡ଼
ଠକାମିର ଶିକାର ବ୍ୟକ୍ତି ଥରେ ନିଶ୍ଚୟ କଲ୍ କରନ୍ତୁ
ମହିଳା ଓ ବିଦ୍ୟାର୍ଥୀଙ୍କ ପାଇଁ ରିହାତି
କାମ ଆମର, ବିଶ୍ୱାସ ଆପଣଙ୍କର
7894704743
B-36/7, A-Block Vijay Enclave Burari, New Delhi-74

VEDANSI FINANCE PVT LTD
100% ଲୋନ ପ୍ରାପ୍ତ କରନ୍ତୁ 7 ଦିନରେ।
ସୁଧ 2%, ଛାଡ଼ 40%
ଡିଲରଶିପ୍ / ଏଜେଣ୍ଟ ପାଇଁ କମ୍ପାନୀକୁ ସମ୍ପର୍କ କରନ୍ତୁ।
Balasore: 7409536767,
Jajpur: 9084652616,
Dhenkanal: 7409543249,
Angul: 7252964716,
Jeypore: 9084652615

BUSINESS
ଖାଲିଥିବା ଜମି ଓ ଛାତ ଉପରେ
୨୫ବର୍ଷର ଗୋଲ୍ଡ ମେଡାଲିଷ୍ଟ
କଂପାନୀ ଜିଣ୍ଡଲ୍ ଡିଜିଟାଲ ଉପକରଣ ବସାଇ ଅଗ୍ରୀମ
90,000,00/- ପାଆନ୍ତୁ ଓ ମାସକୁ ଭଡା 50,000/- ଟଙ୍କା ପାଆନ୍ତୁ । ୧ ଚାକିରି + ବାଇକ୍ ୨୦ ବର୍ଷର କୋର୍ଟ ଅଗ୍ରୀମେଣ୍ଟ ।
Plot No - 14/271, Devaraja Mohalla, Bangalore, Karnataka 570001
8929313996
7042350747

ଲୋନ! ଲୋନ! ଲୋନ
BFC FINANCE
୧ ରୁ ୫୦ ଲକ୍ଷ୍ୟ ଲୋନ
ଗୃହଋଣ, ମାର୍କସିଟ, ପର୍ସନାଲ୍, ବିଜନେସ୍, କୃଷି, ବ୍ୟବସାୟ, ସମ୍ପତି, କୁକୁଡାପାଳନ, ଇଟାଭାଟି, ଆଧାର କାର୍ଡ, ରାସନ କାର୍ଡ, ଆଦି ସମସ୍ତ ଋଣ
ବେରୋଜଗାର ଓ ମହିଳାଙ୍କୁ ବିଶେଷ ଛାଡ
୧% ସୁଧ ୫୦% ରିହାତି
85058-11813
85058-50178
bharatloanonline@gmail.com
A-25 8th Floor Ambadeep Building Connaught Place, New Delhi - 110001

Laxmi Finance
ଲୋନ ପାଇବାର ସୁବର୍ଣ୍ଣ ସୁଯୋଗ। ସମସ୍ତ ପ୍ରକାରର ଲୋନ ଠିକ୍ ସୁଧରେ ଘରେ ବସି ପାଆନ୍ତୁ, CIBIL Defaulter ମଧ୍ୟ ସମ୍ପର୍କ କରନ୍ତୁ। ମହିଳାଙ୍କ ପାଇଁ ବିଶେଷ ଛାଡ଼, ବିଜ୍‌ନେସ୍ ପାଇଁ ସମ୍ପର୍କ କରନ୍ତୁ।
Address :- 201,202, 2nd floor, Shree Geeta Complex, MG Road, Bhojeswar, Porbandar- 360575
9818583049

BUSINESS

ASTROLOGY

Bhartiya Infotech Network Company
ଖାଲି ଜମି, କୃଷି ଜମି, ଛାତ ଭଳି ସବୁ ସ୍ଥାନରେ ଡିଜିଟାଲ ନେଟ୍‌ୱର୍କ ସ୍ଥାପନ କରନ୍ତୁ । ଅଗ୍ରିମ - 70 ଲକ୍ଷ, ଭଡ଼ା - 50 ହଜାର/- ମାତ୍ର 72 ଘଣ୍ଟାରେ ଜମି ଯାଞ୍ଚ ଓ ଡିଜିଟାଲ୍ ନେଟ୍‌ୱର୍କ ସ୍ଥାପନ + ମାଗଣା ମୋବାଇଲ + ବାଇକ୍। ମାସିକ 30,000ର ଅନ୍ୟାନ୍ୟ ସୁବିଧା । ମହିଳାଙ୍କ ପାଇଁ ବିଶେଷ ରିହାତି ।
Address:- Head Office G-79 Aadrsh Nagar Karol Bagh
9078842412

ଭଟକିବାରୁ ବଞ୍ଚନ୍ତୁ କୌଣସି ବି କାମ
ବାବା ଅଘୋରୀ ତାନ୍ତ୍ରିକ
(ସ୍ପେଶାଲିଷ୍ଟ - ବଶୀକରଣ)
ପ୍ରେମବିବାହ,ପତି-ପତ୍ନି ମଧ୍ୟରେ ଝଗଡା, ବ୍ୟବସାୟରେ ସମସ୍ୟା, ସଉତୁଣୀ, ଶତ୍ରୁଠାରୁ ମୁକ୍ତି, ରାଗିଥିବା ଲୋକଙ୍କୁ ମନେଇବା, ଗୃହକ୍ଳେଶ,ବିବାହରେ ସମସ୍ୟା, ଔଷଧ କାମ ନ କରିବା, ଯାଦୁଟୋନା, କୋର୍ଟ କେସ୍, ତନ୍ତ୍ରମନ୍ତ୍ର ସମ୍ରାଟ, ମୁଠାକରଣୀ ଖୋଲା ଚ୍ୟାଲେଞ୍ଜ, ୩ ଘଣ୍ଟାରେ ୧୦୦% ସମାଧାନ - A To Z ଘରେବସି
ଗୋଟିଏ ଫୋନ୍ ଆପଣଙ୍କ ଜୀବନ ବଦଳେଇପାରେ
ମୁଁ କରିଥିବା କାମକୁ କାଟିବା ଲୋକଙ୍କୁ ମନମୁତାବକ ପୁରସ୍କାର
ସଚ୍ଚାପ୍ରେମୀ ନିରାଶ କାହିଁକି ?
କାଳି ମନ୍ଦିର, ବରମୁଣ୍ଡା ପାଖ, ଭୁବନେଶ୍ୱର
9899587663
8743922900


### ପାଠକଙ୍କ ପାଇଁ ସୂଚନା:

ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

## ସଂକ୍ଷେପରେ

### ସାପ କାମୁଡ଼ାରେ ମହିଳା ମୃତ

ଆନନ୍ଦପୁର, ୯। ୭(ସ୍ୱ.ପ୍ର.)- ଘସିପୁରା ଥାନା ମାର୍ଶାପାଳ ଗ୍ରାମର ବାଙ୍ଗି ସୋରେନ୍ (୪୨) ନାମ୍ନୀ ଜଣେ ମହିଳାଙ୍କର ସାପ କାମୁଡ଼ାରେ ମୃତ୍ୟୁ ଘଟିଛି। ବାଙ୍ଗି ଘରେ ଶୋଇଥିବା ସମୟରେ ଏକ ବିଷାକ୍ତ ସାପ ତାଙ୍କୁ କାମୁଡିଥିଲା। ପରିବାରବର୍ଗ ଚିକିତ୍ସା ପାଇଁ ତାଙ୍କୁ ଆନନ୍ଦପୁର ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। କିନ୍ତୁ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।

### ବିଗୁଡୁଛି ସର୍ଭିସ୍ ରୋଡ୍ ଅବସ୍ଥା

ଆନନ୍ଦପୁର,୯। ୭(ସ୍ୱ.ପ୍ର.)- ଦିନକୁ ଦିନ ୨୦ ନଂ ଜାତୀୟ ରାଜପଥରେ ରହିଥିବା ସର୍ଭିସ୍ ରୋଡଗୁଡିକର ସ୍ଥିତି ବିଗିଡିବାରେ ଲାଗିଛି। ସର୍ଭିସ୍ ରୋଡଗୁଡିକ ବଡ ବଡ ଖାଲଖମାରେ ଭର୍ତ୍ତି ହୋଇଛି। ଏନେଇ ଯାତାୟାତରେ ନାନା ସମସ୍ୟା ସୃଷ୍ଟି ହେଉଛି। ଏପରିକି ଦୁର୍ଘଟଣାମାନ ବୃଦ୍ଧି ପାଇବାରେ ଲାଗିଛି। ନିକଟରେ ଗୋଟିଏ ୪୦୭ ମିନି ଟ୍ରକ୍ ସର୍ଭିସ୍ ରୋଡର ଖାଲରେ ଫସିଯାଇଥିଲା। ଖାଲରୁ ପାଣି ନିଷ୍କାସନ ପରେ ଗାଡିକୁ ବାହାର କରାଯାଇଥିଲା। ପୁନର୍ବାର ମଙ୍ଗଳବାର ଏକ ବାଲି ବୋଝେଇ ଗାଡି ଏହି ଖାଲରେ ପଡି ଦୁର୍ଘଟଣାଗ୍ରସ୍ତ ହୋଇଥିଲା। ଗୋଟିଏ ପଟେ ଅଣଓସାରିଆ ସର୍ଭିସ୍ ରୋଡ ଅନ୍ୟପଟେ ଦୁର୍ଘଟଣାରେ ଗାଡି ଅଟକି ଟ୍ରାଫିକ୍ ସମସ୍ୟା ସୃଷ୍ଟି କରୁଛି। ଏଭଳି ସ୍ଥିତି ଥରେ ନୁହେଁ ବିଭିନ୍ନ ସମୟରେ ଲାଗିରହିଥିଲେ ବି ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ନ ଦେବା ପରିତାପର ବିଷୟ ।

### ବନ୍ଧୁକ ଦେଖାଇ ଲୁଟି ନେଲେ ପଲସର

ଚମ୍ପୁଆ, ୯।୭(ଡି.ଏନ.ଏ.)- ଚମ୍ପୁଆ ଥାନା ବାସୁଦେବପୁର ଅଞ୍ଚଳରେ ଗତକାଲି ବନ୍ଧୁକ ମୁନରେ ପଲସର ଗାଡିକୁ ଲୁଟି ନେଇଥିବା ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ରିମୁଳି ଗ୍ରାମର ତୁଷାରକାନ୍ତ ବେହେରା ଗତ ସୋମବାର ମଧ୍ୟାହ୍ନରେ ରିମୁଳି ଗ୍ରାମରୁ ବାହାରି ଜିନ୍ଦଲ କାରଖାନାକୁ କାମ କରିବାକୁ ନିଜ ପଲସର ନଂ ଓଡି୦୯ଇ ୪୧୧୬ କୁ ନେଇ ଯାଉଥିଲେ। ବାସୁଦେବପୁର ଡାକ୍ତରଖାନା ପୂର୍ବରୁ ନିର୍ମାଣ ହେଉଥିବା ଓଭର୍ ବ୍ରିଜ୍‌ର ଆପ୍ରୋଜ୍ ରୋଡ ନିକଟରେ ପଛରୁ ଏକ ବାଇକ୍‌ରେ ୩ ଜଣ ଯୁବକ ଆସି ପ୍ରଥମେ ତାଙ୍କ ଗାଡ଼ିକୁ ଗୋଇଠା ମାରିବା ପରେ ଅଟକାଇଥିଲେ। ୩ ଜଣଙ୍କ ମଧ୍ୟରୁ ଜଣେ ପ୍ରଥମେ ତୁଷାରକାନ୍ତଙ୍କୁ ବନ୍ଧୁକ ଦେଖାଇ ଭୟଭୀତ କରିବା ବେଳେ ଅନ୍ୟ ଜଣେ ଏକ ଷ୍ଟିଲ ରଡ୍‌ରେ ତାଙ୍କୁ ଆକ୍ରମଣ କରିଥିଲେ। ଆକ୍ରମଣ ପରେ ଯୁବକ ଜଣକ ତାଙ୍କ ପଲସର ଛଡାଇ ନେଇ ପଳାଇଥିବା ବେଳେ ଅନ୍ୟ ୨ ଜଣ ଆସିଥିବା ଗାଡିରେ ପଳାଇଥିଲେ। ଆକ୍ରମଣରେ ତାଙ୍କ ମୁଣ୍ଡରେ ଗଭୀର ଆଘାତ ଲାଗିଛି। ପରେ ସେ ଚମ୍ପୁଆ ଥାନାରେ ବାଇକ ଲୁଟର ଲିଖିତ ଅଭିଯୋଗ କରିଛନ୍ତି। ଏନେଇ ଚମ୍ପୁଆ ଥାନା ଆଇଆଇସି ମନୋରଞ୍ଜନ ପ୍ରଧାନ ଏହାର ତଦନ୍ତ ନିଜେ ନେଇ ଚଳାଇଛନ୍ତି।

### ଧରଣୀଧରଙ୍କ ନାମରେ ନଗର ଭବନ ନାମକରଣ ଦାବି



ଚମ୍ପୁଆ, ୯।୭(ଡି.ଏନ.ଏ.)-ଓଡିଶା ଜନସେବା ସଙ୍ଗଠନ ପକ୍ଷରୁ ଚମ୍ପୁଆସ୍ଥିତ ଏନଏସି ନଗର ଭବନକୁ ବିପ୍ଳବୀ ଧରଣୀଧରଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି। ସୂଚନା ଅନୁସାରେ ଭାଷା ଓ ଭୂମି ସୁରକ୍ଷା ଅଭିଯାନ ଚଳାଇଥିବା ଓଡିଶା ଜନସେବା ସଙ୍ଗଠନର ସମ୍ପାଦକ ମହେନ୍ଦ୍ର ଗିରି, ସଂଯୋଜକ ସନ୍ତୋଷ ସାହୁ ସମେତ ବହୁ ସଦସ୍ୟ ଚମ୍ପୁଆ ଏନଏସି ନିର୍ବାହୀ ଅଧିକାରୀ ସପନ କୁମାର ସାହୁଙ୍କୁ ଚମ୍ପୁଆ ନଗର ଭବନଟିକୁ ବିପ୍ଳବୀ ଧରଣୀଧରଙ୍କ ନାମରେ ନାମିତ କରିବାକୁ ଲିଖିତ ଦାବି ଜଣାଇଛନ୍ତି। ଚମ୍ପୁଆ ଅଞ୍ଚଳରେ ରହୁଥିବା ଜନ ସାଧାରଣଙ୍କ ମଧ୍ୟରେ ଶତକଡା ୭୦ ଭାଗ ଲୋକ ଭୂୟାଁ ସମ୍ପ୍ରଦାୟର ହୋଇଥିବାରୁ ଏହି ବିପ୍ଳବୀଙ୍କ ସ୍ମୃତି ରକ୍ଷା ପାଇଁ ନଗର ଭବନର ନାମକରଣ କରିବା ଯଥାର୍ଥ ବୋଲି ଦାବି ହୋଇଛି। ଏତଦବ୍ୟତୀତ ଏହି ବିପ୍ଳବୀ ଅଳ୍ପ ବୟସରୁ ସ୍ୱାଧୀନତା ପାଇଁ ଅଣ୍ଟା ଭିଡି ନିଜ ଜାତୀୟତାବୋଧର ପ୍ରମାଣ ଦେଇଥିଲେ। ଏଣୁ ସଙ୍ଗଠନ ପକ୍ଷରୁ ନଗର ଭବନକୁ ତାଙ୍କ ନାମରେ ନାମିତ କରିବାକୁ ଦାବି ହୋଇଛି।

# ହଜିଯାଉଛି ଅସନପାଟର ପରିଚୟ

- ବିଲୁପ୍ତି ପଥରେ କେନ୍ଦୁଝର ଛଉ ନୃତ୍ୟ
- ପ୍ରୋତ୍ସାହନର ଅଭାବ ସାଜିଛି ବାଧକ
- କଳାକାର, ନୃତ୍ୟଗୁରୁ ଅବହେଳିତ
- ଭାଙ୍ଗିରୁଜି ଗଲାଣି ନୃତ୍ୟମଣ୍ଡପ
- ମିଳିଲାନି ଛଉ ଗ୍ରାମର ମାନ୍ୟତା

କେନ୍ଦୁଝର, ୯।୭ (ସ୍ୱ.ପ୍ର.)

କେନ୍ଦୁଝର ଜିଲାର କଳା ସଂସ୍କୃତି ନିଆରା। ଏକଦା ଏଠାରେ ସାମରିକ କଳାର ପ୍ରତୀକ ସ୍ୱରୂପ ଛଉ ନୃତ୍ୟର ପ୍ରସିଦ୍ଧି ରହିଥିଲା। ଝୁମ୍ପୁରା ବ୍ଲକ ଅଧୀନ ଅସନପାଟ ଗ୍ରାମ ଛଉ ଗ୍ରାମ ଭାବେ ପରିଚୟ ଲାଭ କରିଥିଲା। ଏଡି ପ୍ରାଚୀନ କଳାସଂସ୍କୃତିକୁ ବଜାୟ ରଖି ଆସିଥିବା ଗ୍ରାମର କଳାକାରମାନେ ପ୍ରୋତ୍ସାହନ ଓ ଭତ୍ତା ଭଳି ସରକାରୀ ସହାୟତା ଅଭାବରୁ କ୍ରମେ ଏହି ନୃତ୍ୟକଳା ଉପରୁ ମୁହଁ ଫେରାଇ ନେବାରେ ଲାଗିଛନ୍ତି। ଗାଁରେ ଗଢି ଉଠିଥିବା ନୃତ୍ୟମଣ୍ଡପଗୁଡିକ ରକ୍ଷଣାବେକ୍ଷଣ ଅଭାବରୁ ନଷ୍ଟ ହେବାକୁ ବସିଲାଣି। ଦାରିଦ୍ର୍ୟ ତଥା ଅଭାବ ଅନଟନରେ ଦିନ ବିତାଉଥିବା କଳାକାରମାନେ ମୁହଁରେ ମାଖି ହେବାଲାଗି ରଙ୍ଗ ଏବଂ ପରିଧାନ ପୋଷାକପତ୍ର ଏବେ କିଣିପାରୁ ନାହାନ୍ତି। ଏଭଳି ଅବସ୍ଥା ଜାରି ରହିଲେ ଏହି ଛଉ ଗ୍ରାମର କଳା ସଂସ୍କୃତି ହଜିଯିବ ବୋଲି ଗ୍ରାମବାସୀ ଆଶଙ୍କା ବ୍ୟକ୍ତ କରିଛନ୍ତି।

କେନ୍ଦୁଝର ଦେଇ ଯାଇଥିବା ୨୦ ନମ୍ବର ଜାତୀୟ ରାଜପଥଠାରୁ ଅନତି ଦୂରରେ ରହିଛି ଅସନପାଟ ଗାଁ । ଝୁମ୍ପୁରା ବ୍ଲକଠାରୁ ଏହାର ଦୂରତା ୩୦ କି.ମି. । ଏହି ଗାଁରେ ରହିଛି ୬ଟି ସାହି। ପ୍ରତ୍ୟେକ ସାହିରେ ଗୋଟିଏ ଲେଖାଏ ଛଉ ନୃତ୍ୟ ଦଳ ରହିଛି । ସେଗୁଡିକ ହେଲା ଲକ୍ଷ୍ମୀ ନାରାୟଣ ଛଉ ନାଟ୍ୟ ସଂଘ, ଶିବ ତାଣ୍ଡବ ନାଟ୍ୟ ସଂଘ, କେଦାରଗୌରୀ ନାଟ୍ୟ ସଂଘ, ହରପାର୍ବତୀ ନାଟ୍ୟ ସଂଘ, ଦୁର୍ଗତିନାଶିନୀ ସଂଘ । ଏସବୁ ନୃତ୍ୟ ଦଳରେ ପାଖାପାଖି ୨୦ ଜଣ ଲେଖାଏ କଳାକାର ରହିଛନ୍ତି । ସେମାନେ 'ସ୍ୱର୍ଣ୍ଣପଦ୍ମା ବସ୍ତ୍ରହରଣ', କିରାତ ଅର୍ଜୁନ, ଛଦ୍ମବେଶୀ, ଦଶଅବତାର, କାଞ୍ଚି ଅଭିଯାନ, ବଂଶୀ ଚୋରି, ଗରୁଡ ବାହାନ ଓ 'କାଳି ରକ୍ତ' ଭଳି ପୌରାଣିକ କାହାଣୀକୁ ନେଇ ଛଉନୃତ୍ୟ ପରିବେଷଣ କରିଥାନ୍ତି। ପ୍ରତ୍ୟେକ ସାହିରେ ନୃତ୍ୟାଭ୍ୟାସ ଓ ପରିବେଷଣ ଲାଗି ସ୍ଥାୟୀ ନୃତ୍ୟମଣ୍ଡପ ରହିଛି। ପ୍ରତିବର୍ଷ ପଣାସଂକ୍ରାନ୍ତି ସମୟରେ ଗ୍ରାମର ଆରାଧ୍ୟ ଦେବୀ ମା' ବାସୁଳୀଙ୍କ ପୀଠକୁ ଏସବୁ ନୃତ୍ୟଦଳ ଆସି ପୂଜାପାଠ କରିଥାନ୍ତି। ସେମାନେ ବିଭିନ୍ନ ରଙ୍ଗବେରଙ୍ଗ ପୋଷାକ ପିନ୍ଧି ପାରମ୍ପରିକ ଛଉନୃତ୍ୟ ପରିବେଷଣ କରିଥାନ୍ତି। ସାରା ରାତି ନୃତ୍ୟ ପରିବେଷଣ ହୋଇଥାଏ। ଆଖପାଖ ଅଞ୍ଚଳର ହଜାର ହଜାର ଦର୍ଶକ ରୁଣ୍ଡ ହୋଇ ନୃତ୍ୟ ଦେଖିଥାନ୍ତି। ତେଲଲୁଣ ସଂସାର ଭିତରେ ଛନ୍ଦି ହୋଇ ରହିଥିବା ଗ୍ରାମର କଳାକାରମାନେ ଏଯାଏ ପାରମ୍ପରିକ କଳାକୁ ବଞ୍ଚାଇ ରଖି ଆସିବାକୁ ଉଦ୍ୟମ କରି ଆସିଛନ୍ତି। କିନ୍ତୁ ରକ୍ଷଣାବେକ୍ଷଣ ଅଭାବରୁ ନୃତ୍ୟମଣ୍ଡପସବୁ ନଷ୍ଟ ହୋଇ ଯାଉଥିବାରୁ ଆଉ ନୃତ୍ୟ ପରିବେଷଣ କରିବା ସମ୍ଭବ ହେଉନାହିଁ । ଅସନପାଟ ଗ୍ରାମକୁ 'ଛଉ ଗ୍ରାମ'ର ମାନ୍ୟତା ଦେଇ କଳାକାରଙ୍କୁ ପ୍ରୋତ୍ସାହନ ଓ ଅନ୍ୟ ସୁବିଧା ଯୋଗାଇ ଦେବା ଲାଗି ଗ୍ରାମବାସୀ ଦାବିକରି ନିରାଶ ହୋଇଥିବା କହିଛନ୍ତି। ଏଭଳି ସ୍ଥିତିରେ ଯୁବପିଢି ପ୍ରାଚୀନ ନୃତ୍ୟକଳାକୁ ଆଦରିବାକୁ ପସନ୍ଦ କରୁନାହାନ୍ତି ବୋଲି କହିଛନ୍ତି ଗ୍ରାମର ବିରଞ୍ଚି ନାଏକ । ଛଉନୃତ୍ୟ ଲାଗି ଜୀବନର ମୂଲ୍ୟବାନ ସମୟ ଦାନ କରିଥିବା ବହୁ ପୁରୁଣା କଳାକାର ଓ ନୃତ୍ୟଗୁରୁ ବର୍ତ୍ତମାନ ଅଭାବ ଅନଟନ ମଧ୍ୟରେ ଦିନ ବିତାଉଥିଲେ ମଧ୍ୟ ସେମାନଙ୍କୁ କଳାକାର ଭତ୍ତା ମିଳୁନାହିଁ। ସରକାର ଚାହିଁଲେ ଏହି କଳା ଓ କଳାକାରଙ୍କ ସୁରକ୍ଷା କରାଯାଇ ପାରିବ ବୋଲି ସ୍ଥାନୀୟ ଅଧିବାସୀ ସୁରେନ୍ଦ୍ର ବାରିକ କହିଛନ୍ତି। ନୃତ୍ୟଗୁରୁ ବିଦ୍ୟାଧର ନାଏକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ସରକାର କଳା ଓ ସଂସ୍କୃତିର ସୁରକ୍ଷା ଲାଗି କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିଛନ୍ତି। ଅଥଚ ଏହି ପୁରାତନ ନୃତ୍ୟକଳାର ସୁରକ୍ଷା ଲାଗି କୌଣସି ପଦକ୍ଷେପ ନିଆଯାଉ ନାହିଁ । ମୟୂରଭଞ୍ଜ ଜିଲାରେ ଛଉନୃତ୍ୟର ପ୍ରଚାର ପ୍ରସାର ଘଟିଥିବା ବେଳେ କେନ୍ଦୁଝର ଛଉନୃତ୍ୟ ସମ୍ପର୍କରେ ସରକାରୀ ସ୍ତରରେ କୌଣସି ପଦକ୍ଷେପ ନିଆଯାଉ ନାହିଁ । ଜିଲାରେ ପାଣ୍ଠିର ଅଭାବ ନ ଥିଲେ ମଧ୍ୟ ପ୍ରଶାସନିକ ସ୍ତରରେ ଆନ୍ତରିକତା ଅଭାବ ଯୋଗୁ ଏହି ନୃତ୍ୟକଳାର ବିକାଶ ହୋଇପାରୁନି। ଜିଲାରେ ଖଣିଜ ସମ୍ପଦ ବ୍ୟବହାର କରୁଥିବା ବଡବଡ ଶିଳ୍ପସଂସ୍ଥା ଅସନପାଟ ଛଉଗ୍ରାମକୁ ପୋଷ୍ୟ ଭାବେ ଗ୍ରହଣ କରି ଛଉକଳାର ବିକାଶ ଦିଗରେ କାର୍ଯ୍ୟ କଲେ ଲୋପ ପାଇବାକୁ ବସିଥିବା ଏହି ନୃତ୍ୟକଳା ସୁରକ୍ଷିତ ରହିପାରିବ ବୋଲି ଗ୍ରାମବାସୀ କହିଛନ୍ତି।



ଛଉ ନୃତ୍ୟଶିଳ୍ପୀମାନେ।

## ଡେଙ୍ଗୁ ପ୍ରତିରୋଧ ପାଇଁ ପ୍ରଶାସନ ସଜାଗ

ବଡବିଲ, ୯।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ବଡବିଲ ପୌରାଞ୍ଚଳରେ ୨୦୧୭ ମସିହାରେ ଡେଙ୍ଗୁ ରୋଗର ମହାମାରୀ ପରିସ୍ଥିତି ପ୍ରଶାସନକୁ ନାକେଦମ କରିଦେଇଥିବାବେଳେ ଅଞ୍ଚଳର କର୍ପୋରେଟ ହାଉସ ଓ ସ୍ଥାନୀୟ ବିଭିନ୍ନ ସାମାଜିକ, ସାଂସ୍କୃତିକ ସଂଗଠନର ସଦସ୍ୟଙ୍କ ସହ ଜନସାଧାରଣଙ୍କ ଚେଷ୍ଟା ଯୋଗୁଁ ଏହି ମହାମାରୀ ରୋଗ କବଳରୁ ମୁକ୍ତି ମିଳିଥିଲା। ଇତି ମଧ୍ୟରେ ଦୁଇ ବର୍ଷ ବିତିଯାଇଥିଲେ ହେଁ ଏହି ରୋଗର ପ୍ରତିରୋଧ ନିମନ୍ତେ ପ୍ରଶାସନ ସଜାଗ ହୋଇଛି। ସେଥିନେଇ ଆସନ୍ତା ୧୧ ତାରିଖ ଗୁରୁବାର ଜିଲାପାଳ ଆଶିଷ ଠାକରେଙ୍କ ଅଧକ୍ଷତାରେ ସ୍ଥାନୀୟ ପୌର ନଗର ଭବନଠାରେ ଏକ ପ୍ରସ୍ତୁତି ବୈଠକ ନିମନ୍ତେ ପତ୍ରାଳାପ ଆରମ୍ଭ ହୋଇଛି। ବଡବିଲ ପୌର ନିର୍ବାହୀ ଅଧିକାରୀ ଅଭିଷେକ ପଣ୍ଡା ପୌରାଞ୍ଚଳ ତଥା ଆଖପାଖ ଅଞ୍ଚଳରେ ଥିବା ବିଭିନ୍ନ କର୍ପୋରେଟ ହାଉସ, ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ, ବ୍ୟକ୍ତିବିଶେଷ, ଏସଏଚଜି ଗ୍ରୁପ, ସମସ୍ତ ମହିଳା ସମିତି, ଅଙ୍ଗନୱାଡି କେନ୍ଦ୍ର ଓ ଗଣମାଧ୍ୟମର ପ୍ରତିନିଧିଙ୍କୁ ଏହି ପ୍ରସ୍ତୁତି ବୈଠକରେ ଯୋଗ ଦେବାକୁ ଅନୁରୋଧ ଜଣାଇଥିବା ଉକ୍ତ ପତ୍ରରେ ଉଲ୍ଲେଖ ରହିଛି। ତେବେ ଏହି ବୈଠକ ପୂର୍ବାହ୍ନ ୧୦ ଟାବେଳେ ହେବାକୁ ଧାର୍ଯ୍ୟ ହୋଇଥିବା ଜଣାପଡିଛି।

## ୪୫ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ



ଜଣେ ମହିଳା ହିତାଧିକାରୀଙ୍କୁ ପଟ୍ଟା ପ୍ରଦାନ କରାଯାଉଛି।

ଆନନ୍ଦପୁର,୯।୭(ସ୍ୱ.ପ୍ର.)

ଆନନ୍ଦପୁର ବ୍ଲକର ଭୂମିହୀନଙ୍କୁ ବସୁନ୍ଧରା ଯୋଜନାରେ ମଙ୍ଗଳବାର ତହସିଲ ପକ୍ଷରୁ ପଟ୍ଟା ବଣ୍ଟନ କରାଯାଇଛି। ଆନନ୍ଦପୁର ତହସିଲଦାର ତପନ କୁମାର ନାୟକଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ଭାଗୀରଥି ସେଠୀ, ଉପଜିଲାପାଳ ରବୀନ୍ଦ୍ର କୁମାର ସାହୁ ଅତିଥି ଭାବେ ଯୋଗଦେଇ ଭୂମିହୀନଙ୍କୁ ପଟ୍ଟା ବଣ୍ଟନ କରିଥିଲେ। ଏହି କାର୍ଯ୍ୟକ୍ରମ ଜରିଆରେ ମୋଟ ୪୫ଜଣ ହିତାଧିକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଥିଲା। ପ୍ରତ୍ୟେକଙ୍କୁ ୪ ଡିସିମିଲ ଲେଖାଏ ପଟ୍ଟା ପ୍ରଦାନ କରାଯାଇଛି। ୫ ଗୋଟି ଆରଆଇ ସର୍କଲ କନ୍ତୋ, କୋଡପଡା, ଆନନ୍ଦପୁର, କଣ୍ଟିପାଳ ଏବଂ ଗୟଳମୁଣ୍ଡାର ଭୂମିହୀନଙ୍କୁ ଏହି ପଟ୍ଟା ପ୍ରଦାନ କରାଯାଇଥିଲା।

## ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ ଉପେକ୍ଷା

ଆନନ୍ଦପୁର,୯।୭(ସ୍ୱ.ପ୍ର.)

କେନ୍ଦୁଝର ଜିଲା ଆନନ୍ଦପୁର ବ୍ଲକରେ ବିଭିନ୍ନ ଆବାସ ଯୋଜନାରେ ହିତାଧିକାରୀ ଚୟନରେ ପାତର ଅନ୍ତର କରାଯାଇଥିବା ଅଭିଯୋଗ ହେଉଛି। ବହୁ ଯୋଗ୍ୟ ହିତାଧିକାରୀଙ୍କ ନାମ ତାଲିକାରେ ନ ଥିବାରୁ ସେମାନେ ଆବାସ ଯୋଜନାରେ ଘର ପାଇବାରୁ ବଞ୍ଚିତ ହୋଇଥିବା ଅଭିଯୋଗ କରିଛନ୍ତି। କେତେକ ପଞ୍ଚାୟତର ଲୋକପ୍ରତିନିଧିଙ୍କ ଅଜାଣତରେ ଆବାସ ଯୋଜନା ସକାଶେ ହିତାଧିକାରୀଙ୍କ ଅଗ୍ରାଧିକାର ତାଲିକା ପ୍ରସ୍ତୁତ କରାଯାଇଥିବା ଅଭିଯୋଗ କରି ଗତ ୨୯ ତାରିଖରେ ଆନନ୍ଦପୁର ବ୍ଲକ ରାଜୀବ ଗାନ୍ଧୀ ସେବାଗୃହ ସମ୍ମୁଖରେ କେତେକ ସରପଞ୍ଚ ଧାରଣା ଦେବା ପରେ ଘଟଣା ଚର୍ଚ୍ଚାକୁ ଆସିଥିଲା। ଏହାସତ୍ତ୍ୱେ ପ୍ରଶାସନ ପକ୍ଷରୁ ଏଭଳି ଅଭିଯୋଗକୁ ଅଣଦେଖା କରାଯାଇ ତରତରା ପଞ୍ଚାୟତର ଦୁଡୁଗାଁ ଗ୍ରାମରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଓ୍ୱାର୍ଡ ସଭ୍ୟଙ୍କ ସମେତ ଗ୍ରାମବାସୀଙ୍କ ପକ୍ଷରୁ ଦସ୍ତଖତ ସମ୍ବଳିତ ଅଭିଯୋଗ ଆନନ୍ଦପୁର ବିଡିଓଙ୍କୁ ପ୍ରଦାନ କରାଯାଇଛି। ସରକାରୀ ତାଲିକା ଅନୁସାରେ ସବୁ ପଞ୍ଚାୟତରେ ଗୃହ ଆବଣ୍ଟନ ପରେ କାର୍ଯ୍ୟାଦେଶ ଦିଆଯାଉଛି ବୋଲି ସରକାରୀ ଭାବେ କୁହାଯାଉଛି, ଯାହାକୁ ନେଇ ଗ୍ରାମବାସୀ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ସରକାରୀ ଜାଗା ସଂରକ୍ଷଣ ବେଳେ ବିରୋଧ

ଝୁମ୍ପୁରା, ୯।୭ (ଡି.ଏନ.ଏ.)

ଝୁମ୍ପୁରା ତହସିଲ ଅନ୍ତର୍ଗତ ଗ୍ରାମାଞ୍ଚଳ ସମେତ ଝୁମ୍ପୁରା ଗ୍ରାମରେ ଜବରଦଖଲ ସମସ୍ୟା ବଢି ଚାଲିଛି। ବହୁ ମୂଲ୍ୟବାନ ସରକାରୀ ଜାଗା ଜବର ଦଖଲକୁ ଚାଲି ଯାଇଥିବା ବେଳେ ଅଭିଯୋଗ ପରେ ଯାହା କିଛି ସରକାରୀ ଜାଗା ଅଛି ଜିଲା ପ୍ରଶାସନ ପକ୍ଷରୁ ସେ ସବୁ ଜାଗାକୁ ନିଜ ସଂରକ୍ଷଣକୁ ନେବା ପାଇଁ ଉଦ୍ୟମ ଆରମ୍ଭ କରିଛି। ଜବରଦଖଲ ହୋଇ ନ ଥିବା ସରକାରୀ ଜାଗା ଚିହ୍ନଟ ପାଇଁ ଯିବାବେଳେ ମଧ୍ୟ ତହସିଲ କର୍ମଚାରୀଙ୍କୁ ବିରୋଧର ସମ୍ମୁଖୀନ ହେବା ପାଇଁ ପଡୁଛି। ସରକାରୀ ଜାଗାକୁ ଝୁମ୍ପୁରା ପ୍ରଜା ନିଜ ସମ୍ପତ୍ତି ବୋଲି କହୁଛନ୍ତି। ଝୁମ୍ପୁରା ଥାନା ପଛପାଖ ଏବଂ ପାଖରେ ଥିବା ଜାତୀୟ ରାଜପଥ ନଂ ୨୦ର ଏକ ପାର୍ଶ୍ୱରେ ସରକାରୀ ଜାଗା ସଂରକ୍ଷଣ ରଖା ଯିବାକୁ ନେଇ ମଙ୍ଗଳବାର କର୍ମଚାରୀଙ୍କୁ ବିରୋଧର ସମ୍ମୁଖୀନ ହେବାକୁ ପଡିଥିଲା। ଉକ୍ତ ୨ଟି ଜାଗା ସରକାରୀ ଖାତାରେ ୧୫୫ନଂ ପ୍ଲଟ, ପରିମାଣ ୫୦ଡିସିମିଲରୁ ଅଧିକ ରହିଛି। ତେବେ ଜାତୀୟ ରାଜପଥ ପାର୍ଶ୍ୱ ଜାଗା ସିମେଣ୍ଟ ଖୁଣ୍ଟ ପୋତାଯାଇ ତାରବାଡ ଦିଆ ଯାଇଥିବାବେଳେ ୨୦ରୁ ଊର୍ଦ୍ଧ୍ୱ ସିମେଣ୍ଟ ଖୁଣ୍ଟ ଭଙ୍ଗାଯାଇଥିବା ଦେଖିବାକୁ ମିଳିଛି। ପୋଲିସ ସହାୟତାରେ ଥାନାପଛ ପାଖ ଜାଗା ମାପଚୁପ କରାଯାଇ ତାରବାଡ ଘେରାଯିବା କାମ ଜାରି ରଖିଛି। ସଂରକ୍ଷିତ ଜାଗାରେ ପ୍ରଶାସନ ପକ୍ଷରୁ ନୋଟିସ ବୋର୍ଡ ଲଗାଯାଇଥିଲେ ହେଁ ଜବରଦଖଲକାରୀ ମାନିବାକୁ ପ୍ରସ୍ତୁତ ନୁହନ୍ତି। ସଂରକ୍ଷିତ ଜାଗା ଉପରେ ଅନଧିକାର ପ୍ରବେଶ କଲେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ତହସିଲଦାର ଜନକ ନାୟକ କହିଛନ୍ତି।




ସଂରକ୍ଷଣ ହୋଇଥିବା ଜାଗାର ଭଙ୍ଗା ଯାଇଥିବା ତାରବାଡ ।

## ବିନା ବହିରେ ବିଦ୍ୟାଳୟ ଯାଉଛନ୍ତି ଆଦିବାସୀ ଛାତ୍ରୀଛାତ୍ର

ହାଟଡିହୀ, ୯।୭ (ଡି.ଏନ.ଏ.)

ଚଳିତ ଶିକ୍ଷାବର୍ଷରେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ଯୋଗାଣ ନ ହେବାରୁ କେନ୍ଦୁଝର ଜିଲାର ଆଦିବାସୀ ଅଧ୍ୟୁଷିତ ହାଟଡିହୀ ବ୍ଲକରେ ଛାତ୍ରୀଛାତ୍ର ପାଠ ପଢାରୁ ବଞ୍ଚିତ ହେଉଛନ୍ତି। ବର୍ତ୍ତମାନ ସୁଦ୍ଧା ଏହି ଛାତ୍ରୀଛାତ୍ର ବିନା ବହିରେ ସ୍କୁଲ ଯାଉଛନ୍ତି। ଏପ୍ରିଲ ୪ ତାରିଖରୁ ଶିକ୍ଷାବର୍ଷ ଆରମ୍ଭ ହେବା ସତ୍ତ୍ୱେ ହାଟଡ଼ିହୀ ବ୍ଲକକୁ ସରକାର ପାଠ୍ୟପୁସ୍ତକ ଯୋଗାଇ ନ ଦେବା ନେଇ ଅଭିଭାବକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

ହାଟଡିହୀ ବ୍ଲକ ଅଧୀନରେ ୨୫ ସରକାରୀ, ୪ ଏଡେଡ, ୧୫ ବ୍ଲକ ଗ୍ରାଣ୍ଟ, ୧ ଅପ୍‌ଗ୍ରେଡେଡ ଶିକ୍ଷାନୁଷ୍ଠାନକୁ ମିଶାଇ ୪୫ଟି ହାଇସ୍କୁଲ ରହିଛି । ସରକାରୀ ନିୟମ ଅନୁସାରେ ୯ମ ଓ ୧୦ମ ଶ୍ରେଣୀରେ ପଢୁଥିବା ଆଦିବାସୀ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟପୁସ୍ତକ ମିଳିବା କଥା । ଶିକ୍ଷାବର୍ଷର ୩ ମାସ ବିତିବା ସତ୍ତ୍ୱେ ଆଦିବାସୀ ଛାତ୍ରୀଛାତ୍ରଙ୍କୁ ବହି ମିଳି ନ ଥିବାରୁ ପାଠପଢ଼ାରେ ବ୍ୟାଘାତ ସୃଷ୍ଟି ହେଉଛି। ବହି କେବେ ମିଳିବ କୌଣସି ଅଧିକାରୀଙ୍କୁ ପଚାରିଲେ ଠିକ୍ ଉତ୍ତର ମିଳୁ ନାହିଁ । ଜଣୈକ ଶିକ୍ଷକ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତ, ଆମ ବିଦ୍ୟାଳୟର ଆଦିବାସୀ ଛାତ୍ରୀଛାତ୍ରମାନେ ଆମକୁ ବହି ମାଗୁଛନ୍ତି । ବହି ଆସି ନ ଥିବାରୁ ଆମେ ଯୋଗାଇ ପାରିନାହୁଁ । ଏ ସମ୍ପର୍କରେ ଜିଲା ଶିକ୍ଷାଧିକାରୀ କପିଳେନ୍ଦ୍ର ମିଶ୍ରଙ୍କୁ ପଚାରିବାରୁ କହିଛନ୍ତି, ଏଯାଏ ବୋର୍ଡ ପକ୍ଷରୁ ୯ମ ଓ ୧୦ମ ଶ୍ରେଣୀ ଛାତ୍ରୀଛାତ୍ରଙ୍କୁ ମାଗଣା ପାଠ୍ୟ ପୁସ୍ତକ ମିଳିନି। ଗତବର୍ଷର କିଛି ପୁରୁଣା ବହି ଥିଲା, ଯାହାକୁ ଆମେ ବିଭିନ୍ନ ବିଦ୍ୟାଳୟକୁ ଦେଉଛୁ ।

## ମିଳୁନି ଚିକିତ୍ସା ସହାୟତା, ଭିନ୍ନକ୍ଷମ ପ୍ରମାଣପତ୍ର

କେନ୍ଦୁଝର, ୯।୭(ସ୍ୱ.ପ୍ର.)

ମାନସିକ ରୋଗରେ ପୀଡିତା ଏବଂ ପାଠ ପଢିପାରୁନଥିବା କିମ୍ବା କୌଣସି କାମ କରିପାରୁନାହାନ୍ତି ଅନୀତା। ଅର୍ଥାଭାବରୁ ତାଙ୍କର ଚିକିତ୍ସା କରିପାରୁ ନ ଥିବା କିମ୍ବା ଭିନ୍ନକ୍ଷମ ପ୍ରମାଣପତ୍ର ମିଳୁ ନ ଥିବାରୁ ତାଙ୍କ ବାପା ଅମର ମହାନ୍ତ ଝିଅଙ୍କୁ ନେଇ ଜିଲାପାଳଙ୍କ ନିକଟକୁ ସହାୟତା ନିବେଦନ ଲାଗି ଯାଇଥିଲେ।

ଝିଅର ଚିକିତ୍ସା ପାଇଁ ବହୁ ଖର୍ଚ୍ଚାନ୍ତ ଓ ହଇରାଣ ହରକତ ହେବା ପରେ ସହାୟତା ପାଇଁ ପ୍ରଥମ ଥର ଲାଗି ଜିଲାପାଳଙ୍କ ପାଖକୁ ଯାଇଥିବା କହିଛନ୍ତି। ଦାରିଦ୍ର୍ୟ ସୀମାରେଖା ତଳେ ଥିବା ଅମର ଚାଷ କରି ବହୁ କଷ୍ଟରେ ନିଜର ସ୍ତ୍ରୀ ଓ ୪ ପୁଅ ଓ ଝିଅଙ୍କୁ ନେଇ ପରିବାର ଚଳାଇଆସୁଛନ୍ତି। ଏଭଳି ପରିସ୍ଥିତିରେ ସାନ ଝିଅର ଏଭଳି ଅବସ୍ଥା ତାଙ୍କ ଚିନ୍ତା ବଢାଇଦେଇଛି। ଏଣୁ କିଛି ସହାୟତା ମିଳିବା ଆଶାରେ ଜିଲାପାଳଙ୍କ ପାଖକୁ ଯାଇଛନ୍ତି। ୮ମ ଶ୍ରେଣୀରେ ପଢୁଥିବା ଅନୀତାଙ୍କୁ ଭିନ୍ନକ୍ଷମ ପାଇଁ ଗାଁ ସ୍କୁଲରେ ନାମ ଲେଖାଇବାକୁ ମନା କରିଦେବାରୁ ଅଧିକ ଚିନ୍ତିତ ହୋଇପଡିଥିବା କହିଛନ୍ତି। ୪ ବର୍ଷ ହେଲା ଝିଅର ଚିକିତ୍ସା କରି ଆସୁଥିବା କହିଛନ୍ତି। ଏପରିକି କଟକ ବଡ଼ ଡାକ୍ତରଖାନା ମଧ୍ୟ ନେଇଥିଲେ। ବହୁ ଟଙ୍କା ଖର୍ଚ୍ଚ କରିଥିଲେ ହେଁ ଭଲ ହେଲା ନାହିଁ। ବାଧ୍ୟ ହୋଇ ସେ ଝିଅକୁ ନେଇ ଘରକୁ ପଳାଇଆସିଥିଲେ। ତାଙ୍କ ପରେ ଝିଅର କିଏ ଯତ୍ନ ନେବ ସେ ନେଇ ଚିନ୍ତା ପ୍ରକଟ କରି ସହାୟତା ପାଇଁ ଆସିଥିବା କହିଛନ୍ତି। ଏପରିକି ଭିନ୍ନକ୍ଷମ ପ୍ରମାଣପତ୍ର ମିଳୁ ନ ଥିବାରୁ ଭତ୍ତା ଓ ଅନ୍ୟାନ୍ୟ ସୁବିଧା ମିଳୁ ନ ଥିବାରୁ ଚିନ୍ତାବ୍ୟକ୍ତ କରିଛନ୍ତି। ତେଣୁ ତୁରନ୍ତ ସହାୟତା କରିବାକୁ ଅନୀତାଙ୍କ ପିତା ନିବେଦନ କରିଛନ୍ତି।

## ନିଖୋଜ ନାବାଳକ ଉଦ୍ଧାର

ତେଲକୋଇ, ୯।୭(ଡି.ଏନ.ଏ.)

ତେଲକୋଇ ବ୍ଲକର ଖୁଣ୍ଟାପଡା ପଞ୍ଚାୟତ ଅଧୀନର ମଧୁସୂଦନପୁର ସେବାଶ୍ରମର ଜଣେ ପ୍ରଥମ ଶ୍ରେଣୀର ଛାତ୍ର ସୋମବାର ଅପରାହ୍ନ ୪ଟା ଠାରୁ ନିଖୋଜ ହୋଇଯାଇଥିଲେ। ତେବେ ସେବାଶ୍ରମ ଠାରୁ ୪କି.ମି. ଦୂର ଏକ ପେଟ୍ରୋଲ ଟାଙ୍କିରେ ସମ୍ପୃକ୍ତ ବାଳକ ବୁଲୁଥିବା ବେଳେ ସେଠାରେ ଉପସ୍ଥିତ ଥିବା ଜଣେ ସମାଜସେବୀ ପରିଚୟ ପଚାରି ତାଙ୍କୁ ଉଦ୍ଧାର କରି ବିଡିଓଙ୍କ ନିକଟରେ ପହଞ୍ଚାଇଥିଲେ। ଏହି ସେବାଶ୍ରମରେ ପ୍ରଥମରୁ ୧୦ମ ଶ୍ରେଣୀ ପର୍ଯ୍ୟନ୍ତ ୨୭୯ଜଣ ଛାତ୍ରୀଛାତ୍ର ଅନ୍ତେବାସୀ ଭାବେ ରହି ଅଧ୍ୟୟନ କରନ୍ତି। ବିଦ୍ୟାଳୟର ଅବହେଳା ଯୋଗୁ ସମ୍ପୃକ୍ତ ବାଳକ ବାଟବଣା ହୋଇଆସିଥିବା ବେଳେ କର୍ତ୍ତୃପକ୍ଷଙ୍କ ଅବହେଳାକୁ ଅଭିଭାବକ ଦାୟୀ କରିଛନ୍ତି। ବିଡିଓ ଉକ୍ତ ନାବାଳକଙ୍କୁ ପାଇ ତୁରନ୍ତ ଉକ୍ତ ସ୍କୁଲର ଶିକ୍ଷକଙ୍କୁ ଡକାଇଥିଲେ। ସହକାରୀ ଶିକ୍ଷକ କୃଷ୍ଣଚନ୍ଦ୍ର ଜେନାଙ୍କୁ ପଚାରିବାରୁ ଏତେ ଛୁଆଙ୍କୁ ଜଗିବା ଅସମ୍ଭବ ବୋଲି ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି। ଏଥିରେ ବିଡିଓ ଏଭଳି ବାକ୍ୟ ଗ୍ରହଣୀୟ ନୁହେଁ ବୋଲି କହି ଜିଲା ମଙ୍ଗଳ ଅଧିକାରୀଙ୍କୁ ଫୋନ ଯୋଗେ ସମସ୍ତ ବିବରଣୀ ଦେଇଥିଲେ। ଏଥିପାଇଁ ସ୍କୁଲ କର୍ତ୍ତୃପକ୍ଷଙ୍କ ବିରୋଧରେ ତୁରନ୍ତ ପଦକ୍ଷେପ ନିଆଯିବ। ଅନ୍ୟପକ୍ଷେ ଜିଲା କଲ୍ୟାଣ ବିଭାଗ ଅଧିକାରୀ ପିକେ ଦାସଙ୍କୁ ପଚାରିବାରୁ ଶିକ୍ଷକଙ୍କ ଅବହେଳା ଓ ବିଡିଓଙ୍କ ସମ୍ମୁଖରେ ଦେଇଥିବା ବକ୍ତବ୍ୟର ତୁରନ୍ତ ତଦନ୍ତ କରାଯାଇ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ପଞ୍ଚମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମ

କେନ୍ଦୁଝର, ୯।୭(ସ୍ୱ.ପ୍ର./ଡି.ଏନ.ଏ.)

କେନ୍ଦୁଝର ଜିଲାର ଆରାଧ୍ୟ ଦେବତା ବଳଦେବଜୀଉଙ୍କର ପବିତ୍ର ରଥଯାତ୍ରା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ଆକର୍ଷିତ କରୁଛି । ଜୁଲାଇ ୮ତାରିଖ ସୋମବାର ସନ୍ଧ୍ୟାରେ ଭଜନ ମଣ୍ଡପରେ ଓଡିଶାର ସୁନାମଧନ୍ୟ କଣ୍ଠଶିଳ୍ପୀ ପଙ୍କଜ ଜାଲ୍‌ଙ୍କ ଭକ୍ତିଭାବ ଭରା ଭଜନ ପରିବେଷଣ ଭକ୍ତ ମାନଙ୍କୁ ଭକ୍ତିରେ ଭିଜାଇଥିଲା। 'ସତ୍ୟ ବୈକୁଣ୍ଠ ଫାଉଣ୍ଡେସନ୍' ତରଫରୁ ଆୟୋଜିତ ଏହି ଭଜନ ସନ୍ଧ୍ୟାରେ ପଙ୍କଜ ଜାଲ୍, ପ୍ରିତିପାୟଲ ମହାନ୍ତି, ଜୟପ୍ରକାଶ ମିଶ୍ରଙ୍କ ସମେତ ଅନ୍ୟ ଭଜନ ଶିଳ୍ପୀମାନଙ୍କର କଣ୍ଠ ନିସୃତ ଭଜନରେ ଶ୍ରୋତା ତଲ୍ଲୀନ ହୋଇଯାଇଥିଲେ ଏବଂ ତିନି ଦିଅଁଙ୍କ ପ୍ରତି ସମର୍ପିତ ହୋଇଯାଇଥିବା ପରିଲକ୍ଷିତ ହୋଇଥିଲା। ଘୁଙ୍ଗୁରୁ କ୍ଲବ ମଞ୍ଚରେ ବଲାଙ୍ଗୀର ଜିଲାର ଶଙ୍କର ବେହେରାଙ୍କ ସମ୍ବଲପୁରୀ ନୃତ୍ୟ ଦଳର କାର୍ଯ୍ୟକ୍ରମ ଦର୍ଶକଙ୍କର ମନ ଜିଣିଥିଲା । ଢୋଲ, ତାସ ଓ ନିଶାନ୍ ଆଦି ବାଦ୍ୟଯନ୍ତ୍ରର ଧ୍ୱନିରେ ଧୁଲୁକୁଥିଲା ବଡଦାଣ୍ଡ । ଇଲେଭେନ୍ ବୁଲେଟ୍ କ୍ଲବ ମଞ୍ଚରେ 'ବରୁଣେଶ୍ୱର ନୃତ୍ୟ ସଙ୍ଗୀତ ପ୍ରତିଷ୍ଠାନ' ତରଫରୁ ସାଂସ୍କୃତିକ ବିଚିତ୍ରା ପରିବେଷିତ ହୋଇଥିଲା। ଚକ୍ରଧର ପରିଡାଙ୍କ ନେତୃତ୍ୱରେ ସଦର ବ୍ଲକ ଅନ୍ତର୍ଗତ ଜଡିପଦାର 'ଦେବଶିଳ୍ପୀ କଣ୍ଢେଇ ନୃତ୍ୟ ଦଳ'ର କଣ୍ଢେଇ ନାଚ ଦର୍ଶକ ମାନଙ୍କର ମନ ମୋହିଥିଲା । ସୋମବାର ହେରାପଞ୍ଚମୀ ଥିବାରୁ ଶ୍ରଦ୍ଧାଳୁ ଭକ୍ତ ମାନଙ୍କର ସମାବେଶରେ ବଡଦାଣ୍ଡ ଲୋକାରଣ୍ୟ ହୋଇଥିଲା । ବେଳାକୁ ବେଳା ଝିପି ଝିପି ବର୍ଷା ସତ୍ତ୍ୱେ ଜଗତ ଠାକୁରଙ୍କର ରଥଯାତ୍ରା ଅବସରରେ ମାନବୀୟ ଲୀଳା ଦେଖିବା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଉପଭୋଗ କରିବା ପାଇଁ ବଡଦାଣ୍ଡରେ ସନ୍ଧ୍ୟା ଠାରୁ ରାତି ପର୍ଯ୍ୟନ୍ତ ଜନଗହଳି ଲାଗି ରହିଥିଲା ।



ସ୍ୱନାମଧନ୍ୟ କଣ୍ଠଶିଳ୍ପୀ ପଙ୍କଜ ଜାଲ ସଙ୍ଗୀତ ପରିବେଷଣ କରୁଛନ୍ତି।

## ପିକ୍‌ଅପ୍ ଓଲଟି ଡ୍ରାଇଭର ଗୁରୁତର

ଢେଙ୍କିକୋଟ, ୯।୭(ଡି.ଏନ୍.ଏ.)

ଢେଙ୍କିକୋଟ ଫାଣ୍ଡି ଅନ୍ତର୍ଗତ ଜାତୀୟ ରାଜପଥ ୨୦ ନଂ. ମସିଣାବିଲା ଗ୍ରାମ ନିକଟରେ ସୋମବାର ପୂର୍ବାହ୍ନରେ ଏକ ପିକ୍‌ଅପ୍ ଭ୍ୟାନ୍ ରାସ୍ତା କଡ଼କୁ ଓଲଟି ପଡ଼ିବାରୁ କବିରାଜ ନାହାକ ନାମକ ଡ୍ରାଇଭର ଜଣକ ଗୁରୁତର ଆହତ ହୋଇପଡ଼ିଛି। ଘଟଣାରୁ ଜଣାପଡ଼ିଛି ଯେ ପିକ୍‌ଅପ୍ ଭ୍ୟାନ୍ ଯୋଗେ ଯାଜପୁର ଅଞ୍ଚଳର ବିଦ୍ୟୁତ୍ ତାର ଏବଂ ସରଞ୍ଜାମ ନେଇ କେନ୍ଦୁଝର ଅଭିମୁଖେ ଯାଉଥିଲା। ମାତ୍ର ଢେଙ୍କିକୋଟଠାରୁ ୫ କି.ମି. ଦୂର ଜାତୀୟ ରାଜପଥ ୨୦ ନଂ ଉପରେ ଏକ ବାଇକ୍ ରଙ୍ଗ ରାସ୍ତାରେ ବିପରୀତ ଦିଗରେ ଆସି ପିକ୍‌ଅପ୍ ସାମ୍ନାକୁ ହଠାତ୍ ଆସି ଯାଇଥିଲା। ଫଳରେ ପିକ୍ ଅପ୍‌ଟି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ବାଇକ୍‌ରେ ସମସ୍ତେ ସୁରକ୍ଷିତ ଥିବାବେଳେ କେବଳ ପିକଅପ ଡ୍ରାଇଭର ଗୁରୁତର ଆହତ ହୋଇଛନ୍ତି। ଖବର ପାଇ ଢେଙ୍କିକୋଟ ଫାଣ୍ଡି ଅଧିକାରୀ ସତ୍ୟନାରାୟଣ ପରିଡ଼ା ସଦଳବଳ ଘଟଣାସ୍ଥଳରେ ପହଞ୍ଚି ଆହତ ଡ୍ରାଇଭରଙ୍କୁ ଘଟଗାଁ ଡାକ୍ତରଖାନା ପଠାଇଥିବାବେଳେ ଭ୍ୟାନ୍‌କୁ ଜବତ କରି ତଦନ୍ତ ଜାରି ରଖିଛନ୍ତି।